

ଫିସ୍ ବଢ଼ାଇଲେ ରଶ୍ମିକା

▶ଭିତର ପୃଷ୍ଠାରେ...


◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-337 ◆FRIDAY ◆5 JUNE 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୩୭ ◆ଶୁକ୍ରବାର ◆୫ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# କେରଳମ୍ ଛୁଇଁଲା ମୌସୁମୀ

## ଜୁନ୍ ତୃତୀୟ ସପ୍ତାହରେ ଓଡ଼ିଶା ପ୍ରବେଶ

■ ନୂଆଦିଲ୍ଲୀ, ୪।୬(ଏଜେନ୍ସି): ଦେଶବାସୀଙ୍କ ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟିଛି। ସମଗ୍ର ଭାରତର କୃଷି ଓ ଅର୍ଥନୀତିର ମେରୁଦଣ୍ଡ କୁହାଯାଉଥିବା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଗୁରୁବାର କେରଳ ସ୍ପର୍ଶ କରିଛି। ସ୍ୱାଭାବିକ ସମୟସୀମା ଜୁନ ୧ ତାରିଖଠାରୁ ମାତ୍ର ଚାରି ଦିନ ବିଳମ୍ବରେ ଆସିଛି। ଭାରତୀୟ ପାଣିପାଗ ବିଭାଗ ଏହି ସୂଚନା ଦେବା ସହ କେରଳ ଏବଂ ଏହାର ଆଖପାଖ ଅଞ୍ଚଳରେ ବ୍ୟାପକ ବର୍ଷା ଆରମ୍ଭ ହୋଇଯାଇଥିବା ପ୍ରକାଶ କରିଛି। ମୌସୁମୀ ଆଗମନ ପାଇଁ ଆବଶ୍ୟକ ସମସ୍ତ ପାଣିପାଗ ସ୍ଥିତି ଅନୁକୂଳ ରହିଥିବାରୁ ଏହି ଆନୁଷ୍ଠାନିକ ଘୋଷଣା କରାଯାଇଛି। ତେବେ ଚଳିତ ମାସ ତୃତୀୟ ସପ୍ତାହ ଆଡ଼କୁ ମୌସୁମୀ ଓଡ଼ିଶା ପ୍ରବେଶ କରିବ ବୋଲି ପାଣିପାଗ ବିଜ୍ଞାନୀ ଆକଳନ କରିଛନ୍ତି।

ପୂର୍ବରୁ ପାଣିପାଗ ବିଭାଗ ମେ ୨୬ ତାରିଖ ସୁଦ୍ଧା ମୌସୁମୀ ଆସିବ ବୋଲି ଆକଳନ କରିଥିଲା, ମାତ୍ର ବାୟୁମଣ୍ଡଳୀୟ ପରିବର୍ତ୍ତନ ଯୋଗୁଁ ଏହାର ଗତି ମନ୍ଥର ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ଜୁନ ୪ ତାରିଖର ସଂଶୋଧିତ ପୂର୍ବାନୁମାନ ଅନୁଯାୟୀ ମୌସୁମୀ ବାୟୁ ଠିକ ସମୟରେ କେରଳ ଉପକୂଳରେ ପହଞ୍ଚିଛି। ଗତ ଦୁଇ ଦିନ ଧରି ଦକ୍ଷିଣ-ପୂର୍ବ ଆରବ ସାଗରରେ ବାଦଲ ସଂଖ୍ୟା ବଢ଼ିବା ସହ ପଶ୍ଚିମା ବାୟୁର ପ୍ରବାହ ଶକ୍ତିଶାଳୀ ହୋଇଛି, ଯାହା ମୌସୁମୀକୁ ସକ୍ରିୟ କରିବାରେ ସାହାଯ୍ୟ କରିଛି। ଏହାର ପ୍ରଭାବରେ କେରଳର ଅଧିକାଂଶ ସ୍ଥାନରେ ମଧ୍ୟମରୁ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ମୌସୁମୀର ପ୍ରବେଶ ଯୋଗୁଁ କେରଳର ଅଲପୁଜା, କୋଟାୟାମ ଏବଂ ଏରନାକୁଲମ ଭଳି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ସୂଚନା ବା ଜରୁରୀକାଳୀନ ସତର୍କତା ଜାରି କରାଯାଇଛି। ଏହି ଅଞ୍ଚଳଗୁଡ଼ିକରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଏବଂ ଘଣ୍ଟାପ୍ରତି ପ୍ରାୟ ୪୦ କିଲୋମିଟର ବେଗରେ ପବନ ▶ପୃଷ୍ଠା-୭



# ଚିନ୍ତାରେ ବ୍ୟାଙ୍କ ଜମାକୁ ଟପିଲାଣି ଋଣ

## ୮ ମାସ ହେବ ବଢ଼ୁଛି ଋଣ ■ ବିପଦରେ ସଞ୍ଚୟ ଖାତା ■ ସଙ୍କୁଚିତ ହେଉଛି ବ୍ୟାଙ୍କ ଲାଭ

■ ନୂଆଦିଲ୍ଲୀ, ୪।୬ (ଏଜେନ୍ସି): ଭାରତୀୟ ବ୍ୟାଙ୍କଗୁଡ଼ିକ ବର୍ତ୍ତମାନ ଏକ ଘଡିସନ୍ଧୀ ମୁହୂର୍ତ୍ତ ଦେଇ ଗତି କରୁଛନ୍ତି। ଗୋଟିଏ ପଟେ ବ୍ୟାଙ୍କର କ୍ରେଡିଟ୍ ବା ଋଣ ରେକର୍ଡ ଭାଙ୍ଗୁଥିବାବେଳେ, ଅନ୍ୟପଟେ ଜମା ଅଭିବୃଦ୍ଧି ପଛରେ ପଡିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ସଦ୍ୟତମ ତଥ୍ୟ ଅନୁଯାୟୀ, ମେ' ୧୫ ପର୍ଯ୍ୟନ୍ତ ବର୍ଷକ ମଧ୍ୟରେ ବ୍ୟାଙ୍କ ଋଣ ୧୬.୨ ପ୍ରତିଶତ ହାରରେ ବୃଦ୍ଧି ପାଇଛି, ଯାହା ଗତ ଦୁଇ ବର୍ଷ ମଧ୍ୟରେ ସର୍ବାଧିକ। ଏହି ସମୟରେ କ୍ରମାଗତ ଭାବେ ୮ମ ମାସ ପାଇଁ ଋଣ ଚାହିଦା ଜମା ଅଭିବୃଦ୍ଧିକୁ ପଛରେ ପକାଇଦେଇଛି। ଋଣ ଏବଂ ଜମା ଅଭିବୃଦ୍ଧି ମଧ୍ୟରେ ବ୍ୟବଧାନ ପ୍ରାୟ ୪୦୦ ବେସିସ୍ ପଏଣ୍ଟକୁ ବୃଦ୍ଧି ପାଇଛି, ଯାହା ପ୍ରାୟ ଦୁଇ ବର୍ଷ ମଧ୍ୟରେ କେବେ ବି ଦେଖାଯାଇ ନ ଥିଲା। ବଜାର ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଯଦି ଋଣ ଚାହିଦା ଦୃଢ଼ ରହେ ଏବଂ ଜମା ଅଭିବୃଦ୍ଧି ତୁଳନାତ୍ମକ ଭାବରେ ମନ୍ଥର ରହେ, ତେବେ ଆଗାମୀ ମାସଗୁଡ଼ିକରେ ମୁଦ୍ରା ବଜାର ଏବଂ ଖୋଦ୍ ବ୍ୟାଙ୍କଗୁଡ଼ିକର ଋଣ ଉଚ୍ଚ ସ୍ତରରେ ପହଞ୍ଚିବର ସମ୍ଭାବନା ରହିଛି।



### ମାର୍ଚ୍ଚରେ ଆକାଉଣ୍ଟରୁ ୨୦ ହଜାର କୋଟି ଉଠାଇନେଲେ ବିଦେଶୀ ନିବେଶକ

ଆର୍‌ବିଆଇ ଶୁକ୍ରବାର ଏହାର ମୁଦ୍ରା ନୀତି କମିଟି (ଏମ୍‌ପିସି) ବୈଠକର ଚୂଡାନ୍ତ ରିପୋର୍ଟ ପ୍ରକାଶ କରିବାକୁ ଯାଉଛି। ଆର୍‌ବିଆଇ ପୋର୍ଟ ଅନୁଯାୟୀ, ଗତ ପାଞ୍ଚ ବର୍ଷ ମଧ୍ୟରେ ଧୀରେ ଧୀରେ ବ୍ୟାଙ୍କ ସଞ୍ଚୟ ଖାତା ଉପରୁ ଲୋକଙ୍କ ନିର୍ଭରଶୀଳତା ହ୍ରାସ ପାଇବାରେ ଲାଗିଛି। ଲୋକମାନେ ଏବେ ଦ୍ରୁତ ଗତିରେ ସେମାନଙ୍କ ସଞ୍ଚୟ ଖାତାରୁ ପାଣ୍ଠି ଉଠାଣ କରୁଛନ୍ତି ଏବଂ ସେଗୁଡ଼ିକୁ ସ୍ଥାୟୀ ଜମା (ଏଫ୍‌ଡି) ଭଳି ମିଆଦୀ ଜମାରେ ପରିଚାଳିତ କରୁଛନ୍ତି। ୨୦୨୨ ମାର୍ଚ୍ଚ ରେ ସଞ୍ଚୟ ଖାତାଗୁଡ଼ିକରେ ମୋଟ ବ୍ୟାଙ୍କ ଜମାର ୩୪.୬% ରହିଥିଲା; ୨୦୨୬ ମାର୍ଚ୍ଚ ସୁଦ୍ଧା ଏହି ଅଂଶ ମାତ୍ର ୨୮.୭% କୁ ହ୍ରାସ ପାଇଛି। ବିପରୀତ ଭାବରେ, ସେହି ସମୟ ମଧ୍ୟରେ ସ୍ଥାୟୀ ଜମାର ଅଂଶ ୫୫.୨% ରୁ ୬୧.୬% କୁ ବୃଦ୍ଧି ପାଇଛି।

ବ୍ୟାଙ୍କଗୁଡ଼ିକର ବର୍ଦ୍ଧିତ ପାଣ୍ଠି ଆବଶ୍ୟକତାର ପ୍ରଭାବ ମୁଦ୍ରା ବଜାରରେ ସ୍ପଷ୍ଟ ଭାବେ ବାରି ହୋଇପଡୁଛି। ସାମ୍ପ୍ରତିକ ସପ୍ତାହଗୁଡ଼ିକରେ, ରାତାରାତି ଋଣ ଖର୍ଚ୍ଚ ଏବଂ ସ୍ୱଳ୍ପକାଳୀନ ବଣ୍ଡ ଇଲ୍ଡରେ ଏକ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ଏହା ସୂଚିତ କରେ ଯେ ବ୍ୟାଙ୍କଗୁଡ଼ିକ ପର୍ଯ୍ୟାପ୍ତ ଜମା ସଂଗ୍ରହ କରିବାରେ ବଡ଼ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନିବେଶକମାନେ ପାରମ୍ପରିକ ବ୍ୟାଙ୍କ ଜମାରୁ ମ୍ୟୁଚୁଆଲ୍ ଫଣ୍ଡ, ଷ୍ଟକ୍ ବଜାର ଏବଂ ଅନ୍ୟାନ୍ୟ ନିବେଶ ପଥ ଆଡ଼କୁ ସେମାନଙ୍କର ଧ୍ୟାନ କେନ୍ଦ୍ରୀତ କରୁଛନ୍ତି, ଯାହା ଫଳରେ ବ୍ୟାଙ୍କଗୁଡ଼ିକ ପାଇଁ କମ୍ ମୂଲ୍ୟର ପୁଞ୍ଜି ସଂଗ୍ରହ କରିବା ଆହ୍ୱାନ ପାଲଟିଛି। ଫଳସ୍ୱରୂପ, କମ୍ପାନୀଗୁଡ଼ିକ ବ୍ୟାଙ୍କଗୁଡ଼ିକରୁ ଶସ୍ତା ଋଣ ପାଇବା ▶ପୃଷ୍ଠା-୭

# ଟିଏମ୍‌ସିରେ ସଙ୍କଟ
# ବିଜେପି ସମ୍ପର୍କରେ ୨୦ ସାଂସଦ !

■ ନୂଆଦିଲ୍ଲୀ, ୪।୬ (ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ପରାଜୟ ପରେ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ ବା ଟିଏମ୍‌ସିରେ ଯେଉଁ ବିଦ୍ରୋହ ଆରମ୍ଭ ହୋଇଥିଲା, ତାହା ଏବେ ଦିଲ୍ଲୀରେ ପହଞ୍ଚିଛି। ଗତକାଲି ୫୮ ବିଧାୟକ ମମତାଙ୍କ ବିରୋଧରେ ବିଦ୍ରୋହ କରି ପୃଥକ ଗୋଷ୍ଠୀ ଗଠନ କରିଥିବା ବେଳେ ଦଳର ଅତିକମରେ ୨୦ ସାଂସଦ ବିଜେପି ଆଡ଼କୁ ଢ଼ଳୁଥିବାର ଖବର ମିଳିଛି। ଏହି ସାଂସଦ ବର୍ତ୍ତମାନ ଭାରତୀୟ ଜନତା ପାର୍ଟିର ଶୀର୍ଷ ନେତୃତ୍ୱ ସହ ନିରନ୍ତର ଯୋଗାଯୋଗରେ ଅଛନ୍ତି ଏବଂ ସେମାନେ ନିଜର ଆନୁଗତ୍ୟ ବଦଳାଇବାକୁ ପ୍ରସ୍ତୁତ ହେଉଛନ୍ତି। ଏହାକୁ ନେଇ ରାଜ୍ୟ ତଥା ଜାତୀୟ ରାଜନୀତିରେ ଏକ ବଡ଼ ହଲଚଲ ସୃଷ୍ଟି କରିଛି।

ସଂସଦର ଉଭୟ ଗୃହ ଲୋକସଭା ଓ ରାଜ୍ୟସଭାରେ ତୃଣମୂଳ କଂଗ୍ରେସର ମୋଟ ୪୧ ଜଣ ସାଂସଦ ଅଛନ୍ତି। ସେଥିମଧ୍ୟରୁ ୨୮ ଜଣ ଲୋକସଭାରେ ଏବଂ ୧୩ ଜଣ ରାଜ୍ୟସଭାରେ ପ୍ରତିନିଧିତ୍ୱ କରୁଛନ୍ତି। ସୂଚନା ମିଳିଛି ଯେ, ଶୀର୍ଷ ସ୍ତରରେ ଏହି ସାଂସଦମାନଙ୍କ ସହ ଆଲୋଚନା ଚାଲିଛି। ଯଦି ଏହି ସାଂସଦମାନେ ଦଳ ଛାଡ଼ନ୍ତି, ତେବେ ଏହା ମମତା ବାନାର୍ଜୀଙ୍କ ▶ପୃଷ୍ଠା-୭



## ବିଦ୍ରୋହୀ ଗୋଷ୍ଠୀରେ ଫାଟ

■ କଲକାତା, ୪।୬ (ଏଜେନ୍ସି): ଗତକାଲି ୫୮ ଜଣ ବିଧାୟକଙ୍କୁ ନେଇ ଗଠିତ ଟିଏମ୍‌ସି ବିଦ୍ରୋହୀ ଗୋଷ୍ଠୀରେ ଫାଟ ସୃଷ୍ଟି ହୋଇଛି। ଆଜି ଏହି ଗୋଷ୍ଠୀର ବୈଠକରେ ଦଳୀୟ ମୁଖ୍ୟ ମମତା ବାନାର୍ଜୀଙ୍କ ଭୂମିକା ଉପରେ ଚର୍ଚ୍ଚା ହୋଇଥିଲା। ମମତା ମୁଖ୍ୟ ଉପଦେଷ୍ଟା ଭାବେ କାମ କରିବେ ବୋଲି ବିଦ୍ରୋହୀ ଗୋଷ୍ଠୀର ନେତା ରତବ୍ରତ ବାନାର୍ଜୀ କହିବାରୁ ଏହାକୁ ଅଧିକାଂଶ ବିଧାୟକ ବିରୋଧ କରିଥିଲେ। ସେମାନେ କହିଥିଲେ ଯେ ମମତା ପୂର୍ବଭଳି ସୁପ୍ରିମୋ ହୋଇ ରହିବେ। ଏଥିରେ କୌଣସି ପରିବର୍ତ୍ତନ କରାଗଲେ ସେମାନେ ଗୋଷ୍ଠୀ ଛାଡ଼ିବା ଉପରେ ବିଚାର କରିବେ। ସେମାନେ ସ୍ପଷ୍ଟ କରିଥିଲେ ଅସନ୍ତୋଷ ଅଭିଷେକଙ୍କ ବିରୋଧରେ ରହିଛି; ମାତ୍ର ମମତାଙ୍କ ନେତୃତ୍ୱକୁ ଚାଲେଞ୍ଜ କରାଯିବାର ପ୍ରଶ୍ନ ଉଠୁନାହିଁ।

**‘ମମତା ସୁପ୍ରିମୋ ନ ରହିଲେ ଗୋଷ୍ଠୀ ଛାଡ଼ିବୁ’**

ଇତିମଧ୍ୟରେ ଟିଏମସିରୁ ବିତାଡ଼ିତ ନେତା ହୁମାୟୁନ କବିର ରେଜିନଗର ବିଧାନସଭା ଆସନରୁ ଲଢ଼ିବା ପାଇଁ ମମତାଙ୍କୁ ପ୍ରସ୍ତାବ ଦେଇଛନ୍ତି। ଗତ ନିର୍ବାଚନରେ ନାଓ୍ୱଡ଼ା ଏବଂ ରେଜିନଗର ଆସନରୁ ବିଜୟୀ ହୋଇଥିଲେ କବିର। ମମତା ରୋଜିନଗରରେ ପ୍ରାର୍ଥୀ ହେଲେ ତାଙ୍କର ବିଜୟକୁ ସେ ସୁନିଶ୍ଚିତ କରିବେ ବୋଲି କହିଛନ୍ତି କବିର। ଅନ୍ୟପକ୍ଷରେ ମମତାଙ୍କ ଘନିଷ୍ଠ ରୂପେ ପରିଚିତ କୃଷ୍ଣା ଚକ୍ରବର୍ତ୍ତୀ ବିଧାନନଗର ମହାନଗର ନିଗମର ମେୟର ପଦବରୁ ଇସ୍ତଫା ଦେଇଛନ୍ତି।

# ବିଶ୍ୱକୁ ବିପର୍ଯ୍ୟୟ ମୁକାବିଲାର ବାଟ ଦେଖାଉଛି ଓଡ଼ିଶା: ମୁଖ୍ୟମନ୍ତ୍ରୀ




**ପୁରୀ ବ୍ରିକ୍ସ ସମ୍ମିଳନୀରେ ‘ଶୂନ୍ୟମୃତ୍ୟୁ’ ମଡେଲକୁ ପ୍ରଶଂସା**

■ ପୁରୀ, ୪।୬ (ସମିସ): ବିପର୍ଯ୍ୟୟ ପରିଚାଳନାରେ ଆମର ଦକ୍ଷତା ଓ ଅଭିଜ୍ଞତା ରହିଛି। ଉପକୂଳ ଓଡ଼ିଶାରୁ ପଶ୍ଚିମ ଓଡ଼ିଶା ପର୍ଯ୍ୟନ୍ତ ଅନେକ ପ୍ରତିକୂଳ ପରିସ୍ଥିତିର ମୁକାବିଲା କରିଛି ଓଡ଼ିଶା। ବ୍ରିକ୍ସ ବୈଠକରୁ ଅନେକ ସଫଳତା ମିଳିବ। ବିପର୍ଯ୍ୟୟ ହ୍ରାସ ଦିଗରେ ୧୧ଟି ଦେଶ ପରସ୍ପରକୁ ସହଯୋଗ କରିବେ। ଶ୍ରେଷ୍ଠ ପରିଚାଳନା ପଦ୍ଧତିକୁ ବିପର୍ଯ୍ୟୟ ପରିଚାଳନା ପାଇଁ ବିନିଯୋଗ ହେବ। ଆଗୁଆ ସତର୍କ ସୂଚନା, ସ୍ଥାନାନ୍ତର, ଶୂନ୍ୟମୃତ୍ୟୁ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ପୁରୀରେ ଅନୁଷ୍ଠିତ ବ୍ରିକ୍ସ ବିପର୍ଯ୍ୟୟ ଆଶଙ୍କା ହ୍ରାସ ଗ୍ରୁପର ବୈଷୟିକ ଅଧିବେଶନକୁ ଉଦ୍‌ଘାଟନ କରି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଜଳବାୟୁ ପରିବର୍ତ୍ତନ ଓ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଅନ୍ତର୍ଜାତୀୟ ସହଯୋଗକୁ ମୁଖ୍ୟମନ୍ତ୍ରୀ ଅପରିହାର୍ଯ୍ୟ ବୋଲି କହିବା ସହ ବ୍ରିକ୍ସ ସଦସ୍ୟ ଦେଶଙ୍କ ପ୍ରତିନିଧି ଓ ବିଶେଷଜ୍ଞଙ୍କ ଉପସ୍ଥିତିରେ ସେ ବିପର୍ଯ୍ୟୟ ପ୍ରତିରୋଧ, ଜଳବାୟୁ ଅନୁକୂଳ ଓ ସ୍ଥାୟୀ ବିକାଶ ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ▶ପୃଷ୍ଠା-୭

### ଆମେରିକା ସଂସଦରେ ଟ୍ରମ୍ପଙ୍କୁ ଝଟ୍‌କା
# ଯୁଦ୍ଧ ବନ୍ଦ ପ୍ରସ୍ତାବ ପାରିତ

■ ୱାସିଂଟନ, ୪।୬ (ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୀତିକୁ ନେଇ ଆମେରିକାରେ ବିରୋଧର ସ୍ୱର ତୀବ୍ର ହେବାରେ ଲାଗିଛି। ଇରାନ ସହିତ ଚାଲିଥିବା ଯୁଦ୍ଧକୁ ବନ୍ଦ କରିବା ଏବଂ ରାଷ୍ଟ୍ରପତିଙ୍କ ସାମରିକ କ୍ଷମତା ଉପରେ ଅଙ୍କୁଶ ଲଗାଇବା ପାଇଁ ଆମେରିକାର ନିମ୍ନ ସଦନ ପ୍ରତିନିଧି ସଭା (ହାଉସ ଅଫ୍ ରିପ୍ରେଜେନଟେଟିଭ୍) ।।ରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ପାରିତ ହୋଇଛି। ଶାସକ ଦଳର ସଂଖ୍ୟାଗରିଷ୍ଠତା ଥାଇ ମଧ୍ୟ ଟ୍ରମ୍ପଙ୍କ ନିଜ ଦଳର ଚାରି ଜଣ ସାଂସଦ ବିରୋଧୀ ଦଳ ସହ ହାତ ମିଳାଇ ଏହି ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଛନ୍ତି, ଯାହା ରାଷ୍ଟ୍ରପତିଙ୍କ ପାଇଁ ଏକ ବଡ଼ ଝଟକା ହୋଇଛି। ଯୁଦ୍ଧ ସମ୍ପର୍କିତ ପ୍ରସ୍ତାବ ଉପରେ ଜୋରଦାର ଆଲୋଚନା ହେବା ପରେ ମତଦାନ ହୋଇଥିଲା। ଏଥିରେ ପ୍ରସ୍ତାବ ସପକ୍ଷରେ ୨୧୫ଟି ଭୋଟ ପଡ଼ିଥିବା ବେଳେ ବିରୋଧରେ ୨୦୮ ଟି ଭୋଟ ପଡ଼ିଥିଲା। ବିରୋଧୀ ଦଳର ସମସ୍ତ ସଦସ୍ୟ ଏହାକୁ ସମର୍ଥନ କରିଥିବା ବେଳେ ଶାସକ ଦଳର ଚାରି ଜଣ ପ୍ରମୁଖ ସାଂସଦ ଟମ୍ ବାରେଟ୍, ୱାରେନ୍ ଡେଭିଡସନ୍, ବ୍ରାଏନ୍ ଫିଟ୍‌ଜପାଟ୍ରିକ୍ ଏବଂ ଥୋମାସ୍ ମାସି ଦଳୀୟ ଆଦେଶକୁ ଅମାନ୍ୟ କରି ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଥିଲେ। ▶ପୃଷ୍ଠା-୭

**ସମର୍ଥନ ଦେଲେ ଶାସକ ଦଳର ୪ ସାଂସଦ**

# ୧୭ରେ କେନ୍ଦ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ !

## ବାଦ୍ ପଡ଼ିପାରନ୍ତି ଡଜନେ ମନ୍ତ୍ରୀ; ବଦଳିବ ୧୫ ମନ୍ତ୍ରୀଙ୍କ ବିଭାଗ

■ ନୂଆଦିଲ୍ଲୀ, ୪।୬ (ଏଜେନ୍ସି): ଆସନ୍ତା ୧୭ ତାରିଖରେ ବଦଳିବ କେନ୍ଦ୍ରରେ ମୋଦୀ ସରକାରଙ୍କ କ୍ୟାବିନେଟ୍ ଚେହେରା। ମନ୍ତ୍ରିମଣ୍ଡଳରୁ ପ୍ରାୟ ଏକ ଡ଼ଜନରୁ ଉର୍ଦ୍ଧ୍ୱ ମନ୍ତ୍ରୀଙ୍କୁ ଅପସାରଣ କରାଯିବ ଓ ୧୫ରୁ ଉର୍ଦ୍ଧ୍ୱ ବିଭାଗର ମନ୍ତ୍ରୀମାନଙ୍କର ବିଭାଗ ପରିବର୍ତ୍ତନ ହେବ। ଏନ୍‌ଡ଼ିଏର ପ୍ରମୁଖ ସହଯୋଗୀ ଜେଡ଼ିୟୁ, ଟିଡ଼ିପି, ଶିବସେନା (ସିନ୍ଦେ)କୁ ଗୋଟିଏ ଲେଖାଏଁ କ୍ୟାବିନେଟ ପାହ୍ୟା ସହ ମୋଟ ୫ରୁ ୬ଟି ମନ୍ତ୍ରୀପଦ ମିଳିବ। ଏହା ସହ ୨୦୨୭ରେ ବିଧାନସଭା ନିର୍ବାଚନ ହେବାକୁଥିବା ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ଗୋଆ, ମଣିପୁର, ପଞ୍ଜାବ, ହିମାଚଳ ପ୍ରଦେଶ, ଗୁଜରାଟ ଆଦି ରାଜ୍ୟକୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣରେ ଗୁରୁତ୍ୱ ଦିଆଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ଦଳର ଆଭ୍ୟନ୍ତରୀଣ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ପୁରୁଷୋତ୍ତମ ମାସ ଅର୍ଥାତ୍ ମଳମାସ ୧୫ ତାରିଖରେ ଶେଷ ହେବ ଓ ୧୬ ତାରିଖରେ ପ୍ରତିପଦ। ତେଣୁ ୧୭ ଓ ୧୮ ତାରିଖରେ ମନ୍ତ୍ରିମଣ୍ଡଳ ପୁନର୍ଗଠନ ହେବାର ସମ୍ଭାବନା ରହିଛି। ବିଜେପିର ରାଶି ନକ୍ଷତ୍ର ଅନୁସାରେ ୧୭ ତାରିଖ ଅଧିକ ଶୁଭଥିବାରୁ ଏହିଦିନ ପ୍ରଧାନମନ୍ତ୍ରୀ ସରକାରର ପୁନର୍ବିନ୍ୟାସ କରିପାରନ୍ତି। ଏହି ଅଦଳବଦଳରେ ବିଜେପିର ଅନ୍ୟୂନ ୩ କ୍ୟାବିନେଟ ଓ ୩ ରାଷ୍ଟ୍ରମନ୍ତ୍ରୀଙ୍କ ସହ ମୋଟ ଡ଼ଜନେରୁ ଉର୍ଦ୍ଧ୍ୱ ମନ୍ତ୍ରୀ ବାଦ ପଡ଼ିପାରନ୍ତି। ଅନୁରୂପ ଭାବରେ କୃଷି, ଆଇନ, ପରିବେଶ, ଜଳଶକ୍ତି, ରେଳ, ଅର୍ଥ, କର୍ପୋରେଟ୍ ବ୍ୟାପାର, କୋଇଲା, ବୟନଶିଳ୍ପ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, ଗ୍ରାମୀଣ ବିକାଶ, ସାର ଓ ରସାୟନ, ସହକାରୀତା, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ମନ୍ତ୍ରୀମାନଙ୍କ ବିଭାଗ ପରିବର୍ତ୍ତନ ହୋଇପାରେ। ଏହାସହ ଅତିରିକ୍ତ ଦାୟିତ୍ୱରେ ପରିଚାଳିତ ହେଉଥିବା ଦୁଇ ତିନୋଟି ବିଭାଗ ପାଇଁ ପୃଥକ କ୍ୟାବିନେଟ୍ ମନ୍ତ୍ରୀ ନିଯୁକ୍ତ ହୋଇପାରନ୍ତି।

ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ବିଜେପିର କିଛି ବରିଷ୍ଠ ନେତାଙ୍କୁ ସରକାରରୁ ପ୍ରତ୍ୟାହାର କରି ସଂଗଠନ ଦାୟିତ୍ୱ ଅର୍ପଣ କରାଯାଇପାରେ। ଜଣେ ପ୍ରଭାବଶାଳୀ କ୍ୟାବିନେଟ୍ ମନ୍ତ୍ରୀଙ୍କୁ ଦକ୍ଷିଣ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟରେ ବିଜେପିର ସଂଗଠନିକ ଦାୟିତ୍ୱ ଦିଆଯାଇପାରେ ଓ ଜଣେ ନେତାଙ୍କୁ ରାଜ୍ୟପାଳ ଭଳି ସାମ୍ବିଧାନିକ ▶ପୃଷ୍ଠା-୭

**ଟିଡିପି, ଜେଡିୟୁ ଶିବସେନା (ସିନ୍ଦେ)କୁ ମିଳିପାରେ ୫ ମନ୍ତ୍ରୀ ପଦ**

**ନିର୍ବାଚନ ହେବାକୁ ଥିବା ୭ ରାଜ୍ୟକୁ ଗୁରୁତ୍ୱ**






# କାଗଜପତ୍ର ତ୍ରୁଟି ଯୋଗୁଁ ଅଧାବାଟରୁ ଫେରିଲା ଯାତ୍ରୀ ବିମାନ

■ ୧୨ ଘଣ୍ଟା ଆକାଶରେ ଉଡ଼ି ପୁଣି କୋପେନ୍‌ହେଗେନ୍‌ରେ ଅବତରଣ

ନୂଆଦିଲ୍ଲୀ, ୪।୬(ଏଜେନ୍ସି): ସ୍କାଣ୍ଡିନେଭିଆନ ଏୟାରଲାଇନ୍ସର ଏକ ବିମାନ କାଗଜପତ୍ର ଜନିତ ତ୍ରୁଟି ହେତୁ ଭାରତ ନପହଞ୍ଚି ଅଧା ବାଟରୁ ଫେରିଯିବା ଭଳି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ପ୍ରାୟ ୧୭ ବର୍ଷ ପରେ ଭାରତକୁ ଏହି ସଂସ୍ଥାର ପ୍ରଥମ ବିମାନ ଉଡ଼ାଣ ଆରମ୍ଭ ହୋଇଥିବା ବେଳେ ଏହି ବଡ଼ ଭୁଲ ଯୋଗୁଁ ଏୟାରଲାଇନ୍ସ କମ୍ପାନୀକୁ ବେଶ୍ ଅପମାନିତ ହେବାକୁ ପଡ଼ିଛି। ଜୁନ୍ ୨ ତାରିଖରେ ଏହି ବିମାନଟି କୋପେନହେଗେନରୁ ମୁମ୍ବାଇ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା। ଉଡ଼ାଣର ପ୍ରାୟ ୪ ଘଣ୍ଟା ପରେ ବିମାନଟି ଯେତେବେଳେ ଆଜେରବାଇଜାନ ଆକାଶମାର୍ଗରେ ଥିଲା, ସେତେବେଳେ ବାୟୁଚଳାଚଳ ନିୟନ୍ତ୍ରଣ କକ୍ଷ ପକ୍ଷରୁ ଚାଳକ ଦଳକୁ ତୁରନ୍ତ ପଛକୁ ଫେରିଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏୟାରଲାଇନ୍ସ କର୍ତ୍ତୃପକ୍ଷ ସ୍ୱୀକାର କରିଛନ୍ତି ଯେ ଉଡ଼ାଣ ପୂର୍ବରୁ ସେମାନଙ୍କୁ ଭାରତୀୟ ସରକାରଙ୍କଠାରୁ ଚୂଡ଼ାନ୍ତ ନିୟାମକ ଅନୁମତି ମିଳି ନ ଥିଲା। ବିମାନ ଆକାଶରେ ଥିବା ସମୟରେ ଅନୁମତି ମିଳିଯିବ ବୋଲି କର୍ତ୍ତୃପକ୍ଷ ଆଶା ରଖିଥିଲେ, ମାତ୍ର ତାହା ନ ହେବାରୁ ବିମାନକୁ ବାଧ ହୋଇ ଫେରିବାକୁ ପଡ଼ିଥିଲା। ଏହି କାରଣରୁ ଯାତ୍ରୀମାନେ ପ୍ରାୟ ୧୨ ଘଣ୍ଟା କାଳ ଆକାଶରେ ବିତାଇବା ପରେ ପୁଣି ନିଜ ପ୍ରାରମ୍ଭିକ ବିମାନ ବନ୍ଦରରେ ଓହ୍ଲାଇଥିଲେ, ଯାହାକୁ ନେଇ ସେମାନେ ପ୍ରବଳ ଅସନ୍ତୋଷ ପ୍ରକାଶ କରିଛନ୍ତି।



ଅପରପକ୍ଷରେ ସ୍ୱାଗତ ପାଇଁ ମୁମ୍ବାଇ ବିମାନ ବନ୍ଦରରେ ପ୍ରସ୍ତୁତ ଥିବା ଦଳ ମଧ୍ୟ ନିରାଶ ହୋଇଛନ୍ତି। ଏହି ପରିଚାଳନାଗତ ତ୍ରୁଟି ଯୋଗୁଁ କମ୍ପାନୀକୁ ଇନ୍ଧନ, ପରିଚାଳନା ଏବଂ ଯାତ୍ରୀଙ୍କ କ୍ଷତିପୂରଣ ବାବଦରେ ପ୍ରାୟ ୫ ଲକ୍ଷ ଡଲାରରୁ ଅଧିକ ଆର୍ଥିକ କ୍ଷତି ସହିବାକୁ ପଡ଼ିଛି। ଏୟାରଲାଇନ୍ସ କର୍ତ୍ତୃପକ୍ଷ ଏହି ଅସୁବିଧା ପାଇଁ ଯାତ୍ରୀମାନଙ୍କୁ କ୍ଷମା ପ୍ରାର୍ଥନା କରିବା ସହ ଅନୁମତି ପତ୍ର ହାସଲ କରି ଆଗାମୀ କିଛି ଦିନ ମଧ୍ୟରେ ଏହି ସେବା ପୁନର୍ବାର ଆରମ୍ଭ କରିବାକୁ ସରକାରୀ ଅଧିକାରୀଙ୍କ ସହ ଆଲୋଚନା ଜାରି ରଖିଛନ୍ତି।

## ଏଆଇ ମାନବ ମସ୍ତିଷ୍କର ବିକଳ୍ପ ନୁହେଁ



ନ୍ୟାୟପାଳିକା ପାଇଁ ସୁପ୍ରିମକୋର୍ଟଙ୍କ ଚିଠା ନିୟମାବଳୀ

ନୂଆଦିଲ୍ଲୀ, ୪।୬(ଏଜେନ୍ସି): ଅଦାଲତଗୁଡ଼ିକରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ବ୍ୟବହାରକୁ ନିୟନ୍ତ୍ରିତ କରିବା ପାଇଁ ସୁପ୍ରିମକୋର୍ଟଙ୍କ 'ଏଆଇ କମିଟି' ଏକ ଚିଠା ନିୟମାବଳୀ ପ୍ରସ୍ତୁତ କରି ଜନସାଧାରଣଙ୍କ ମତାମତ ପାଇଁ ଜାରି କରିଛନ୍ତି। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଏଆଇ କେବଳ ନ୍ୟାୟିକ ପ୍ରକ୍ରିୟାରେ ସହାୟତା କରିପାରିବ, କିନ୍ତୁ ଏହା କଦାପି ମାନବ ମସ୍ତିଷ୍କ କିମ୍ବା ବିଚାରପତିଙ୍କ ସ୍ଥାନ ନେଇପାରିବ ନାହିଁ। ଏହି ନିୟମ ଅନୁଯାୟୀ, କୌଣସି ବି ରାୟ, ଆଦେଶ କିମ୍ବା ଦଣ୍ଡବିଧାନ କେବଳ ଏଆଇ ଦ୍ୱାରା ପ୍ରସ୍ତୁତ ତଥ୍ୟ ଉପରେ ଆଧାରିତ ହୋଇପାରିବ ନାହିଁ। ଏଆଇ'କୁ କେବଳ ପ୍ରଶାସନିକ କାର୍ଯ୍ୟ, ମାମଲା ପରିଚାଳନା, ଆଇନଗତ ଗବେଷଣା, ଦଲିଲ୍ ସଂକ୍ଷିପ୍ତକରଣ ଏବଂ ଆଞ୍ଚଳିକ ଭାଷାରେ ଅନୁବାଦ ଭଳି ସହାୟକ କାର୍ଯ୍ୟରେ ବ୍ୟବହାର କରାଯାଇପାରିବ। ସାକ୍ଷୀଙ୍କ ବିଶ୍ୱସନୀୟତା ଆକଳନ କରିବା କିମ୍ବା ଆଇନଗତ ନିଷ୍ପତ୍ତି ନେବା ଭଳି ମୁଖ୍ୟ କାର୍ଯ୍ୟରେ ଏହାର ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଆଗାମୀ ଜୁନ୍ ୨୦ ପର୍ଯ୍ୟନ୍ତ ଏହି ଚିଠା ପ୍ରସ୍ତାବ ଉପରେ ମତାମତ ଦିଆଯାଇପାରିବ ଏବଂ ଏହା ଲାଗୁ ହେଲେ ସାରା ଦେଶର ସମସ୍ତ ହାଇକୋର୍ଟ ଓ ଟ୍ରିବ୍ୟୁନାଲ୍‌ରେ କାର୍ଯ୍ୟକାରୀ ହେବ।

## କଂଗ୍ରେସ ପାଇଁ ରାଜ୍ୟସଭା ଆସନ ଛାଡ଼ିଲା ଟିଭିକେ

ଚେନ୍ନଇ, ୪।୬(ଏଜେନ୍ସି): ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା ଟିଭିକେ ଦଳର ମୁଖ୍ୟ ବିଜୟ ରାଜ୍ୟର ଏକମାତ୍ର ଖାଲି ଥିବା ରାଜ୍ୟସଭା ଆସନଟିକୁ ନିଜ ସହଯୋଗୀ ଦଳ କଂଗ୍ରେସକୁ ପ୍ରଦାନ କରିଛନ୍ତି। ରାଜ୍ୟରେ ଟିଭିକେ ସଂଖ୍ୟାଲଘୁ ସରକାର ଚଳାଉଥିବା ବେଳେ ଏହାର ସ୍ଥିରତା ପାଇଁ କଂଗ୍ରେସର ୫ ଜଣ ବିଧାୟକଙ୍କ ସମର୍ଥନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାଜିଛି। ଏଭଳି ସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ଉଭୟ ଦଳର ମେଣ୍ଟକୁ ଆହୁରି ମଜବୁତ କରିବ ବୋଲି ଆଶା କରାଯାଉଛି। ଏହି ଆସନ ପାଇଁ କଂଗ୍ରେସର ବରିଷ୍ଠ ରଣନୀତିକାର ପ୍ରବୀଣ ଚକ୍ରବର୍ତ୍ତୀଙ୍କ ନାମ ସବୁଠାରୁ ଆଗରେ ରହିଛି। ଏହି ନିଷ୍ପତ୍ତିକୁ କଂଗ୍ରେସ ସ୍ୱାଗତ କରିଥିବା ବେଳେ ବିରୋଧୀ ଡିଏମକେ ଏହାକୁ କଡ଼ା ସମାଲୋଚନା କରିଛି। ଡିଏମକେ ଅଭିଯୋଗ କରିଛି ଯେ ସଂସଦରେ ବିଜେପି ସହ ସିଧାସଳଖ ମୁକାବିଲାକୁ ଏଡ଼ାଇବା ପାଇଁ ଟିଭିକେ ଏହି ଆସନଟି କଂଗ୍ରେସକୁ ଦେଇଛି। ତେବେ ଟିଭିକେ ଏହି ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରି ଏହା କେବଳ ମେଣ୍ଟର ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଏକ ପ୍ରୟାସ ବୋଲି କହିଛି। ଏହି ପଦକ୍ଷେପ ଆଗାମୀ ୨୦୨୯ ଲୋକସଭା ନିର୍ବାଚନରେ ମଧ୍ୟ ବେଶ୍ ପ୍ରଭାବଶାଳୀ ସାବ୍ୟସ୍ତ ହୋଇପାରେ।

## ସୁଭାଷ କଶ୍ୟପଙ୍କ ପରଲୋକ



ନୂଆଦିଲ୍ଲୀ, ୪।୬(ଏଜେନ୍ସି): ଲୋକସଭାର ପୂର୍ବତନ ସେକ୍ରେଟାରୀ ଜେନେରାଲ ତଥା ବିଶିଷ୍ଟ ସମ୍ବିଧାନ ବିଶେଷଜ୍ଞ ସୁଭାଷ କଶ୍ୟପଙ୍କର ଆଜି ପରଲୋକ ହୋଇଯାଇଛି। ତାଙ୍କୁ ୯୭ ବର୍ଷ ହୋଇଥିଲା। ୧୯୮୩ରୁ ୧୯୯୦ ପର୍ଯ୍ୟନ୍ତ ସେ ଲୋକସଭାର ସେକ୍ରେଟାରୀ ଜେନେରାଲ ଥିଲେ। ସେ ୧୦୦ରୁ ଅଧିକ ପୁସ୍ତକର ରଚନା କରିଛନ୍ତି। ଏକ ଦେଶ, ଏକ ନିର୍ବାଚନ ସଂପର୍କରେ ରିପୋର୍ଟ ଦେବାଲାଗି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଯେଉଁ କମିଟି ଗଠନ କରାଯାଇଥି ସେଥିରେ କଶ୍ୟପ ସଭ୍ୟ ଥିଲେ। ତାଙ୍କୁ ପଦ୍ମଭୂଷଣ ସମ୍ମାନ ପ୍ରଦାନ କରାଯାଇଥିଲା।

## ଗ୍ରାମବାସୀଙ୍କ ଭୟରେ ଖଟ ତଳେ ଲୁଚିଲେ ଟିଏମସି ନେତା

କୁଚବେହାର, ୪।୬(ଏଜେନ୍ସି): ପଶ୍ଚିମବଙ୍ଗର କୁଚବେହାର ଜିଲ୍ଲାରେ ସରକାରୀ ଆବାସ ଯୋଜନାରେ ଘର କରାଇଦେବା ନାଁରେ ଲୋକଙ୍କଠାରୁ ଲାଞ୍ଚ ନେଇଥିବା ଜଣେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତା ସାହିଦୁଲ ମିଆଁଙ୍କୁ ଗ୍ରାମବାସୀ ଘେରିଯାଇଥିଲେ। ଲୋକେ ଟଙ୍କା ଫେରସ୍ତ ମାଗିବାରୁ ସେ ଭୟରେ ନିଜ ଘର ଖଟ ତଳେ ଲୁଚି ଯାଇଥିଲେ। ପରେ ପୁଲିସ ପହଞ୍ଚି ତାଙ୍କୁ ଖଟ ତଳୁ ବାହାର କରି ଉଦ୍ଧାର କରିଛି, ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଅଭିଯୋଗ ଅନୁସାରେ, ସାହିଦୁଲ ଗରିବ ପରିବାରଗୁଡ଼ିକଠାରୁ ୫, ୦୦୦ ରୁ ୨୦, ୦୦୦ ଟଙ୍କା ଲେଖାଏଁ ମୋଟ ପ୍ରାୟ ୮ ଲକ୍ଷ ଟଙ୍କା କଟ୍ ମନି' ବା ଲାଞ୍ଚ ଆଦାୟ କରିଥିଲେ ମଧ୍ୟ କାହାକୁ ଘର ମିଳିନଥିଲା। ପୁଲିସ ଅଭିଯୋଗ ଆଧାରରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପଶ୍ଚିମବଙ୍ଗରେ ଦୁର୍ନୀତି ଓ ଜବରଦସ୍ତ ଚାନ୍ଦା ଆଦାୟ ଅଭିଯୋଗରେ ନିକଟରେ ଅନେକ ଟିଏମସି କାଉନସିଲର ଓ ନେତା ଗିରଫ ହୋଇଛନ୍ତି।

# ପୁଣି ଜୀବନ ନେଲା ନିଟ୍



ପେପର୍ ଲିକ୍ ଓ ପରୀକ୍ଷା ବାତିଲ୍ ଦୁଃଖରେ ଛାତ୍ରୀଙ୍କ ଆତ୍ମହତ୍ୟା

ନାଗପୁର, ୪।୬(ଏଜେନ୍ସି): ନାଗପୁରରେ ମେଡିକାଲ୍ ପ୍ରବେଶିକା ପରୀକ୍ଷା 'ନିଟ୍' ପାଇଁ ପ୍ରସ୍ତୁତ ହେଉଥିବା ୧୮ ବର୍ଷୀୟା ଛାତ୍ରୀ ଆକାଂକ୍ଷା ଚତୁର୍ବେଦୀ ଆତ୍ମହତ୍ୟା କରିଛନ୍ତି। ନିଟ୍ ପେପର୍ ଲିକ୍ ଯୋଗୁଁ ପରୀକ୍ଷା ବାତିଲ୍ ହେବା ଏବଂ ପୁଣିଥରେ ପରୀକ୍ଷା ଦେବାକୁ ପଡ଼ିବା ଚିନ୍ତାରେ ସେ ଏଭଳି ଚରମ ନିଷ୍ପତ୍ତି ନେଇଛନ୍ତି। ମୃତ୍ୟୁର ପ୍ରାୟ ଦୁଇ ସପ୍ତାହ ପରେ ତାଙ୍କ ରୁମ୍‌ରୁ ଏହି ହୃଦୟ ବିଦାରକ ସୁସାଇଡ୍ ନୋଟ୍ ମିଳିଛି। ଛାତ୍ରୀ ଜଣକ ନିଜ ସୁଇସାଇଡ୍ ନୋଟ୍‌ରେ ଲେଖିଛନ୍ତି ଯେ, 'ବାପା-ମାଆ, ତୁମର ବିଶ୍ୱାସ ଥିଲା ଯେ ତୁମ ଝିଅ ଡାକ୍ତର ହେବ, କିନ୍ତୁ ଆଉ ଥରେ ନିଟ୍ ପରୀକ୍ଷା ଦେବାକୁ ମୋର ସାହସ ନାହିଁ। ମୁଁ ପ୍ରଥମ ପ୍ରୟାସରେ ଭଲ ମାର୍କ ରଖିଥାନ୍ତି, କିନ୍ତୁ ଏବେ ଆଉ ଭଲ କରିବାର କୌଣସି ଗ୍ୟାରେଣ୍ଟି ନାହିଁ। ମୁଁ ସବୁ କିଛି ନଷ୍ଟ କରିଦେଲି, ମତେ କ୍ଷମା କରିଦେବ।' ଆକାଂକ୍ଷାଙ୍କ ବାପା ଜଣେ ରୋଷେୟା ଭାବେ କାମ କରନ୍ତି। ଝିଅର ପାଠପଢ଼ା ପାଇଁ ପରିବାର ଲୋକେ ଜମିବାଡ଼ି ଓ ସମ୍ପର୍କୀୟଙ୍କଠାରୁ ୩ ଲକ୍ଷ ଟଙ୍କା ଋଣ ନେଇଥିଲେ। ପୁନଃ ପରୀକ୍ଷା ପାଇଁ ପରିବାର ଉପରେ ଆର୍ଥିକ ବୋଝ ବଢ଼ିବା ଚିନ୍ତାରେ ଆକାଂକ୍ଷା ଡିପ୍ରେସନ୍‌କୁ ଚାଲିଯାଇଥିଲେ। ଗତ ମେ ୩ ତାରିଖରେ ୨୨ ଲକ୍ଷରୁ ଅଧିକ ପିଲା ନିଟ୍ ପରୀକ୍ଷା ଦେଇଥିଲେ। ପେପର୍ ଲିକ୍ ଯୋଗୁଁ ଏହାକୁ ବାତିଲ୍ କରାଯାଇ ଆସନ୍ତା ଜୁନ୍ ୨୧ରେ ପୁଣିଥରେ ପରୀକ୍ଷା କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ଘଟଣାକୁ ନେଇ କେନ୍ଦ୍ର ସରକାରଙ୍କ ଶିକ୍ଷା ବ୍ୟବସ୍ଥା ଉପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ଆପ୍ ନେତା ଅରବିନ୍ଦ କେଜ୍ରିୱାଲ୍ ତୀବ୍ର ସମାଲୋଚନା କରିଛନ୍ତି। ସେମାନେ କହିଛନ୍ତି ଯେ ପୁନଃ ପରୀକ୍ଷା କରାଇବା ନ୍ୟାୟ ନୁହେଁ, ଏହି ଭ୍ରଷ୍ଟ ବ୍ୟବସ୍ଥା ଯୋଗୁଁ ପିଲାମାନେ ନିଜ ଜୀବନ ହରାଉଛନ୍ତି।

# ରାଜ୍ୟସଭା ନିର୍ବାଚନ: ବିଜେପି ତାଲିକାରୁ ବାଦ୍ ପଡ଼ିଲେ ଦୁଇ କେନ୍ଦ୍ର ମନ୍ତ୍ରୀ



ନୂଆଦିଲ୍ଲୀ, ୪।୬(ଏଜେନ୍ସି): ଚଳିତ ମାସ ୧୮ ତାରିଖ।।ରେ ଓଡ଼ିଶା ସମେତ ୧୦ଟି ରାଜ୍ୟର ୨୬ଟି ରାଜ୍ୟସଭା ଆସନ ପାଇଁ ହେବାକୁ ଯାଉଛି ନିର୍ବାଚନ। ଏଥିପାଇଁ ଆଜି ଉଭୟ ବିଜେପି ଏବଂ କଂଗ୍ରେସ ସେମାନଙ୍କର ପ୍ରାର୍ଥିତାଲିକା ଘୋଷଣା କରିଛନ୍ତି। ବିଜେପି ୧୧ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିବା ବେଳେ କଂଗ୍ରେସ ୭ ଜଣଙ୍କ ନାମ ଘୋଷଣା କରିଛି। ତେବେ ବିଜେପିର ପ୍ରାର୍ଥିତାଲିକାକୁ ନେଇ ଚର୍ଚ୍ଚା ଜୋର ଧରିଛି। କାରଣ ଏହି ତାଲିକାରେ ସ୍ଥାନ ପାଇ ନାହାନ୍ତି ଦୁଇ ଜଣ କେନ୍ଦ୍ର ମନ୍ତ୍ରୀ। ସେମାନେ ହେଲେ ରଣବିତ ସିଂହ ବିଟ୍ଟୁ ଏବଂ ଜର୍ଜ କୁରିଏନ। ସେମାନଙ୍କର ରାଜ୍ୟସଭା କାର୍ଯ୍ୟକାଳ ଆସନ୍ତା ୨୧ ତାରିଖରେ ଶେଷ ହେବାକୁ ଯାଉଛି। ଚଳିତ ମାସ କେନ୍ଦ୍ରରେ ମୋଦୀ ମନ୍ତ୍ରିମଣ୍ଡଳରେ ବଡ଼ ଧରଣର ଅଦଳବଦଳ ହେବାକୁ ଯାଉଛି ବୋଲି ଚର୍ଚ୍ଚା ଚାଲିଥିବା ବେଳେ ଏହି ଦୁଇ ମନ୍ତ୍ରୀଙ୍କ ନାମ ବିଜେପି ପ୍ରାର୍ଥୀ ତାଲିକାରେ ସ୍ଥାନ ନପାଇବା ଘଟଣାରୁ ସ୍ପଷ୍ଟ ସଙ୍କେତ ମିଳୁଛି ଯେ ସେମାନେ ମନ୍ତ୍ରିମଣ୍ଡଳରୁ ବାଦ୍ ପଡ଼ିବେ। ଆସନ୍ତାବର୍ଷ ଯେଉଁ ରାଜ୍ୟଗୁଡ଼ିକରେ ନିର୍ବାଚନ ହେବାକୁ ଯାଉଛି ପ୍ରସ୍ତାବିତ ମନ୍ତ୍ରିମଣ୍ଡଳ ଅଦଳବଦଳ ବେଳେ ସେଗୁଡିକୁ ଗୁରୁତ୍ୱ ଦିଆଯିବ।

ସେହିଭଳି ଆଜି କଂଗ୍ରେସ ପକ୍ଷରୁ ମଧ୍ୟ ସାତ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ଦଳର ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଏବଂ ଦଳର ମୁଖପାତ୍ର ପୱନ ଖେଡ଼ାଙ୍କୁ କର୍ଣ୍ଣାଟକରୁ ପ୍ରାର୍ଥୀ କରାଯାଇଛି। ଅନ୍ୟତମ ନେତ୍ରୀ ମିନାକ୍ଷୀ ନଟରାଜନଙ୍କୁ ମଧ୍ୟପ୍ରଦେଶରୁ ପ୍ରାର୍ଥୀ କରାଯାଇଛି। ଆନ୍ଧ୍ର ପ୍ରଦେଶରେ ୪ଟି ଆସନରେ ନିର୍ବାଚନ ହେବାକୁ ଯାଉଥିବା ବେଳେ ଟିଡିପି ୩ଟି ପ୍ରାର୍ଥୀ ଦେବ ଏବଂ ପବନ କଲ୍ୟାଣଙ୍କ ଦଳ ଗୋଟିଏ ଆସନରେ ପ୍ରାର୍ଥୀ ଦେବ ବୋଲି ଜଣାପଡ଼ିଛି।

# ଲେବାନନ ସହ ବୁଝାମଣା କଲା ଇସ୍ରାଏଲ

ଟ୍ରମ୍ପଙ୍କ ଧମକ କାମଦେଲା

ୱାସିଂଟନ, ୪।୬(ଏଜେନ୍ସି): ଆମେରିକାର ୱାସିଂଟନଠାରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ପରେ ଇସ୍ରାଏଲ ଏବଂ ଲେବାନନ ବୁଧବାର ଦିନ ଏକ ସୀମିତ ଅସ୍ତ୍ରବିରତି ଲାଗୁ କରିବା ପାଇଁ ସହମତି ପ୍ରକାଶ କରିଛନ୍ତି। ତେବେ ଏହି ଚୁକ୍ତିର ସଫଳତା ପାଇଁ ଇରାନ ସମର୍ଥିତ ସନ୍ତ୍ରାସବାଦୀ ସଂଗଠନ 'ହିଜବୁଲ୍ଲା' ପକ୍ଷରୁ ସମ୍ପୂର୍ଣ୍ଣ ଭାବେ ଗୁଳିଚାଳନା ବନ୍ଦ ହେବା ଆବଶ୍ୟକ ବୋଲି ଉଭୟ ଦେଶ ପକ୍ଷରୁ ଜାରି ମିଳିତ ବିବୃତିରେ କୁହାଯାଇଛି। ଆନୁଷ୍ଠାନିକ କୂଟନୈତିକ ସମ୍ପର୍କ ନଥିବା ଏହି ଦୁଇ ପ୍ରତିଦ୍ୱନ୍ଦ୍ୱୀ ଦେଶ ସୀମାନ୍ତରେ କେତେକ ନିର୍ଦ୍ଦିଷ୍ଟ ସାମରିକ ମୁକ୍ତ ଅଞ୍ଚଳ ବା 'ପାଇଲଟ୍ ଜୋନ୍' ଗଠନ କରିବାକୁ ରାଜି ହୋଇଛନ୍ତି। ଏହି ସବୁ ଅଞ୍ଚଳରେ କେବଳ ଲେବାନନର ସରକାରୀ ସେନା ହିଁ ନିୟନ୍ତ୍ରଣ ରଖିବ ଏବଂ ଅନ୍ୟ କୌଣସି ସନ୍ତ୍ରାସବାଦୀ ଗୋଷ୍ଠୀକୁ ସେଠାରେ ପ୍ରବେଶ କରିବାକୁ ଦିଆଯିବ ନାହିଁ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ହୋଇଥିବା ଏହି ଆଲୋଚନାରେ ସ୍ପଷ୍ଟ କରାଯାଇଛି ଯେ ଲେବାନନର ଭବିଷ୍ୟତକୁ କୌଣସି ବାହ୍ୟ ଶକ୍ତି ବନ୍ଧକ ରଖିପାରିବେ ନାହିଁ। ଏହି ପ୍ରସଙ୍ଗରେ ଆସନ୍ତା ଜୁନ୍ ୨୨ ତାରିଖରେ ଏକ ସ୍ଥାୟୀ ଚୁକ୍ତି ପାଇଁ ଦ୍ୱିତୀୟ ପର୍ଯ୍ୟାୟ ବୈଠକ ଅନୁଷ୍ଠିତ ହେବ। ଯଦିଓ ଏହି ଚୁକ୍ତି ନେଇ ସହମତି ପ୍ରକାଶ ପାଇଛି, ତଥାପି ସୀମାରେ ଉତ୍ତେଜନା ସମ୍ପୂର୍ଣ୍ଣ ହ୍ରାସ ପାଇନାହିଁ। ବୁଧବାର ମଧ୍ୟ ହିଜବୁଲ୍ଲା ପକ୍ଷରୁ ଇସ୍ରାଏଲ ଉପରକୁ ରକେଟ୍ ମାଡ଼ କରାଯାଇଥିବା ବେଳେ ଇସ୍ରାଏଲର ପାଲଟା ଆକ୍ରମଣରେ ଦକ୍ଷିଣ ଲେବାନନରେ ଦୁଇ ଜଣ ସ୍ୱାସ୍ଥ୍ୟକର୍ମୀଙ୍କ ସମେତ ୯ ଜଣଙ୍କର ମୃତ୍ୟୁ ଘଟିଛି। ଏଭଳି ସ୍ଥିତିରେ ଏହି ଅସ୍ତ୍ରବିରତି କେତେଦୂର କାର୍ଯ୍ୟକାରୀ ହେଉଛି, ତାହା ଆଗାମୀ ସମୟରେ ସ୍ପଷ୍ଟ ହେବ।

# ଉତ୍ତରକାଶୀରେ ମହିଳା ଟ୍ରେକର ନିଖୋଜ

ନୈନିତାଲ, ୪।୬(ଏଜେନ୍ସି): ଉତ୍ତରାଖଣ୍ଡର ଉତ୍ତରକାଶୀରେ ଟ୍ରେକିଂ ପାଇଁ ଯାଇଥିବା ନୈନିତାଲ୍‌ର ୨୪ ବର୍ଷୀୟା ମହିଳା ବବିତା ପାଣ୍ଡେ ଗତ ୬ ଦିନ ହେବ ନିଖୋଜ ଅଛନ୍ତି। ତାଙ୍କୁ ଉଦ୍ଧାର କରିବା ପାଇଁ ସେନା, ପୁଲିସ, ଏନ୍‌ଡିଆରଏଫ୍, ଏସ୍‌ଡିଆରଏଫ୍ ଏବଂ



■ ଖୋଜୁଛନ୍ତି ୧୫୦ ଯବାନ ଓ ୨ ଡ୍ରୋନ, ୩ଟି ସ୍ନିପର ଡଗ୍ ସ୍କ୍ୱାଡ
■ ଦୁଇ ସହଯୋଗୀ ଅଟକ

ଆଇଟିବିପିର ୧୫୦ରୁ ଅଧିକ ଜବାନ, ୩ଟି ସ୍ନିଫର୍ ଡଗ୍ ସ୍କ୍ୱାଡ୍ ଏବଂ ଡ୍ରୋନ୍ ସାହାଯ୍ୟରେ ଘନ ଜଙ୍ଗଲ ଓ ଭାଗୀରଥୀ ନଦୀରେ ବ୍ୟାପକ ସର୍ଚ୍ଚ ଅପରେସନ୍ ଜାରି ରଖିଛନ୍ତି। ଗତ ମେ ୨୯ ରାତିରେ ବବିତା ତାଙ୍କର ଦୁଇ ବନ୍ଧୁ ହରମନପାଲ୍ ସିଂ ଏବଂ ହରମନପ୍ରୀତ ସିଂଙ୍କ ସହ ଗୋଇ ବେସ୍ କ୍ୟାମ୍ପରେ ତମ୍ବୁ ପକାଇ ରହିଥିଲେ। ତମ୍ବୁ ଭିତରେ ଗୀତ ବଜାଇବାକୁ ନେଇ ପାଟିତୁଣ୍ଡ ହେବାରୁ ବବିତା ରାତିରେ ବାହାରକୁ ଚାଲିଯାଇଥିଲେ ଏବଂ ଆଉ ଫେରିନଥିଲେ। ବବିତାଙ୍କ ଭାଇଙ୍କ ଅଭିଯୋଗ ଆଧାରରେ ପୁଲିସ ଦୁଇ ସହଯୋଗୀ ବନ୍ଧୁଙ୍କ ବିରୋଧରେ ମାମଲା ରୁଜୁ କରି ସେମାନଙ୍କୁ ଅଟକ ରଖି ପଚରାଉଚରା କରୁଛି। ତଦନ୍ତରୁ ଜଣାପଡ଼ିଛି ଯେ ଟ୍ରେକିଂ ଏଜେନ୍ସି ଅନ୍ୟ ଲୋକଙ୍କ ନାଁରେ ଥିବା ସରକାରୀ ପରମିଟ୍‌କୁ ଏଡିଟ୍ କରି ଏମାନଙ୍କ ନାଁରେ ଜାଲ୍ ପାସ୍ ପ୍ରସ୍ତୁତ କରିଥିଲା। ଏହି ଜାଲିଆତିକୁ ନେଇ ଏଜେନ୍ସି ବିରୋଧରେ ମଧ୍ୟ ତଦନ୍ତ ଆରମ୍ଭ ହୋଇଛି।

# ୨୦ ହଜାର କୋଟି ଟଙ୍କାର ଡ୍ରୋନ୍ କିଣିବ ଭାରତ



ନୂଆଦିଲ୍ଲୀ, ୪।୬(ଏଜେନ୍ସି): ଭାରତୀୟ ସେନା ନିଜର ଆଧୁନିକୀକରଣ ଏବଂ ସାମରିକ ଶକ୍ତି ବୃଦ୍ଧି ପାଇଁ ଦେଶର ଇତିହାସରେ ସବୁଠାରୁ ବଡ଼ ଡ୍ରୋନ୍ କ୍ରୟ ପ୍ରକ୍ରିୟା ଆରମ୍ଭ କରିବାକୁ ଯାଉଛି। ପ୍ରତିରକ୍ଷା ବିଭାଗର ସୂଚନା ଅନୁଯାୟୀ, ସେନା ପକ୍ଷରୁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ପ୍ରାୟ ୨୦, ୦୦୦ କୋଟିରୁ ଅଧିକ ଟଙ୍କାର ସାମରିକ ଡ୍ରୋନ୍ କିଣାଯିବ। ଏହି ସମସ୍ତ ଡ୍ରୋନ୍ ଭାରତୀୟ ନିର୍ମାତାମାନଙ୍କଠାରୁ ହିଁ କ୍ରୟ କରାଯିବ ଏବଂ ଆଗାମୀ ୧୮ ରୁ ୨୪ ମାସ ମଧ୍ୟରେ ଏଗୁଡ଼ିକର ଯୋଗାଣ ଆରମ୍ଭ ହେବ। ବର୍ତ୍ତମାନର ବିଶ୍ୱ ପରିସ୍ଥିତି, ବିଶେଷ କରି ରୁଷିଆ-ୟୁକ୍ରେନ ଯୁଦ୍ଧ ଏବଂ ଗତ ମେ ମାସରେ ସ୍ୱଦେଶୀ ସୀମାନ୍ତରେ ହୋଇଥିବା ସାମରିକ ଅପରେସନରୁ ଏହା ସ୍ପଷ୍ଟ ହୋଇଛି ଯେ ଆଧୁନିକ ଯୁଦ୍ଧ କ୍ଷେତ୍ରରେ କମ୍ ଖର୍ଚ୍ଚରେ ନିର୍ମିତ ଡ୍ରୋନଗୁଡ଼ିକ ଶତ୍ରୁପକ୍ଷ ଉପରେ ବଡ଼ ପ୍ରଭାବ ପକାଇପାରୁଛନ୍ତି। ଏହି ଡ୍ରୋନ୍ ଗୁଡ଼ିକ ସେନା ପାଇଁ ସୂଚନା ସଂଗ୍ରହ, ଶତ୍ରୁର ସ୍ଥିତି ଚିହ୍ନଟ, ସଠିକ୍ ଲକ୍ଷ୍ୟଭେଦୀ ଆକ୍ରମଣ ଏବଂ ଦୁର୍ଗମ ଅଞ୍ଚଳକୁ ସାମଗ୍ରୀ ଯୋଗାଣ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବେ। ବର୍ତ୍ତମାନ ଭାରତରେ ପ୍ରାୟ ୬୦୦ରୁ ଅଧିକ କମ୍ପାନୀ ଡ୍ରୋନ୍ ଓ ଏହାର ଯନ୍ତ୍ରାଂଶ ନିର୍ମାଣ କରୁଥିବା ବେଳେ ସେଥିମଧ୍ୟରୁ ୧୦୦ରୁ ଅଧିକ କମ୍ପାନୀ କେବଳ ପ୍ରତିରକ୍ଷା କ୍ଷେତ୍ର ପାଇଁ କାର୍ଯ୍ୟ କରୁଛନ୍ତି। ସରକାରଙ୍କ 'ଆତ୍ମନିର୍ଭର ଭାରତ' ଅଭିଯାନ ଅଧୀନରେ ଏହି ପଦକ୍ଷେପ ଦେଶର ପ୍ରତିରକ୍ଷା ଶିଳ୍ପକୁ ଆହୁରି ମଜବୁତ କରିବ। ସେନା ପକ୍ଷରୁ ଏବେ ସୈନିକମାନଙ୍କୁ ବିଭିନ୍ନ ପ୍ରକାରର ଅତ୍ୟାଧୁନିକ ଡ୍ରୋନ୍ ପରିଚାଳନା ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଉଛି ଏବଂ ଆଗାମୀ ଦିନରେ ପ୍ରତ୍ୟେକ ସୈନିକଙ୍କ ପାଖରେ ଡ୍ରୋନ୍ ସୁବିଧା ଉପଲବ୍ଧ କରାଇବା ସେନାର ମୁଖ୍ୟ ଲକ୍ଷ୍ୟ ରହିଛି।

## ବର୍ଷେ ପରେ ମିଳିଲା ନିଖୋଜ ପରମାଣୁ ବୈଜ୍ଞାନିକଙ୍କ କଙ୍କାଳ

ନ୍ୟୁ ମେକ୍ସିକୋ, ୪।୬(ଏଜେନ୍ସି): ଆମେରିକାର ପ୍ରସିଦ୍ଧ 'ଲସ୍ ଆଲାମୋସ୍ ନ୍ୟାସନାଲ୍ ଲାବୋରେଟୋରୀ'ର ପରମାଣୁ ବୈଜ୍ଞାନିକ ମେଲିସା କାସିଆସ୍ (୫୪)ଙ୍କର ବର୍ଷେ ପୂର୍ବେ ହୋଇଥିବା ରହସ୍ୟଜନକ ନିଖୋଜ ଘଟଣାର ଏକ ଦୁଃଖଦ ଅନ୍ତ ଘଟିଛି। ଗତ ଜୁନ୍ ୨୦୨୫ରୁ ନିଖୋଜ ଥିବା ମେଲିସାଙ୍କ କଙ୍କାଳ ଆମେରିକାର ନ୍ୟୁ ମେକ୍ସିକୋ ସ୍ଥିତ କାର୍ସନ ଜାତୀୟ ଜଙ୍ଗଲରୁ ଜଣେ ପଦଯାତ୍ରୀ ଠାବ କରିଛନ୍ତି। ପରିବାର ପକ୍ଷରୁ ନିୟୋଜିତ ଜଣେ ବ୍ୟକ୍ତିଗତ ଗୋଇନ୍ଦାଙ୍କ ସୂଚନା ଅନୁଯାୟୀ, ମେଲିସାଙ୍କ ଖପୁରୀରେ ଗୁଳି ବାଜିଥିବାର ଚିହ୍ନ ରହିଛି ଏବଂ ଶବ ନିକଟରୁ ଏକ ପରିତ୍ୟକ୍ତ ବନ୍ଧୁକ ମଧ୍ୟ ଜବତ କରାଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ନିଖୋଜ ହେବା ଦିନ ସେ ନିଜର ମୋବାଇଲ୍ ଫୋନ୍ ଏବଂ ପରିଚୟ ପତ୍ର ଘରେ ଛାଡ଼ି ଯାଇଥିଲେ ଏବଂ ତାଙ୍କ ଫୋନ୍‌ର ସମସ୍ତ ତଥ୍ୟକୁ ସମ୍ପୂର୍ଣ୍ଣ ରୂପେ ଡିଲିଟ୍ କରିଦିଆଯାଇଥିଲା। ଗୁଇନ୍ଦା ଅଧିକାରୀ ଏହାକୁ ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ସନ୍ଦେହ କରୁଥିବା ବେଳେ ପୁଲିସ ଏପର୍ଯ୍ୟନ୍ତ ଏହାକୁ ସ୍ପଷ୍ଟ କରିନାହିଁ। ସୁରକ୍ଷା ଓ ପ୍ରତିରକ୍ଷା ଗବେଷଣା ସହ ଜଡ଼ିତ ଅନ୍ୟ କେତେକ ବୈଜ୍ଞାନିକଙ୍କ ମଧ୍ୟ ପୂର୍ବରୁ ଏଭଳି ରହସ୍ୟଜନକ ମୃତ୍ୟୁ ଘଟିଥିବାରୁ ଏହି ଘଟଣା ଏବେ ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି।

## ବିହାର ହସ୍ପିଟାଲ ଆଇସିୟୁରେ ଅଗ୍ନିକାଣ୍ଡ; ୪ ମୃତ

ମୁଜାଫରପୁର, ୪।୬(ଏଜେନ୍ସି): ବିହାରର ମୁଜାଫରପୁର ସ୍ଥିତ ପ୍ରସାଦ ହସ୍ପିଟାଲର ଜରୁରୀକାଳୀନ ଚିକିତ୍ସା କକ୍ଷ (ଆଇସିୟୁ)ରେ ଗୁରୁବାର ଭୋର ପ୍ରାୟ ୩ଟା ସମୟରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏହି ଦୁର୍ଘଟଣାରେ ଅତିକମରେ ୪ ଜଣ ରୋଗୀଙ୍କର ମୃତ୍ୟୁ ଘଟିଥିବା ବେଳେ ୨୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏବଂ ଜିଲ୍ଲାପାଳ ସୁବ୍ରତ କୁମାର ସେନ୍ ଏହି ମୃତ୍ୟୁ ସଂଖ୍ୟାକୁ ନିଶ୍ଚିତ କରିଛନ୍ତି। ସୂଚନାନୁସାରେ, ହସ୍ପିଟାଲର ପଞ୍ଚମ ମହଲାରେ ଥିବା ଆଇସିୟୁରେ ହଠାତ୍ ନିଆଁ ଲାଗିଯିବା ଫଳରେ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଭୟ ଓ ଆତଙ୍କର ପରିବେଶ ସୃଷ୍ଟି ହୋଇଥିଲା। ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଝରକା ଏବଂ କବାଟ ଭାଙ୍ଗି ଆଇସିୟୁ ଭିତରେ ଫସି ରହିଥିବା ରୋଗୀମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଦୁର୍ଘଟଣା ସମୟରେ ଆଇସିୟୁରେ ୧୩ ଜଣ ଗୁରୁତର ରୋଗୀ ଚିକିତ୍ସିତ ହେଉଥିଲେ, ଯେଉଁମାନଙ୍କୁ ତୁରନ୍ତ ନିକଟସ୍ଥ ଅନ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ଅନ୍ୟ ସମସ୍ତ ରୋଗୀ ସ୍ଥିର ଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ପ୍ରାଥମିକ ଯାଞ୍ଚରୁ ଜଣାପଡ଼ିଛି ଯେ, ଆଇସିୟୁ ମଧ୍ୟରେ ଥିବା ଅକ୍ସିଜେନ ଯୋଗାଣ ଏବଂ ସ୍ୱାସ୍ଥ୍ୟ ନିରୀକ୍ଷଣ ଯନ୍ତ୍ରରେ ସର୍ଟ ସର୍କିଟ୍ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥାଇପାରେ। ଘଟଣାର ସଠିକ୍ କାରଣ ଖୋଜିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଗ୍ନିଶମ, ପୁଲିସ ଏବଂ ସ୍ଥାନୀୟ ଅଧିକାରୀଙ୍କୁ ନେଇ ଏକ ମିଳିତ ତଦନ୍ତ ସମିତି ଗଠନ କରାଯାଇଛି ଏବଂ ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି।



# ଉଦ୍ଧାର ଅପେକ୍ଷାରେ ଜଳିଗଲେ ବିଦେଶୀ ଦଂପତି

ନୂଆଦିଲ୍ଲୀ, ୪।୬(ଏଜେନ୍ସି): ଦିଲ୍ଲୀର ମାଲଭିୟ ନଗର ସ୍ଥିତ ଏକ ହୋଟେଲରେ ବୁଧବାର ସକାଳେ ଘଟିଥିବା ଭୟାବହ ଅଗ୍ନିକାଣ୍ଡ ସର୍ଟ ସର୍କିଟ୍ ଯୋଗୁଁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏହି ଅଗ୍ନିକାଣ୍ଡ ଏକ ଦୁଃଖଦ ପ୍ରେମ କାହାଣୀ ସାମ୍ନାକୁ ଆଣିଛି। ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ୨୧ ଜଣଙ୍କ ମଧ୍ୟରେ ଏକ ଆଫ୍ରିକୀୟ ଦମ୍ପତି ମଧ୍ୟ ସାମିଲ ଅଛନ୍ତି, ଯେଉଁମାନଙ୍କର ମୃତଦେହ ପରସ୍ପରକୁ ଆଲିଙ୍ଗନ କରିଥିବା ଅବସ୍ଥାରେ ହିଁ ଉଦ୍ଧାର କରାଯାଇଛି। ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା ନେଇ ଚର୍ଚ୍ଚା ହେଉଥିବା ବେଳେ ବିଶେଷ ସୂତ୍ରରୁ ଏହି ନୂତନ ତଥ୍ୟ ସାମ୍ନାକୁ ଆସିଛି। ଏହି ଦୁର୍ଘଟଣାରେ ୧୨ ଜଣ ବିଦେଶୀ ନାଗରିକ ଏବଂ ୯ ଜଣ ଭାରତୀୟଙ୍କ ସମେତ ମୋଟ ୨୧ ଜଣଙ୍କର ମୃତ୍ୟୁ ହୋଇଛି ଓ ଅନେକ ଆହତ ହୋଇଛନ୍ତି। ସୂଚନାନୁସାରେ, ପାଞ୍ଚ ମହଲା ବିଶିଷ୍ଟ ଏହି ସଂକୀର୍ଣ୍ଣ ବିଲ୍ଡିଂରେ ମାତ୍ର ଗୋଟିଏ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର ଥିଲା ଏବଂ ଜରୁରୀକାଳୀନ ପରିସ୍ଥିତି ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା ନଥିଲା। ଏହି ହୋଟେଲରେ ରହୁଥିବା ଅଧିକାଂଶ ବିଦେଶୀ ନାଗରିକ ଆଫ୍ରିକା ଏବଂ ମଧ୍ୟ ଏସିଆର ଥିଲେ, ଯେଉଁମାନେ ନିକଟସ୍ଥ ଚିକିତ୍ସାଳୟରେ ନିଜ ସମ୍ପର୍କୀୟଙ୍କ ଚିକିତ୍ସା ପାଇଁ ଏଠାକୁ ଆସିଥିଲେ। ଦିଲ୍ଲୀ ପୁଲିସ ଏବଂ ଅଗ୍ନିଶମ ବାହିନୀର ଯାଞ୍ଚ ବେଳେ ହୋଟେଲ ପରିସରରୁ ଅନେକ ବେଆଇନ ଗ୍ୟାସ୍ ସିଲିଣ୍ଡର ଏବଂ ବୈଦ୍ୟୁତିକ ଚୁଲା ଜବତ କରାଯାଇଛି, ଯାହାକୁ ଯାତ୍ରୀମାନେ ରୋଷେଇ ପାଇଁ ବ୍ୟବହାର କରୁଥିଲେ। ତଦନ୍ତରୁ ଏହା ମଧ୍ୟ ଜଣାପଡ଼ିଛି ଯେ, ହୋଟେଲଟି ସମ୍ପୂର୍ଣ୍ଣ ବେଆଇନ ଭାବେ ଚାଲିଥିଲା ଏବଂ ଏହା ପାଖରେ କୌଣସି ଅଗ୍ନିଶମ ସୁରକ୍ଷା ପ୍ରମାଣପତ୍ର ନଥିଲା। ସରକାରୀ ନିୟମ ଅନୁଯାୟୀ ମାତ୍ର ୬ଟି ରୁମ୍ ପାଇଁ ଅନୁମତି ଥିବା ବେଳେ ଏଠାରେ ବେଆଇନ ଭାବେ ୨୦ରୁ ଅଧିକ ରୁମ୍ ନିର୍ମାଣ କରାଯାଇଥିଲା। ଏହି ଦୁର୍ଘଟଣା ପରେ ସରକାର ସମଗ୍ର ସହରରେ ଥିବା ହୋଟେଲ, ମେଡିକାଲ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାର କଡ଼ା ଯାଞ୍ଚ କରିବା ସହ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।



ରଥଖଳାରୁ... ରଥ ଉପରକୁ ଉଠିଲା ଗୟଳ ଓ ଚାରି ନାହାକା

### ୨୪ ମାସର ସରକାରଙ୍କ ୨୪ ବିଫଳତା ବଖାଣିଲା ବିଜେଡି

# ହିଂସ୍ରକ ଅପରାଧରେ ଓଡ଼ିଶା ୧ନମ୍ବର, ମହିଳା ହିଂସାରେ ୨ ନମ୍ବର

ଭୁବନେଶ୍ୱର,୪।୬(ସମିସ): ରାଜ୍ୟରେ ବିଜେପି ସରକାରକୁ ୨ ବର୍ଷ ପୂରଣ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ ସରକାରଙ୍କ ସଫଳତାକୁ ନେଇ କରିଥିବା ଏକ ପୋଷ୍ଟକୁ କଟାକ୍ଷ କରିଛି ବିଜେଡି। ୨୪ ମାସର ସରକାରରେ ଓଡ଼ିଶା ହିଂସ୍ରକ ଅପରାଧରେ ଏକନମ୍ବର ସ୍ଥାନରେ ଓ ମହିଳା ହିଂସାରେ ୨ ନମ୍ବର ସ୍ଥାନରେ ରହିଛି । ସ୍ୱାସ୍ଥ୍ୟ, ଶିକ୍ଷା, ଶିଳ୍ପ, କୃଷି, ଆର୍ଥିକ ପରିଚାଳନା, ଆଇନ ଶୃଙ୍ଖଳା ଆଦି ସମସ୍ତ କ୍ଷେତ୍ରରେ ଓଡ଼ିଶା ତଳକୁ ତଳକୁ ଖସିଛି। ରାଜ୍ୟର ଅଭିବୃଦ୍ଧି କମିଛି, ଋଣ ନିର୍ଭରଶୀଳତା ବଢ଼ିଛି; ସର୍ବୋପରି ୨୪ ମାସ ମଧ୍ୟରେ ସରକାର ୨୩ଟି ପରିଚାଳନାରେ ବିଫଳତା ଅର୍ଜନ କରିଛନ୍ତି ବୋଲି ବିଜେଡି କହିଛି।


ଦଳ ପକ୍ଷରୁ କୁହାଯାଇଛି ଯେ ବିଜେପି ସରକାରକୁ ଆସିବା ପରେ ଯୌନ ନିର୍ଯାତନାରେ ୧୮ ସାଧାରଣ ସ୍ଥାନରେ ଥିବା ଓଡ଼ିଶା ଦେଶରେ ଏକନମ୍ବର ରାଜ୍ୟରେ ପହଞ୍ଚିଛି। ମହିଳା ହିଂସାରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି। ୨୦୨୪ ତୁଳନାରେ ୨୦୨୫ରେ ଅପରାଧ ୭.୩ ପ୍ରତିଶତବୃଦ୍ଧି ଘଟିଛି। କେବଳ ଆଇନ ଶୃଙ୍ଖଳା ନୁହେଁ, ଶିଳ୍ପାୟନ ମଧ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଛି । ବିଜେଡି ସରକାର ଗଠନ ପରେ ଜେଏସଡବ୍ଲ୍ୟୁ ଇଭି, ଆର୍ସେଲର ମିତ୍ତଲ୍ ଷ୍ଟିଲ୍, ଏସ୍. ରାମ୍ ଏନ୍. ରାମ୍ ସେମିକଣ୍ଡକ୍ଟର, ୱାରି ସୋଲାର, ୱେଲସ୍ପନ ପ୍ରକଳ୍ପ ସମେତ ଅନେକ ବଡ଼ ପ୍ରକଳ୍ପ ଓଡ଼ିଶାରୁ ପ୍ରସ୍ଥାନ କରିଛନ୍ତି। ରପ୍ତାନୀ ସୂଚକାଙ୍କରେ ଓଡ଼ିଶାର ସ୍ଥାନ ୨୦୨୨ରେ ୧୧ତମ ସ୍ଥାନରୁ ୨୦୨୪ରେ ୧୫ ତମକୁ ଖସିଛି। ଜାତୀୟ ଷ୍ଟାର୍ଟଅପ୍ ସୂଚକାଙ୍କରେ ଓଡ଼ିଶାର ସ୍ଥାନ ୨୦୨୨ରେ ୬ଷ୍ଠ ସ୍ଥାନରୁ ୨୦୨୫ରେ ୨୦ ସ୍ଥାନକୁ ଖସିଛି। ରାଜ୍ୟରେ ୨୩ଟି ପରୀକ୍ଷା ବିଫଳତା ଓ କେଲେଙ୍କାରୀ ସାମ୍ନାକୁ ଆସିଛି, ୧୮ ମାସରେ ୧୮୫ଟି ହାତୀଙ୍କ ମୃତ୍ୟୁ ଘଟିଛି। କୃଷି ଅଭିବୃଦ୍ଧି ଅଧା ହ୍ରାସ ପାଇ ୭.୬ ପ୍ରତିଶତରୁ ୩.୮ ପ୍ରତିଶତକୁ ଓ ଶିଳ୍ପ ଅଭିବୃଦ୍ଧି ୮.୭ ପ୍ରତିଶତରୁ ୬.୧ ପ୍ରତିଶତକୁ କମିଛି। ୨୦୨୩-୨୪ରେ ଅଭିବୃଦ୍ଧି ହାର ୯.୬ ପ୍ରତିଶତ ଥିବାବେଳେ ୨୦୨୪-୨୫ରେ ଏହା ୭.୨ ପ୍ରତିଶତ ଏବଂ ୨୦୨୫-୨୬ରେ ଏହା ୭.୯ ପ୍ରତିଶତ ରହିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଓଡ଼ିଶାକୁ ମାତ୍ର ୩୯ କୋଟି ଟଙ୍କା ଏଫଡିଆଇ ଆସିଛି, ଯାହା ଦେଶର ମୋଟର ମାତ୍ର ୦.୦୦୯ ପ୍ରତିଶତ । ରାଜ୍ୟ ବଜେଟ୍ ମୁଖ୍ୟତଃ ଋଣ ଉପରେ ନିର୍ଭରଶୀଳ ଥିବାବେଳେ ମୋଟ ପବ୍ଲିକ୍ ଋଣ ୧.୩୮ ଲକ୍ଷ କୋଟି ଟଙ୍କା, ଯାହାର ୪୦ ପ୍ରତିଶତ ଉଚ୍ଚ ସୁଧର ଖୋଲା ବଜାର ଋଣ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଅପରପକ୍ଷେ୨୦୨୫-୨୬ ବଜେଟର ମାତ୍ର ୫୭ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଥିବା ବେଳେ ସ୍ୱାସ୍ଥ୍ୟ ବଜେଟରୁ ସରକାର ୪୫୩ କୋଟି ଟଙ୍କା କାଟି ଦେଇଛନ୍ତି। ଭାରତରେ ସର୍ବାଧିକ ମୁଦ୍ରାସ୍ଫୀତି ହାର ଓଡ଼ିଶାରେ ୭.୨୨ ପ୍ରତିଶତ, ଯାହା ରାଜ୍ୟର ଦୁର୍ବଳ ପ୍ରଶାସନିକ ପରିଚାଳନାକୁ ରେଖାଙ୍କିତ କରୁଛି ଏବଂ ଏହି ଅବଧି ମଧ୍ୟରେ ସରକାର କେବଳ ୨୮ଟି ଯୋଜନାର ନାମ ବଦଳ କରିଛନ୍ତି ବୋଲି ବିଜେଡି କହିଛି ।

■ କମିଛି ରାଜ୍ୟର ଅଭିବୃଦ୍ଧି ହାର, ଋଣ ଉପରେ ସରକାର ନିର୍ଭରଶୀଳ
■ ୨୩ ପରୀକ୍ଷା ପରିଚାଳନାରେ ବିଫଳତା ସରକାରଙ୍କ ଏକମାତ୍ର ସଫଳତା

# ପରଲୋକରେ ଜଗନ୍ନାଥ ପ୍ରସାଦ

### ଶୋକବ୍ୟକ୍ତ କଲେ ମୋହନ, ନବୀନ

ଭୁବନେଶ୍ୱର, ୪।୬(ସମିସ): ବିଶିଷ୍ଟ କବି, ଔପନ୍ୟାସିକ, ନାଟ୍ୟକାର, ସମାଲୋଚକ, ଅନୁବାଦକ ତଥା କଳା-ସଂସ୍କୃତି ଗବେଷକ ଜଗନ୍ନାଥ ପ୍ରସାଦ ଦାସଙ୍କ ବୁଧବାର ବିଳମ୍ବିତ ରାତିରେ ଭୁବନେଶ୍ୱରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୯୦ ବର୍ଷ ବୟସ ହୋଇଥିଲା। ଶ୍ରୀ ଦାସଙ୍କ ବିୟୋଗରେ ଓଡ଼ିଆ ସାହିତ୍ୟ, ନାଟ୍ୟ ଓ ସାଂସ୍କୃତିକ ଜଗତରେ ଶୋକର ଛାୟା ଖେଳିଯାଇଛି। ବହୁ ସାହିତ୍ୟିକ, କଳାକାର, ବୁଦ୍ଧିଜୀବୀ ଓ ରାଜନେତା ତାଙ୍କ ପରଲୋକ ଖବର ଶୁଣି ଗଭୀର ଶୋକବ୍ୟକ୍ତ କରିଛନ୍ତି। ଶ୍ରୀ ଦାସଙ୍କ ପୂର୍ବ ଇଚ୍ଛା ଅନୁଯାୟୀ, ଡାକ୍ତରୀ ପିଲାଙ୍କ ଅନୁଧ୍ୟାନ ଓ ଗବେଷଣା ନିମନ୍ତେ ତାଙ୍କ ପାର୍ଥିବଶରୀରକୁ ପରିବାରଲୋକ ଭୁବନେଶ୍ୱର ଏମ୍ସକୁ ଦାନ କରିଛନ୍ତି।



ଶ୍ରୀ ଦାସଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକବ୍ୟକ୍ତ କରି କହିଛନ୍ତି, ଶ୍ରୀ ଦାସ କେବଳ ଜଣେ ଉଚ୍ଚକୋଟୀର ସାହିତ୍ୟିକ ନ ଥିଲେ; ବରଂ ଭାରତୀୟ ପ୍ରଶାସନିକ ସେବାର ଜଣେ ଦକ୍ଷ ଅଧିକାରୀ ଭାବେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦରେ ରହି ରାଜ୍ୟ ଓ ଦେଶ ସେବାରେ ନିଜକୁ ନିୟୋଜିତ କରିଥିଲେ। ସାହିତ୍ୟର ପ୍ରତ୍ୟେକ ବିଭାଗରେ ନିଜର ସୃଜନଶୀଳତାର ସ୍ୱତନ୍ତ୍ର ଛାପ ଛାଡ଼ି ଯାଇଥିବା ଜେ.ପି. ଦାସଙ୍କ ବିୟୋଗ ଆମ ସାରସ୍ୱତ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ସେ କହିଛନ୍ତି।

ସେହିପରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ମଧ୍ୟ 'ଏକ୍ସ'ରେ ସ୍ୱର୍ଗତ ଦାସଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ନବୀନ ଉଲ୍ଲେଖ କରିଛନ୍ତି, ଓଡ଼ିଆ ସାହିତ୍ୟ ଓ କଳା ଜଗତକୁ ସମୃଦ୍ଧ କରିବାରେ ଜେ.ପି ଦାସଙ୍କ ଅତୁଳନୀୟ ଅବଦାନ ଚିରସ୍ମରଣୀୟ। ତାଙ୍କର ଅନେକ କାଳଜୟୀ ସୃଷ୍ଟି ଓ ଅନେକ ଅମୂଲ୍ୟ କୃତି ଓଡ଼ିଆ ସାହିତ୍ୟ ଜଗତରେ ସର୍ବଦା ସ୍ମରଣୀୟ ହୋଇ ରହିବ। ତାଙ୍କ ସାହିତ୍ୟ ସାଧନା ଓ ସୃଜନଶୀଳତା ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି କହିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ନବୀନ ସମବେଦନା ଜଣାଇଛନ୍ତି।

୧୯୩୬ ମସିହା ଏପ୍ରିଲ ୨୬ରେ ପୁରୀ ଜିଲ୍ଲାରେ ଜନ୍ମିତ ଜଗନ୍ନାଥ ପ୍ରସାଦ ପିଲାଦିନୁ ଜଣେ ମେଧାବୀ ଛାତ୍ର ଥିଲେ ଓ ସାହିତ୍ୟ ପ୍ରତି ଗଭୀର ରୁଚି ରଖିଥିଲେ। ରେଭେନ୍ସା କଲେଜରେ ପାଠପଢ଼ା ପରେ ସେ ଆହ୍ଲାବାଦ ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ଲାଭ କରିଥିଲେ। ୧୯୫୮ ମସିହାରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେଇ ସେ ଦୀର୍ଘ ସମୟ ଧରି ପ୍ରଶାସନିକ କ୍ଷେତ୍ରରେ ଦକ୍ଷତାର ସହ କାର୍ଯ୍ୟ କରିଥିଲେ। ସରକାରୀ ଚାକିରିର ବ୍ୟସ୍ତତା ମଧ୍ୟରେ ମଧ୍ୟ ସାହିତ୍ୟ ସାଧନାରୁ ସେ କେବେ ବିମୁଖ ହୋଇନଥିଲେ। ୧୯୬୫-୧୯୬୬ ମସିହାରେ କଳାହାଣ୍ଡି ଜିଲ୍ଲାପାଳ ଥିବା ସମୟରେ ଦୁର୍ଭିକ୍ଷ ପରିସ୍ଥିତି ମୁକାବିଲାରେ ତାଙ୍କ କାର୍ଯ୍ୟ ଚିରସ୍ମରଣୀୟ। ୧୯୮୪ ମସିହାରେ ସ୍ୱେଚ୍ଛାକୃତ ଅବସର ନେବା ପରେ ସେ ସମ୍ପୂର୍ଣ୍ଣ ଭାବେ ସାହିତ୍ୟ, କଳା ଓ ସଂସ୍କୃତି ଚର୍ଚ୍ଚାରେ ନିଜକୁ ନିୟୋଜିତ କରିଥିଲେ। ତାଙ୍କ ରଚିତ 'ପ୍ରଥମ ପୁରୁଷ', 'ଆହ୍ନିକ', 'ପରିକ୍ରମା', 'ଦେଶ କାଳ ପାତ୍ର' ଭଳି ସାହିତ୍ୟିକ କୃତି ତାଙ୍କୁ ସାହିତ୍ୟ ଜଗତରେ ସ୍ୱତନ୍ତ୍ର ପରିଚୟ ଦେଇଥିଲା। 'ସୂର୍ଯ୍ୟାସ୍ତ ପୂର୍ବରୁ' ଓ 'ସୁନ୍ଦର ଦାସ' ପରି ନୂତନ ଧାରାର ନାଟକ ମାଧ୍ୟମରେ ଜଗନ୍ନାଥ ପ୍ରସାଦ ଦାସ ଓଡ଼ିଆ ରଙ୍ଗମଞ୍ଚକୁ ଏକ ନୂଆ ଦିଗ ପ୍ରଦାନ କରିଥିଲେ। ତାଙ୍କ ନାଟ୍ୟ ସୃଷ୍ଟିରେ ପାରମ୍ପରିକ ଧାରାଠାରୁ ଭିନ୍ନ ଚିନ୍ତା ଓ ଅଭିବ୍ୟକ୍ତିର ଝଲକ ଦେଖିବାକୁ ମିଳୁଥିଲା। ତାଙ୍କ ସାହିତ୍ୟ ସୃଷ୍ଟି କେବଳ ଓଡ଼ିଆ ଭାଷାରେ ସୀମିତ ରହିନଥିଲା, ବିଭିନ୍ନ ଭାଷାରେ ଅନୁବାଦ ହୋଇ ଦେଶ-ବିଦେଶର ପାଠକଙ୍କ ପାଖରେ ପହଞ୍ଚିଥିଲା। ତାଙ୍କ ପ୍ରୟାସରେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ବହୁ ମୂଲ୍ୟବାନ ସୃଷ୍ଟି ସ୍ୱିଡିସ୍, ଉର୍ଦ୍ଦୁ, ଫରାସୀ ଓ ଇଂରାଜୀ ଭଳି ବିଭିନ୍ନ ଭାଷାର ପାଠକଙ୍କ ନିକଟରେ ପହଞ୍ଚି ପାରିଥିଲା। 'ପରିକ୍ରମା' ପାଇଁ ସେ ଦେଶର ଅନ୍ୟତମ ସମ୍ମାନଜନକ 'ସରସ୍ୱତୀ ସମ୍ମାନ' ଅର୍ଜନ କରିଥିଲେ।

## ଶଗଡ଼କୁ ଧକ୍କା ଦେଲା ହାଇୱା; ଦୁଇ ମୃତ

ସାନଖେମୁଣ୍ଡି,୪।୬(ସମିସ): ବୁଧବାର ବିଳମ୍ବିତ ରାତ୍ର ଜଗନ୍ନାଥପୁର - ପ୍ରତାପଗିରି ରାସ୍ତାରେ ବାଲି ବୋଝେଇ ହାଇୱା ସହ ଶଗଡ଼ ଧକ୍କା ହୋଇଛି। ଏଥିରେ ଶଗଡ଼ ଚାଳକଙ୍କ ସହ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଗୋଟାଏ ମଇଁଷିର ମୃତ ଘଟିଛି। ମୃତକ ଦ୍ୱୟ ହେଲେ ପ୍ରତାପଗିରି ଗ୍ରାମର ନାଥ ଜେନା ଓ ବିଜୟ ଗୌଡ। ବୁଧବାର ବିଳମ୍ବିତ ରାତ୍ର ଶଗଡ଼ରେ ବାଉଁଶ ଲୋଡ୍ କରି ପ୍ରତାପଗିରିରୁ ଜଗନ୍ନାଥପୁର ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ବା ଜଗନ୍ନାଥପୁରରୁ ପ୍ରତାପଗିରି ଅଭିମୁଖେ ଆସୁଥିବା ଗୋଟାଏ ବାଲି ବୋଝେଇ ଟ୍ରକ୍ ଶଗଡକୁ ଧକ୍କା ଦେଲା ଫଳରେ ଶଗଡ଼ରେ ବସିଥିବା ନାଥ ଜେନାଙ୍କ ମୃତ ହୋଇଥିବା ବେଳେ ବିଜୟ ଗୌଡ ଆହତ ହୋଇଥିଲେ। ପୁଲିସ ମୃତକ ଓ ଆହତକୁ ଉଦ୍ଧାର କରି ଆଡ଼ପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ସେଠାକର ଡାକ୍ତର ନାଥ ଜେନାକୁ ମୃତ ଘୋଷଣା କରିଥିଲେ ଏବଂ ଆହତ ବିଜୟ ଗୌଡ଼ଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିଜୟଙ୍କ ମୃତ୍ୟୁ ଘଟିଥିଲା।

## ସଂଶୋଧନ ହେବ ୨୬ ଜିଲ୍ଲାର ୬୪ ସ୍ଥାନର ଇଂରାଜୀ ବନାନ

ଭୁବନେଶ୍ୱର,୪।୬(ସମିସ): ରାଜ୍ୟର ବିଭିନ୍ନ ଜିଲ୍ଲା, ବ୍ଲକ୍, ତହସିଲ ଓ ପୌରାଞ୍ଚଳର ତ୍ରୁଟିପୂର୍ଣ୍ଣ ଇଂରାଜୀ ବନାନ ସଂଶୋଧନ ପାଇଁ ଜାରି ରହିଥିବା ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ପ୍ରକ୍ରିୟା ପାଇଁ ପଦ୍ମଭୂଷଣ ଡଃ ପ୍ରତିଭା ରାୟଙ୍କ ଅଧକ୍ଷତାରେ ରାଜ୍ୟ ସରକାର ଗଢ଼ିଥିବା ବିଶେଷଜ୍ଞ କମିଟି ଏକାଧିକ ବୈଠକ କରିବା ପରେ ରାଜ୍ୟର ୨୬ ଟି ଜିଲ୍ଲାର ୬୪ ଟି ସ୍ଥାନର ବନାନ ସଂଶୋଧନ ପାଇଁ ସୁପାରିସ କରିଛନ୍ତି। ବିଶେଷଜ୍ଞ କମିଟିର ସୁପାରିସ୍ ସମ୍ପର୍କରେ ଓଡ଼ିଆ ଭାଷା ପ୍ରତିଷ୍ଠାନକୁ ରାଜସ୍ୱ ବିଭାଗ ଚିଠି ଲେଖି ଅବଗତ କରିଛି। ରାଜ୍ୟର ବିଭିନ୍ନ ସହର ଓ ସ୍ଥାନର ନାମର ଇଂରାଜୀ ବନାନକୁ ସଂଶୋଧନ କରି ମୂଳ ଓଡ଼ିଆ ନାମର ପୁନଃସ୍ଥାପନ ନିମନ୍ତେ ରାଜ୍ୟ ସରକାର ଏହି ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ଗଠନ କରିଥିଲେ। ଏହି ବିଶେଷଜ୍ଞ କମିଟିର ସୁପାରିସ୍ ଅନୁସାରେ, ପୂର୍ବରୁ ମିଳିଥିବା ୩ଟି ପ୍ରସ୍ତାବ ମଧ୍ୟରୁ କଳାହାଣ୍ଡି ଜିଲ୍ଲାର ଜୁନାଗଡ଼, ସୁନ୍ଦରଗଡ଼ ଜିଲ୍ଲାର ବଣାଇଗଡ଼ ଓ କନ୍ଧମାଳର ବନାନ ସଂଶୋଧନ ପାଇଁ ସର୍ବସମ୍ମତି ମତ ପ୍ରକାଶ ପାଇଛି।

**ପ୍ରତିଭା ରାୟଙ୍କ ଅଧ୍ୟକ୍ଷତା କମିଟିର ସୁପାରିସ ପରେ ବିଭାଗର ଚିଠି**

ସେହିପରି ନୂଆ ପ୍ରସ୍ତାବଗୁଡ଼ିକ ମଧ୍ୟରୁ ପୁରୀର ନିମାପଡ଼ା, ନବରଙ୍ଗପୁରର ଉମରକୋଟ, ବୌଦ୍ଧର ବୌଦ୍ଧଗଡ଼, ସୁନ୍ଦରଗଡ଼ର ରାଉରକେଲା, ଅନୁଗୋଳର ତାଳଚେର ଓ ବାଲେଶ୍ୱରର ସୋର ଇଂରାଜୀ ବନାନ ସଂଶୋଧନ ପାଇଁ ସୁପାରିସ କରାଯାଇଛି। ଏହାସହିତ କଟକ , ସାଲେପୁର, ବଡ଼ମ୍ବା, ଆଠଗଡ, ଆଦିର ବନାନ ସଂଶୋଧନ କରିବାକୁ କମିଟି ମତ ଦେଇଛି। ଖୋର୍ଦ୍ଧା ଜିଲ୍ଲାର ନାମ ଖୋରଧା, ବୋଲଗଡ଼, ବାଣପୁର ଓ ଜଟଣୀର ବନାନ ସଂଶୋଧନ ପାଇଁ ସୁପାରିସ କରାଯାଇଛି। ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁରର ଇଂରାଜୀ ବନାନ ସଂଶୋଧନ ସହ ହିଞ୍ଜିଳିକାଟୁ, ଆସିକା ଏବଂ ସୋରଡାର ବନାନ ସଂଶୋଧନ ହୋଇଛି। ଯାଜପୁର ଜିଲ୍ଲାର ଦଶରଥପୁର ଓ ଧର୍ମଶାଳା ଏବଂ କେନ୍ଦ୍ରାପଡ଼ା ଜିଲ୍ଲାର କେନ୍ଦ୍ରାପଡା, ଆଳି ଓ ମହାକାଳପଡ଼ାର ବନାନ ସଂଶୋଧନ କରିବାକୁ ନିଷ୍ପତ୍ତି ହୋଇଛି। ଅନୁଗୋଳ ଜିଲ୍ଲାର ଅନୁଗୋଳ ଓ ପାଲଲହଡା ବନାନ ସଂଶୋଧନ ସହ ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା, ବାଲେଶ୍ୱର ଓ ନୀଳଗିରିର ବନାନ ସଂଶୋଧନ ହେବ। ଦେବଗଡ଼ ଓ ରିଆମାଳ ବନାନ ପରିବର୍ତ୍ତନ ସହ କଳାହାଣ୍ଡି ଜିଲ୍ଲାର ଧରମଗଡ଼, ଜୟପାଟଣା, ଲାଞ୍ଜିଗଡ ଏବଂ ଭବାନୀପାଟଣାର ନାମ ସଂଶୋଧନ ହେବ। କେନ୍ଦୁଝର ଜିଲ୍ଲାର କେନ୍ଦୁଝର, ବଡ଼ବିଲ ଏବଂ କେନ୍ଦୁଝରଗଡ଼ ଆଦିର ମଧ୍ୟ ବନାନ ସଂଶୋଧନ ହେବ।

■ ରାଜ୍ୟସଭା ଉପନିର୍ବାଚନ

## ଦେବାଶିଷ ବିଜେପି ପ୍ରାର୍ଥୀ

ଭୁବନେଶ୍ୱର,୪।୬(ସମିସ): ରାଜ୍ୟ ଉପନିର୍ବାଚନ ପାଇଁ ବିଜେପି ପକ୍ଷରୁ ଦେବାଶିଷ ସାମନ୍ତରାୟଙ୍କୁ ପ୍ରାର୍ଥୀ ଘୋଷଣା କରାଯାଇଛି। ଓଡ଼ିଶାର ଏକମାତ୍ର ଆସନ ପାଇଁ ବିଜେପି କେନ୍ଦ୍ରୀୟ ନିର୍ବାଚନ କମିଟି ପକ୍ଷରୁ ବିଧିବଦ୍ଧ ଭାବେ ତାଙ୍କୁ ପ୍ରାର୍ଥୀ ଘୋଷଣା କରାଯାଇଛି। ଉପ ନିର୍ବାଚନ ପାଇଁ ଭାରତୀୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଗତ ସୋମବାର ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇସାରିଛି। ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ ପାଇଁ ତାରିଖ ଧାର୍ଯ୍ୟ ହୋଇଥିବା ବେଳେ ୯ ତାରିଖରେ ଓଡ଼ିଶା ବିଧାନସଭାର କେନ୍ଦ୍ରୀୟ ସମ୍ମିଳନୀ କକ୍ଷ ନାମାଙ୍କନ ପତ୍ର ଯାଞ୍ଚ ହେବ। ସେହିପରି ଆସନ୍ତା ୧୧ ତାରିଖ ଅପରାହ୍ନ ୩ଟା ପୂର୍ବରୁ ପ୍ରାର୍ଥୀମାନେ ନିଜର ନାମ ପ୍ରତ୍ୟାହାର କରିପାରିବେ। ଯଦି ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୁଏ ତେବେ ଆସନ୍ତା ୧୮ ତାରିଖ ଦିନ ମତଦାନ ସାଙ୍ଗକୁ ଫଳାଫଳ ପ୍ରକାଶ ପାଇବ। ସୂଚନାଯୋଗ୍ୟ ଯେ ବିଜେଡି ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ନିଜ ପଦରୁ ଇସ୍ତଫା ଦେବା ପରେ ଏହି ଆସନ ଖାଲି ପଡ଼ିଥିଲା

**୪ର୍ଥ ଦିନରେ ଏନ୍‌ଏଚ୍‌ଆର୍‌ସି ତଦନ୍ତ**

# ସୌମ୍ୟଙ୍କ ବାନ୍ଧବୀଙ୍କ ସମେତ ୫ ପୁଲିସ ଅଧିକାରୀଙ୍କୁ ଜେରା

ଭୁବନେଶ୍ୱର, ୪।୬(ସମିସ): ବାଲିଅନ୍ତାରେ ଜିଆର୍‌ପି କନଷ୍ଟେବଲ ସୌମ୍ୟରଞ୍ଜନ ସ୍ୱାଇଁ ହତ୍ୟା ମାମଲାରେ ଜାତୀୟ ମାନବାଧିକାର କମିସନ (ଏନ୍‌ଏଚ୍‌ଆରସି)ଙ୍କ ଟିମ୍ ଖିଅ ଖୋଜୁଛି। ସୌମ୍ୟ ହତ୍ୟା ପାଇଁ କିଏ ଦାୟୀ କିଏ? ପୁଲିସ କିଭଳି ଭାବେ ଅବହେଳା ରହିଥିଲା? କେଉଁ ପରିସ୍ଥିତିରେ ତାଙ୍କ ମାନବାଧିକାରକୁ ଉଲଂଘନ କରାଯାଇଛି? ହତ୍ୟା ମାମଲାରେ କିଛି ଷଡ଼ଯନ୍ତ୍ର ଥିଲା କି? କେଉଁ ପରିସ୍ଥିତିରେ ଲୋକମାନେ ଏଭଳି ବର୍ବର କାଣ୍ଡ ଘଟାଇଥିଲେ, ଏସବୁ ଦିଗକୁ ନେଇ ଏନ୍‌ଏଚ୍‌ଆର୍‌ସିଙ୍କ ଟିମ୍ ତଥ୍ୟ ହାସଲ କରୁଛି। ଚତୁର୍ଥ ଦିନରେ କମିସନଙ୍କ ଦୁଇ ଜଣିଆ ଟିମ୍ ସବୁ ଦିଗକୁ ନେଇ ଛାନ୍‌ଭିନ୍ ଚଳାଇଛି। ରାଜ୍ୟ ଅତିଥି ଭବନରେ ସୌମ୍ୟ ହତ୍ୟାକାଣ୍ଡର ଗୁମର ଖୋଲୁଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି।

ଗୁରୁବାର ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ସୌମ୍ୟଙ୍କ ବାନ୍ଧବୀ ହାଜର ହୋଇଥିଲେ। ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଏନ୍‌ଏଚ୍‌ଆରସିଙ୍କ ଟିମ୍ ତାଙ୍କୁ ସୌମ୍ୟଙ୍କ ବାବଦରେ ପଚରାଉଚରା କରିଥିଲେ। ସେ ଫେରିବା ବେଳେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନରେ କହିଥିଲେ, ଯାହା କହିବା କଥା ମୁଁ ଏନ୍‌ଏଚ୍‌ଆରସିଙ୍କୁ କହିଦେଇଛି। ସୌମ୍ୟ ମୋ ବନ୍ଧୁ ଥିଲେ। ଇନକ୍ୱାରୀ ପାଇଁ ଆସିଥିଲି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ସୌମ୍ୟଙ୍କ ମୃତଦେହର ପଞ୍ଚନାମା ବେଳେ ଉପସ୍ଥିତ ଥିବା ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଆଜି ଏନ୍‌ଏଚ୍‌ଆରସିଙ୍କ ନିକଟରେ ମଧ୍ୟ ହାଜର ହୋଇଥିଲେ। ତେଣୁ ସୌମ୍ୟଙ୍କ କିଭଳି ପଞ୍ଚନାମା ହୋଇଥିଲା। ସେ ସମୟରେ ମୃତଦେହର କେଉଁ ସ୍ଥାନରେ ସବୁ ଆଘାତ ଥିଲା ଆଦି ବିଷୟରେ ସେ ତଥ୍ୟ ଦେଇଛନ୍ତି। ସେହିପରି କଟକ ଜିଆର୍‌ପି ଏସ୍‌ପିଙ୍କ ଅଫିସରେ ବି ତନାଘନା ହୋଇଛି। ଜିଆର୍‌ପିର ଜଣେ ବରିଷ୍ଠ ଅଧିକାରୀ ଏନ୍‌ଏଚ୍‌ଆରସିଙ୍କ ଜେରାର ସମ୍ମୁଖୀନ ହେଉଛନ୍ତି। ମାମଲାର ତଦନ୍ତ ଅଧିକାରୀ ଥିବା କ୍ରାଇମବ୍ରାଞ୍ଚ ଡିଏସପି ରତ୍ନପ୍ରଭା ଶତପଥି, ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲା ଜୋନ-୪ ଏସିପି ଅଭିମନ୍ୟୁ ନାୟକ ହାଜର ହୋଇ ନିଜର ପକ୍ଷ ରଖିଥିଲେ। ଅପରାହ୍ନରେ କଟକ ଜିଆରପି ଏସ୍‌ପିଙ୍କ କାର୍ଯ୍ୟାଳୟରେ ଏନ୍‌ଏଚ୍‌ଆରସିଙ୍କ ଟିମ୍ ପହଞ୍ଚିଥିଲା। ମୃତ ସୌମ୍ୟଙ୍କ ବାବଦରେ ଅନ୍ୟ ବରିଷ୍ଠ ଅଧିକାରୀଙ୍କୁ ମଧ୍ୟ ପଚରାଉଚରା କରାଯାଇଥିଲା।

### ଉପକୂଳ ରାଜପଥକୁ ନେଇ ତେଜିଲା ରାଜନୀତି

## ୧୧ ବର୍ଷ ପରେ ବି ସ୍ୱପ୍ନ ଅଧୁରା: ବିଜେଡି

ଭୁବନେଶ୍ୱର,୪।୬(ସମିସ): ଦୀର୍ଘ ୧୧ ବର୍ଷ ପରେ ଓଡ଼ିଶାର କୋଷ୍ଟାଲ ହାଇୱେ ପ୍ରକଳ୍ପ କେନ୍ଦ୍ର କ୍ୟାବିନେଟରେ ଅନୁମୋଦନ ମିଳିଥିବା ନେଇ କେନ୍ଦ୍ର ସରକାର ଘୋଷଣା କରିଛନ୍ତି । ମାତ୍ର ଏହି ଘୋଷଣା ଓଡ଼ିଶାବାସୀଙ୍କ ଆଶା ଓ ଆକାଂକ୍ଷାକୁ ସମ୍ପୂର୍ଣ୍ଣ ଜଳାଞ୍ଜଳି ଦେଇଛି ବୋଲି ସମାଲୋଚନା କରିଛି ବିଜେଡି ।

ଗୁରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମା



କହିଛନ୍ତି ଯେ କୋଷ୍ଟାଲ ହାଇୱେ କେବଳ ଏକ ସଡ଼କ ପ୍ରକଳ୍ପ ନୁହେଁ; ଏହା ଓଡ଼ିଶାର ଭାଗ୍ୟ, ଭବିଷ୍ୟତ, ପର୍ଯ୍ୟଟନ, ଅର୍ଥନୀତି ଓ ଉପକୂଳ ଅଞ୍ଚଳର ସାମଗ୍ରିକ ବିକାଶ ସହ ଜଡିତ ଏକ ଐତିହାସିକ ପ୍ରକଳ୍ପ। ୨୦୧୫ ମସିହାରେ ମହାପ୍ରଭୁ ଜଗନ୍ନାଥଙ୍କ ନବକଳେବର ସମୟରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ଗୋପାଳପୁରରୁ ଦୀଘା ପର୍ଯ୍ୟନ୍ତ ପ୍ରାୟ ୪୫୦ କିଲୋମିଟର ଦୀର୍ଘ କୋଷ୍ଟାଲ ହାଇୱେ ନିର୍ମାଣ ପୁରୀ ଜିଲ୍ଲାର ପିପିଲି ଠାରେ ଘୋଷଣା କରିଥିଲେ। କ୍ୟାପିଟାଲ ରିଜିଅନ ରିଙ୍ଗ ରୋଡ୍ ଏବଂ ରାମେଶ୍ୱର-ଚନ୍ଦନପୁର ସଡ଼କକୁ ଜାତୀୟ ରାଜପଥର ମାନ୍ୟତା ଦେଇ ବିକଶିତ କରିବାର ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ । ୧୧ ବର୍ଷ ପରେ ଏହି ପ୍ରକଳ୍ପ କେବଳ ରାମେଶ୍ୱରରୁ କୋଣାର୍କ ଏବଂ କୋଣାର୍କରୁ ପାରାଦୀପ ଦୁଇଟି ଅଂଶ ପାଇଁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ଦେଇଛି । ଏଥିରେ ପାରାଦୀପରୁ ଦୀଘା ପର୍ଯ୍ୟନ୍ତ ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ବିଶାଳ ଉପକୂଳ ଅଞ୍ଚଳକୁ ଯୋଜନାରୁ ବାଦ୍ ଦିଆଯାଇଛି । ପ୍ରକଳ୍ପ ଘୋଷଣା ହେବା ପରଠାରୁ ବାରମ୍ବାର ଆଲାଇନମେଣ୍ଟ ପରିବର୍ତ୍ତନ, ତିନି ତିନି ଟେଣ୍ଡର ବାତିଲ୍ ଏବଂ ପ୍ରଶାସନିକ ଅବହେଳା ଯୋଗୁଁ ଏହି ପ୍ରକଳ୍ପରେ ବାଧା ସୃଷ୍ଟି ହୋଇଛି । ପୂର୍ବରୁ ଯେଉଁ ଟେଣ୍ଡର ସରକାର ଡାକିଥିଲେ ତାହା ବିନା ଅର୍ଥନୈତିକ ମଞ୍ଜୁରୀରେ ଓଡ଼ିଶା ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଚେଷ୍ଟା କରିଥିଲେ । ଚିଲିକା ଓ ଭିତରକନିକା ଅଞ୍ଚଳର ପରିବେଶଗତ ଆପତ୍ତି ଯୋଗୁଁ ଏହି ପ୍ରକଳ୍ପ ବାରମ୍ବାର ସମସ୍ୟାର ସମ୍ମୁଖୀନ ହୋଇଛି । ତଥାପି ଓଡ଼ିଶାବାସୀ ଆଶା କରୁଥିଲେ ଯେ ମୂଳ ପରିକଳ୍ପନା ଅନୁଯାୟୀ ସମଗ୍ର ଉପକୂଳ ଅଞ୍ଚଳକୁ ସଂଯୋଗ କରୁଥିବା କୋଷ୍ଟାଲ ହାଇୱେ ନିର୍ମାଣ ହେବ। କିନ୍ତୁ ଓଡ଼ିଶା ପ୍ରତି ଥିବା କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବ ଯୋଗୁଁ ଏହି ପ୍ରକଳ୍ପର ଢାଞ୍ଚା ପରିବର୍ତ୍ତନ ହୋଇଛି। ୨୦୧୫ ମସିହାରେ ଘୋଷଣା କରାଯାଇଥିବା କ୍ୟାପିଟାଲ ରିଜିଅନ ରିଙ୍ଗ ରୋଡ୍ ଏବଂ ରାମେଶ୍ୱର-ଚନ୍ଦନପୁର ଜାତୀୟ ରାଜପଥ ପ୍ରକଳ୍ପର ବର୍ତ୍ତମାନ ସ୍ଥିତି କ'ଣ? ଏହି ପ୍ରକଳ୍ପଗୁଡ଼ିକ ସମ୍ପର୍କରେ କେନ୍ଦ୍ର ସରକାର ଓ ଏନଏଚଏଆଇ କାହିଁକି ନୀରବ ରହିଛନ୍ତି? ସେହିପରି ପାରାଦୀପରୁ ଦୀଘା ପର୍ଯ୍ୟନ୍ତ ଅବଶିଷ୍ଟ କୋଷ୍ଟାଲ ହାଇୱେ ଅଞ୍ଚଳର ଭବିଷ୍ୟତ ସମ୍ପର୍କରେ କେନ୍ଦ୍ର ସରକାର ସ୍ପଷ୍ଟ ମତ ରଖନ୍ତୁ ବୋଲି ଶ୍ରୀ ଦାସବର୍ମା କହିଛନ୍ତି। ବିଜେଡିର ଏହି ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ଉପସ୍ଥିତ ଥିଲେ।

## କେନ୍ଦ୍ରର ନୂଆ ଭେଲିକି: କଂଗ୍ରେସ

ଭୁବନେଶ୍ୱର,୪।୬(ସମିସ): ବଡପୋଖରିଆଠାରୁ ଉପକୂଳ ରାଜପଥ ଆରମ୍ଭ ହୋଇ ପାରାଦ୍ୱୀପ ପର୍ଯ୍ୟନ୍ତ ବିସ୍ତାରିତ ହେବ। କେନ୍ଦ୍ରମନ୍ତ୍ରୀ ନିତିନ ଗଡ଼କରୀ ୨୦୧୫ ମସିହାରେ ଗୋପାଳପୁରରୁ ଦୀଘା ପର୍ଯ୍ୟନ୍ତ ଉପକୂଳ ରାଜପଥ ରାସ୍ତା ନିର୍ମାଣ ନେଇ ଘୋଷଣା କରିଥିଲେ। ମାତ୍ର ଏବେ ଦୀଘା-ପାରାଦୀପକୁ କାହିଁକି ବାଦ ଦିଆଗଲା ବୋଲି ପ୍ରଶ୍ନ ଉଠାଇ ଉପକୂଳ ରାଜପଥ କେବଳ ଏକ ଭେଲିକି ବୋଲି କହିଛନ୍ତି ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ।




ଉପକୂଳ ରାଜପଥ ଓ ଚିଲିକା ମୁହାଣ ଉନ୍ନୟନ ବିଷୟକୁ ନେଇ କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରବାହିତ ହେଲେ ଏହି ଉପକୂଳ ଅଞ୍ଚଳରେ ଏକ ଭୂତାତ୍ୱିତ ଭୂଚଳନ ସୃଷ୍ଟି ହୁଏ। ଏହାଦ୍ୱାରା ଚିଲିକା ଋଷିକୁଲ୍ୟା ଆଦି ହ୍ରଦ ଓ ନଦନଦୀ ମାନଙ୍କର ମୁହାଣମାନଙ୍କରେ ଛୋଟ ଛୋଟ ବାଲି ପାହାଡ ସୃଷ୍ଟି ହେଇ ପାଣି ନିଷ୍କାସନକୁ ରୋକେ। ଏ ସବୁର ବିକାଶ ପାଇଁ ବିଶ୍ୱବ୍ୟାଙ୍କ ତରଫରୁ ଏକ ପାଇଲଟ ପ୍ରୋଜେକ୍ଟ ତିଆରି ହୋଇଥିଲା, ଯାହା ଇଣ୍ଟେଗ୍ରେଟେଡ଼ କୋଷ୍ଟାଲ ମ୍ୟାନେଜମାଣ୍ଟ ଜୋନାଲ ପ୍ରୋଜେକ୍ଟ ତରଫରୁ ଚିଲିକା ଋଷିକୂଲ୍ୟା ମୁହାଣର ବିକାଶ ପାଇଁ ଚିଲିକା ଉନ୍ନୟନ କର୍ତୃପକ୍ଷଙ୍କୁ ଦାଇତ୍ୱ ଦିଆଯାଇଥିଲା। ମାତ୍ର ଚିଲିକା ଉନ୍ନୟନ ସଂସ୍ଥା ଓଡିଶା ରାଜ୍ୟ ବଜେଟରେ ଅନ୍ତର୍ଭୁକ୍ତ ନୁହେଁ। ତାର ଅନୁଦାନ ଏବଂ ଆକଳନ ଭିନ୍ନ। ତେବେ ବିଶ୍ୱ ବ୍ୟାଙ୍କ ତରଫରୁ ଉକ୍ତ ପ୍ରକଳ୍ପ ପାଇଁ ୧୨୫ କୋଟି ଟଙ୍କା ଅନୁଦାନ ଦିଆଯାଇଥିବା ବେଳେ ଏହି ୧୨୫ କୋଟି ଟଙ୍କା କଣ ଖର୍ଚ୍ଚ କରାଗଲା ନା ହରିଲୁଟ କରାଗଲା ତାକୁ ନେଇ ଶ୍ରୀ ହରିଚନ୍ଦନ ପ୍ରଶ୍ନ ଉଠାଇଛନ୍ତି। ସରକାର ଏହାର ଜବାବ ଦେବେ କି ବୋଲି ଶ୍ରୀ ହରିଚନ୍ଦନ ପ୍ରଶ୍ନ ପଚାରିବା ସହ ସବିଶେଷ ତଥ୍ୟ ଏବଂ ବିବରଣୀ ଆଗକୁ ପ୍ରକାଶ କରାଯିବ ବୋଲି ପ୍ରକାଶ କରିଛନ୍ତି।

### ସାତକୋଶିଆରେ ଅନୁଗୋଳର ନରହନ୍ତା ହାତୀକୁ ତୀବ୍ର ବିରୋଧ

## ଟ୍ରକ୍‌ରେ ବନ୍ଧା ପଡ଼ିଛି ଦନ୍ତା

ମହୁଲଡିହା/ଠାକୁରମୁଣ୍ଡା,୪।୬(ସମିସ): ଅନୁଗୋଳ ଜିଲ୍ଲାରେ ଆତଙ୍କ ଖେଳାଇଥିବା ଏକ ନରହନ୍ତା ଦନ୍ତା ହାତୀକୁ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ସାତକୋଶିଆ ବନ୍ୟପ୍ରାଣୀ ରେଞ୍ଜର ଦୁଆରସୁଣୀ ଅଞ୍ଚଳରେ ଛଡ଼ାଯିବାକୁ କେନ୍ଦ୍ର କରି ତୀବ୍ର ଉତ୍ତେଜନା ଦେଖାଦେଇଛି। ଗତକାଲି ରାତିଠାରୁ ଏହାକୁ ନେଇ ଉତ୍ତେଜନା ଜାରି ରହିଥିବା ବେଳେ ସ୍ଥାନୀୟ ଅଞ୍ଚଳବାସୀ ରେଞ୍ଜ ଅଫିସ୍ ଘେରାଉ କରିଛନ୍ତି। ଏହି ଦନ୍ତା ପାଇଁ ଜଙ୍ଗଲ ଉପରେ ନିର୍ଭର କରୁଥିବା ଏଠାକାର ବହୁ ଆଦିବାସୀ ପରିବାରଙ୍କ ଜୀବନ-ଜୀବିକା ଗୁରୁତର ପ୍ରଭାବିତ ହେବାର ଆଶଙ୍କା ରହିଛି ବୋଲି ସେମାନେ ଯୁକ୍ତି ବାଢ଼ିଛନ୍ତି। ବିରୋଧ ଯୋଗୁଁ ଦନ୍ତା ସ୍ଥାନାନ୍ତର ପ୍ରକ୍ରିୟା ଅଧାରେ ଅଟକିଛି। ଶେଷ ଖବର ଲେଖା ହେବା ସୁଦ୍ଧା ଦନ୍ତାଟି ସେମିତି ଟ୍ରକ୍‌ରେ ଲଦା ହୋଇ ରହିଥିଲା।

ସୂଚନାନୁଯାୟୀ, ଅନୁଗୋଳ ବନଖଣ୍ଡ ଅନ୍ତର୍ଗତ ଅନୁଗୋଳ ରେଞ୍ଜର କୁସୁମଘାଟି ଅଞ୍ଚଳରେ ଗତ କିଛି ଦିନ ଧରି ଉକ୍ତ ଦନ୍ତା ହାତୀଟି ଆତଙ୍କ ଖେଳାଇ ଆସୁଥିଲା। ହାତୀ ଆକ୍ରମଣରେ କିଛି ଲୋକଙ୍କ ମୃତ୍ୟୁ ଘଟିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇଥିଲା। ଏହାକୁ ନେଇ ଜନଆନ୍ଦୋଳନ ଦେଖାଦେଇଥିଲା। ପରିସ୍ଥିତିକୁ ନଜରରେ ରଖି ବନ ବିଭାଗ ହାତୀକୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ନେଇଥିଲା। ତଦନୁଯାୟୀ, ହାତୀକୁ ଟ୍ରାଙ୍କୁଲାଇଜ୍ କରି 'ଐରାବତ ସ୍ୱତନ୍ତ୍ର ପରିବହନ ଟ୍ରକ୍' ଯୋଗେ ଗତରାତିରେ ଦୁଆରସୁଣୀ ଅଞ୍ଚଳକୁ ଅଣାଯାଇଥିଲା। ଗତ ରାତି ପ୍ରାୟ ୧୦ଟାରେ ହାତୀ ପହଞ୍ଚିବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା



ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକ ଏହି ହାତୀ ସ୍ଥାନାନ୍ତରକୁ ବିରୋଧ କରିଥିଲେ।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ସାତକୋଶିଆ ବନ୍ୟପ୍ରାଣୀ ଅଞ୍ଚଳ ଓ ଆଖପାଖରେ ବହୁ ସଂଖ୍ୟକ ଆଦିବାସୀ ପରିବାର ବସବାସ କରୁଛନ୍ତି। ସେମାନେ ଜୀବନଜୀବିକା ପାଇଁ ଜଙ୍ଗଲ ଉପରେ ନିର୍ଭରଶୀଳ। ଏଭଳି ସ୍ଥିତିରେ ଏକ ନରହନ୍ତା ହାତୀକୁ ଏହି ଅଞ୍ଚଳରେ ଛାଡ଼ି ଦିଆଗଲେ ଲୋକଙ୍କ ଜୀବନ ଓ ଜୀବିକା ଉପରେ ତାହାର ଗୁରୁତର ପ୍ରଭାବ ପଡ଼ିବ।





## କଟକ ଡିଇଓ ଅଫିସରେ ସରକାରୀ ଅର୍ଥ ତୋଷାରପାତ ଘଟଣାରେ ଭିଜିଲାନ୍ସର ତନାଘନା

# ସ୍କାନର୍‌ରେ ବହୁ ପଦାଧିକାରୀ; ୧୦ ଜଣଙ୍କୁ ନୋଟିସ

କଟକ,୪।୬(ସମିସ):




କଟକ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ)ଙ୍କ କାର୍ଯ୍ୟାଳୟରେ ଦୀର୍ଘ ବର୍ଷ ଧରି ଚାଲିଥିବା ଦୁର୍ନୀତିର ପର୍ଦ୍ଦାଫାସ୍ ହେବା ପରେ ଏବେ ଭିଜିଲାନ୍ସ ବିଭାଗ ଅଧିକ ସକ୍ରିୟ ହୋଇଉଠିଛି। ସରକାରୀ ଅର୍ଥ ଆତ୍ମସାତ ଘଟଣାରେ ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟାନୁଷ୍ଠାନ ପରେ, ବର୍ତ୍ତମାନ ଦ୍ୱିତୀୟ ପର୍ଯ୍ୟାୟରେ ଏହି ଦୁର୍ନୀତି ଘଟଣାର ଖୋଲତାଡ କରୁଛି ଭିଜିଲାନ୍ସ। ଏପରିକି ଆଉ କେତେଜଣଙ୍କ ନାମରେ ଏତଲା ରୁଜୁ କରିବା ପାଇଁ ଭିଜିଲାନ୍ସ ପ୍ରସ୍ତୁତି ଚଳାଇଛି। ଭିଜିଲାନ୍ସର ସ୍କାନରରେ ଡିଇଓ ଅଫିସର ବହୁ ପଦାଧିକାରୀ ଓ କର୍ମଚାରୀ ରହିଥିବା ବେଳେ ଏହି ଘଟଣାରେ ୧୦ ଜଣଙ୍କୁ ଇତିମଧ୍ୟରେ ନୋଟିସ ବି ଜାରି କରାଯାଇଥିବା ଜଣାପଡିଛି। ପ୍ରାୟ ୫୧.୫୩ ଲକ୍ଷ ଟଙ୍କା ସରକାରୀ ପାଣ୍ଠି ଆତ୍ମସାତ କରିଥିବା ଅଭିଯୋଗରେ ଭିଜିଲାନ୍ସ ଏହି କାର୍ଯ୍ୟାଳୟର କର୍ମଚାରୀ ସୁଭାଷଚନ୍ଦ୍ର ସାହୁଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ କଟକ ଡିଇଓ କାର୍ଯ୍ୟାଳୟର ଆକାଉଣ୍ଟସ୍ ସେକ୍ସନରେ ଥିବା ବେଳେ ଏଚଆରଏମଏସ ଏବଂ ଆଇଏଫଏମଏସ ପୋର୍ଟାଲ୍ ପରିଚାଳନା ଦାୟିତ୍ୱରେ ଥିଲେ। ଏହି ସମୟରେ ସେ କାର୍ଯ୍ୟାଳୟର ଡିଡିଓ (ଡ୍ରଇଂ ଆଣ୍ଡ ଡିସବର୍ସିଂ ଅଫିସର)ଙ୍କ ଲଗଇନ୍ ଆଇଡି ପ୍ରବେଶ କରି ଏଚଆରଏମଏସ ପୋର୍ଟାଲ୍‌ରେ ସେ ୪ ଜଣ ବାହାର ବ୍ୟକ୍ତିଙ୍କ ନାମକୁ ସରକାରୀ କର୍ମଚାରୀ ଭାବେ ଦର୍ଶାଇ ଦରମା ପାଇବାକୁ ଯୋଗ୍ୟ କର୍ମଚାରୀ ଭାବେ ଅନ୍ତର୍ଭୁକ୍ତ କରିଥିଲେ। ସେହି ବ୍ୟକ୍ତିମାନଙ୍କ ନାମରେ ଦରମା ବାବଦକୁ ଟଙ୍କା ଆସିବା ପରେ, ସେହି ଦିନ ହିଁ ସମସ୍ତ ଅର୍ଥ ସୁଭାଷ ନିଜ ବ୍ୟକ୍ତିଗତ ବ୍ୟାଙ୍କ ଆକାଉଣ୍ଟକୁ ପଠାଇଥିଲେ। ଗତ ୨୦୧୮ ଡିସେମ୍ବର ୩୧ରୁ ୨୦୨୧ ଅକ୍ଟୋବର ୧୬ ମଧ୍ୟରେ ମୋଟ ୫୧ ଲକ୍ଷ ୫୩ ହଜାର ୬୪୦ ଟଙ୍କାର ବେଆଇନ କାରବାର ହୋଇଥିଲା। ଏହି କ୍ରମରେ କାର୍ଯ୍ୟାଳୟର ତତ୍କାଳୀନ ସେକ୍ସନ ଅଫିସର ଏବଂ ଦୀର୍ଘ ଦୁଇ ଦଶନ୍ଧି ଧରି ଗ୍ରାଣ୍ଟ-ଇନ୍-ଏଡ୍ ସେକ୍ସନର ମୁଖ୍ୟ ଥିବା ଅଧିକାରୀ ଭିଜିଲାନ୍ସର ସ୍କାନରକୁ ଆସିଛନ୍ତି। ଅପରପକ୍ଷରେ, ଗିରଫଦାରୀ ଏଡ଼ାଇବା ପାଇଁ ବରିଷ୍ଠ କିରାଣୀ ତପନ କୁମାର ମହାନ୍ତି ଆଗୁଆ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଭିଜିଲାନ୍ସ ବିଭାଗ ଅଧିକାରୀଙ୍କ କହିବାନୁସାରେ ଏହି ଦୁର୍ନୀତି ଏକ ଅତ୍ୟାଧୁନିକ ଡିଜିଟାଲ୍ ପଦ୍ଧତିରେ କରାଯାଇଥିଲା। ଏହି ସମୟରେ ଯେଉଁମାନେ ଆକାଉଣ୍ଟ୍ ସେକ୍ସନରେ କାର୍ଯ୍ୟ କରୁଥିଲେ ସମସ୍ତେ ଏବେ ଭିଜିଲାନ୍ସ ସ୍କାନରରେ ରହିଛନ୍ତି। ସରକାରୀ ଅର୍ଥ ଆତ୍ମସାତ ଘଟଣାରେ ରାଜ୍ୟ ଗଣଶିକ୍ଷା ବିଭାଗ ସଚିବ ଏନ୍. ଥିରୁମାଲା ନାୟକଙ୍କ ନିର୍ଦ୍ଦେଶରେ ଏକ ବିଭାଗୀୟ ଅଡିଟ୍ ଟିମ୍ ବି ଅଡିଟ କରି ସରକାରୀ ଅର୍ଥ ଆତ୍ମସାତ ହୋଇଥିବା ଜଣାପଡିଥିଲା। ୨୦୧୮ ଡିସେମ୍ବରରୁ ୨୦୨୧ ଅକ୍ଟୋବର ମଧ୍ୟରେ ଏହି ଘଟଣା ଘଟିଥିଲା। ଉପରୋକ୍ତ ଅବଧିରେ ଜିଲ୍ଲା ଶିକ୍ଷାଧିକାରୀ ଭାବେ ନିରଞ୍ଜନ ବେହେରା, ଏଡିଇଓ ସୁସ୍ମିତା ସାହୁ, ମୁଖ୍ୟ କିରାଣି ହୃଦୟବିହାରୀ ମହାପାତ୍ର ଏବଂ ଆକାଉଣ୍ଟ୍ ସେକ୍ସନ କିରାଣି ତପନ କୁମାର ମହାନ୍ତି ଥିଲେ। ପରେ କୃଷ୍ଣଚନ୍ଦ୍ର ନାୟକ ଡିଇଓ ଏବଂ ସନ୍ତୋଷ କୁମାର ରାଉତ ଏଡିଇଓ ଭାବେ ଦାୟିତ୍ୱ ନେଇଥିଲେ। ଯେଉଁ ଜାଲ୍ ଶିକ୍ଷକଙ୍କ ନାମରେ ଅର୍ଥ ଉଠାଯାଇଛି ପ୍ରକୃତରେ ସେମାନେ ସରକାରୀ କିମ୍ବା ହାଇସ୍କୁଲରେ କାର୍ଯ୍ୟ କରୁଥିଲେ କି ନାହିଁ, ସେନେଇ ଖୋଲତାଡ଼ କରୁଛି ଭିଜିଲାନ୍ସ। ଜିଲ୍ଲାରେ ୬୧୦ ସ୍କିମ୍ ବିଦ୍ୟାଳୟଗୁଡ଼ିକ ୧୯୯୪ରୁ ଦରମା ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ଏଭଳି ବେଆଇନ ଭାବେ ଦରମା ଉଠାଣ ଆଉ ହୋଇଛି କି ନାହିଁ ତାହାର ତଦନ୍ତ ଚାଲିଥିବା ଜଣାପଡ଼ିଛି। ଭିଜିଲାନ୍ସ ଏହି ସବୁ ରିପୋର୍ଟ ଆଧାରରେ ଖୋଲତାଡ଼ କରୁଥିବାରୁ ଜାଲ୍ ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ମଧ୍ୟରେ ଏବେ କୋକୁଆ ଭୟ ସୃଷ୍ଟି ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଭିଜିଲାନ୍ସ ପକ୍ଷରୁ ତତ୍କାଳୀନ ଡିଇଓ, ଅତିରିକ୍ତ ଡିଇଓଙ୍କ ସମେତ ୧୦ ଜଣଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଜରିଆରେ ନୋଟିସ୍ ଜାରି କରାଯାଇଛି। ଖୁବଶୀଘ୍ର ସେମାନଙ୍କ ବୟାନ ରେକର୍ଡ କରାଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଏହି ଦୁର୍ନୀତିର ଚେର କେତେ ଦୂର ଲମ୍ବିଛି ଏବଂ ଏଥିରେ ଆଉ କେଉଁ ବଡ଼ ମୁଣ୍ଡ ସାମିଲ ଅଛନ୍ତି, ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ।

## ରାସ୍ତାରୁ ଉଠୁନି ପଙ୍କ; ଉଭାନ୍ ହୋଇଗଲାଣି ତାର ଜାଲି



କଟକ,୪।୬(ସମିସ): କଟକ ସହରର ଡ୍ରେନ ତଥା ନାଳନର୍ଦ୍ଦମାଗୁଡିକରୁ ପଙ୍କୋଦ୍ଧାର କାମ ଏବେ ବି ଶେଷ ହୋଇପାରିନି। ଯେଉଁ ପଙ୍କ ଉଦ୍ଧାର କରାଯାଇ ରାସ୍ତା ଉପରେ ପକାଯାଉଛି ତାହାକୁ ଦିନେ ଦୁଇ ଦିନ ଭିତରେ ଉଠାଯାଉନାହିଁ। ଫଳରେ ଅସରାଏ ବର୍ଷାରେ ଏହା ସମଗ୍ର ରାସ୍ତାକୁ ପଙ୍କମୟ କରିବା ସହ ପୁତିଗନ୍ଧଯୁକ୍ତ ପରିବେଶ ସୃଷ୍ଟି କରୁଛି। କଟକ ତାଳଦଣ୍ଡା କେନାଲ ପାଶ୍ୱର୍ ଏମଏସଡବ୍ଲୁସି ବା ମୁଖ୍ୟ ନର୍ଦ୍ଦମା ପଙ୍କୋଦ୍ଧାରରେ ଏଭଳି ଦେଖିବାକୁ ମିଳିଛି। ମାତୃଭବନ ନିକଟରୁ ନୂଆବଜାର ପର୍ଯ୍ୟନ୍ତ ନବନିର୍ମିତ କେନାଲ ରାସ୍ତା ଏବେ ପଙ୍କରେ ଭର୍ତ୍ତି ହୋଇଛି। ଏପରିକି ଏମଏସଡବ୍ଲୁସିରୁ ପଙ୍କୋଦ୍ଧାର ପାଇଁ ଏଥିରେ ଲଗାଯାଇଥିବା କେତେକ ୧୦ଫୁଟ ଉଚ୍ଚ ଓ ୧୦ଫୁଟ ଓସାର ବିଶିଷ୍ଟ ବଡ ବଡ ତାର ଜାଲିକୁ ଖୋଲି ବାହାର କରିଦିଆଯାଇଥିଲା। ଏଗୁଡିକୁ ରାସ୍ତା କଡରେ ପକାଇ ଦିଆଯାଇଥିବା ବେଳେ ଏଥିରୁ କେତେକ ଉଭାନ ହୋଇଥିବା ଅଭିଯୋଗ ହେଉଛି। ବିଶେଷକରି ନର୍ଦ୍ଦମାରେ ଲୋକେ ଆର୍ବଜନା ନ ଫିଙ୍ଗିବା ପାଇଁ ଏହି ତାର ଜାଲି ଗୁଡିକ ଲଗାଯାଇଥିଲା। ତେବେ ଏଥିପାଇଁ ମେସିନ ଦ୍ୱାରା ପଙ୍କୋଦ୍ଧାରରେ ସମସ୍ୟା ଉପୁଜିବାରୁ ଏଗୁଡିକୁ ଅଧିକାଂଶ ସ୍ଥାନ ଖୋଲି ବାହାର କରାଯାଇଥିଲା। ପଙ୍କୋଦ୍ଧାର ସରିଥିବା ସ୍ଥାନରେ ଏହାକୁ ପୁନର୍ବାର ଲଗାଯାଇପାରି ନ ଥିବା ବେଳେ ଏଗୁଡିକ ଚୋରି ହେବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ସାଧାରଣତଃ ମେ ମାସ ଶେଷ କିମ୍ବା ଜୁନ ୧୫ ସୁଦ୍ଧା ସବୁ ନାଳନର୍ଦ୍ଦମାରୁ ପଙ୍କୋଦ୍ଧାର ସରିବା କଥା ହେଲେ ଏଥର ଏହା ସରିପାରିବା ନେଇ ଅନିଶ୍ଚିତତା ଦେଖାଦେଇଛି।

## ଡ୍ରେନ୍ ସଫେଇ କାର୍ଯ୍ୟର ସମୀକ୍ଷା କଲେ ବିଧାୟିକା

କଟକ,୪।୬(ସମିସ): ଆଗାମୀ ମୌସୁମୀ ଋତୁକୁ ଦୃଷ୍ଟିରେ ରଖି କଟକ ସହରରେ ସିଏମସି ଦ୍ୱାରା ଚାଲୁଥିବା ପଙ୍କ ଉଦ୍ଧାର ଓ ଡ୍ରେନ ସଫେଇ କାର୍ଯ୍ୟକୁ ଆଜି କଟକ ବାରବାଟୀ ବିଧାୟିକା ସୋଫିଆ ଫିରଦୋସ ସହରର ବିଭିନ୍ନ ୱାର୍ଡ ପରିଦର୍ଶନ କରି କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ସ୍ଥିତି ଅନୁଧ୍ୟାନ କରିବା ସହ ଏହାର ଗୁଣାତ୍ମକ ମାନ ଏବଂ କାର୍ଯ୍ୟର ଗତି ସମ୍ପର୍କରେ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ମୌସୁମୀ ବର୍ଷା ପୂର୍ବରୁ ଯେପରି ସମସ୍ତ ପ୍ରସ୍ତୁତି ଶେଷ ହେବ, ସେନେଇ ସେ ଗୁରୁତ୍ୱାରୋପ କରିଛନ୍ତି। ଏହି ପରିଦର୍ଶନ ସମୟରେ ବିଧାୟିକାଙ୍କ ସହ ସିଏମସି କମିଶନର, ଡେପୁଟି କମିଶନର ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଗସ୍ତ ସମୟରେ ବିଧାୟିକା ସହରର ବକ୍ସ ଡ୍ରେନ ସଫା କରିବାରେ ବ୍ୟବହୃତ ହେଉଥିବା ସ୍ୱତନ୍ତ୍ର ମେସିନର କାର୍ଯ୍ୟକାରିତା ଅନୁଧ୍ୟାନ କରିଥିଲେ। ସହରବାସୀ ଯେପରି ଆଗାମୀ ଦିନରେ ଜଳବନ୍ଦୀ ସମସ୍ୟାର ସମ୍ମୁଖୀନ ନ ହେବେ, ସେଥିପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଶେଷ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।




## ସାହିତ୍ୟିକ ତଥା ପ୍ରଶାସକ ଜଗନ୍ନାଥ ପ୍ରସାଦ ଦାସଙ୍କ ବିୟୋଗରେ ଶୋକ

କଟକ,୪।୬(ସମିସ): ଓଡ଼ିଆ ସାହିତ୍ୟ ଜଗତର ଅନନ୍ୟ ସାରସ୍ୱତ ସାଧକ, କଥାଶିଳ୍ପୀ, ଗବେଷକ, ମନୋବିଜ୍ଞାନୀ, ପ୍ରଖ୍ୟାତ ନାଟ୍ୟକାର, ଅନୁବାଦକ ତଥା ପୂର୍ବତନ ପ୍ରଶାସକ ଜଗନ୍ନାଥ ପ୍ରସାଦ ଦାସଙ୍କ ଦୁଃଖଦ ବିୟୋଗରେ ସମଗ୍ର ରାଜ୍ୟରେ ଏବଂ ସାହିତ୍ୟ-ସଂସ୍କୃତି ମହଲରେ ଗଭୀର ଶୋକର ଛାୟା ଖେଳିଯାଇଛି। ତାଙ୍କର ପରଲୋକ ଯୋଗୁଁ ଓଡ଼ିଆ ସାରସ୍ୱତ ଆକାଶରେ ଏକ ଅପୂରଣୀୟ ଶୂନ୍ୟତା ସୃଷ୍ଟି ହୋଇଛି। ଏହି ଅବସରରେ ତାଙ୍କର ଅମ୍ଳାନ ସ୍ମୃତି ପ୍ରତି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇ ଉତ୍କଳ ସାହିତ୍ୟ କଳାପରିଷଦର ସାଧାରଣ ସମ୍ପାଦକ ତଥା ନାଟ୍ୟକାର ସଞ୍ଜିତ୍ କୁମାର ପଟ୍ଟନାୟକ, ସାରଳା ସାହିତ୍ୟ ସଂସଦର ସଭାପତି ଡକ୍ଟର (ଇଂ) ପ୍ରଭାକର ସ୍ୱାଇଁ, ବରିଷ୍ଠ ସାହିତ୍ୟିକ ପ୍ରଫେସର ଡଃ ବୈଷ୍ଣବ ଚରଣ ସାମଲ, ଡକ୍ଟର ନଟବର ଶତପଥୀ, ଡକ୍ଟର ବାବାଜୀ ଚରଣ ପଟ୍ଟନାୟକ, ଡକ୍ଟର ଭାଗବତ ଶୁକ୍ଳ ଏବଂ ଡକ୍ଟର ସତ୍ୟ ରାୟ ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ସେହିପରି ବିଶିଷ୍ଟ କଥାକାର ତରୁଣ କୁମାର ସାହୁ, ପ୍ରଫେସର ଉମାଶଙ୍କର ମିଶ୍ର, ସହଦେବ ସାହୁ, ମୃତକଙ୍କ କନିଷ୍ଠ ଭ୍ରାତା ରଘୁନାଥ ପ୍ରସାଦ ଦାସ, ଭାଇବୋହୂ ପ୍ରମୋଦା ଦାସ ଓ ଡକ୍ଟର ବୀଣାପାଣି ସିଂହଙ୍କ ସମେତ ରାଜ୍ୟର ବହୁ ପ୍ରତିଷ୍ଠିତ ସାହିତ୍ୟିକ, ଉଚ୍ଚପଦସ୍ଥ ପ୍ରଶାସକ, ଶିକ୍ଷାବିତ ଏବଂ ବୁଦ୍ଧିଜୀବୀମାନେ ଏହି ମହାନ ଆତ୍ମାର ଅମର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ଓଡ଼ିଆ ଭାଷା ଓ ସାହିତ୍ୟର ସମୃଦ୍ଧି ପାଇଁ ଶ୍ରୀ ଦାସଙ୍କ କାଳଜୟୀ ଅବଦାନ ରହିଛି।

## ନିର୍ମାଣ କାର୍ଯ୍ୟର ଅଚାନକ ଯାଞ୍ଚ କଲେ ମେୟର

କଟକ,୪।୬(ସମିସ): କଟକ ମହାନଗର ନିଗମ (ସିଏମସି) ଅଞ୍ଚଳରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ଗୁଣବତ୍ତାକୁ ନେଇ ଆସିଥିବା ଅଭିଯୋଗ ଉପରେ ମେୟର ସୁବାସ ସିଂହ ତତ୍ପରତା ପ୍ରକାଶ କରିଛନ୍ତି। ଆଜି ସକାଳ ୧୦ଟାରେ ସେ ସିଏମସିର ୨୨ ନମ୍ବର ୱାର୍ଡ ଅନ୍ତର୍ଗତ ଅନ୍ନପୂର୍ଣ୍ଣା ଥିଏଟର ସମ୍ମୁଖ ଗଳିରେ ଚାଲିଥିବା କଲଭର୍ଟ ଏବଂ ଡ୍ରେନ୍ ନିର୍ମାଣ କାର୍ଯ୍ୟର ଅଚାନକ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି। ସୂଚନାଯୋଗ୍ୟ ଯେ ସମ୍ପୃକ୍ତ ଅଞ୍ଚଳରେ ଚାଲିଥିବା ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ମାନଦଣ୍ଡ ଓ ଆବଶ୍ୟକତା ଅନୁଯାୟୀ କରାଯାଉ ନ ଥିବା ନେଇ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଗୁରୁତ୍ୱର ସହ ନେଇ ମେୟର ସ୍ୱୟଂ ଘଟଣାସ୍ଥଳକୁ ଯାଇ କାର୍ଯ୍ୟର ଅଗ୍ରଗତି, ଗୁଣବତ୍ତା ଏବଂ ବ୍ୟବହୃତ ସାମଗ୍ରୀର ମାନ ଯାଞ୍ଚ କରିଥିଲେ। ପରିଦର୍ଶନ ସମୟରେ ସେ ସମ୍ପୃକ୍ତ ଠିକା ସଂସ୍ଥା ଓ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।



### ନିର୍ଦ୍ଧାରିତ ମାନଦଣ୍ଡ ଅନୁସାରେ ଶୀଘ୍ର କାମ ସାରିବାକୁ ନିର୍ଦ୍ଦେଶ

ଆଗକୁ ବର୍ଷା ଋତୁ ଆସୁଥିବାରୁ ଜଳ ନିଷ୍କାସନ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଏହି ପ୍ରକଳ୍ପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିବା ସହ ଉଚ୍ଚମାନର ସାମଗ୍ରୀ ବ୍ୟବହାର କରି ନିର୍ଦ୍ଧାରିତ ମାନଦଣ୍ଡ ଅନୁସାରେ କାମ ଶୀଘ୍ର ଶେଷ କରିବାକୁ ମେୟର କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ପରିଦର୍ଶନ ସମୟରେ ସିଏମସିର ବରିଷ୍ଠ ଅଧିକାରୀଙ୍କ ସମେତ ଜୋନାଲ ସଦସ୍ୟ ଆଶିଷ ବରାଳ, ଶେଖ ରିଆଜୁଲ୍ଲା, ରାଜା ଏବଂ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ମେୟରଙ୍କ ଏଭଳି ତ୍ୱରିତ ପଦକ୍ଷେପକୁ ସ୍ଥାନୀୟ ବାସିନ୍ଦା ସ୍ୱାଗତ କରିବା ସହ ନିର୍ମାଣ କାର୍ଯ୍ୟର ଗୁଣବତ୍ତା ଉପରେ କଡ଼ା ନଜର ରଖିବାକୁ ଅନୁରୋଧ କରିଛନ୍ତି।

## କେମ୍ବ୍ରିଜ ସ୍କୁଲ ସ୍କାଉଟ୍ ଓ ଗାଇଡ୍ ଦ୍ୱାରା ଖାଦ୍ୟ ବଣ୍ଟନ



କଟକ,୪।୬(ସମିସ): କେମ୍ବ୍ରିଜ ସ୍କୁଲର ସ୍କାଉଟ ଓ ଗାଇଡ୍ ୟୁନିଟ୍ ପକ୍ଷରୁ ଡିଅର ପାର୍କ ବସ୍ତିରେ ଏକ ଖାଦ୍ୟ ବଣ୍ଟନ ଶିବିର ଆୟୋଜିତ ହୋଇଯାଇଛି। ଗରିବ ଓ ଅଭାବୀ ଲୋକଙ୍କୁ ସାହାଯ୍ୟ କରିବା ଏବଂ ପିଲାଙ୍କ ମନରେ ସେବାଭାବ ଜଗାଇବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ବ୍ରଦର ଥୋମାସ ଜନଙ୍କ ମାର୍ଗଦର୍ଶନରେ ଏହି ଶିବିର ସଫଳ ହୋଇଥିଲା। ସ୍କାଉଟ ମାଷ୍ଟର ଗୌତମ ଗଜପତି ଏବଂ ଗାଇଡ୍ କ୍ୟାପ୍ଟେନ ଅନିତା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ବହୁତ ଉତ୍ସାହର ସହ ବସ୍ତିବାସୀଙ୍କୁ ଖାଦ୍ୟ ପ୍ୟାକେଟ ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀମାନେ ସାମାଜିକ ଦାୟିତ୍ୱବୋଧ ଏବଂ ମାନବିକତାର ପାଠ ଶିଖିବାକୁ ପାଇଥିଲେ। ସ୍କାଉଟ ଓ ଗାଇଡ୍‌ର "ସେବା ହିଁ ଧର୍ମ" ଆଦର୍ଶକୁ ନେଇ ଆୟୋଜିତ ଏହି ଶିବିରଟି ସମସ୍ତଙ୍କ ପାଇଁ ବେଶ୍ ପ୍ରେରଣାଦାୟକ ଥିଲା।

## ଏସ୍‌ସିବିରେ ପୁଣି ଅଗ୍ନିକାଣ୍ଡ: ଜଳିଗଲା ଇଲେକ୍ଟ୍ରିକ୍ ବୋର୍ଡ

କଟକ,୪।୬(ସମିସ): ଏସ୍‌ସିବିରେ ପୁଣି ଏକ ଅଗ୍ନିକାଣ୍ଡ ଘଟିଛି। ସର୍ଜରି ବିଭାଗର ତଳ ମହଲାରେ ଆଜି ଇଲେକ୍ଟ୍ରି ବୋର୍ଡରେ ସ୍ପାର୍କିଂ ହୋଇଥିଲା। ଏ ସମ୍ପର୍କରେ ଖବର ପାଇ ଏସ୍‌ସିବି ଅଗ୍ନିଶମ ଟିମ୍ ସେଠାରେ ପହଞ୍ଚି ସ୍ପାର୍କିଂ ହେଇଥିବା ନିଆଁ ଲିଭାଇ ଦେଇଥିଲେ। ସୂଚନା ଅନୁଯାୟୀ, ଆଜି ଦିନ ପ୍ରାୟ ୧୨ଟା ୫୦ରେ ଏସସିବି ସର୍ଜରି ବିଭାଗର ତଳ ମହଲାରେ ଥିବା ବୋର୍ଡରୁ ସ୍ପାର୍କ ହୋଇଥିଲା। ନିଆଁ ବାହାରିବାରୁ ଏ ସମ୍ପର୍କରେ ଖବର ପାଇଁ ସେଠାରେ ଥିବା ସୁରକ୍ଷାକର୍ମୀମାନେ ପହଞ୍ଚି ଫାୟାର ଏକ୍ସଟିଙ୍ଗୱିଇସର ମାଧ୍ୟମରେ ନିଆଁକୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ କରିଥିଲେ। ପରେ ଏସସିବି ପରିସରରେ ଥିବା ଅଗ୍ନିଶମ କର୍ମଚାରୀ ସେଠାରେ ପହଞ୍ଚି ନିଆଁକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିଥିଲେ।

## ବେକରେ କଇଁଚି ଭୁସିଲା ନିଶାସକ୍ତ ଯୁବକ

କଟକ,୪।୬(ସମିସ): ମାଲଗୋଦାମ ଥାନା ଅନ୍ତର୍ଗତ ମାଛୁଆବଜାରରେ ଜଣେ ନିଶାସକ୍ତ ବ୍ୟକ୍ତି ଅନ୍ୟ ଜଣେ ବ୍ୟକ୍ତିଙ୍କ ବେକରେ ଧାରୁଆ କଇଁଚି ଭୁସି ଦେଇଛି। ଏହି ଘଟଣାରେ ସ୍ଥାନୀୟ ଲୋକେ ନିଶାସକ୍ତ ବ୍ୟକ୍ତିକୁ ମାଡ଼ି ବସି ପୁଲିସର ଜିମା ଦେଇଥିବା ବେଳେ ଆହତଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପଠାଇଛନ୍ତି। ପୁଲିସ ଅଭିଯୁକ୍ତ ପଶ୍ଚିମବଙ୍ଗର ଦେବାଶିଷ ନାୟକ(୫୦)କୁ ଗିରଫ କରିଛି।

ପୁଲିସ ସୂଚନା ଅନୁଯାୟୀ, ମଙ୍ଗଳାବାଗ ଥାନା ଅନ୍ତର୍ଗତ ମାଛୁଆବଜାରର ସନ୍ତୋଷ ସେଠୀ ଆଜି ସନ୍ଧ୍ୟା ପ୍ରାୟ ୬ଟା ୩୦ ବେଳେ ଛକରେ ଛିଡ଼ାହୋଇଥିଲେ। ଏହି ସମୟରେ ଦେବାଶିଷ ସେଠାରେ ଛିଡ଼ାହୋଇ ସିଗାରେଟ ଟାଣୁଥିଲା। ସିଗାରେଟ ଧୂଆଁ ହେବାରୁ ସନ୍ତୋଷ ବାରଣ କରିଥିଲେ। ଏହି କଥାରେ ଦେବାଶିଷ ରାଗିଯାଇ ପାଖରେ ରଖିଥିବା ଏକ ଧାରୁଆ କଇଁଚିରେ ସନ୍ତୋଷଙ୍କ ବେକକୁ ଭୁସିଦେଇଥିଲା। ସ୍ଥାନୀୟ ଲୋକେ ତୁରନ୍ତ ଦେବାଶିଷକୁ ମାଡ଼ି ବସିଥିଲେ। ମଙ୍ଗଳାବାଗ ଥାନା ପୁଲିସ ଆହତ ସନ୍ତୋଷଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବା ମଙ୍ଗଳାବାଗ ଥାନା ପୁଲିସ ପକ୍ଷରୁ ସୂଚନା ମିଳିଛି।

## 'ବିଶ୍ୱାସ' ପକ୍ଷରୁ ନିଦାଘ ଆସର




କଟକ,୪।୬(ସମିସ): ସ୍ଥାନୀୟ ମର୍କତନଗର ସେକ୍ଟର-୯ ସ୍ଥିତ ରାଇସିନା ମଣ୍ଡପଠାରେ ଅନୁଷ୍ଠାନ "ବିଶ୍ୱାସ' ପକ୍ଷରୁ ଗତ ବୁଧବାର ସନ୍ଧ୍ୟାରେ ଏକ 'ନିଦାଘ ଆସର' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଅରୁଣ ପରିଚ୍ଛା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରାକୃତିକ ପରିବେଶର ସୁରକ୍ଷା ଓ ବିକାଶ ପାଇଁ ସମସ୍ତଙ୍କୁ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ଅଧିକାରୀ କବିତା ପ୍ରଧାନଙ୍କ ସଂଯୋଜନା ଏବଂ ସମ୍ପାଦିକା କସ୍ତୁରୀ ରାୟଙ୍କ ସ୍ୱାଗତ ସମ୍ଭାଷଣ ସହ ଆୟୋଜିତ ଏହି ସଭାରେ ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ, ପ୍ରାଧ୍ୟାପକ ଗୌର ନାୟକ, ରାଜକିଶୋର ଦାଶ ଏବଂ ବ୍ୟଙ୍ଗ କବି ଡ଼ଃ ଧର୍ମଛଡା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଗ୍ରୀଷ୍ମ ଋତୁକୁ ବିଦାୟ ଓ ମୌସୁମୀକୁ ସ୍ୱାଗତ ଜଣାଇ କଣ୍ଠଶିଳ୍ପୀ ସୌଦାମିନୀ ତ୍ରିପାଠୀଙ୍କ ନିର୍ଦ୍ଦେଶନାରେ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି ଅବସରରେ ଗଙ୍ଗାଧର ରାଉତରାୟ, ନିର୍ମଳ ରାୟ, ଆର. ଏନ. ମିଶ୍ର, କେଦାରନାଥ ଜାଲି, ବାବାଜୀ ଚରଣ ବେହେରା, ଡ଼ଃ ଶୈଳଜା ନନ୍ଦିନୀ ଜେନା, କମଳାକାନ୍ତ କର, ସୁଧାଂଶୁବାଳା ମହାନ୍ତି, ମନସ୍ୱିନୀ ପ୍ରଧାନ, ନନ୍ଦିତା ନାୟକ ଓ ଆରତୀ ରାଣୀ ସିଂ ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଏହି ସାରସ୍ୱତ ସମାରୋହରେ ଜଷ୍ଟିସ ପ୍ରଦୀପ କୁମାର ମହାନ୍ତିଙ୍କ ସମେତ ସହରର ଅନେକ ବିଶିଷ୍ଟ ବ୍ୟକ୍ତି ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ଏଣିକି ଜିମ୍ ଉପରେ ପୁଲିସର ନଜର: ପଞ୍ଜୀକରଣ ବାଧ୍ୟତାମୂଳକ

କଟକ,୪।୬(ସମିସ):







ସହରୀ ଜୀବନଚର୍ଯ୍ୟାରେ ସୁନ୍ଦର ସ୍ୱାସ୍ଥ୍ୟ ମାୟାରେ ପଡ଼ି ଯୁବପିଢ଼ି ପଥଭ୍ରଷ୍ଟ ହେଉଛନ୍ତି। ରାତାରାତି ସୁନ୍ଦର ସ୍ୱାସ୍ଥ୍ୟର ନିଶାରେ ପଡ଼ି ମାରାତ୍ମକ ଷ୍ଟେରଏଡ୍ ଇଞ୍ଜେକସନ୍ ଓ ସପ୍ଲିମେଣ୍ଟକୁ ଆପଣାଉଛନ୍ତି। କମ୍ ସମୟରେ ସୁନ୍ଦର ସ୍ୱାସ୍ଥ୍ୟ କରିବାର ଯେଉଁ ଆଶା, ତାହା ସେମାନଙ୍କୁ ମୃତ୍ୟୁମୁଖକୁ ଠେଲି ଦେଉଛି। ସେହିପରି ଜିମ୍ ଗୁଡ଼ିକରେ ଏକାଧିକ ଅପରାଧମୂଳକ କାର୍ଯ୍ୟ ଚାଲୁଛି। ଜିମ୍ ମାଲିକ୍ ଓ ଟ୍ରେନ୍‌ରମାନେ ମୁଖିଆ ସାଜି ଜିମ୍‌କୁ ଆସୁଥିବା ଯୁବବର୍ଗଙ୍କୁ ବିଭିନ୍ନ ଅପରାଧମୂଳକ କାର୍ଯ୍ୟରେ ନିୟୋଜିତ କରୁଛନ୍ତି। ଯେଉଁ ଜିମ୍ ମାଲିକ ପାଖରେ ଯେତେ ଗ୍ରାହକ, ତା'ର ଗୋଷ୍ଠୀ ସହରରେ ସେତେ ସକ୍ରିୟ ଓ କ୍ରୀୟାଶୀଳ। ଗଣ୍ଡଗୋଳ ହେଉ କି ହିଂସା ସବୁଥିରେ ଏମାନଙ୍କ ସମ୍ପୃକ୍ତି ରହୁଛି। ମଜବୁତ୍ ସ୍ୱାସ୍ଥ୍ୟ ପ୍ରଦର୍ଶନ କରି ବିଭିନ୍ନ ସମୟରେ ଜିମ୍ ଯାଉଥିବା କେତେକ ଯୁବଗୋଷ୍ଠୀ ଗଣ୍ଡଗୋଳ କରୁଛନ୍ତି। ଏମିତି ଏକାଧିକ ଅଭିଯୋଗ କମିଶନରେଟ୍ ପୁଲିସ ପାଇବା ପରେ ଏବେ ଜିମ୍ ଗୁଡ଼ିକର ପୁଲିସ ପଞ୍ଜିକରଣ ବାଧ୍ୟତାମୂଳକ କରିବାକୁ ଯାଉଛି। ଥାନାୱାରୀ ରହିଥିବା ପ୍ରତ୍ୟେକ ଜିମ୍ ମାଲିକମାନେ ସେମାନଙ୍କ ଜିମ୍ ସମ୍ପର୍କରେ ସୂଚନା ପ୍ରଦାନ କରିବେ। ନିର୍ଦ୍ଦିଷ୍ଟ ଫର୍ମରେ ସେମାନେ ଟ୍ରେନ୍‌ର ନାଁ ଓ ଗ୍ରାହକ ସମ୍ପର୍କିତ ତଥ୍ୟ ଭଳି ଏକାଧିକ ଡାଟା ପୁଲିସକୁ ଦେବେ। ସ୍ଥାନୀୟ ଥାନାରେ ଜିମ୍‌ଗୁଡ଼ିକର ପଞ୍ଜୀକରଣ ହେବା ବାଧ୍ୟତାମୂଳକ କରାଯିବ ବୋଲି ଯୋଜନା କରାଯାଉଛି। ଆସନ୍ତା ୩ମାସ ମଧ୍ୟରେ ଏ ସମ୍ପର୍କରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଜିମ୍ ମାଲିକମାନେ ସେମାନଙ୍କ ପଞ୍ଜୀକରଣ ଆରମ୍ଭ କରିବେ।

ସୂଚନା ଅନୁସାରେ, ଜିମ୍ ଯାଉଥିବା ଯୁବବର୍ଗ ଷ୍ଟେରଏଡ୍ ନେବା ପରେ ବ୍ୟାୟାମ କରିବାକୁ ଶକ୍ତି ମିଳିବା ସହିତ ଅତି ଶୀଘ୍ର ମାଂସପେଶୀର ବିକାଶ ଘଟିଥାଏ। ତେବେ ସାଧାରଣ ଭାବେ ବ୍ୟାୟମ କଲେ ସୁନ୍ଦର ଓ ମଜବୁତ୍ ସ୍ୱାସ୍ଥ୍ୟର ବିକାଶ ସେତେ ଶୀଘ୍ର ହୋଇ ପାରିନଥାଏ। କିନ୍ତୁ ମାରାତ୍ମକ ଷ୍ଟେରଏଡ୍ ଶରୀର ସନ୍ତୁଳନକୁ ଏହା ସମ୍ପୂର୍ଣ୍ଣ ଭାବେ ବିଗାଡ଼ି ଦେଇଥାଏ। ଏହି ଷ୍ଟେରଏଡ୍ ଉଭୟ ଇଞ୍ଜେକସନ୍ ଓ ଟାବଲେଟ୍ ଭାବେ ଉପଲବ୍ଧ ହେଉଛି। ସାଇପୋନେଟ୍, ଆନାଭର୍, ଡାଏନାବଲ୍ ଓ ଆନାବଲିକ୍ ଭଳି ଷ୍ଟେରଏଡ୍ ଏବେ ଜିମ୍ ଗୁଡ଼ିକରେ ବହୁଳ ଭାବେ ବ୍ୟବହୃତ ହେଉଛି। ଏସବୁ ଷ୍ଟେରଏଡ୍ ଉପରେ କୌଣସି ପ୍ରକାର ପ୍ରତିବନ୍ଧକ ନାହିଁ। ଜିମ୍ ମାଲିକ ଓ ଟ୍ରେନର୍ ମିଳିତ ଭାବେ ଗ୍ରାହକଙ୍କୁ ଉସ୍‌କାଇ ଏହାର ବ୍ୟବସାୟ ଚଳାଇଛନ୍ତି। ଯାହା ଉପରେ ପ୍ରଶାସନିକ, ଡ୍ରଗ୍ କଣ୍ଟ୍ରୋଲ୍ ବୋର୍ଡ କିମ୍ବା ପୁଲିସର ଲଗାମ ରହୁନାହିଁ। କଟକ ବଜାରରେ ମାସକୁ କୋଟି ଟଙ୍କାର ଏହି କାରବାର ହେଉଛି। ଯାହା ଯୁବବର୍ଗଙ୍କୁ ମୃତ୍ୟୁମୁଖକୁ ଠେଲି ଦେଉଛି। କେତେକ ରାଜ୍ୟରେ ଷ୍ଟେରଏଡ୍ ବ୍ୟବହାର ଉପରେ ରାଜ୍ୟ ସରକାର କଟକଣା ଲଗାଇଥିବା ବେଳେ ଏଠାରେ ଅବାଧରେ ତାହା ବିକ୍ରୟ ହେଉଛି। ବିନା ଡାକ୍ତରୀ ପରାମର୍ଶରେ ଜିମ୍ ମାଲିକ ଓ ଟ୍ରେନର୍ ଏସବୁ ମାରାତ୍ମକ ଔଷଧକୁ ବିକ୍ରୟ କରୁଛନ୍ତି। ତାହା ଉପରେ କମିସନରେଟ୍ ପୁଲିସ ଜିଲ୍ଲା ପ୍ରଶାସନ ଓ ଡ୍ରଗ୍ କଣ୍ଟ୍ରୋଲର୍‌ଙ୍କ ସହିତ ଆଲୋଚନା କରିବ ବୋଲି କହିଛି।

କଟକ ସହର ସିଡିଏ, ମହାନଦୀବିହାର, କଲେଜଛକ, ଲିଙ୍କ୍‌ରୋଡ୍, ଚୌଧୁରୀବଜାର ଚଣ୍ଡିଛକ ଠାରୁ ଆରମ୍ଭ କରି ଗଳିକନ୍ଦିରେ ଛତୁ ଫୁଟିଲା ଭଳି ମାଳ ମାଳ ଜିମ୍ ଖୋଲିଛି। ଅଧିକାଂଶ ଜିମ୍ ମାଲିକ ଗ୍ରାହକଙ୍କୁ ଲୁଟିବା ସହିତ ତାଙ୍କ ଜୀବନ ସହିତ ଖେଳୁଥିବାର ଅଭିଯୋଗ ଉଠିଛି। ଅନ୍ୟପଟେ ଜିମ୍ ଗୁଡ଼ିକ ବିଭିନ୍ନ ବର୍ଗର ରହିଛି। ସମ୍ଭ୍ରାନ୍ତ ଗ୍ରାହକଙ୍କ ନିମନ୍ତେ ଅତ୍ୟାଧୁନିକ ମଲ୍ଟିଜିମ୍, ସାଧାରଣ ଗ୍ରାହକଙ୍କ ପାଇଁ ସାଧାରଣ ଜିମ୍ ଖୋଲିଛି। ରାଜ୍ୟ ବାହାରର ବିଭିନ୍ନ କମ୍ପାନୀଗୁଡ଼ିକ ଏଠାରେ ଜିମ୍ ଖୋଲିଛନ୍ତି। ଏମାନେ କୌଣସି ପ୍ରକାର ପଞ୍ଜିକରଣ ନକରି ଅବାଧରେ ବ୍ୟବସାୟ ଚଳାଇଛନ୍ତି। କମିସନରେଟ୍ ପୁଲିସ ଏସବୁ ବିଚାରକୁ ନେଇ ପ୍ରଥମ ପର୍ଯ୍ୟାୟରେ ପଞ୍ଜୀକରଣ କରିବାକୁ ନିଷ୍ପତ୍ତି ନେଇଛି।

- ସହରରେ ମାଳ ମାଳ ଜିମ୍
- ପ୍ରଶାସନ କି ପୁଲିସ ପାଖରେ ନାହିଁ ହିସାବ
- ଦିଆଯାଉଛି ମାରାତ୍ମକ ଷ୍ଟେରଏଡ୍, ଇଞ୍ଜେକସନ୍
- ଫସାଉଛନ୍ତି ଜିମ୍ ଟ୍ରେନର୍



## ରାଜମିସ୍ତ୍ରିର କଳା କାରନାମା

# ଆଧ୍ୟାତ୍ମିକ ଚିକିତ୍ସା ଆଳରେ ଅସଦାଚରଣ

ଭୁବନେଶ୍ୱର, ୪।୬ (ସମିସ)



ଝିଅ ବାହାଘର ପରେ ଶାଶୂଘରେ ପାରିବାରିକ ଅଶାନ୍ତି ଦେଖା ଦେଇଥିଲା। ଯାହାକୁ ନେଇ ଭଉଣୀ ଠାରୁ ବାପା ପର୍ଯ୍ୟନ୍ତ, ସମସ୍ତେ ଚିନ୍ତାରେ ଥିଲେ। ସବୁକିଛି ଠିକଠାକ କରିବାକୁ ଝିଅର ବାପା ଆଧ୍ୟାତ୍ମିକ ଚିକିତ୍ସା କରିବାକୁ ନିଷ୍ପତ୍ତି ନେଇଥିଲେ। ବହୁ ଖୋଜାଖୋଜି

- ପାଦରେ ତେଲ ଘଷି କରିଥିଲା ଝଡ଼ାଫୁଙ୍କା
- ଆତ୍ମଘୋଷିତ ଚିକିତ୍ସକ ଗିରଫ
- ପରିବାର ଶାନ୍ତି ପାଇଁ ପୂଜାପାଠ କରିବାକୁ ଡକାଇଥିଲେ

କରିବା ପରେ ଜଣେ ଚିକିତ୍ସକଙ୍କୁ ଘରକୁ ଡାକି ପୂଜାପାଠ କରିଥିଲେ। ହେଲେ ଆଧ୍ୟାତ୍ମିକ ଚିକିତ୍ସା ଆଳରେ ବିବାହିତା ଝିଅକୁ ଏକାକୀ ପାଇ ଅସଦାଚରଣ କରିଥିଲା ଆତ୍ମଘୋଷିତ ଚିକିତ୍ସକ। ସିଆରପି ଅଞ୍ଚଳରେ ଘଟିଥିବା ଏହି ଘଟଣାରେ ଆତ୍ମଘୋଷିତ ଚିକିତ୍ସକକୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସାଲିଆ ସାହିରେ ରହୁଥିବା ଗଞ୍ଜାମ ଜିଲ୍ଲା ଗାଙ୍ଗପୁର ଥାନା ଗୋବରାର ସନ୍ତୋଷ କୁମାର ଗୌଡ଼ (୩୦)। ପେସାରେ ସେ ଜଣେ ନିର୍ମାଣ ମିସ୍ତ୍ରୀ।


ପୁଲିସ ସୂଚନାନୁସାରେ, ସିଆରପି ଅଞ୍ଚଳର ଜଣେ ଯୁବତୀ ୩ ବର୍ଷ ନୟାଗଡ଼ରେ ବିବାହ କରିଥିଲେ। କିଛିଦିନ ପର୍ଯ୍ୟନ୍ତ ସବୁକିଛି ଠିକଠାକ ଚାଲିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ବିବାଦ ଆରମ୍ଭ ହୋଇଥିଲା। ପାରିବାରିକ ଜୀବନରେ ଅଶାନ୍ତି ଆସିବାରୁ ମହିଳା ଜଣକ ଭୁବନେଶ୍ୱର ଫେରି ଆସି ବାପଘରେ ରହିବା ସହ ଏକ ଘରୋଇ ହସ୍ପିଟାଲରେ ସଫେଇ କର୍ମଚାରୀ ଭାବେ କାମ କରୁଥିଲେ। ହେଲେ ନବବିବାହିତା ଝିଅର ଭବିଷ୍ୟତକୁ ନେଇ ପୁରା ପରିବାର ଚିନ୍ତାରେ ରହିଥିଲା। ସବୁ ଦିଗରୁ ନିରାଶ ହେବାପରେ ଆଧ୍ୟାତ୍ମିକ ଚିକିତ୍ସା ବା ଝଡ଼ା ଫୁଙ୍କା କରି ଝିଅ ଜୀବନରେ ଶାନ୍ତି ଫେରାଇ ଆଣିବାକୁ ବାପା ନିଷ୍ପତ୍ତି ନେଇଥିଲେ। ସାହି ପଡ଼ିଶାରୁ ବୁଝାବୁଝି କରିବା ପରେ ଆତ୍ମଘୋଷିତ ଆଧ୍ୟାତ୍ମିକ ଚିକିତ୍ସକ ସନ୍ତୋଷକୁ ଡକାଇଥିଲେ।

ନିଜ ପାଖରେ ଆଧ୍ୟାତ୍ମିକ ଶକ୍ତି ରହିଥିବା ବେଳେ ତା ବଳରେ ପାରିବାରିକ ବିବାଦର ସମାଧାନ କରିଦେବ ବୋଲି ସନ୍ତୋଷ କହିଥିଲା। ବାପା ଓ ସାନ ଭଉଣୀର ଉପସ୍ଥିତିରେ ପୂଜାର୍ଚ୍ଚନା ଆରମ୍ଭ କରିଥିଲା। ମହିଳାଙ୍କ ଦେହରେ ଚନ୍ଦନ ମାରି ଗୋଟିଏ ସ୍ଥାନରେ ବସିବାକୁ ନିର୍ଦ୍ଦେଶ ଦେଇଥିଲା। ମହିଳାଙ୍କ ପାଦ ଓ ଶରୀରରେ ସ୍ୱତନ୍ତ୍ର ତେଲ ମାରିବା ଦ୍ୱାରା ନକରାତ୍ମକ ପ୍ରଭାବ ଦୂରେଇ ଯିବ ବୋଲି କହି ସନ୍ତୋଷ ସମସ୍ତଙ୍କ ବିଶ୍ୱାସ ଜିତିଥିଲା। ମହିଳାଙ୍କୁ ଏକାକୀ ଥିବାବେଳେ ତେଲ ମାରିବାକୁ ପରିସ୍ଥିତି ସୃଷ୍ଟି କରିଥିଲା। ବାପାଙ୍କୁ ବେଲ ଆଣିବାକୁ ପଠାଇଥିବା ବେଳେ ସାନ ଭଉଣୀକୁ ତୁଳସୀ ପତ୍ର ଆଣିବାକୁ କହିଥିଲା।

ବାପା ଓ ସାନ ଭଉଣୀ ବାହାରକୁ ଯିବା ପରେ ସନ୍ତୋଷ ମହିଳାଙ୍କ ପାଦରେ ତେଲ ଘଷିବା ଆରମ୍ଭ କରିଥିଲା। ପାଦରେ ତେଲ ଘଷିବା ବେଳେ ସମ୍ବେଦନଶୀଳ ଅଙ୍ଗ ଆଡ଼କୁ ହାତ ନେବାକୁ ଉଦ୍ୟମ କରିଥିଲା। ଏଥିସହିତ ଅଶ୍ଳୀଳ ଭାବେ ସ୍ପର୍ଶ କରିବାକୁ ମଧ୍ୟ ଚେଷ୍ଟା କରିଥିଲା। ମହିଳା ଜଣକ ସନ୍ତୋଷର ଉଦ୍ଦେଶ୍ୟ ଜାଣିପାରି ବିରୋଧ କରିବା ସହ ଜୋରରେ ଚିତ୍କାର କରିଥିଲେ। ମହିଳାଙ୍କ ପାଟି ଶୁଣି ସନ୍ତୋଷ ତୁରନ୍ତ ସେଠାରୁ ଫେରାର ହୋଇ ଯାଇଥିଲା। ବାପା ଓ ଭଉଣୀ ଘରକୁ ଫେରିବା ପରେ ମହିଳା ଜଣକ ଘଟଣା ବିଷୟରେ ଜଣାଇଥିଲେ। ମହିଳାଙ୍କ ବାପା ଏନେଇ ନୂଆପଲ୍ଲୀ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ରାଜମିସ୍ତ୍ରୀ ସନ୍ତୋଷକୁ ଗିରଫ କରିଥିଲା।

# ଶ୍ରୀଲିଙ୍ଗରାଜ ମନ୍ଦିର ପ୍ରଶାସନର ଶୀତଳଷଷ୍ଠୀ ପ୍ରସ୍ତୁତି

ଭୁବନେଶ୍ୱର, ୪।୬(ସମିସ): ଶ୍ରୀଲିଙ୍ଗରାଜଙ୍କ ବିବାହ ଓ ଶୀତଳଷଷ୍ଠୀ ଯାତ୍ରା ପାଇଁ ମନ୍ଦିର ପ୍ରଶାସନର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏନେଇ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶ ଜେନାଙ୍କ ଅଧ୍ୟକ୍ଷତାରେ ବୈଠକ କରାଯାଇଛି। ଆସନ୍ତା ଜୁନ୍ ୧୭ ତାରିଖରେ ମଙ୍ଗନ, ଜୁନ୍ ୧୮ ତାରିଖରେ ଶିବବିବାହ ଓ ଜୁନ୍ ୧୯ ତାରିଖରେ ଶୀତଳଷଷ୍ଠୀ ଯାତ୍ରା ଅନୁଷ୍ଠିତ ହେବ। ବିବାହ ପାଇଁ ଠାକୁର ରାତି ୧୨ଟା ସୁଦ୍ଧା ବରାନୁଗମନ କରିବେ। ରାତି ୧୨ଟାରୁ ୪ଟା ମଧ୍ୟରେ ବିବାହ ଅନୁଷ୍ଠିତ ହେବ। ସେହିପରି ୩୦ ତାରିଖ ରାତି ସାଢ଼େ ୯ଟାରୁ ଶୀତଳଷଷ୍ଠୀ ଯାତ୍ରା ପାଇଁ କେଦାରଗୌରୀ ମନ୍ଦିରରୁ ନବଦମ୍ପତି ବାହାରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଯାତ୍ରା ପାଇଁ କେଦାରଗୌରୀ ମନ୍ଦିରକୁ ସଫା କରିବା ଓ ବଡ଼ଦାଣ୍ଡ ଶୀତଳଷଷ୍ଠୀ ରାସ୍ତାରେ ଡ୍ରେନ୍‌ରେ ସ୍ଲାବ୍ ପକାଇବା, ଠାକୁରଙ୍କ ଯିବା ରାସ୍ତାରେ ଷ୍ଟ୍ରିଟ୍ ଲାଇଟ୍ ମରାମତି କରିବାକୁ ବିଏମ୍‌ସିକୁ ଚିଠି ଲେଖାଯିବ। ଶୀତଳଷଷ୍ଠୀ ରାସ୍ତାରେ ପିଏଚ୍‌ଡି ପକ୍ଷରୁ ଚାରିଟି ଛକରେ ପାଣି ଟାଙ୍କି ରଖିବା ବିଦ୍ୟୁତ୍ ସେକ୍ସନ ପକ୍ଷରୁ ବିଦ୍ୟୁତ୍ ନ କାଟିବାକୁ ସେସୁକୁ ଚିଠି



ଲେଖାଯିବ ବୋଲି ନିଷ୍ପତ୍ତି ହୋଇଛି। ଆଇନଶୃଙ୍ଖଳା ବ୍ୟବସ୍ଥା ପାଇଁ ପୁଲିସ ବିଭାଗକୁ ଚିଠି ଲେଖାଯିବ ବୋଲି ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି।

# ଜମି ବିକ୍ରି କରିବାକୁ କହି ୬୨ ଲକ୍ଷ ଠକେଇ; ଧୂର୍ତ୍ତ ଗିରଫ

ଭୁବନେଶ୍ୱର, ୪।୬ (ସମିସ): ଜମି ବିକ୍ରି ଆଳରେ ୬୨ ଲକ୍ଷ ଟଙ୍କା ଠକି ନେଇଥିବା ଠକକୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ପଟିଆର ଅମୀୟ କୁମାର ମହାନ୍ତି (୫୦)।



ପୁଲିସ ସୂଚନାନୁସାରେ, ଅମିୟ ନିଜକୁ ପଟିଆ ମୌଜାରେ ଥିବା ଏକ ଜମିର ମାଲିକ ଓ ସାଧାରଣ ପାୱାର ଅଫ୍ ଅଟର୍ଣ୍ଣି (ଜିପିଏ) ଧାରକ ବୋଲି ମେସର୍ସ ପଟ୍ଟନାୟକ ଆସୋସିଏଟ୍ସର ପରିଚାଳନା ନିର୍ଦ୍ଦେଶକଙ୍କୁ ପରିଚୟ ଦେଇଥିଲେ। ମୋଟ ଏକର ୫୨ ଡିସିମିଲ ଜମିରୁ ୩୩ ଡିସିମିଲ ଜମିକୁ କୋଟିଏ ୪୦ ଲକ୍ଷ ଟଙ୍କାରେ ବିକ୍ରି କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଅମୀୟ କଥାକୁ ବିଶ୍ୱାସ କରି ଅଭିଯୋଗକାରୀ ବିଭିନ୍ନ ତାରିଖରେ ମୋଟ ୬୨ ଲକ୍ଷ ୬୦ ହଜାର ଟଙ୍କା ଅଗ୍ରୀମ ଆକାରରେ ଦେଇଥିଲେ। ଅମୀୟ ଟଙ୍କା ପାଇବା ପରେ ମନି ରିସିପ୍ଟ ଦେବା ସହ ସେଲ୍‌ଫ ଡିଡ୍ କରାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ଅଭିଯୋଗକାରୀଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ସେଲ୍‌ଫ ଡିଡ୍ କାର୍ଯ୍ୟକାରୀ କରିନଥିଲେ କି ଅଗ୍ରୀମ ଟଙ୍କା ଫେରାଇନଥିଲେ। ପରେ ଏକ ଚୁକ୍ତିନାମା କରି ୬୨ ଲକ୍ଷ ୬୦ ହଜାର ଟଙ୍କା ନେଇଥିବା କରିଥିବା ସ୍ୱୀକାର କରିବା ସହ ଜମି ସେଲ୍‌ଫ ଡିଡ୍ କରିବେ କିମ୍ବା ଟଙ୍କା ଫେରାଇବେ ବୋଲି ରାଜି ହୋଇଥିଲେ। ହେଲେ ତାହା ମଧ୍ୟ କରିନଥିଲେ। ଏନେଇ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ ହେବାପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅମୀୟ ନିଜ ମାଆଙ୍କ ମୃତ୍ୟୁ ପୂର୍ବରୁ ପାୱାର ଅଫ୍

**ମୃତ୍ୟୁ ପୂର୍ବରୁ ମାଆଙ୍କ ଠାରୁ ପାୱାର ଆଣିଥିଲେ**

ଆଟର୍ନି କରିଥିଲେ। ମାଆଙ୍କ ମୃତ୍ୟୁ ପରେ ସ୍ୱତଃ ରଦ୍ଦ ହୋଇଯାଇଥିଲେ ମଧ୍ୟ ଅଭିଯୋଗକାରୀଙ୍କୁ ଏ ସମ୍ପର୍କରେ ଜଣାଇନଥିଲେ। ଏମିତିକି ଜମିର ଆହୁରି ୬ ଜଣ ସତ୍ତ୍ୱାଧିକାରୀ ଥାଇ ମଧ୍ୟ, ସେ ବିଷୟରେ କହିନଥିଲେ। ଆଜି ଚନ୍ଦ୍ରଶେଖରପୁର ଥାନା ପୁଲିସ ଅମୀୟଙ୍କୁ ଗିରଫ କରିବା ସହ ବ୍ୟାଙ୍କ ଖାତା ବିବରଣୀ, ମନି ରିସିପ୍ଟ, ଚୁକ୍ତିନାମାଓ ଜମି ସମ୍ବନ୍ଧୀୟ ଅନ୍ୟାନ୍ୟ ଦସ୍ତାବିଜ ଜବତ କରିଛି।

## ବନ୍ଧୁ ସାଜିଲେ ବଇରୀ

# ଯୁବକଙ୍କୁ ରାସ୍ତାରେ ଅଟକାଇ ଛୁରାମାଡ଼

ଭୁବନେଶ୍ୱର, ୪।୬ (ସମିସ): ନିଶା କାରବାରକୁ କେନ୍ଦ୍ରକରି ପୁଣି ଅଶାନ୍ତ ହୋଇଛି ରାଜଧାନୀ ଉପକଣ୍ଠ। ବ୍ରାଉନସୁଗର ବିକ୍ରିକୁ କେନ୍ଦ୍ରକରି ଯୁବକଙ୍କୁ ରାସ୍ତାରେ ଅଟକାଇ ଛୁରାମାଡ଼ କରିଛନ୍ତି ଦୁଇ ବନ୍ଧୁ। ବାଲିଅନ୍ତା ଥାନା ଅଧୀନସ୍ଥ ସରକଣା ଅଞ୍ଚଳରେ ଏଭଳି ଘଟଣା ଘଟିଛି। ଛୁରା ମାଡ଼ରେ ସେହି ଗାଁର ହାଡ଼ୁବନ୍ଧୁ ପ୍ରଧାନ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ କ୍ୟାପିଟାଲ ଓ ପରେ ଏମ୍‌ସରେ ଭର୍ତ୍ତି କରାଯାଇଛି। ହାଡ଼ୁବନ୍ଧୁଙ୍କ ସାଙ୍ଗ ସନ୍ତୋଷ ଦାସ ଓ ହେମନ୍ତ ବାରିକ ଏଭଳି କାଣ୍ଡ ଭିଆଇଥିବା ବେଳେ ଜଣଙ୍କୁ ଉଠାଇ ଆଣି ପଚରାଉଚରା କରୁଛି ପୁଲିସ।

ଅଭିଯୋଗ ଅନୁଯାୟୀ, ସରକଣାର ହାଡ଼ୁବନ୍ଧୁ, ସନ୍ତୋଷ ଓ ହେମନ୍ତ ସାଙ୍ଗ ହୋଇଥିବା ବେଳେ ଅନେକ ସମୟରେ ଏକାଠି ବସା ଉଠା କରନ୍ତି। ବୁଧବାର ବ୍ରାଉନସୁଗର କାରବାରକୁ ନେଇ ୩ ଜଣଙ୍କ ମଧ୍ୟରେ ମତପାର୍ଥକ୍ୟ ସୃଷ୍ଟି ହୋଇଥିଲା। ଏହାସହିତ ଟଙ୍କାକୁ ନେଇ ବିବାଦ ହେବା ସହ ପରସ୍ପରକୁ ଗାଳିଗୁଲଜ କରିଥିଲେ। ହେଲେ କିଛି ସମୟପରେ ସବୁକିଛି ଠିକଠାକ ହୋଇ ଯାଇଥିଲା। ଗୁରୁବାର ସକାଳେ ହାଡ଼ୁବନ୍ଧୁ କାମକୁ ଯାଇଥିବା ବେଳେ ସନ୍ତୋଷ ଓ ହେମନ୍ତ ଆସି ତାଙ୍କ ଘର ଆଗରେ ଗାଳିଗୁଲଜ କରିଥିଲେ।



ଅପରାହ୍ଣରେ ପୁଣିଥରେ ଆସି ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବେ ବୋଲି ଧମକ ଦେଇଥିଲେ।

ସନ୍ଧ୍ୟାରେ ହାଡ଼ୁବନ୍ଧୁ ଘରକୁ ଫେରୁଥିବା ବେଳେ ସନ୍ତୋଷ ଓ ହେମନ୍ତ ତାଙ୍କୁ ସରକଣା ବଜାର ପାଖରେ ଅଟକାଇଥିଲେ। ଗତକାଲିର ବିବାଦକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାକୁ ନେଇ ଉଭୟପକ୍ଷ ହାତାହାତି ହୋଇଥିଲେ। ଠିକ୍ ଏତିକିବେଳେ ସନ୍ତୋଷ ଓ ହେମନ୍ତ ମାଡ଼ ମାରି ହାଡ଼ୁବନ୍ଧୁଙ୍କୁ ତଳେ ପକାଇ ଦେଇଥିଲେ। ପୂର୍ବ ଯୋଜନା ମୁତାବକ ସନ୍ତୋଷ ଓ ହେମନ୍ତ ରଖିଥିବା ଛୁରିରେ ହାଡ଼ୁବନ୍ଧୁଙ୍କୁ ଆକ୍ରମଣ କରିଥିଲେ। ଛୁରା ମାଡ଼ ଫଳରେ ତାଙ୍କ ପେଟରେ

- ଗୁରୁତର ଯୁବକ ଏମ୍‌ସରେ ଭର୍ତ୍ତି
- ଘଟଣା ପଛରେ ବ୍ରାଉନସୁଗର କାରବାର
- ଜଣେ ଅଟକ; ଆଉ ଜଣେ ଫେରାର

ଗଭୀର ଆଘାତ ଲାଗିଥିଲା। ଘଟଣା ପରେ ଦୁଇ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ଖବରପାଇ ହାଡ଼ୁବନ୍ଧୁଙ୍କ ଭାଇ ଭଗବାନ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ତାଙ୍କୁ ଏମ୍?ସକୁ ସ୍ଥାନାନ୍ତର କରାଯାଇଛି। ସେପଟେ ଭଗବାନଙ୍କ ଅଭିଯୋଗ କ୍ରମେ ବାଲିଅନ୍ତା ପୁଲିସ ଏକ ମାମଲା ରୁଜୁ କରିବା ସହ ଜଣଙ୍କୁ ଉଠାଇ ଆଣି ପଚରାଉଚରା କରୁଛି।

# ବେଆଇନ ବାଲି ଚାଲାଣ; ଚାଳକ ଗିରଫ, ଟ୍ରାକ୍ଟର ଜବତ



ଧଉଳି, ୪।୬(ସମିସ): ଧଉଳି ଥାନା ପୁଲିସ ଟିମ୍ ଟିକରପଡ଼ା ଅଞ୍ଚଳରେ ରାତ୍ରିକାଳୀନ ପାଟ୍ରୋଲିଂ ଓ ଗାଡ଼ି ଯାଞ୍ଚ କରୁଥିବା ବେଳେ ବାଲି ବୋଝେଇ ଏକ ଟ୍ରାକ୍ଟରକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ପୁରୀ ଜିଲ୍ଲା ଡେଲାଙ୍ଗ ଥାନା ଅନ୍ତର୍ଗତ ସିଙ୍ଗିବ୍ରହ୍ମପୁରର ଟୁନିଆ ଓର୍ଫ ତ୍ରିଲୋଚନ ବେହେରା(୪୦) ବାଲି ପରିବହନ ସମ୍ବନ୍ଧୀୟ କୌଣସି ବୈଧ ଦସ୍ତାବିଜ, ମାଇନିଂ ପରମିଟ୍, ଟ୍ରାଞ୍ଜିଟ୍ ପାସ୍ କିମ୍ବା କ୍ଷୁଦ୍ର ଖଣିଜ ପଦାର୍ଥ ପରିବହନ ପାଇଁ ଆବଶ୍ୟକ "ୱାଇ" ଫର୍ମ ଦାଖଲ କରିପାରି ନ ଥିଲେ। ଫଳରେ ଉକ୍ତ ବାଲି ବୋଝେଇ ଟ୍ରାକ୍ଟର ଓ ଟ୍ରଲିକୁ (ଡ଼ାଲା) ଜବତ କରାଯାଇଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ, ଅଭିଯୁକ୍ତ କୌଣସି ବୈଧ ଅନୁମତି, ଲାଇସେନ୍ସ କିମ୍ବା ପରମିଟ୍ ବିନା ବେଆଇନ ଭାବେ ବାଲି ପରିବହନ କରୁଥିଲେ। ପଚରାଉଚରା ସମୟରେ ଅଭିଯୁକ୍ତ ପ୍ରକାଶ କରିଥିଲେ ଯେ, ଟ୍ରାକ୍ଟରର ପଞ୍ଜୀକୃତ ମାଲିକଙ୍କ ସ୍ୱାମୀ ଅଶ୍ୱିନୀ ମଙ୍ଗରାଜଙ୍କ ନିର୍ଦ୍ଦେଶରେ ସେ ବାଲି ପରିବହନ କରୁଥିଲେ ଏବଂ ଏପରି ବେଆଇନ ବାଲି ପରିବହନ ପୂର୍ବରୁ ମଧ୍ୟ ଏକାଧିକ ଥର କରାଯାଇଥିଲା। ତଦନ୍ତରୁ ଆହୁରି ସ୍ପଷ୍ଟ ହୋଇଥିଲା ଯେ, ଏପରି ବେଆଇନ ଖନନ ଓ ପରିବହନ ଯୋଗୁଁ ସରକାରୀ ରାଜସ୍ୱର କ୍ଷତି ଘଟୁଥିଲା। ଅଭିଯୁକ୍ତଙ୍କ ବିରୋଧରେ ଅପରାଧ ସ୍ପଷ୍ଟ ହେବାରୁ ତାଙ୍କୁ ଗିରଫ କରାଯାଇ ଆଜି କୋର୍ଟ ଚାଲାଣ କରାଯାଇଛି। ବେଆଇନ ବାଲି ପରିବହନ ଚକ୍ର ସହ ଜଡ଼ିତ ଅନ୍ୟ ବ୍ୟକ୍ତିମାନଙ୍କ ସମ୍ପୃକ୍ତି ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଛି। ପ୍ରକାଶ ଥାଉ କି ଧଉଳି ଥାନାର ଏଏସ୍‌ଆଇ ମନ୍ମଥ କୁମାର ବେହେରାଙ୍କ ରିପୋର୍ଟ ଉପରେ ଉପରୋକ୍ତ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା।

# ଲୁଟ୍ ପରେ ଖଣ୍ଡାରେ ଆକ୍ରମଣ କରି ଗିରଫ

ଭୁବନେଶ୍ୱର, ୪।୬(ସମିସ): ଲୁଟ୍ ପରେ ଅଭିଯୋଗକାରୀଙ୍କୁ ଖଣ୍ଡାରେ ଆକ୍ରମଣ ଅଭିଯୋଗରେ ଖାରବେଳନଗର ଥାନା ପୁଲିସ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଗୋପୀନାଥ ନାୟକ ଓରଫ ଗୋପୀ। ତାଙ୍କ ଠାରୁ ଖଣ୍ଡା ଏବଂ ଲୁଟ୍ ସାମଗ୍ରୀ ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ ୨ ତାରିଖ ରାତି ପ୍ରାୟ ୮ଟା ସମୟରେ ଅଭିଯୋଗକାରିଣୀ ମାଷ୍ଟରକ୍ୟାଣ୍ଟିନ ବସ୍‌ଷ୍ଟାଣ୍ଡ ନିକଟରେ ବସ୍‌କୁ ଅପେକ୍ଷା କରି ବସିଥିବା ବେଳେ ଅଭିଯୁକ୍ତ ହଠାତ୍ ତାଙ୍କ ନିକଟକୁ ଆସି ନଗଦ ଟଙ୍କା ଏବଂ ଅନ୍ୟାନ୍ୟ ବ୍ୟକ୍ତିଗତ ସାମଗ୍ରୀ ଥିବା ତାଙ୍କ ହ୍ୟାଣ୍ଡବ୍ୟାଗ୍‌କୁ ଛଡ଼ାଇ ନେଇଥିଲେ। ଅଭିଯୋଗକାରିଣୀ ପ୍ରତିବାଦ କରିବାରୁ ଅଭିଯୁକ୍ତ ଏକ ଧାରୁଆ ଅସ୍ତ୍ର ସାହାଯ୍ୟରେ ତାଙ୍କ ମୁଣ୍ଡକୁ ଆଘାତ କରିଥିଲେ। ଫଳରେ ସେ ରକ୍ତାକ୍ତ ଆହତ ହୋଇଥିଲେ। ଏହାପରେ ଅଭିଯୁକ୍ତ ଛଡ଼ାଇ ନେଇଥିବା ସାମଗ୍ରୀ ସହ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଆହତ ଅବସ୍ଥାରେ ଅଭିଯୋଗକାରିଣୀଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ଚିକିତ୍ସା ପାଇଁ ପଠାଯାଇଥିଲା। ପୁଲିସ ମାଷ୍ଟରକ୍ୟାଣ୍ଟିନ ନିକଟରୁ ଅଭିଯୁକ୍ତଙ୍କୁ କାବୁ କରିଥିଲା। ତାଙ୍କ ତଲାସୀ ସମୟରେ ଘଟଣାରେ ବ୍ୟବହୃତ ଏକ ଧାରୁଆ ଅସ୍ତ୍ର ଏବଂ ନଗଦଟଙ୍କା ଜବତ କରାଯାଇଥିଲା। ଅଭିଯୁକ୍ତ ଜଣେ ଅଭ୍ୟାସଗତ ଅପରାଧୀ ଏବଂ ପୂର୍ବରୁ ଶହୀଦନଗର, କ୍ୟାପିଟାଲ ଏବଂ ଖାରବେଳନଗର ଥାନାରେ ରୁଜୁ ହୋଇଥିବା ଚୋରି, ଲୁଟ, ମାଡ଼ପିଟ, ଛଡ଼ାଇନେବା, ଧମକ ଏବଂ ଅନ୍ୟାନ୍ୟ ସଙ୍ଗୀନ ଅପରାଧ ସମ୍ବନ୍ଧୀୟ ଅତିକମରେ ୭ଟି ମାମଲାରେ ସମ୍ପୃକ୍ତ ଥିବା ଯାଞ୍ଚରୁ ଜଣାପଡ଼ିଛି।



# ସ୍କୁଟି ଚୋରି କରି ଯୁବକ ଗିରଫ

ଧଉଳି, ୪।୬(ସମିସ): ସ୍କୁଟି ଚୋରି କରିବା ଅଭିଯୋଗରେ ଧଉଳି ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବ୍ରହ୍ମପୁର ବଡ଼ବଜାର ଥାନା ନୋଳିଆ ସାହିର ପପୁ ଓରଫ ନିର୍ମଳ ଦାସ। ପପୁ ଦୀର୍ଘବର୍ଷ ହେବ ଧଉଳି ଥାନା ରଘୁନାଥପୁର ଭୋଇ ସାହିରେ ଭଡାରେ ରହୁଥିଲେ। ପୁଲିସ୍ ସୂତ୍ରରୁ ଜଣାପଡ଼ିଛି ଏହି ଥାନା ନାଥପୁର ଗ୍ରାମର ବିକ୍ରମ କେଶରୀ ପ୍ରଧାନ ତାଙ୍କ ହୋଣ୍ଡା ଆକ୍ଟିଭା ସ୍କୁଟିକୁ ନିଜ ଘର ବାରଣ୍ଡା ସମ୍ମୁଖରେ ପାର୍କିଂ କରି ରଖିଥିଲେ। ଦିନ ପ୍ରାୟ ସାଢ଼େ ଗୋଟାଏରେ ପପୁ ଉକ୍ତ ସ୍କୁଟିକୁ ରାସ୍ତାରେ ଗଡ଼ାଇ ନେଉଥିଲେ। ପଡୋଶୀଙ୍କ ଠାରୁ ଖବର ପାଇ ସ୍ଥାନୀୟ ଲୋକଙ୍କ ସହାୟତାରେ ତୁରନ୍ତ ପପୁକୁ ସ୍କୁଟି ସହ କାବୁ କରିଥିଲେ। ପରେ ଧଉଳି ଥାନା ପୁଲିସକୁ ଖବର ଦେଇଥିଲେ। ପୁଲିସ



ସେଠାରେ ପହଞ୍ଚି ସ୍କୁଟିକୁ ଉଦ୍ଧାର କରିବା ସହ ପପୁକୁ ଥାନାକୁ ନେଇ ପଚରାଉଚରା ଚଳାଇଥିଲେ।

# ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ ୱାକାଥନ୍

ଭୁବନେଶ୍ୱର, ୪।୬(ସମିସ): ତମାଖୁ ସେବନର ଭୟାବହତା ଓ ଅପକାରିତା ଏବଂ ତମାଖୁ ମୁକ୍ତ ଜୀବନ ସମ୍ପର୍କରେ ସଚେତନତା ବାଣ୍ଟିବା ଲକ୍ଷ୍ୟ ନେଇ ସୋଆ ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ୍ ସାଇନ୍‌ସେସ୍ ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ଉପଲକ୍ଷେ ଏକ ୱାକାଥନ୍ ଆୟୋଜିତ ହୋଇଯାଇଛି। ଆଇଡିଏସ୍‌ରୁ ଏହି ରାଲି ଆରମ୍ଭ ହୋଇ ସମ୍ ହସ୍ପିଟାଲ ଛକ ଓ ଏପିଜେ ଅବଦୁଲ କଲାମ୍ ପାର୍କ ଅତିକ୍ରମ କରି ପୁଣି କଲେଜକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଏହି ରାଲିରେ ଫ୍ୟାକଲ୍ଟି ସଭ୍ୟ, ଇନ୍‌ଟର୍ଣ୍ଣ ଓ ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ। ରାଲିକୁ ଆଇଡିଏସ୍‌ର ଟୋବାକୋ ସିସେସନ୍ ସେଣ୍ଟରର ନୋଡାଲ୍ ଅଫିସର ପ୍ରଫେସର ସନତ୍ କୁମାର ଭୂୟାଁ ଶୁଭାରମ୍ଭ କରିଥିବାବେଳେ ତାଙ୍କ ସହିତ ଡ. ବସନ୍ତ ଚୌଧୁରୀ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ଡ. ଗାଥା ମହାନ୍ତି, ଡ. ସ୍ମିତା ପ୍ରିୟଦର୍ଶନୀ ଓ ଡ. ସୁମିତା ମିଶ୍ର ପରିଚାଳନା କରିଥିଲେ। ଆଇଡିଏସ୍‌ର ଡିନ୍ ପ୍ରଫେସର ଡ. ରୁଚି ଭୂୟାଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଓଡ଼ିଶାକୁ ସୁସ୍ଥ ଓ ତମାଖୁ ମୁକ୍ତ କରିବା ନେଇ ଏକ ବାର୍ତ୍ତା ପ୍ରଦାନ କରିଥିଲେ।

## ଆଜି ବିଶ୍ୱ ପରିବେଶ ଦିବସ

# କମୁଛି ଗଛ; ବଢୁଛି କଂକ୍ରିଟ୍ ଜଙ୍ଗଲ

ଭୁବନେଶ୍ୱର, ୪।୬(ସମିସ)

ଦିନେ ଯେଉଁଠି ଜଙ୍ଗଲ ଭରି ରହିଥିଲା ଏବେ ସେଠାରେ କଂକ୍ରିଟ୍ ଜଙ୍ଗଲ ହୁ ହୁ ହୋଇ ବଢ଼ି ଚାଲିଛି। ଯେଉଁଠି ଦିନେ ଗାଈଗୋରୁଙ୍କ ସମେତ ଅନ୍ୟ ପଶୁପକ୍ଷୀ ଚରାବୁଲା କରୁଥିଲେ ଏବେ ସେହି ସ୍ଥାନ ଗୁଡ଼ିକରେ ବିଭିନ୍ନ ପ୍ରକାରର ଗାଡ଼ି ଯା ଆସ କରୁଛି। ପୂର୍ବରୁ ବିଭିନ୍ନ ପଶୁପକ୍ଷୀଙ୍କ ଶବ୍ଦ ଶୁଣାଯାଉଥିବା ବେଳେ ଏବେ ଗାଡ଼ି ମାନଙ୍କର ଶବ୍ଦ ଶୁଣାଯାଉଛି। ଫଳରେ ପ୍ରାକୃତିକ ଜଙ୍ଗଲ କମି କମି ଆସୁଥିବା ବେଳେ କଂକ୍ରିଟ୍ ଜଙ୍ଗଲ ବଢ଼ି ବଢ଼ି ଚାଲିଛି।

ରାଜଧାନୀ ଦିନକୁ ଦିନ ନବକଳେବର ହେବାରେ ଲାଗିଛି। ସହରର ଯେଉଁ ଅଞ୍ଚଳ ସବୁ ଜଙ୍ଗଲ ଥିଲା ଏବେ ସେଠାରେ ସୁଉଚ୍ଚ ଅଟ୍ଟାଳିକା ଠିଆ ହୋଇଛି। ଏଥିସହିତ ଯେଉଁ ପଡ଼ିଆ ଜମିରେ ଚାଷ ହଉଥିଲା ଏବେ ସେ ପଡ଼ିଆ ବିଭିନ୍ନ ପ୍ରୋଜେକ୍ଟର ସ୍ଥାନ ନେଇଛି। ବିଗତ ୫୦ ବର୍ଷ ମଧ୍ୟରେ ଭୁବନେଶ୍ୱରର ପ୍ରାକୃତିକ ପରିବେଶରେ ବ୍ୟାପକ ହ୍ରାସ ଘଟିଛି। ରାସ୍ତା ପ୍ରଶସ୍ତୀକରଣ ଓ ଆକାଶଛୁଆଁ କୋଠାବାଡ଼ି ନିର୍ମାଣ ପାଇଁ ହଜାର ହଜାର ପୁରୁଣା ଗଛ କଟାଯାଇଛି। ଆବାସସ୍ଥଳ ହରାଇ ଏବେ ଅନେକ ପଶୁପକ୍ଷୀ ସହରରୁ ଉଭାନ୍ ହୋଇଗଲେଣି। ଦିନେ ଭୁବନେଶ୍ୱରରେ ବହୁନ ସଂଖ୍ୟାରେ ଦେଖାଯାଉଥିବା ପ୍ରଜାପତି, ହଳଦୀବସନ୍ତ, କଜଳପାତି, ଶାଗୁଣା, ବଗ, ଗେଣ୍ଡାଳିଆ ଓ ଘରଚଟିଆ ଭଳି ପକ୍ଷୀ ଏବେ ପ୍ରାୟ ଦୃଷ୍ଟିଗୋଚର ହେଉନାହାନ୍ତି। ସେହିପରି ଠେକୁଆ, ନେଉଳ, ଏଣ୍ଡୁଅ, ଗୋଧ ଓ ସାପ




ଆଦି ସରୀସୃପଙ୍କ ସଂଖ୍ୟା ମଧ୍ୟ ବିଲୁପ୍ତପ୍ରାୟ ହୋଇଗଲାଣି।

ପୂର୍ବରୁ ରାଜଧାନୀରେ ଜଙ୍ଗଲ କହିଲେ ଚନ୍ଦକା, ନନ୍ଦନକାନନ ଅଞ୍ଚଳ, ଖଣ୍ଡଗିରି ଉଦୟଗିରି ପାହାଡ଼ ଅଞ୍ଚଳ, ପଟିଆ, ଚନ୍ଦ୍ରଶେଖରପୁର, ଖଣ୍ଡଗିରି ବାରି, ପାତ୍ରପଡ଼ା, ଡୁମୁଡୁମା, ପୋଖରୀପୁଟ ଆଦି ଅଞ୍ଚଳ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା। ହେଲେ ଏବେ ଏହି ସବୁ ସ୍ଥାନ ଗୁଡ଼ିକରେ ଜଙ୍ଗଲ ନାହିଁ, ଉଚ୍ଚ ଅଟ୍ଟାଳିକା, ସମେତ ଶିକ୍ଷାନୁଷ୍ଠାନ, ସପିଂ ମଲ୍ ଆଦି ନିର୍ମାଣ ହୋଇଛି। ଚନ୍ଦକା-ଡମ୍ପଡ଼ା ଜଙ୍ଗଲର ପଶ୍ଚିମ ଏବଂ ଉତ୍ତର-ପଶ୍ଚିମ ପାର୍ଶ୍ୱବର୍ତ୍ତୀ ଅଂଶ ମୁଖ୍ୟତଃ ଭରତପୁର ସଂରକ୍ଷିତ ଜଙ୍ଗଲ ଏବଂ ଜଗନ୍ନାଥପ୍ରସାଦ ଜଙ୍ଗଲ କ୍ଷେତ୍ର ଭୁବନେଶ୍ୱରର ବିସ୍ତାରିତ ପୌର ସୀମା ଦ୍ୱାରା କମିଯାଇଛି। ସହରର ଫୁସ୍‌ଫୁସ୍ କୁହାଯାଉଥିବା ଚନ୍ଦକା ଅଭୟାରଣ୍ୟ ମଧ୍ୟ ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି। ପୂର୍ବରୁ ଚନ୍ଦକା ଜଙ୍ଗଲର ଅଂଶ ବିଶେଷ ଥିବା କଳିଙ୍ଗନଗର ଜୋନର ଏକ ୮୯ ଏକର ଅଞ୍ଚଳକୁ ଆନନ୍ଦବନ ନଗରବନରେ ପରିଣତ କରାଯାଇଛି। ଏହିପରି ଆଇଆରସି ଭିଲେଜରୁ ପ୍ରଥମେ ୧୯୮୦ ଦଶକରେ ୪୩ତମ ଇଣ୍ଡିଆନ୍ ରୋଡ୍ କଂଗ୍ରେସ ପାଇଁ ଗଛ କାଟି ଦିଆଯାଇଥିଲା ଏବଂ ପରେ ସ୍ଥାୟୀ ଭାବରେ ସହରର ଆବାସିକ ପଦଚିହ୍ନରେ ଏହାକୁ ସାମିଲ କରାଯାଇଥିଲା। ଏଇ ଗତ କିଛି ମାସ ତଳେ ମଧ୍ୟ ଅନେକ ଗଛକୁ କାଟି ପଦା କରି ଦିଆଯାଇଛି। ଯାହାଦ୍ୱାରା ସହରର ଆଉ ଯେତେବି ଗଛ କିମ୍ବା ଜଙ୍ଗଲ ଥିଲା ତାହା ବି ଆଉ ଦେଖିବାକୁ ମିଳିବନି ବୋଲି ପରିବେଶବିତ୍ ଚିନ୍ତା ପ୍ରକଟ କରିଛନ୍ତି।

ଅନେକ ପ୍ରାକୃତିକ ଜଳଉତ୍ସ, ଜଙ୍ଗଲ ଏରିଆ ବେଆଇନ ଦଖଲ ଦ୍ୱାରା ଅଦୃଶ୍ୟ ହୋଇ ଗଲାଣି। ପ୍ରାକୃତିକତା ହଜି ହଜି ଯାଉଛି କୃତ୍ରିମ ପରିବେଶ ବୃଦ୍ଧି ପାଉଛି। ପ୍ରଶାସନ ଠାରୁ ଆରମ୍ଭ କରି ବିଭିନ୍ନ ଅନୁଷ୍ଠାନ ଏବଂ ବ୍ୟକ୍ତି ବିଶେଷ, ସମସ୍ତେ ସହରର ବାସପଯୋଗିତାକୁ ଉନ୍ନତ କରିବା ପାଇଁ ଛୋଟ ଛୋଟ ପଦକ୍ଷେପ ନେବା ଆବଶ୍ୟକ। ପରିବେଶକୁ ଦୃଷ୍ଟିରେ ରଖି ଯଦି ଗୋଟେ ଗୋଟେ ଗଛ ସମସ୍ତେ ଲଗାନ୍ତେ ତେବେ ପରିମ୍ରେ ସୁରକ୍ଷା କିଛି ମାତ୍ରାରେ ହୋଇପାରନ୍ତା ବୋଲି ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ଜୀବନ ଠିକ୍ ସାଇକଲ୍ ଚାଳନା ପରି । ସମତୁଲତା ରକ୍ଷା କରିବାକୁ ହେଲେ ଏହା ନିରନ୍ତର ଚାଲିବା ଜରୁରୀ ।

-ଆଲବର୍ଟ ଆଇନଷ୍ଟାଇନ୍

## ଟିଏମ୍‌ସିରେ ଶିବସେନା ପ୍ରକରଣ

କ୍ରମାଗତ ୧୫ ବର୍ଷ ଧରି ପଶ୍ଚିମବଙ୍ଗରେ ଶାସନ କ୍ଷମତାରେ ରହିଥିବା ତୃଣମୂଳ କଂଗ୍ରେସ(ଟିଏମ୍‌ସି)ର ଗତ ବିଧାନସଭା ନିର୍ବାଚନରେ ପରାଜୟ ପରେ ଦଳ ଆପାତତଃ ବିଭାଜିତ ହୋଇସାରିଛି । ଟିଏମ୍‌ସିର ୮୦ ଜଣ ବିଧାୟକଙ୍କ ମଧ୍ୟରୁ ୫୮ ଜଣ ମେଳି କରି ମମତା ବାନାର୍ଜୀଙ୍କ ୨୮ ବର୍ଷର ନେତୃତ୍ୱ, କ୍ଷମତା ଓ ଅସ୍ତିତ୍ୱକୁ ଏକପ୍ରକାର ଖୋଲା ଆହ୍ୱାନ ଦେଇଛନ୍ତି । ନିକଟରେ ଦଳବିରୋଧୀ କାର୍ଯ୍ୟ ଅଭିଯୋଗରେ ଟିଏମ୍‌ସିରୁ ବହିଷ୍କୃତ ରତବ୍ରତ ବାନାର୍ଜୀଙ୍କ ନେତୃତ୍ୱରେ ୫୮ ବିଧାୟକ ନୂଆ ଗୋଷ୍ଠୀ ଗଠନ କରିଛନ୍ତି ଏବଂ ରତବ୍ରତଙ୍କୁ ପଶ୍ଚିମବଙ୍ଗ ବିଧାନସଭାରେ ବିରୋଧୀ ଦଳର ନେତା ମାନ୍ୟତା ମିଳିଛି । ଟିଏମ୍‌ସିରେ ଏହି ଐତିହାସିକ ବିଭାଜନ ମହାରାଷ୍ଟ୍ରରେ ଶିବସେନାରେ ଜୁନ୍ ୨୦୨୨ରେ ଘଟିଥିବା ବିଭାଜନକୁ ସ୍ମରଣ କରାଉଛି, ଯେଉଁଠାରେ ଶିବସେନାର ୫୩ ଜଣ ବିଧାୟକଙ୍କ ମଧ୍ୟରୁ ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ୩୭ ଜଣ ବିଧାୟକ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ମୁଖ୍ୟମନ୍ତ୍ରୀତ୍ୱକୁ ପ୍ରତ୍ୟାଖ୍ୟାନ କରି କେବଳ ନୂଆ ଗୋଷ୍ଠୀ ଗଠନ କରି ନଥିଲେ ସେମାନେ ହିଁ ପ୍ରକୃତ ଶିବସେନା ବୋଲି ଘୋଷଣା କରିଥିଲେ । ନିର୍ବାଚନ ଆୟୋଗ ମଧ୍ୟ ଏକନାଥ ସିନ୍ଦେଙ୍କ ଗୋଷ୍ଠୀକୁ ଶିବସେନାର ମୂଳ ନିର୍ବାଚନୀ ଚିହ୍ନ ବ୍ୟବହାର କରିବାର ଅଧିକାର ପ୍ରଦାନ କରିବା ପରେ ଦଳର ମୂଳ ନେତା ଉଦ୍ଧବଙ୍କ ହାତରୁ ଦଳର କର୍ତ୍ତୃତ୍ୱ ଚାଲିଯାଇଥିଲବା । ଅନ୍ୟଅର୍ଥରେ କହିଲେ ତାଙ୍କଦଳରୁ ହିଁ ତାଙ୍କୁ ବିତାଡ଼ିତ ହେବାକୁ ପଡ଼ିଥିଲା ।

ଟିଏମ୍‌ସିର ସ୍ଥିତି ପ୍ରାୟତଃ ଶିବସେନା ବିଘଟନର ପୁନରାବୃତ୍ତି ପରି ଜଣାପଡୁଥିଲେ ମଧ୍ୟ ରତବ୍ରତଙ୍କ ନେତୃତ୍ୱାଧୀନ ଗୋଷ୍ଠୀ ଟିଏମ୍‌ସିରୁ ଅଲଗା ହୋଇନାହାନ୍ତି, ବରଂ ଦଳର ପ୍ରତିଷ୍ଠାତା ତଥା ସୁପ୍ରିମୋଙ୍କୁ ଦଳର ନେତା ପଦରୁ ଅବ୍ୟାହତି ଦେଇ ପରାମର୍ଶଦାତା ଭୂମିକାରେ ସନ୍ତୁଷ୍ଟ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆଗାମୀ ଦିନରେ ୨୨ ଜଣ ବିଧାୟକ ସମର୍ଥିତ ମମତା କି ଆଇନଗତ ପଦକ୍ଷେପ ନେବେ ତାହା ଏବେ ଅସ୍ପଷ୍ଟ । କିନ୍ତୁ ସଂଖ୍ୟାଧିକ ବିଧାୟକଙ୍କ ସମର୍ଥନ ଥିବା ଏବଂ ବାଚସ୍ପତିଙ୍କ ସ୍ୱୀକୃତି ପାଇ ସାରିଥିବା ରତବ୍ରତ ହିଁ ଏବେ ଟିଏମ୍‌ସିର ସର୍ବେସର୍ବା ବୋଲି ବୁଝାଯିବ । ତେଣୁ ରତବ୍ରତଙ୍କ ଗୋଷ୍ଠୀ ଟିଏମ୍‌ସିର ନିର୍ବାଚନୀ ଚିହ୍ନ ପାଇଁ ଆବେଦନ କରିବାର ଆବଶ୍ୟକତା ହିଁ ନାହିଁ । ଅଧିକନ୍ତୁ କ୍ଷମତା ଦୌଡ଼ରେ ମମତାଙ୍କ ସମର୍ଥନରେ ଥିବା ୨୨ ଜଣ ବିଧାୟକ ରତବ୍ରତଙ୍କୁ ଖୋଲା ସମର୍ଥନ ଦେବା ଅସମ୍ଭବ ନୁହେଁ । ସାମ୍ପ୍ରତିକ ଭାରତୀୟ ରାଜନୀତିରେ ଯେଉଳି ଗୋଟିଏ ପରେ ଗୋଟିଏ ଆଞ୍ଚଳିକ ଦଳମାନଙ୍କର ଅସ୍ତିତ୍ୱ ସଙ୍କଟ ଭିତରକୁ ଠେଲି ହୋଇଯାଉଛନ୍ତି ସେହି ପୃଷ୍ଠଭୂମିରେ ରତବ୍ରତଙ୍କ ଗୋଷ୍ଠୀ ଜାତୀୟ ଦଳରେ ସାମିଲ୍ ହେବାର ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦେଇ ହେବ ନାହିଁ । ଦୁଇଟିଯାକ ପରିସ୍ଥିତିରେ ମମତା ଏକଘରକିଆ ହୋଇଯିବା ନିଶ୍ଚିତ ।

ଏଠାରେ ସମୟର ଖେଳ ଓ ରାଜନୀତିର ବିଡ଼ମ୍ବନାକୁ ଲକ୍ଷ୍ୟ କରିବାର କଥା । ଜାତୀୟ ରାଜନୀତିରେ ଆଲୋଡ଼ନ ସୃଷ୍ଟି କରିଥିବା ଏବଂ ପ୍ରଧାନମନ୍ତ୍ରୀ ହେବାର ସ୍ୱପ୍ନ ଦେଖୁଥିବା ମମତା ବାନାର୍ଜୀଙ୍କ ଭଳି ଜଣେ ସାହସୀ, ଉଦ୍‌ଯୋଗୀ, କର୍ମଠ, ବିପ୍ଳବୀ, ପ୍ରଭାବଶାଳୀ ନେତୃତ୍ୱ ଯେ ଦିନେ ତାଙ୍କ ଦ୍ୱାରା ଗଠିତ ଦଳରେ ହିଁ ଅଲୋଡ଼ା ହୋଇଯିବେ, ଏହା ମମତାଙ୍କ ବିରୋଧୀମାନେ ମଧ୍ୟ କେବେ କଳ୍ପନା କରି ନଥିବେ । ଆଭ୍ୟନ୍ତରୀଣ ଦଳୀୟ ରାଜନୀତିରେ ମାତ୍ରାଧିକ ପ୍ରିୟାପ୍ରୀତି ତୋଷଣ ହେଉ କିମ୍ବା ଗଣତନ୍ତ୍ରର ଅଭାବ ଏଭଳି ସ୍ଥିତିକୁ ଯେ ଜନ୍ମ ଦିଏ ତାହା ଟିଏମ୍‌ସିରେ ରତବ୍ରତ ପ୍ରକରଣ ଭାରତୀୟ ରାଜନୀତିରେ ଏକ ଉଦାହରଣ ହୋଇ ରହିଯିବ । ପୁତୁରା ଅଭିଷେକ ବାନାର୍ଜୀଙ୍କ ପ୍ରତି ମମତାଙ୍କ ଅଧିକ ଗୁରୁତ୍ୱ ପ୍ରଦାନ ଏଭଳି ବିଦ୍ରୋହକୁ ଜନ୍ମ ଦେଇଥିବା କୁହାଯାଉଛି । ଏହା ସତ ହୋଇପାରେ; କିନ୍ତୁ ରତବ୍ରତଙ୍କ ନେତୃତ୍ୱରେ ଭିନ୍ନ ଗୋଷ୍ଠୀ ଗଢ଼ିଥିବା ୫୮ ବିଧାୟକଙ୍କ ବିଶ୍ୱାସଘାତକତାକୁ ମଧ୍ୟ ଗୌଣ ଦୃଷ୍ଟିରେ ଦେଖିବା ଉଚିତ ହେବ ନାହିଁ ।

ଭାରତରେ ରାଜନୈତିକ ଦଳର ବିଭାଜନ, ସଂକେତ ଓ ଦଳର ନାମକୁ ନେଇ ବିବାଦ ନୂଆ କଥା ନୁହେଁ । ବାମ, ଦକ୍ଷିଣ ଓ କେନ୍ଦ୍ରପନ୍ଥୀ ସବୁଦଳଙ୍କ ଜୀବନରେ ଏଭଳି ପରିସ୍ଥିତି ଆସିଛି ଏବଂ ଆଗକୁ ଅନ୍ୟାନ୍ୟ ଦଳଙ୍କ କ୍ଷେତ୍ରରେ ମଧ୍ୟ ଆସିପାରେ । କଂଗ୍ରେସ, ଜନତାପାର୍ଟି, ଜନତା ଦଳ, ବାମପନ୍ଥୀ ଓ କିଛି ଦ୍ରାବିଡ଼ୀୟ ଦଳ ଏହିକ୍ରମରେ ବହୁଦା ବିଭକ୍ତ ହୋଇଛନ୍ତି । ତାମିଲ୍‌ନାଡୁରେ ଏଆଇଏଡିଏମ୍‌କେରେ ମଧ୍ୟ ଏକ ସମାନ୍ତରାଳ ଗୋଷ୍ଠୀ ଜନ୍ମ ନେଇ ବିଜୟଙ୍କ ସରକାରକୁ ସମର୍ଥନ ଦେଇଛି । ନିର୍ବାଚିତ ଲୋକପ୍ରତିନିଧି ଗୋଟିଏ ଦଳ ଛାଡ଼ି ଚାଲିଗଲେ ବା ଦଳରେ ଆନୁଷ୍ଠାନିକ ବିଭାଜନ ଘଟିଲେ ସବୁ ଦଳ ମରି ହଜି ଯାଏ ନାହିଁ । ନେତା ଓ ନେତୃତ୍ୱ ଯଦି ଠିକ୍ ଥା'ନ୍ତି ଏବଂ ସଂଗଠନ ଯଦି ତାଙ୍କ ପାଖରେ ଥାଏ, ସେ ଦଳ ପରବର୍ତ୍ତୀ ନିର୍ବାଚନରେ ପୁନର୍ବାର ଉପରକୁ ଉଠିଥାଏ । ଏ ସବୁ ସତ୍ତ୍ୱେ କର୍ତ୍ତୃତ୍ୱ ଓ କ୍ଷମତା ସ୍ୱୀକୃତିର ଏକ ବଡ଼ ଭୂମିକା ରହୁଛି । ଯଦି ଦଳୀୟ କର୍ମୀ ମମତାଙ୍କ ନିର୍ଦ୍ଦେଶ ନ ମାନିବେ ତେବେ ତାଙ୍କ ପାଖରେ କିଛି କରିପାରିବାର ବାଟ ନାହିଁ । ସେଭଳି ପରିସ୍ଥିତିରେ ମମତାଙ୍କ ରାଜନୀତିରୁ ସନ୍ନ୍ୟାସ ପ୍ରସଙ୍ଗ ଆଲୋଚନାକୁ ଆସିବ । ଅପରପକ୍ଷରେ ବିଧାୟକମାନଙ୍କ ବିଶ୍ୱାସଘାତକତା ସତ୍ତ୍ୱେ ଯଦି ତୃଣମୂଳସ୍ତରର କର୍ମୀ ଓ ଜନସାଧାରଣ ମମତାଙ୍କ ସପକ୍ଷରେ ରୁହନ୍ତି ତେବେ ଆଗାମୀ ଦିନରେ ଟିଏମ୍‌ସି ରାଜ୍ୟ ରାଜନୀତି କଡ଼ ଲେଉଟାଇବା ଅସମ୍ଭବ ନୁହେଁ । ଏହି ଆଧାରରେ ଜାତୀୟ ରାଜନୀତିରେ ମଧ୍ୟ ମମତାଙ୍କ ଅସ୍ତିତ୍ୱ ପ୍ରମାଣିତ ହେବ ।

ଭାରତୀୟ ରାଜନୀତିରେ ଏବେ ଯେଉଁ ବିଶ୍ୱାସ ସଙ୍କଟ ସୃଷ୍ଟି ହୋଇଛି ସେଥିରୁ ଆପାତତଃ ଦୁଇଟି ସନ୍ଦେଶ ମିଳୁଛି । ପ୍ରଥମତଃ, ନେତୃତ୍ୱର ଏକଛତ୍ରବାଦକୁ ଦଳୀୟ ନେତା ଓ କର୍ମୀମାନେ ଆଉ ସ୍ୱୀକାର କରିବା ସ୍ଥିତିରେ ନାହାନ୍ତି । ଏହା ଭାରତୀୟ ଗଣତନ୍ତ୍ର ସପକ୍ଷରେ ଏକ ଶୁଭସଙ୍କେତ ହୋଇପାରେ । ଦ୍ୱିତୀୟତଃ, ସୁବିଧାବାଦୀ ରାଜନୀତିର ମାନସିକତା ଧୀରେ ଧୀରେ ନେତାମାନଙ୍କୁ ଗ୍ରାସ କରିବାରେ ଲାଗିଛି । ତେଣୁ ସେମାନେ ରାଜନୀତିକୁ ଦେଶ ଓ ଜନତାଙ୍କ ସେବା ପରିବର୍ତ୍ତେ ସ୍ୱସ୍ୱାର୍ଥ ସାଧନର ସର୍ବୋତ୍କୃଷ୍ଟ ମାଧ୍ୟମ ଭାବେ ଦେଖୁଛନ୍ତି ଏବଂ କ୍ଷମତାସୀନ ଦଳ ସହିତ ବିଲୟ ହୋଇଯିବାକୁ ପସନ୍ଦ କରୁଛନ୍ତି । ଦ୍ୱିତୀୟଟିର ପ୍ରଭାବ ଓ ବିସ୍ତାର ବଢ଼ିଲେ ହୁଏତ ଭାରତର ବହୁଦଳୀୟ ଗଣତନ୍ତ୍ର ଦ୍ୱିଦଳୀୟରେ ପରିବର୍ତ୍ତନ ହୋଇପାରେ । ●

# ମହାଜନାଦେଶରୁ ମହାପ୍ରଶ୍ନ

**ରାକେଶ ପାଢ଼ୀ**




ଇତିହାସ ଏଭଳି ଅନେକ କ୍ଷଣର ସାକ୍ଷୀ ରହିଛି, ଯେତେବେଳେ ଜନତା କେବଳ ସରକାର ବଦଳାଇ ନାହାନ୍ତି, ନିଜ ଭାଗ୍ୟ ବଦଳାଇବାର ସ୍ୱପ୍ନ ଦେଖିଛନ୍ତି । ୨୦୧୪ ସେହିପରି ଏକ ମୁହୂର୍ତ୍ତ ଥିଲା କହିଲେ ଅତିଶୟୋକ୍ତି ହେବ ନାହିଁ । ୨ଜି ସ୍ପେକ୍ଟ୍ରମ, କମନୱେଲ୍‌ଥ ଗେମ୍, କୋଲଗେଟ୍, ଆଦର୍ଶ ହାଉସିଂ ଏବଂ ଅନ୍ୟାନ୍ୟ ଦୁର୍ନୀତିର ଅଭିଯୋଗରେ ଜନସାଧାରଣ ଅତିଷ୍ଠ ହୋଇପଡ଼ିଥିଲେ । ଦୁର୍ନୀତିର କାଦୁଅରେ ଫସିଯାଇଥିବା ୟୁପିଏ ଶାସନ, ନିରବ ନେତୃତ୍ୱ, ନୀତିଗତ ଅଚଳାବସ୍ଥା ଏବଂ ଜନ ଅସନ୍ତୋଷର ଜ୍ୱାଳା ମଧ୍ୟରେ ଦେଶ ଜଣେ ନୂତନ ନାୟକଙ୍କୁ ଖୋଜୁଥିଲା । ସେହି ସମୟରେ ନରେନ୍ଦ୍ର ଦାମୋଦରଦାସ ମୋଦୀ କେବଳ ଜଣେ ରାଜନେତା ଭାବେ ନୁହେଁ, ବରଂ ଅସୁମାରି ଆଶା, ଅନେକ ଆକାଂକ୍ଷା ଓ ପରିବର୍ତ୍ତନର ପ୍ରତୀକ ଭାବେ ଉଭା ହେଲେ । ସ୍ୱାଧୀନତା ପରେ ଜବାହରଲାଲ ନେହେରୁ ଓ ଇନ୍ଦିରା ଗାନ୍ଧୀଙ୍କ ପରେ ଦେଶର ରାଜନୀତିରେ ଏପରି ଜନଆକର୍ଷଣ ସମ୍ଭବତଃ ଆଉ କେହି ହାସଲ କରି ନ ଥିଲେ । ଶ୍ରୀଯୁକ୍ତ ମୋଦୀଙ୍କୁ ଭାରତର ବଦଳୁଥିବା ଭାଗ୍ୟରେଖା ବୋଲି ଜନତା ଭାବି ନେଇଥିଲେ । 'ଅଛେ ଦିନ', 'ସବ୍‌କା ସାଥ, ସବ୍‌କା ବିକାଶ', 'ଗୁଜରାଟ ମଡେଲ' ଓ 'ନ୍ୟୁ ଇଣ୍ଡିଆ'ର ସ୍ଲୋଗାନ ଭାରତର ଜନସାଧାରଣଙ୍କୁ ଏକ ନୂଆ ଯୁଗର ଆହ୍ୱାନ ଭଳି ଲାଗୁଥିଲା ।

ସମୟର ନଦୀ କିନ୍ତୁ କେବେ ଅଟକି ରହେ ନାହିଁ । ବାରବର୍ଷ ପରେ ଆଜି ଯେତେବେଳେ ଆମେ ପଛକୁ ଫେରି ଚାହୁଁଛୁ, ମନରେ ଏକ ପ୍ରଶ୍ନ ବାରମ୍ବାର ଉଙ୍କି ମାରୁଛି ଯେ 'ଭାରତବର୍ଷ କେନ୍ଦ୍ର ସରକାରକୁ ଯେଉଁ ସୁବର୍ଣ୍ଣ ସୁଯୋଗ ଦେଇଥିଲା, ତାହାର ପୂର୍ଣ୍ଣ ସଦୁପଯୋଗ ହେଲା କି?' ନିଶ୍ଚିତ ଭାବରେ ଏହି ଅବଧିରେ କିଛି ଐତିହାସିକ ଘଟଣା ଘଟିଛି । କିନ୍ତୁ ଗତ ବାରବର୍ଷରେ ଭାରତର ସ୍ଥିତି ଯେ ମହାଜନାଦେଶରୁ ଯୁବପିଢ଼ିଙ୍କ ସକାଶେ ମହାପ୍ରଶ୍ନ ସୃଷ୍ଟି କରିଛି ଏଥିରେ ସନ୍ଦେହ ନାହିଁ । ସମ୍ବିଧାନର ଧାରା ୩୭୦ର ଉଚ୍ଛେଦ, ତିନି ତଲାକ ଆଇନ ଉଚ୍ଛେଦ, ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ସମ୍ପୂର୍ଣ୍ଣ, ଡିଜିଟାଲ ଇଣ୍ଡିଆ, ୟୁପିଆଇ ବିପ୍ଳବ, ଜନଧନ ଯୋଜନା, ସ୍ୱଚ୍ଛ ଭାରତ ଏବଂ ଦେଶବ୍ୟାପୀ ଭିତ୍ତିଭୂମି ବିକାଶ କେନ୍ଦ୍ର ସରକାରର ବଡ଼ ସଫଳତା ଭାବେ ଗଣାଯାଇପାରିବ ।

ସଫଳତାର ଏହି ଝଲମଲ ଆଲୋକ ମଧ୍ୟରେ କିଛି ଛାଇ ଓ ଛିଦ୍ର ଏବେ ସ୍ପଷ୍ଟ ବାରି ହେଉଛି । ୨୦୧୪ରେ ପ୍ରତିବର୍ଷ ଦୁଇକୋଟି ଚାକିରିର ପ୍ରତିଶ୍ରୁତି ଦିଆଯାଇଥିଲା । ସେତେବେଳେ ଯୁବପିଢ଼ିର ଆଖିରେ ସ୍ୱପ୍ନ ନଭଶ୍ଚୁମ୍ବୀ ଥିଲା । ଏନ୍‌ଏସ୍‌ଏସ୍‌ଓ ତଥ୍ୟ ଅନୁଯାୟୀ ୟୁପିଏ ସରକାର ସମୟରେ ୨୦୧୧-୧୨ରେ ବେକାରୀ ହାର ପ୍ରାୟ ୨.୨ ପ୍ରତିଶତ ଥିଲା । ଆଜି ପିଏଲ୍‌ଏଫ୍‌ଏସ୍ ତଥ୍ୟ ଅନୁଯାୟୀ ତାହା ୩.୧ ପ୍ରତିଶତ ପାଖାପାଖି ରହିଛି । ସରକାର ନିଯୁକ୍ତି ବୃଦ୍ଧିର ଦାବି କରୁଛନ୍ତି, କିନ୍ତୁ ସରକାରୀ ଚାକିରି ପାଇଁ ଲକ୍ଷ ଲକ୍ଷ ଯୁବକଙ୍କ ଲମ୍ବା ଧାଡ଼ି ଏବଂ ପରୀକ୍ଷା କେନ୍ଦ୍ରରେ ଜମୁଥିବା ଭିଡ଼ ଏକ ଭିନ୍ନ କାହାଣୀ ଦର୍ଶାଉଛି ।

କୌଣସି ରାଷ୍ଟ୍ରର ଭବିଷ୍ୟତ ତାହାର ଯୁବପିଢ଼ିର ସ୍ୱପ୍ନ ଉପରେ ନିର୍ଭର କରେ । ଗତ ଏକ ଦଶନ୍ଧି ମଧ୍ୟରେ ଭାରତର ନିଯୁକ୍ତି ଓ ଶିକ୍ଷା ବ୍ୟବସ୍ଥା ଅନେକ ବିବାଦର ସମ୍ମୁଖୀନ ହୋଇଛି । ନିଟ୍, ୟୁଜିସି-ନେଟ୍, ଏସଏସସି, ରେଲୱେ ରିକ୍ରୁଟମେଣ୍ଟ ବୋର୍ଡ, ବିଭିନ୍ନ ରାଜ୍ୟସ୍ତରୀୟ ନିଯୁକ୍ତି ପରୀକ୍ଷା ଓ ଶିକ୍ଷକ ନିଯୁକ୍ତି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍, ପରୀକ୍ଷା ବାତିଲ ଓ ଅନିୟମିତତାର ଅଭିଯୋଗ ବାରମ୍ବାର ହେଉଛି । ଲକ୍ଷ ଲକ୍ଷ ଯୁବକ ବର୍ଷ ବର୍ଷ ଧରି ପରିଶ୍ରମ କରିବା ପରେ ଯେତେବେଳେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ହୋଇଥିବା ଖବର ଶୁଣନ୍ତି, ସେତେବେଳେ କେବଳ ପରୀକ୍ଷା ନୁହେଁ, ବରଂ ବ୍ୟବସ୍ଥା ଉପରୁ ସେମାନଙ୍କ ଭରସା ତୁଟିଯାଏ ।

'ନୋଟବନ୍ଦୀ' ବା 'ବିମୁଦ୍ରାୟନ'କୁ 'ମାଷ୍ଟରଷ୍ଟ୍ରୋକ' କୁହାଗଲା । କଳାଧନ, ଆତଙ୍କବାଦ ଓ ନକଲି ନୋଟ ବିରୋଧରେ ଏହାକୁ ଏକ ଅମୋଘ ଅସ୍ତ୍ର ଭାବେ ଉପସ୍ଥାପନ କରାଗଲା । କିନ୍ତୁ ପ୍ରାୟ ସମସ୍ତ ନୋଟ ବ୍ୟାଙ୍କକୁ ଫେରି ଆସିବା ପରେ ପ୍ରଶ୍ନ ଉଠିଲା, ଏହା ଆର୍ଥିକ ସଂସ୍କାର ଥିଲା ନା ଅର୍ଥନୀତିକୁ ଦିଆଯାଇଥିବା ଏକ ଗଭୀର ଆଘାତ? ସେହିଭଳି ୧୦୦ 'ସ୍ମାର୍ଟ ସିଟି'ର ସ୍ୱପ୍ନ ଦେଖାଯାଇଥିଲା । କିଛି ସହରରେ ପରିବର୍ତ୍ତନ ଦେଖାଯାଇଥିଲେ ମଧ୍ୟ ଅଧିକାଂଶ ସହର ଆଜି ମଧ୍ୟ 'ସ୍ମାର୍ଟ' ଦୂରେ ଥାଉ ପାରମ୍ପରିକ ସମସ୍ୟାରୁ ମୁକୁଳି ପାରିନାହାନ୍ତି ।

ବିଦେଶ ନୀତି କ୍ଷେତ୍ରରେ ଗତ ବାରବର୍ଷରେ କେନ୍ଦ୍ର ସରକାର ପ୍ରଶଂସା ସାଉଁଟିଛି । ରୁଷ-ୟୁକ୍ରେନ ଯୁଦ୍ଧ ସମୟରେ ଭାରତ ଶସ୍ତା ତୈଳ କ୍ରୟ କରି ଆର୍ଥିକ ଲାଭ ପାଇଥିଲା । ଜି-୨୦ ଶିଖର ସମ୍ମିଳନୀ ମାଧ୍ୟମରେ ବିଶ୍ୱ ମଞ୍ଚରେ ଭାରତର ମର୍ଯ୍ୟାଦା ବଢ଼ିଥିଲା । କିନ୍ତୁ ଆଜି ବିଶ୍ୱ ରାଜନୀତିର ଦିଗ ବଦଳୁଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ ନୂତନ ଟାରିଫ୍ ନୀତି, ଚୀନର ଆର୍ଥିକ ଆକ୍ରମଣାତ୍ମକ ନୀତି ଓ ପଶ୍ଚିମ ଏସିଆର ଅସ୍ଥିରତା ଯୋଗୁଁ ଭାରତର ବିଦେଶ ନୀତିକୁ କଠିନ ପରୀକ୍ଷା ଦେଇ ଗତି କରିବାକୁ ପଡୁଛି । ଏକଦା ଯେଉଁ ଭାରତ 'ବିଶ୍ୱଗୁରୁ' ହେବାର ସ୍ୱପ୍ନ ଦେଖୁଥିଲା, ସେହି ଭାରତ ଆଜି ଘରୋଇ ମହଙ୍ଗାମାଡ଼, ବେକାରୀ, ଆୟ ବୈଷମ୍ୟ ଓ ବାହ୍ୟ କୂଟନୈତିକ ଚାପରେ ସନ୍ତୁଳନ ଖୋଜୁଛି । ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କରଙ୍କ ରୋକଠୋକ ବକ୍ତବ୍ୟ ବିଶ୍ୱ ମଞ୍ଚରେ ପ୍ରଶଂସା ପାଇଛି, କିନ୍ତୁ କୂଟନୀତି କେବଳ ଶବ୍ଦର ଶକ୍ତିରେ ନୁହେଁ, ଅର୍ଥନୀତି ଓ ପ୍ରଭାବର ଶକ୍ତିରେ ମଧ୍ୟ ପରିଚାଳିତ ହୁଏ ତାହା ଭୁଲିଗଲେ ଚଳିବ ନାହିଁ ।

ସମୟାନୁକ୍ରମେ ଓଡ଼ିଶାରେ ମଧ୍ୟ ପରିବର୍ତ୍ତନର ପବନ ବହିଛି । ଦୀର୍ଘ ୨୪ ବର୍ଷ ପରେ କ୍ଷମତାର ରଙ୍ଗ ବଦଳିଛି । କିନ୍ତୁ ଜନତା ଆଜି ରଙ୍ଗର ପରିବର୍ତ୍ତନ ନୁହେଁ, ପରିଣାମର ପରିବର୍ତ୍ତନ ଚାହୁଁଛନ୍ତି । ଇତିହାସ ନିଷ୍ଠୁର ହୋଇପାରେ, କିନ୍ତୁ ନିରପେକ୍ଷ ହୋଇଥାଏ । ସେ କୌଣସି ଦଳ କିମ୍ବା ନେତାଙ୍କ ପ୍ରତି ଅନୁଗତ ନୁହେଁ । ସେ କେବଳ ଫଳାଫଳର ବିଚାର କରେ । ୨୦୧୪ରେ ଦେଶ ଏକ ଅଦ୍ଭୁତ ସୁଯୋଗ ଦେଇଥିଲା ଏକ ସ୍ଥିର ସରକାର, ଏକ ଶକ୍ତିଶାଳୀ ନେତୃତ୍ୱ ଏବଂ ଏକ ବିପୁଳ ଜନସମର୍ଥନ । ପ୍ରଶ୍ନ ହେଉଛି, ସେହି ସୁବର୍ଣ୍ଣ ସୁଯୋଗ ଭାରତକୁ ସ୍ୱର୍ଣ୍ଣିମ ଭବିଷ୍ୟତ ଦେଇପାରିଲା କି? ନା ଆଶାର ସୁବର୍ଣ୍ଣ ଶସ୍ୟକ୍ଷେତ୍ରରେ ଆଜି ମଧ୍ୟ ଅପୂର୍ଣ୍ଣ ପ୍ରତିଶ୍ରୁତିର ଶୁଷ୍କ ପବନ ବହୁଛି? ଏଭଳି ଅନେକ ପ୍ରଶ୍ନର ଉତ୍ତର ରାଜନୀତି ନୁହଁ, ଇତିହାସ ହିଁ ଦେଇପାରିବ । ●

ଜୟପୁର, ମୋ: ୯୪୩୯୫୧୦୦୯୧

# କୃତ୍ରିମ ବୌଦ୍ଧିକତା ଓ ଭାରତ

**ଇଂ. ମାୟାଧର ସ୍ୱାଇଁ**

ବର୍ତ୍ତମାନ ସମୟର ସର୍ବଶ୍ରେଷ୍ଠ ଓ ବହୁଚର୍ଚ୍ଚିତ ପ୍ରଯୁକ୍ତି ବିଦ୍ୟା ହେଉଛି କୃତ୍ରିମ ବୁଦ୍ଧିମତ୍ତା (ଆର୍ଟିଫିସିଆଲ୍ ଇଣ୍ଟେଲିଜେନସ୍ ବା ଏଆଇ) । ଆମ ଜୀବନରେ ପ୍ରତିଟି କ୍ଷେତ୍ରରେ ଏହାର ପ୍ରୟୋଗ ହେଉଛି । ଏହାଦ୍ୱାରା କାମ ସହଜରେ ଓ ଶୀଘ୍ର ହୋଇପାରୁଛି । ଫେସ୍‌ବୁକ୍, ହ୍ୱାଟ୍‌ସଆପ୍, ଇନ୍‌ଷ୍ଟାଗ୍ରାମ ଭଳି ବହୁଳ ବ୍ୟବହୃତ ସାମାଜିକ ଗଣମାଧ୍ୟମରେ ଏହାର ବ୍ୟବହାରକୁ ଆମେ ଉପଲବ୍ଧ କରିପାରୁଛେ । ଶିକ୍ଷା, କୃଷି, ସ୍ୱାସ୍ଥ୍ୟ, ଶକ୍ତି, ପ୍ରଶାସନ ଆଦି କ୍ଷେତ୍ରରେ ଏହାର ବହୁଳ ପ୍ରୟୋଗ କରାଯାଉଛି । ଏହାର ଗୋଟିଏ ଉତ୍ତମ ସୁବିଧା ହେଉଛି ଯେ ଏହା ଅନେକ ତଥ୍ୟକୁ ବିଶ୍ଳେଷଣ କରି କମ୍ ସମୟରେ ଉଚିତ୍ ମାର୍ଗ ପ୍ରଦର୍ଶନ କରିଥାଏ । ଉଦାହରଣସ୍ୱରୂପ, ସ୍ୱାସ୍ଥ୍ୟସେବାରେ ଅଙ୍ଗ ପ୍ରତିରୋପଣ ବ୍ୟବସ୍ଥାକୁ ବିଚାର କରିବା । ଏଥିପାଇଁ ଜଣେ ଅଙ୍ଗପ୍ରଦାନକାରୀ ଓ ଅନ୍ୟ ଜଣେ ଅଙ୍ଗଗ୍ରାହୀ ଥା'ନ୍ତି ଏବଂ ପ୍ରତିରୋପଣ ପାଇଁ ଉଭୟଙ୍କ ମଧ୍ୟରେ ରକ୍ତ ଗ୍ରୁପ୍ ସମେତ କେତେକ ପ୍ରାଚଳର ସୁମେଳନ ହେବା ଅତ୍ୟାବଶ୍ୟକ । ଏଆଇ ସାହାଯ୍ୟରେ ଭେଷଜ ଓ ଲବୋରେଟୋରି ତଥ୍ୟର ବିଶେଷ୍ଳଣ ଏହାକୁ ସହଜ କରିଥାଏ । ପୁନଶ୍ଚ ଅଙ୍ଗ ପ୍ରଦାନକାରୀ ଓ ଅଙ୍ଗଗ୍ରାହୀ ମଧ୍ୟରେ ଦୂରତା ଥାଇପାରେ । ଏଣୁ କିପରି ସମୟ ନଷ୍ଟ ନ କରି ପରିବହନ ପଥ ଚୟନ କରାଯିବ ଏବଂ ରାସ୍ତାରେ ଯେପରି ଟ୍ରାଫିକ ସମସ୍ୟା ନ ରହିବ, ତାହା ଏଆଇ ଦ୍ୱାରା ସ୍ଥିର କରାଯାଉଛି । ଭାରତରେ ରେଳଧାରଣା ଅତିକ୍ରମ କରିବା ବେଳେ ଅନେକ ସମୟରେ ହାତୀର ମୃତ୍ୟୁ ଖବର ଆସିଥାଏ । ବର୍ତ୍ତମାନ ଏହାକୁ ବନ୍ଦ କରିବା ପାଇଁ ଏଆଇ ପ୍ରୟୋଗ କରାଯାଉଛି । ସେହିପରି ଜଙ୍ଗଲ ନିଆଁର ପ୍ରତିକାର ପାଇଁ ମଧ୍ୟ ଏଆଇକୁ ବ୍ୟବହାର କରାଯାଉଛି ।

'ଏଆଇ'ର ଏଭଳି ଅନେକ ସୁଫଳ ଯୋଗୁଁ ଭାରତ ସମେତ ଅନେକ ଦେଶ ଏହାକୁ ଗ୍ରହଣ କରିଛନ୍ତି । କିନ୍ତୁ ଏହାର ଗବେଷଣା ଓ ବିଭିନ୍ନ ମଡେଲ୍ ପ୍ରସ୍ତୁତି ପ୍ରାୟ ଯୁକ୍ତରାଷ୍ଟ୍ର ଆମେରିକାରେ ହେଉଛି । ସେଠାରୁ ଆମେ ଏହାକୁ କିଣିଆଣୁଛୁ । ଏଥିପାଇଁ ଆମର ବୈଦେଶିକ ପୁଞ୍ଜି ତ ଖର୍ଚ୍ଚ ହେଉଛି, ତା' ସାଙ୍ଗକୁ ସେଠାରେ ନିର୍ମିତ ବିଭିନ୍ନ ମଡେଲ ଆମ ପାରିବେଶିକ ବ୍ୟବସ୍ଥାରେ ବେଳେବେଳେ ସଠିକ୍ କାମ କରୁନାହିଁ । ଏଣୁ ଆମକୁ ଆମ ଦେଶରେ ଏହାର ବିକାଶ କରିବାକୁ ପଡ଼ିବ । ଆମ ଦେଶର ଶିକ୍ଷା, କୃଷି, ସ୍ୱାସ୍ଥ୍ୟ, ବ୍ୟବସ୍ଥା ଅନୁଯାୟୀ ଏହାର ବିଭିନ୍ନ ମଡେଲ ବା ଆପ୍ଲିକେସନ୍ ପ୍ରସ୍ତୁତି କଲେ ଅସୁବିଧା ହେବନାହିଁ ।

ଭାରତରେ ଏଆଇ ବିକାଶ ପାଇଁ ସରକାର ୨୦୨୪ ମସିହା ମାର୍ଚ୍ଚ ମାସରେ 'ଭାରତ ଏଆଇ ମିଶନ' ଆରମ୍ଭ କରିଛନ୍ତି । ଏହା ମାଧ୍ୟମରେ ଛାତ୍ରଛାତ୍ରୀ, ନବୋଦ୍ଭାବକ ଏବଂ ଷ୍ଟାର୍ଟଅପ୍ କମ୍ପାନୀଗୁଡ଼ିକୁ ଆନୁଷଙ୍ଗିକ ବ୍ୟବସ୍ଥା ସହିତ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ଦିଆଯାଉଛି । ଭାରତ ଗତ ଫେବୃଆରୀ ମାସ ୧୬ ରୁ ୨୧ ତାରିଖ ପର୍ଯ୍ୟନ୍ତ 'ଭାରତ ଏଆଇ ପ୍ରଭାବ ସମ୍ମିଳନୀ'(ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଟ୍) ଆୟୋଜନ କରିଥିଲା । ଏଥିରେ ବିଶ୍ୱର ଅନେକ ଏଆଇ କମ୍ପାନୀ ଭାଗ ନେଇଥିଲେ । ଭାରତର ଛଅଶହରୁ ଅଧିକ ଷ୍ଟାର୍ଟଅପ୍ କମ୍ପାନୀ ଏଥିରେ ଯୋଗ ଦେଇଥିଲେ ।

ଏଆଇ ବିକାଶ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥାଗୁଡ଼ିକୁ ଆଲୋଚନା କରିବା । ଏହାର ନିର୍ମାଣ ବ୍ଲକଗୁଡ଼ିକ ହେଉଛି ଡାଟା, ସର୍ଭର, ଗଣନାତ୍ମକ କ୍ଷମତା ଓ ଶକ୍ତି । ଡାଟା କେନ୍ଦ୍ର ଓ ଏଆଇ ଶିଳ୍ପ ଅନେକ ଶକ୍ତି ଆବଶ୍ୟକ କରିଥାଏ । ଏଥିପାଇଁ କମ୍‌ମୂଲ୍ୟରେ ଭରସାଯୋଗ୍ୟ ଓ ଗୁଣାତ୍ମକ ବିଦ୍ୟୁତ୍ ଶକ୍ତି ଦରକାର । ଭରସାଯୋଗ୍ୟ ଅର୍ଥ ହେଉଛି ନିରନ୍ତର ବିଦ୍ୟୁତ ଯୋଗାଣ ଏବଂ ଉପଯୁକ୍ତ ଭୋଲଟେଜ ଓ ଆବୃତ୍ତିର ବିଦ୍ୟୁତ ହେଉଛି ଗୁଣାତ୍ମକ ବିଦ୍ୟୁତ୍ । ଯଦିଓ ଭାରତ କମ୍‌ମୂଲ୍ୟରେ ଶକ୍ତି ଯୋଗାଣ କରୁଛି, ଗ୍ରିଡ୍ ଭରସାଯୋଗ୍ୟତା ଓ ବିଦ୍ୟୁତର ଗୁଣାତ୍ମକ ମାନରେ ଉନ୍ନତି ଆବଶ୍ୟକ । ଗତବର୍ଷ ଭାରତର ଡାଟା କେନ୍ଦ୍ରଗୁଡ଼ିକ ୧୪୦୦ ମେଗାୱାଟ ବିଦ୍ୟୁତ୍ ବ୍ୟବହାର କରିଥିଲେ, ଯାହା ହେଉଛି ଦିଲ୍ଲୀର ସର୍ବାଧିକ ବିଦ୍ୟୁତ ଚାହିଦାର ପ୍ରାୟ ଏକ-ଚତୁର୍ଥାଂଶ । ୨୦୩୦ ମସିହା ସୁଦ୍ଧା ଏହା ୮୦୦୦ ମେଗାଓ୍ୱାଟକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି ।

ଦ୍ୱିତୀୟ ଆବଶ୍ୟକତା ହେଉଛି କମ୍ପ୍ୟୁଟର ଭିତ୍ତିଭୂମି । ଏହା ହେଉଛି ଉନ୍ନତ ଚିପ୍ ଥିବା ଡାଟା କେନ୍ଦ୍ର ଏବଂ ଉଚ୍ଚବେଗ ନେଟୱାର୍କ । ଯୁକ୍ତରାଷ୍ଟ୍ର ଆମେରିକା ଏଥିରେ ସବୁଠାରୁ ଆଗରେ ଅଛି । ଗତବର୍ଷ ଏହାର ଡାଟାକେନ୍ଦ୍ର କ୍ଷମତା ୬୨ ଗିଗାୱାଟ୍ (ଏକ ଗିଗା ୱାଟ୍=୧ ହଜାର ମେଗାୱାଟ୍) ଥିଲା ଏବଂ ୨୦୩୦ ମସିହା ସୁଦ୍ଧା ଏହା ୧୩୪ ଗିଗାୱାଟ୍‌ରେ ପହଞ୍ଚିବ ବୋଲି ଆକଳନ କରାଯାଇଛି । ଏହା ହେଉଛି ପୃଥିବୀର ଶ୍ରେଷ୍ଠ ଜିପିୟୁ ନିୟନ୍ତ୍ରଣକାରୀ ରାଷ୍ଟ୍ର । ଜିପିୟୁ (ଗ୍ରାଫୀୟ ପ୍ରକ୍ରିୟାକରଣ ୟୁନିଟ୍) ହେଉଛି ଗୋଟିଏ ବିଶେଷଧରଣର ଇଲେକ୍ଟ୍ରୋନିକ ପରିପଥ, ଯାହା ଛବି, ଭିଡିଓ ଓ ଥ୍ରୀଡି ଗ୍ରାଫିକ୍‌ସକୁ ଅତିଶୀଘ୍ର ପରିବର୍ତ୍ତନ କରିପାରିବା ସହିତ ଏହାର ସ୍ମୃତିଶକ୍ତିକୁ ବଦଳାଇପାରେ । ଏହା ହେଉଛି ଏଆଇ ମସ୍ତିଷ୍କ । ଏହାର ମୂଲ୍ୟ ମଧ୍ୟ ବହୁତ ଅଧିକ । ବର୍ତ୍ତମାନ ଗୋଟିଏ ଚିପ୍‌ର ଦାମ୍ ୩୦୦୦୦ ଡଲାର ଅଛି । ଭାରତ ନିଜର ଡାଟା କେନ୍ଦ୍ର କ୍ଷମତାକୁ ବୃଦ୍ଧି କରୁଛି । ମାତ୍ର ଏଥିପାଇଁ ସମ୍ପୂର୍ଣ୍ଣ ରୂପେ ବାହାର ଦେଶର ଚିପ୍ ଓ ଜିପିୟୁ ଉପରେ ନିର୍ଭର କରୁଛି । ବର୍ତ୍ତମାନ ଭାରତରେ ପ୍ରାୟ ୩୮୦୦୦ ଜିପିୟୁ ଅଛି ଏବଂ ତୁଳନାତ୍ମକ ଭାବେ ଯୁକ୍ତରାଷ୍ଟ୍ର ଆମେରିକାରେ ସାତଲକ୍ଷ ଜିପିୟୁ ଅଛି ।

ଏଆଇ ପାଇଁ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ହେଉଛି ମୂଳଭିତ୍ତି ମଡେଲ । ଆମେରିକା 'ଓପନ ଏଆଇ' ଓ 'ଗୁଗୁଲ୍' ଦ୍ୱାରା ଶୀର୍ଷରେ ଥିବା ବେଳେ ଚାଇନା ନିଜର 'ଡିସପିକ' ମଡେଲ ତିଆରି କରିଛି । ଭାରତ ନିଜର ବିଭିନ୍ନ କ୍ଷେତ୍ରରେ ପ୍ରୟୋଗ ପାଇଁ କମ୍‌ମୂଲ୍ୟରେ ନିଜର ଏଆଇ ମଡେଲ ସୃଷ୍ଟି କରିବାର ଆବଶ୍ୟକତା ଅଛି । ଦିଲ୍ଲୀ ଏଆଇ ଇମ୍ପାକ୍ଟ ସମ୍ମିଳନୀରେ ଦେଖାଗଲା ଯେ ଆମେରିକାର ଏଆଇ କମ୍ପାନୀଗୁଡ଼ିକ ବିଶେଷ ଭାବରେ ଭାରତ ଉପରେ ଧ୍ୟାନ ଦେଉଛନ୍ତି । ଏହାର କାରଣ ହେଉଛି ଭାରତରେ ଉପଲବ୍ଧ ମୁକ୍ତଡାଟା । ଆଜିର ତଥ୍ୟ ପ୍ରଯୁକ୍ତି ବିଦ୍ୟାରେ ଡାଟା ହେଉଛି ଶକ୍ତି । ଆମେରିକୀୟ ବୈଜ୍ଞାନିକମାନେ ଭାରତର ଏହି ସହଜଲବ୍ଧ ଡାଟାଗୁଡ଼ିକୁ ହାସଲ କରି ସେମାନଙ୍କର ଏଆଇ ଆପ୍ଲିକେସନଗୁଡ଼ିକୁ ବିକାଶ କରିବା ପାଇଁ ଚାହୁଁଛନ୍ତି । ଚାଇନା ମଧ୍ୟ ଅନେକ ଡାଟା ସୃଷ୍ଟି କରିଛି । କିନ୍ତୁ ବିଦେଶ ରାଷ୍ଟ୍ରଗୁଡ଼ିକ ତାହା ପାଇବା ସମ୍ଭବ ନୁହେଁ ।

ଭାରତ ପ୍ରତି ଆମେରିକୀୟ ଏଆଇ କମ୍ପାନୀଗୁଡ଼ିକ ଆଗ୍ରହର ଅନ୍ୟ ଏକ କାରଣ ହେଉଛି ସେମାନଙ୍କର ଉତ୍ପାଦର ବଜାରୀକରଣ । ଭାରତ ହେଉଛି ଏକ ବିଲିୟନ୍ ବ୍ୟବହାରକାରୀ ଏଆଇ ବଜାରର ଦେଶ । ଉଦାହରଣସ୍ୱରୂପ, ଭାରତରେ 'ଚାଟ୍‌ଜିପିଟି'ର ପ୍ରାୟ ଦଶକୋଟି ବ୍ୟବହାରକାରୀ ଅଛନ୍ତି, ଯାହା ଆମେରିକା ପରେ ପୃଥିବୀରେ ଦ୍ୱିତୀୟ । ଡିଜିଟାଲ ଫୋନ୍ ବ୍ୟବହାର ଏବଂ ବିଭିନ୍ନ କ୍ଷେତ୍ରରେ ଡିଜିଟାଲ୍ ସେବା ଯୋଗୁଁ ଭାରତ ଏଆଇ ଉତ୍ପାଦର ଏକ ବଡ଼ ବଜାରରେ ପରିଣତ ହୋଇଛି । ଭାରତରେ ପ୍ରତିଭା ଅଛି । ବାସ୍ତବରେ ଆମେରିକାର ଏଆଇ କମ୍ପାନୀଗୁଡ଼ିକରେ ଅନେକ ଭାରତୀୟ କାର୍ଯ୍ୟରତ । ସେମାନଙ୍କୁ ଭାରତକୁ ଫେରାଇ ଆଣିବାକୁ ହେଲେ ଦେଶରେ ଆନୁଷଙ୍ଗିକ ବ୍ୟବସ୍ଥାର ଉନ୍ନତି କରିବା ସହିତ ସହଜଲବ୍ଧ ଋଣର ବ୍ୟବସ୍ଥା କରିବା ଆବଶ୍ୟକ । ଏହାସାଙ୍ଗକୁ ଏଆଇ କୁଶଳୀ କର୍ମୀ ସୃଷ୍ଟି କରିବା ପାଇଁ ସ୍କୁଲ୍ ଓ କଲେଜସ୍ତରରେ ଏଆଇ ଶିକ୍ଷା ଦିଆଯିବା ଉଚିତ । ●

(ସମ୍ପାଦକ, ସାଇନ୍ସ ହୋରିଜନ୍)
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

# ଶୁଆ ପୂଜନ

## ବିଚିତ୍ର ବିଶ୍ୱାସ

**ଓଜସ୍ୱିନୀ**

ବେଦ ପୁରାଣରେ ଦେବଦେବୀଙ୍କ ବାହନ ରୂପରେ ଅନେକ ପଶୁପକ୍ଷୀଙ୍କ ଚରିତ୍ରର ବର୍ଣ୍ଣନା ରହିଛି । ସେସବୁ ମଧ୍ୟରୁ ପାଳିତ ପକ୍ଷୀ ଭାବେ ଶୁଆର ଆଦର ଅଧିକ । ସକାଳୁ ଶୁଆମୁଖରୁ ରାମନାମ ଶୁଣିଲେ ବିଷ୍ଣୁକୃପା ପ୍ରାପ୍ତ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଜ୍ୟୋତିଷଶାସ୍ତ୍ର ଅନୁସାରେ ଶୁଆକୁ ଶୁଭ ଓ ସୌଭାଗ୍ୟର ପ୍ରତୀକ ଭାବେ ମାନ୍ୟତା ମିଳିଥିବା ବେଳେ ବୁଧଗ୍ରହ ସହିତ ମଧ୍ୟ ଯୋଡ଼ା ଯାଇଛି । ଶୁଆ କାମଦେବ ଓ କୁବେରଙ୍କ ବାହନ ବୋଲି କେତେକ ପୌରାଣିକ ଆଖ୍ୟାନରେ ଉଲ୍ଲେଖ ଅଛି । କେବଳ ଏତିକି ନୁହେଁ, ଭାରତର ଅନେକ ସ୍ଥାନରେ ଶୁଆକୁ ପୂଜାର୍ଚ୍ଚନା ମଧ୍ୟ କରାଯାଉଛି । ବିଶେଷଭାବେ ଦକ୍ଷିଣ ଭାରତରେ ଶୁଆ ପୂଜନର ପରମ୍ପରା ରହିଛି ।

ମଦୁରାଇସ୍ଥିତ ମୀନାକ୍ଷୀ ଅମ୍ମନ ମନ୍ଦିର ନିକଟସ୍ଥ ଶ୍ରୀଭିଲ୍ଲିପୁଥୁରର ଦେବୀ ଅଣ୍ଡାଲ୍ ଏବଂ କାଞ୍ଚିପୁରମ୍‌ରେ କାମାକ୍ଷୀ ଦେବୀଙ୍କ ଦକ୍ଷିଣ କାନ୍ଧ କିମ୍ବା ଦକ୍ଷିଣ ହସ୍ତରେ ଶୁଆ ବିରାଜମାନ କରିଥିବାର ବିଗ୍ରହ ପୂଜା ପାଉଛନ୍ତି । ଦେବୀ ମୀନାକ୍ଷୀଙ୍କ ଦକ୍ଷିଣ ହସ୍ତରେ ଥିବା ଶୁଆ ମନ୍ତ୍ର ଏବଂ ଭକ୍ତଙ୍କ ପ୍ରାର୍ଥନାକୁ ପୁନଃପୁନଃ ଦେବୀଙ୍କୁ ସ୍ମରଣ କରାଇଥାଏ । ତେଣୁ ଭକ୍ତଙ୍କ ମନସ୍କାମନା ଶୀଘ୍ର ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଏହି କାରଣରୁ ଦେବୀଙ୍କ ସହିତ ଭକ୍ତମାନେ ଶୁଆକୁ ମଧ୍ୟ ବିଶେଷଭାବେ ପୂଜାର୍ଚ୍ଚନା କରିଥା'ନ୍ତି । ଦେବୀ ମୀନାକ୍ଷୀ ଏବଂ ଶୁଆର କାହାଣୀ ଶାଶ୍ୱତ ଅମରପ୍ରେମ, ଜ୍ଞାନ ଓ ଆଧ୍ୟାତ୍ମିକ ମିଳନର ପ୍ରତୀକ ଅଟେ । ଏହି ପୌରାଣିକ କାହାଣୀ ଦେବୀ ପାର୍ବତୀଙ୍କ ମୀନାକ୍ଷୀ ଅବତାର ଏବଂ ମହାଦେବଙ୍କ ସୁନ୍ଦରେଶ୍ୱର ସ୍ୱରୂପର ବିବାହ ସହିତ ଜଡ଼ିତ ।

କାହାଣୀ ଅନୁଯାୟୀ ମଦୁରାଇର ରାଜା ମଳୟଧ୍ୱଜ ଓ ରାଣୀ କାଞ୍ଚନମାଳା ସନ୍ତାନପ୍ରାପ୍ତି ପାଇଁ ବିଶାଳ ଯଜ୍ଞର ଆୟୋଜନ କରିଥିଲେ । ଏହି ଯଜ୍ଞରୁ ଦେବୀ ପାର୍ବତୀ ମୀନାକ୍ଷୀ ସ୍ୱରୂପରେ ପ୍ରକଟିତ ହେଲେ ଏବଂ ତାଙ୍କ ଦକ୍ଷିଣ କାନ୍ଧରେ ଗୋଟିଏ ଶୁଆ ମଧ୍ୟ ଥିଲା । ଏହି ଶୁଆ ଦେବୀଙ୍କୁ ବିଦ୍ୟାସାଧନା ଓ ଦିବ୍ୟଜ୍ଞାନ ଶିକ୍ଷା ଦେଉଥିଲା । ଦେବୀ ମୀନାକ୍ଷୀ ଏକଦା ମହାଦେବଙ୍କୁ ଦେଖି ବିମୋହିତ ହୋଇଯାଇଥିଲେ ଏବଂ ଏହି ଶୁଆ ଭବିଷ୍ୟବାଣୀ କରିଥିଲା ଯେ, ସୁନ୍ଦରେଶ୍ୱର ସ୍ୱରୂପରେ ମହାଦେବ ଓ ଦେବୀ ମୀନାକ୍ଷୀଙ୍କ ବିବାହ ହେବ । ଶୁଆର ଭବିଷ୍ୟବାଣୀ ସତ ହେଲା ଏବଂ ମଦୁରାଇରେ ଦେବୀ ମୀନାକ୍ଷୀ ଓ ମହାଦେବଙ୍କ ବିବାହ ସମ୍ପନ୍ନ ହୋଇଥିଲା । ତେଣୁ ଦେବୀ ମୀନାକ୍ଷୀଙ୍କ ବିଗ୍ରହର ଦକ୍ଷିଣ କାନ୍ଧରେ ଶୁଆ ମୂର୍ତ୍ତି ଶୋଭାପାଉଛି ।

ଶ୍ରୀଭିଲ୍ଲିପୁଥୁର୍‌ରେ ପୂଜା ପାଉଥିବା ଦେବୀ ଅଣ୍ଡାଲ୍‌ଙ୍କ ନିକଟରେ ମଧ୍ୟ ଶୁଆମୂର୍ତ୍ତି ରହିଛି । ପୌରାଣିକ କଥାନୁସାରେ ଦେବୀ ଅଣ୍ଡାଲ୍ ଋଷି ଶୁକବ୍ରହ୍ମାଙ୍କୁ ଆଦେଶ ଦେଇଥିଲେ ଯେ, ସେ ଗୋଟିଏ ଶୁଆର ରୂପ ଧାରଣ କରି ରଙ୍ଗନାଥ (ବିଷ୍ଣୁ)ଙ୍କ ନିକଟକୁ ଯିବେ ଏବଂ ଦେବୀଙ୍କ ସହିତ ବିଷ୍ଣୁଙ୍କର ବିବାହ ପ୍ରସ୍ତାବର ସନ୍ଦେଶ ଦେବେ । ପରବର୍ତ୍ତି ସମୟରେ ଶ୍ରୀବିଷ୍ଣୁ ଓ ଦେବୀ ଅଣ୍ଡାଲଙ୍କର ବିବାହ ସମ୍ପନ୍ନ ହୋଇଥିଲା ଏବଂ ଋଷି ସବୁବେଳେ ଶୁଆ ରୂପରେ ତାଙ୍କ ପାଖରେ ରହିବେ ବୋଲି ଦେବୀ ବରଦାନ ଦେଇଥିଲେ । ତେଣୁ ଅଣ୍ଡାଲଙ୍କ ମୂର୍ତ୍ତି କିମ୍ବା ଚିତ୍ରରେ ଦେବୀଙ୍କ ଦକ୍ଷିଣ ହସ୍ତରେ ଗୋଟିଏ ଶୁଆ ଶୋଭା ପାଇଥାଏ । ଏହାବ୍ୟତୀତ ଦେବୀ ଅଣ୍ଡାଲଙ୍କ ପୂଜାର୍ଚ୍ଚନା ସମୟରେ ଭକ୍ତମାନେ ସତେଜ ଫୁଲ ଓ ପତ୍ରରେ ଗୋଟିଏ ଶୁଆର ଆକୃତି ପ୍ରସ୍ତୁତ କରି ଦେବୀଙ୍କୁ ସମର୍ପଣ କରିଥା'ନ୍ତି । ଏହାଦ୍ୱାରା ଦେବୀଙ୍କ କୃପାଲାଭ ହୋଇଥାଏ ବୋଲି ବିଶ୍ୱାସ ଅଛି ।

କାଞ୍ଚିପୁରମ୍‌ଠାରେ ପୂଜିତା ଦେବୀ କାମାକ୍ଷୀ ମନ୍ଦିରରେ ମଧ୍ୟ ଦେବୀଙ୍କ ଦକ୍ଷିଣ କାନ୍ଧରେ ଶୁଆର ମୂର୍ତ୍ତି ରହିଛି । ଏହାସହିତ ଜଡ଼ିତ ପୌରାଣିକ କାହାଣୀ ହେଉଛି - ଭଣ୍ଡାସୁର ନାମକ ଜଣେ ପରାକ୍ରମୀ ଦୈତ୍ୟ ତିନିଲୋକକୁ ଥରହର କରି ରଖିଥିଲା । ତା'ର ଅତ୍ୟାଚାରରୁ ମୁକ୍ତ ହେବା ପାଇଁ ଦେବତାମାନେ ପ୍ରାଣଭୟରେ ଶୁଆ ରୂପ ଧାରଣ କରି ଆଦି ପରାଶକ୍ତିଙ୍କୁ ତପସ୍ୟା କରିଥିଲେ । ମନ୍ଦିରରେ ଥିବା ଚମ୍ପାଗଛ ଉପରେ ଦେବତାମାନେ ଶୁଆ ରୂପରେ ଥିଲେ ବୋଲି ବିଶ୍ୱାସ କରାଯାଏ । ଦେବତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଦେବୀ କାମାକ୍ଷା ଭଣ୍ଡାସୁରକୁ ବଧ କରି ଦେବତାଙ୍କୁ ରକ୍ଷା କରିଥିଲେ । ଏହି କାରଣରୁ ଭକ୍ତମାନେ ଦେବୀଙ୍କ ସହିତ ଶୁଆକୁ ମଧ୍ୟ ପୂଜା କରିଥା'ନ୍ତି । ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

**Office of the Principal, GVHSS**
**Salandi Higher Secondary School, Uttarabahini**
Po- Garadapur, Dist- Bhadrak, Pin- 756181
Email ID: salandi.principal@gmail.com, Mob: 9439444122

**WANTED GUEST FACULTY!**

A Walk in interview shall be held on 17.06.2026 (Wednesday) for a Guest Faculty in SPEFL at 10:00 AM in the office to engage for the session 2026-27. Eligible candidates may attend the interview with all original and Xerox copies of certificates. The undersigned reserves its right to cancel part or whole of the interview without assigning any reason thereof. No TA/DA is admissible for attending the interview.

**Qualification: M.P.Ed.** (Post Graduation in Physical Education from a recognised institution/University with at least 1 year work/teaching experience).

Sd/- Principal, GVHSS
Salandi Higher Secondary School,
Uttarabahini, Bhadrak.


# କାଠଯୋଡ଼ିରୁ ଡାକ୍ତରୀ ଛାତ୍ରୀଙ୍କ ଶବ ଉଦ୍ଧାର



ବାରଙ୍ଗ/ତ୍ରିଶୂଳିଆ, ୪।୬ (ସମିସ): ଗୁରୁବାର ସୁବାସ ସେତୁ ନିକଟ କାଠଯୋଡ଼ି ନଦୀ ପଠାରୁ ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର ହୋଇଛି। ଯୁବତୀଜଣଙ୍କ ହେଲେ, ମୟୂରଭଞ୍ଜ ଜିଲ୍ଲା ଉଦଳା ଅଞ୍ଚଳର ଚନ୍ଦ୍ରିକା ହେମ୍ବ୍ରମ। ଚନ୍ଦ୍ରିକା ଜଣେ ଡାକ୍ତରୀ ଛାତ୍ରୀ। ସେ ବାଲେଶ୍ୱରସ୍ଥିତ ଫକୀର ମୋହନ ମେଡିକାଲ କଲେଜରେ ଅଧ୍ୟୟନ କରୁଥିବା ଜଣାପଡ଼ିଛି। ତେବେ ବାଲେଶ୍ୱରରୁ ଏଠାକୁ କିପରି ଏବଂ କେଉଁ ପରିସ୍ଥିତିରେ ଆସିଲେ ଏବଂ ସେ ସେତୁ ଉପରୁ ଡେଇଁ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ କେହି ହତ୍ୟା କରି ପ୍ରମାଣ ନଷ୍ଟ ଉଦ୍ଦେଶ୍ୟରେ ନଦୀକୁ ଫିଙ୍ଗି ଦେଇଛି, ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୁଲିସ ତଦନ୍ତ ଆରମ୍ଭ କରିଛି। ଯୁବତୀଙ୍କ ଶବଠାରୁ କିଛି ଦୂରରେ ପଡ଼ିଥିବା ବ୍ୟାଗ୍ ଓ ଚପଲକୁ ଜବତ କରିଛି। ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ବାରଙ୍ଗ ଥାନା ଅଧିକାରୀ କହିଛନ୍ତି। ଅପରପକ୍ଷେ, ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ସୂଚନା ଅନୁଯାୟୀ, ଗୁରୁବାର ଭୋର୍ ପ୍ରାୟ ୫ଟାରେ ସ୍ଥାନୀୟ ଅଞ୍ଚଳର କିଛି ବ୍ୟକ୍ତି ସୁବାସ ସେତୁ ଉପରେ ମର୍ଣ୍ଣିଂୱାକ୍ କରୁଥିବା ବେଳେ, ସେଠାରେ ଏକ ଗୋଲାପୀ (ପିଙ୍କ୍) ରଙ୍ଗର ବ୍ୟାଗ୍ ଏବଂ ଏକ ହଳ ଚପଲ ଅବ୍ୟବହୃତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏହାକୁ ନେଇ ସେମାନଙ୍କ ମନରେ ସନ୍ଦେହ ଜାତ ହେବାରୁ ସେମାନେ ଆଖପାଖ ଓ କାଠଯୋଡ଼ି ନଦୀ ଭିତରକୁ ନଜର ପକାଇବା ସମୟରେ ଜଣେ ଯୁବତୀଙ୍କ ମୃତଦେହ ନଦୀ ପାଣିରେ ଭାସୁଥିବା ଦେଖିବାକୁ ପାଇଥିଲେ। ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ଏ ସମ୍ପର୍କରେ ବାରଙ୍ଗ ପୁଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଉଭୟ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନଦୀ ଭିତରୁ ଯୁବତୀଙ୍କ ମୃତଦେହକୁ ଉଦ୍ଧାର କରିଥିଲେ। ପରବର୍ତ୍ତୀ ସମୟରେ ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇଛି। ମୃତ ଯୁବତୀଜଣଙ୍କ ଏକ ଜିନ୍ସ ପ୍ୟାଣ୍ଟ ଓ କଳା ରଙ୍ଗର ଟି-ସାର୍ଟ ପିନ୍ଧିଥିଲେ। ସେତୁ ଉପରୁ ଜବତ ହୋଇଥିବା ଗୋଲାପୀ ବ୍ୟାଗରୁ ମିଳିଥିବା ବିଭିନ୍ନ କାଗଜପତ୍ର ଓ ସୂଚନା ଆଧାରରେ ଯୁବତୀଙ୍କ ପରିଚୟ ମିଳିଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କେରଳମ୍ ଛୁଇଁଲା...

ବହିବାର ସମ୍ଭାବନା ରହିଛି। କେରଳରେ ବର୍ଷାର ଆଭାସ ଦେଖି ଦେଶର ଅନ୍ୟାନ୍ୟ ପ୍ରାନ୍ତ ବିଶେଷ କରି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ସନ୍ତୁଳିତ ହେଉଥିବା ଉତ୍ତର ଭାରତର ଲୋକମାନେ ଏବେ ଆଶ୍ୱସ୍ତିର ଆଶା ରଖିଛନ୍ତି।

ଯଦି ପାଣିପାଗ ସ୍ଥିତି ଏଭଳି ଅନୁକୂଳ ରହେ, ତେବେ ମୌସୁମୀ ବାୟୁ ଜୁନ ମାସ ସାରା ଦ୍ରୁତ ଗତିରେ ଆଗକୁ ବଢ଼ି ପଶ୍ଚିମ ଉପକୂଳ, ଉତ୍ତର-ପୂର୍ବ ଭାରତ ଏବଂ ମଧ୍ୟଭାଗକୁ ଚଳିତ ମାସ ମଧ୍ୟଭାଗ ସୁଦ୍ଧା ଆବୃତ କରିବ। ସାଧାରଣତଃ ଜୁନ ୨୭ ସୁଦ୍ଧା ଦିଲ୍ଲୀ ଏବଂ ଜୁନ ଶେଷ କିମ୍ବା ଜୁଲାଇ ପ୍ରଥମ ସପ୍ତାହ ସୁଦ୍ଧା ପଞ୍ଜାବ, ହରିୟାଣା, ରାଜସ୍ଥାନ ସମେତ ସମଗ୍ର ଉତ୍ତର-ପଶ୍ଚିମ ଭାରତରେ ମୌସୁମୀ ବର୍ଷା ସମ୍ପୂର୍ଣ୍ଣ ଭାବେ ସକ୍ରିୟ ହୋଇଯିବ। ବର୍ତ୍ତମାନ ପାଣିପାଗ ବିଜ୍ଞାନୀମାନେ ମୌସୁମୀର ଗତିପଥ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି।

## ଜମାକୁ ଟପିଲାଣି...

ପାଇଁ ବଣ୍ଡ ବଜାରକୁ ବାଇପାସ୍ କରୁଛନ୍ତି। ଏହି ସମୟରେ, ଜମାରେ ମନ୍ଥର ଅଭିବୃଦ୍ଧି ବ୍ୟାଙ୍କଗୁଡ଼ିକ ଉପରେ ପାଣ୍ଠି ସଂଗ୍ରହ ପାଇଁ ଚାପ ବଢ଼ାଇଛି। ଏହି ପରିସ୍ଥିତି ବ୍ୟାଙ୍କଗୁଡ଼ିକର ନେଟ୍ ସୁଧ ଲାଭ ଆୟରେ ଏକ ବଡ଼ ଦୀର୍ଘକାଳୀନ ବିପଦ ସୃଷ୍ଟି କରିପାରେ।

ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ମୁଖ୍ୟ ଅର୍ଥନୀତିଜ୍ଞ କନିକା ପାସରିଚା ଉଲ୍ଲେଖ କରିଛନ୍ତି ଯେ ବର୍ତ୍ତମାନର ପରିସ୍ଥିତିରେ, ମୁଦ୍ରା ବଜାର ବ୍ୟାଙ୍କଗୁଡ଼ିକ ପାଇଁ ପାଣ୍ଠିର ସବୁଠାରୁ ଶସ୍ତା ଏବଂ ସୁଲଭ ଉତ୍ସ ଭାବରେ ଉଭା ହୋଇଛି। ଫଳସ୍ୱରୂପ, ବ୍ୟାଙ୍କଗୁଡ଼ିକ ସେମାନଙ୍କର ପାଣ୍ଠି ଆବଶ୍ୟକତା ପୂରଣ କରିବା ପାଇଁ ଏହି ବଜାରକୁ ବର୍ଦ୍ଧିତ ଭାବରେ ବ୍ୟବହାର କରୁଛନ୍ତି। ଭାରତର ମୁଦ୍ରା ବଜାରରେ କାରବାର ୫.୫ ଲକ୍ଷ କୋଟିର ରେକର୍ଡ ସର୍ବାଧିକ ସ୍ତରରେ ପହଞ୍ଚିଛି। ଋଣ ପାଇଁ ପ୍ରବଳ ଚାହିଦା ଯୋଗୁଁ ସରକାରୀ କ୍ଷେତ୍ରର ବ୍ୟାଙ୍କଗୁଡ଼ିକ ଅତ୍ୟଧିକ ଋଣ ନେଉଛନ୍ତି। ଏହି ସମୟରେ ଜମାରେ ମନ୍ଥର ଅଭିବୃଦ୍ଧି ବ୍ୟାଙ୍କଗୁଡ଼ିକ ଉପରେ ପାଣ୍ଠି ସଂଗ୍ରହ ପାଇଁ ଚାପକୁ ତୀବ୍ର କରିଛି।

ଭାରତରେ କର୍ପୋରେଟ୍ ଋଣ କ୍ଷେତ୍ରରେ ଅଭିବୃଦ୍ଧି ଦୁଇ ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଜମା ତୁଳନାରେ ବ୍ୟାପକ ମାତ୍ରାରେ ଋଣ ପ୍ରଦାନ ଭାରତର ଆର୍ଥିକ ବ୍ୟବସ୍ଥାରେ ଏକ ବିପଦପୂର୍ଣ୍ଣ ଅସନ୍ତୁଳନ ସୃଷ୍ଟି କରୁଛି। କର୍ପୋରେଟ୍ ଋଣଗ୍ରହୀତାମାନେ ପୁଞ୍ଜିବଜାରରୁ ଦୂରେଇ ଯାଇ ବ୍ୟାଙ୍କ ବାଲାନ୍ସ ସିଟ୍ ଆଡ଼କୁ ମୁହାଁଇବା ସମୟରେ, ଦୃଢ଼ ୧୬.୨% କ୍ରେଡିଟ୍ ଅଭିବୃଦ୍ଧି ବ୍ୟାଙ୍କଗୁଡ଼ିକର ଲିକ୍ୟୁଡିଟିରେ ଏକ ବଡ଼ ଅସ୍ଥିରତାକୁ ଘୋଡାଉଛି। ଯଦିଓ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ବାଣିଜ୍ୟିକ ଋଣର ଚାହିଦା ପ୍ରବଳ ଦେଖାଯାଉଛି, ଜମା ବ୍ୟବଧାନ ପୂରଣ କରିବା ପାଇଁ ସ୍ୱଳ୍ପକାଳୀନ ପାଇକାରୀ ପାଣ୍ଠି ଉପରେ ନିର୍ଭରଶୀଳତା ସୂଚାଇ ଦେଉଛି ଯେ ବର୍ତ୍ତମାନର ଋଣ ମଡେଲ ଦୁର୍ବଳ। ଅପରପକ୍ଷେ ଭାରତୀୟ ବ୍ୟାଙ୍କଗୁଡ଼ିକରେ ଥିବା ପ୍ରବାସୀ ଭାରତୀୟ (ଏନ୍‌ଆର୍‌ଆଇ) ଜମା ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆସିଛି। ଭାରତୀୟ ରିଜର୍ଭ ବ୍ୟାଙ୍କର ସଦ୍ୟତମ ତଥ୍ୟ ଅନୁଯାୟୀ, ମାର୍ଚ୍ଚ ମାସରେ ବିଦେଶରେ ରହୁଥିବା ଭାରତୀୟମାନେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରୁ ପ୍ରାୟ ୨ ବିଲିୟନ ଡଲାର ଉଠାଇଛନ୍ତି। ଏହି ହ୍ରାସ ଏପରି ସମୟରେ ପରିଲକ୍ଷିତ ହୋଇଛି ଯେତେବେଳେ ଇରାନ ଏବଂ ଆମେରିକା ମଧ୍ୟରେ ଉତ୍ତେଜନା ତୀବ୍ର ହେବାରେ ଲାଗିଛି।

## ଯୁଦ୍ଧ ବନ୍ଦ ପ୍ରସ୍ତାବ...

ଗତ ତିନି ମାସ ଧରି ଚାଲିଥିବା ଏହି ଅନିଶ୍ଚିତ ଯୁଦ୍ଧକୁ ନେଇ ଶାସକ ଦଳ ମଧ୍ୟରେ ବଢୁଥିବା ଅସନ୍ତୋଷକୁ ଏହି ଘଟଣା ସ୍ପଷ୍ଟ କରିଛି। ଏହି ନିଷ୍ପତ୍ତି ପ୍ରାଥମିକ ସ୍ତରରେ ପ୍ରତିକାତ୍ମକ ମନେହେଉଥିଲେ ମଧ୍ୟ ଏହାର ରାଜନୈତିକ ମହତ୍ତ୍ୱ ଅନେକ ରହିଛି। ବର୍ତ୍ତମାନ ଏହି ପ୍ରସ୍ତାବକୁ ସଂସଦର ଉଚ୍ଚ ସଦନ ସିନେଟରେ ଗୃହୀତ କରାଇବାକୁ ପଡ଼ିବ। ସିନେଟରେ ଏହା ପାରିତ ହେଲେ ମଧ୍ୟ ଏହାକୁ ଅଗ୍ରାହ୍ୟ କରିବାର କ୍ଷମତା ରାଷ୍ଟ୍ରପତିଙ୍କ ପାଖରେ ରହିଛି। କିନ୍ତୁ ଏଥିପାଇଁ ଦୁଇ-ତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ, ଯାହା ବେଶ୍ କଷ୍ଟକର।

ଦଳୀୟ ସୀମା ବାହାରକୁ ଯାଇ ସାଂସଦମାନେ ଯୁଦ୍ଧ ବିରୋଧରେ ସ୍ୱର ଉତ୍ତୋଳନ କରିବା ଟ୍ରମ୍ପଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। କେବଳ ଇରାନ ପ୍ରସଙ୍ଗ ନୁହେଁ, ବରଂ ଅନ୍ୟ କେତେକ ଆନ୍ତର୍ଜାତୀୟ ଓ ଆଭ୍ୟନ୍ତରୀଣ ନୀତିକୁ ନେଇ ମଧ୍ୟ ଟ୍ରମ୍ପ ପ୍ରଶାସନ ସଂସଦରେ ଅପ୍ରୀତିକର ସ୍ଥିତିର ସମ୍ମୁଖୀନ ହୋଇଛି। ୟୁକ୍ରେନକୁ ସୁରକ୍ଷା ସହାୟତା ପ୍ରଦାନ ଏବଂ ରୁଷ ଉପରେ ନୂତନ କଟକଣା ଲଗାଇବା ପାଇଁ ଆଗତ ଅନ୍ୟ ଏକ ପ୍ରସ୍ତାବକୁ ମଧ୍ୟ କେତେକ ଶାସକ ଦଳର ସଦସ୍ୟ ସମର୍ଥନ କରିଛନ୍ତି। ସେହିପରି ଗୁପ୍ତଚର ବିଭାଗର ମୁଖ୍ୟ ପଦବୀରେ କୌଣସି ସାମରିକ ବା ସୁରକ୍ଷା ଅଭିଜ୍ଞତା ନଥିବା ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତି ଦେବା ନିଷ୍ପତ୍ତିକୁ ନେଇ ସାଂସଦମାନେ ତୀବ୍ର ସମାଲୋଚନା କରିଛନ୍ତି। ଏହି ସଂସଦୀୟ ବିପର୍ଯ୍ୟୟରୁ ସ୍ପଷ୍ଟ ଜଣାପଡୁଛି ଯେ ଗତ କିଛି ମାସ ଧରି ସରକାରଙ୍କ ପ୍ରତ୍ୟେକ ନିଷ୍ପତ୍ତିକୁ ଆଖିବୁଜି ସମର୍ଥନ କରୁଥିବା ଶାସକ ଦଳର ନେତାମାନେ ଏବେ ସ୍ୱାଧୀନ ମତ ରଖିବା ଆରମ୍ଭ କଲେଣି। ଯୁଦ୍ଧର ଦୀର୍ଘସୂତ୍ରୀ ପ୍ରଭାବ ଏବଂ ଆର୍ଥିକ ବୋଝକୁ ନେଇ ଜନସାଧାରଣ ଓ ପ୍ରତିନିଧିମାନଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି।

## ବିଶ୍ୱକୁ ବିପର୍ଯ୍ୟୟ...

ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ବୈଠକର ମୂଳ ବିଷୟବସ୍ତୁ ହେଉଛି 'ପ୍ରତିରୋଧ, ଅଭିନବତ୍ୱ, ସହଯୋଗ ଏବଂ ସ୍ଥାୟୀ ବିକାଶ ପାଇଁ ପ୍ରସ୍ତୁତି'। ଜୀବନ, ଜୀବିକା ଓ ଆଗାମୀପିଢ଼ିକୁ ସୁରକ୍ଷିତ ରଖିବାକୁ ଅନ୍ତର୍ଜାତୀୟ ସମୁଦାୟକୁ ଏହା ଉପରେ ଅଧିକ ପ୍ରାଥମିକତା ଦେବାକୁ ପଡ଼ିବ। ସେ ସ୍ପଷ୍ଟ କରିଛନ୍ତି ଯେ ବିପର୍ଯ୍ୟୟ ଆଶଙ୍କା ହ୍ରାସ ଏବେ କେବଳ ଏକ ସୀମାବଦ୍ଧ ବିଷୟ ନୁହେଁ, ବରଂ ଏହା ସ୍ଥାୟୀ ବିକାଶ, ଅର୍ଥନୈତିକ ସ୍ଥିରତା ଓ ସୁରକ୍ଷାର ମୂଳଦୁଆ ପାଲଟିଛି। ଜଳବାୟୁ ପରିବର୍ତ୍ତନ, ଦ୍ରୁତ ସହରୀକରଣ ଓ ପରିବେଶ ଅବକ୍ଷୟ ଯୋଗୁଁ ବିପର୍ଯ୍ୟୟର ବାରମ୍ବାରତା ଓ ତୀବ୍ରତା ବଢୁଥିବାରୁ ଦୃଢ଼ ପ୍ରସ୍ତୁତି ଓ ସମନ୍ୱିତ ପଦକ୍ଷେପ ଜରୁରୀ।

ମୁଖ୍ୟମନ୍ତ୍ରୀ ସମଗ୍ର ବିଶ୍ୱ ଦ୍ୱାରା ଓଡ଼ିଶାର ସ୍ୱୀକୃତିପ୍ରାପ୍ତ ବିପର୍ଯ୍ୟୟ ପରିଚାଳନା ମଡେଲ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ଏହା 'ଶୂନ୍ୟ ମୃତ୍ୟୁହାର' ନୀତି ଉପରେ ଆଧାରିତ। ପ୍ରମାଣ-ଆଧାରିତ ଯୋଜନା, ସୁଦୂରପ୍ରସାରୀ ଆଗୁଆ ସୂଚନା ପ୍ରଣାଳୀ, ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି, ସଂସ୍ଥାଗତ କ୍ଷମତା ବୃଦ୍ଧି ଓ ସମାବେଶୀ ଶାସନ ମାଧ୍ୟମରେ ଓଡ଼ିଶା ନିଜ ପ୍ରସ୍ତୁତି ବ୍ୟବସ୍ଥାକୁ ସୁଦୃଢ଼ କରୁଛି। ବାତ୍ୟା, ଗ୍ରୀଷ୍ମପ୍ରବାହ, ବଜ୍ରପାତ, ଉପକୂଳ କ୍ଷୟ ପ୍ରତି ରାଜ୍ୟର ଆଶଙ୍କା ଥିଲେ ମଧ୍ୟ ନିରନ୍ତର ନୂତନ ପଦକ୍ଷେପ ଜାରି ରହିଛି।

ବିପର୍ଯ୍ୟୟ ଆଶଙ୍କା ହ୍ରାସକୁ ବିକାଶ କାର୍ଯ୍ୟସୂଚୀ (ଏଜେଣ୍ଡା)ର କେନ୍ଦ୍ରବିନ୍ଦୁରେ ରଖିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଶ୍ରୀ ମାଝୀ ପ୍ରଶଂସା କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ୧୦ଦଫା କାର୍ଯ୍ୟସୂଚୀ ପ୍ରତିରୋଧ, ପ୍ରଯୁକ୍ତି ଓ ଅନ୍ତର୍ଜାତୀୟ ସହଯୋଗ ଉପରେ ଗୁରୁତ୍ୱ ଦେଉଛି ବୋଲି ସେ କହିଥିଲେ। ସେ ସୂଚନା ଦେଇଥିଲେ ଯେ ୮,୩୦୧ କୋଟି ଟଙ୍କା ବ୍ୟୟରେ ରାମେଶ୍ୱରରୁ ପାରାଦୀପ ପର୍ଯ୍ୟନ୍ତ ୧୬୦କିମି ଗ୍ରୀନଫିଲ୍ଡ ଉପକୂଳ ରାଜମାର୍ଗ ଓଡ଼ିଶାର ବିପର୍ଯ୍ୟୟ ମୁକାବିଲା କ୍ଷମତାକୁ ଶକ୍ତିଶାଳୀ କରିବ। ଏହା ବାତ୍ୟା ସମୟରେ ଦ୍ରୁତ ସ୍ଥାନାନ୍ତରଣ, ଯୋଗାଣଶୃଙ୍ଖଳା ଓ ରିଲିଫ କାର୍ଯ୍ୟକୁ ତ୍ୱରାନ୍ୱିତ କରିବ। ଏଥିସହ ୮,୩୦୭ କୋଟିର ୧୧୧ କିଲୋମିଟର ବ୍ୟାପୀ କ୍ୟାପିଟାଲ ରିଜିଅନ ରିଙ୍ଗରୋଡ୍ ଓ ୫ ହଜାର କୋଟିର ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳ ପ୍ରକଳ୍ପ କେବଳ ଅର୍ଥନୈତିକ ନୁହେଁ, ଜଳବାୟୁ ଅନୁକୂଳ ବିକାଶରେ ମଧ୍ୟ ସହାୟକ ହେବ।

ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି ଯେ ପୁରୀ ଅଧିବେଶନରୁ ବାହାରୁଥିବା ଫ୍ରେମୱାର୍କ ବିଶ୍ୱ ସୁରକ୍ଷା ପାଇଁ ମାର୍ଗ ପ୍ରଦର୍ଶନ କରିବ। ସେ ବ୍ରିକ୍ସକୁ ଆଗୁଆ ସୂଚନା ପ୍ରଣାଳୀ, ପ୍ରତିରୋଧୀ ଭିତ୍ତିଭୂମି ଓ ସାଂସ୍ଥାଗତ କ୍ଷମତା ବୃଦ୍ଧିରେ ସହଯୋଗ ସୁଦୃଢ଼ କରିବାକୁ ଏକ ଅନନ୍ୟ ମଞ୍ଚ ବୋଲି ବର୍ଣ୍ଣନା କରିଛନ୍ତି। ଆଲୋଚନାକୁ ବାସ୍ତବ ସହଭାଗିତାରେ ପରିଣତ କରିବା ହିଁ ସମୟର ଆହ୍ୱାନ। ଅଂଶଗ୍ରହଣକାରୀ ଦେଶ ଏବଂ ବିଶେଷଜ୍ଞମାନଙ୍କୁ କେବଳ ଆଲୋଚନାରେ ସୀମିତ ନ ରହି ଆଲୋଚିତ ବିଷୟଗୁଡ଼ିକୁ ବାସ୍ତବ ସହଭାଗିତା ଏବଂ ଏଥିରୁ ଯେପରି ଉପଯୁକ୍ତ ସୁଫଳ ମିଳିବ, ସେଥିପାଇଁ ସହଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ ୧୯୯୯ ମହାବାତ୍ୟାରୁ ଶିକ୍ଷା ନେଇ ଓଡ଼ିଶା ଆଜି ବିଶ୍ୱସ୍ତରୀୟ ଶାସନ ମଡେଲ ସୃଷ୍ଟି କରିଛି। ଗୋଷ୍ଠୀଗତ ପ୍ରତିକ୍ରିୟା ଓ ଶେଷ ବ୍ୟକ୍ତି ପାଖକୁ ସୂଚନା ପହଞ୍ଚାଇବା ଉପରେ ରାଜ୍ୟ ଗୁରୁତ୍ୱ ଦେଉଛି। ଏନ୍‌ଡିଏମ୍‌ଏ ସଦସ୍ୟ କୃଷ୍ଣ ଏସ୍. ବତ୍ସ ଓ ରୀତା ମିଶ୍ର ମଧ୍ୟ ବକ୍ତବ୍ୟ ରଖିଥିଲେ।

## ବିଜେପି ସମ୍ପର୍କରେ...

ପାଇଁ ସବୁଠାରୁ ବଡ଼ ଆଘାତ ହେବ। କାରଣ ସଂସଦରେ ବିରୋଧୀ ଦଳ ମଧ୍ୟରେ ତୃଣମୂଳ କଂଗ୍ରେସ ଦ୍ୱିତୀୟ ବୃହତ୍ତମ ଦଳ ଅଟେ। ସଂସଦୀୟ ଦଳରେ ଏଭଳି ବିଭାଜନ ଦଳ ସହିତ ସମଗ୍ର ବିରୋଧୀ ମେଣ୍ଟର ଶକ୍ତିକୁ ହ୍ରାସ କରିଦେବ। ପଶ୍ଚିମବଙ୍ଗ ବିଧାନସଭାରେ ତୃଣମୂଳ କଂଗ୍ରେସ ପୂର୍ବରୁ ହିଁ ଦୁଇ ଭାଗରେ ବିଭକ୍ତ ହୋଇସାରିଛି। ବିଧାୟକ ରିତବ୍ରତ ବାନାର୍ଜୀଙ୍କ ନେତୃତ୍ୱରେ ୫୮ ଜଣ ବିଦ୍ରୋହୀ ବିଧାୟକ ନିଜକୁ ପ୍ରକୃତ ତୃଣମୂଳ କଂଗ୍ରେସ ଭାବେ ଘୋଷଣା କରିସାରିଛନ୍ତି। ବିଧାନସଭା ବାଚସ୍ପତିଙ୍କ ଦ୍ୱାରା ଋତବ୍ରତଙ୍କୁ ବିରୋଧୀ ଦଳ ନେତା ଭାବେ ମାନ୍ୟତା ମଧ୍ୟ ମିଳିଛି, ଯାହା ମମତା ବାନାର୍ଜୀଙ୍କ ମନୋନୀତ ନେତାଙ୍କୁ ସିଧାସଳଖ ଚ୍ୟାଲେଞ୍ଜ କରିଛି।

କଲିକତା ମେୟର ପଦରୁ ବରିଷ୍ଠ ନେତା ଫିରହାଦ ହାକିମଙ୍କ ଇସ୍ତଫା ଏବଂ ବିଧାନସଭାରେ ନିଜର ନିୟନ୍ତ୍ରଣ ହରାଇବା ପରେ ଏବେ ସାଂସଦମାନଙ୍କ ଏହି ସମ୍ଭାବ୍ୟ ବିଦ୍ରୋହ ମମତା ବାନାର୍ଜୀଙ୍କ ଉପରେ ପ୍ରବଳ ଚାପ ସୃଷ୍ଟି କରିଛି। ଆଗାମୀ ଦିନରେ ନିଜ ରାଜନୈତିକ ସଂଗଠନକୁ ବଞ୍ଚାଇବା ଏବଂ ସାଂସଦମାନଙ୍କୁ ଦଳରେ ବାନ୍ଧି ରଖିବା ମମତା ବାନାର୍ଜୀଙ୍କ ପାଇଁ ସବୁଠାରୁ କଠିନ ଆହ୍ୱାନ ହେବ ବୋଲି କୁହାଯାଉଛି।

## ୧୭ରେ କେନ୍ଦ୍ର ମନ୍ତ୍ରିମଣ୍ଡଳ...

ପଦରେ ନିଯୁକ୍ତ କରାଯାଇପାରେ। ୨୦୨୯ ସାଧାରଣ ନିର୍ବାଚନ ଓ ଚଳିତ ବର୍ଷ ଦେଶରେ ଅନୁଷ୍ଠିତ ହେବାକୁଥିବା ୭ ରାଜ୍ୟ ମଧ୍ୟରୁ ଉତ୍ତରପ୍ରଦେଶ, ପଞ୍ଜାବ ଭଳି ରାଜ୍ୟକୁ ଦୃଷ୍ଟିରେ ରଖି ସରକାର ମନ୍ତ୍ରିମଣ୍ଡଳ ପରିବର୍ତ୍ତନ କରିବେ। ପଞ୍ଜାବରେ ବିଜେପି ଏକାକୀ ନିର୍ବାଚନ ଲଢ଼ିବାକୁ ଯୋଜନା କରୁଥିବାରୁ ଆମଆଦମୀ ପାର୍ଟି ଛାଡ଼ି ବିଜେପିରେ ଯୋଗ ଦେଇଥିବା ରାଘବ ଚଡ୍ଢା ଓ ତାଙ୍କ ସହଯୋଗୀଙ୍କୁ ମଧ୍ୟ ମନ୍ତ୍ରୀ ପରିଷଦରେ ସାମିଲ କରାଯାଇପାରେ। ଅନ୍ୟପକ୍ଷରେ ଆଗାମୀ ସମ୍ପ୍ରସାରଣ ସମୟରେ ବିଜେପି ଯୁବ ମୁହଁ, ଆଞ୍ଚଳିକ ସନ୍ତୁଳନ, ସାମାଜିକ ପ୍ରତିନିଧିତ୍ୱକୁ ଗୁରୁତ୍ୱ ଦେବ ବୋଲି କୁହାଯାଉଛି। କେନ୍ଦ୍ରରେ ମନ୍ତ୍ରିମଣ୍ଡଳ ପୁନର୍ଗଠନ ପୂର୍ବରୁ ଇତିମଧ୍ୟରେ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ ହୋଇଛି। ଗ୍ରାମୀଣ ବିକାଶ, ରସାୟନ ଓ ପେଟ୍ରୋକେମିକାଲ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ନୂଆ ସଚିବ ନିଯୁକ୍ତି ହୋଇସାରିଛି। ନୂଆ ମନ୍ତ୍ରୀମାନେ ଦାୟିତ୍ୱ ନେବା ପୂର୍ବରୁ ପ୍ରଶାସନିକ ଢାଞ୍ଚାକୁ ସୁଦୃଢ଼ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମନେ କରାଯାଉଛି।


**OFFICE OF THE PRINCIPAL**
**GOVT, VOCATIONAL HIGHER SECONDARY SCHOOL**
CHANDBALI DIST- BHADRAK, PIN-756133, Odisha
www.chandbalicollege.edu.in, Email. gvjcchandbali@gmail.com

**ENGAGEMENT OF GUEST FACULTIES: 2026-27**

Verification of original certificates & other relevant documents for the **Selection & Empanelment of Guest Faculties** in **Vocational Tourism And Hospitality(T & H) & Office Management (OM)** trade for the Academic Session-2026-27 Shall Be **held on 17.06.2026 (Wednesday).** Interested candidates having requisite qualification may apply for the post. For detailed information regarding Eligibility Criteria, Selection Process, and Application Format, Please visit the college Website **https://www.chandbalicollege.co.in**



34001/279/2627 E-mail ID: eepwd765017@gmail.com

Government of Odisha
**"E" Procurement Notice**
**OFFICE OF THE SUPERINTENDING ENGINEER, RAYAGADA (R&B) DIVISION NO-II**
**Bid Identification No:** RC (RANDB) RGD No-II 05/2026-27 (Online Tender)

**No.:** 2478 **Dated:** 25/05/2026

1. Total No. of the works: **02 No's Building Work (Double cover System)**
2. Approximate estimated Cost: **Rs. 81.37 Lakhs**
3. Period of completion: **07 (Seven) Calendar Months**
4. Date & Time of availability of bid document in the portal: **11.00 Hrs. of dated 08.06.2026 to 17.00 Hrs. of dated 29.06.2026 for online bidding.**
5. Last date/Time for receipt of bids in the portal: **Up to 17.00 Hrs. of dated 29.06.2026**
6. Name and address of the officer inviting BID: **Superintending Engineer, Rayagada (R&B) Division No-II**
7. **Date of opening of Technical Bid at 11.00 Hours on dated 30.06.2026**
8. Further details can be seen from the e-Procurement portal: www.tendersodisha.gov.in
9. Further Addendum/Corrigendum if any will be hosted in the above website only.

Superintending Engineer
Rayagada (R&B) Division No-II

OIPR-34001/34139/1/26-27/0003



**ZILLA SWASTHYA SAMITI, DHENKANAL**
**TENDER CALL NOTICE** 10001/220/2627

Sealed tenders are invited from eligible parties for supplying buffet lunch and tiffin to the office of the undersigned. Interested bidder may submit offers in detail as per prescribed format. Details regarding application format, terms and conditions may be downloaded from https://dhenkanal.odisha.gov.in. The bid in the prescribed format along with all relevant documents should reach to the office of the undersigned on or before 17.06.2026 within 11 A.M through Regd. Post / Speed Post / Courier only. The tender will open at 12.00 P.M on 17.06.2026. The bidders or their authorized representative may present in the opening on scheduled date and time. The undersigned reserves the right to reject any or all the tenders without assigning any reason thereof.

Sd/-
CDM & PHO-cum-District Mission Director
District Health Mission, Dhenkanal

OIPR-10001/10059/1/26-27/0002



**OFFICE OF THE DIVISIONAL FOREST OFFICER, BRAHMAPUR DIVISION** 8001/125/2627
At-Courtpeta, Brahmapur-760004,
Tel./FAX-0680-2281354, Mob-7653908594, E-mail-dfobhmpr@yahoo.co.in
**Re-Tender No. 01/01F-/2026**
**Dated, Brahmapur the 03.06.2026**

**Re-Tender Call Notice for Supply of Chain Link Wire Mesh with Concrete Pillars Posting at Plantation Site**

Sealed Tenders are invited from reputed Registered Manufacturer/Dealer/Suppliers for supply of quality Chain Link Wire Mesh with Concrete Pillars for fencing of Bald Hill Plantations to be taken up in Brahmapur Forest Division, under various schemes during the current financial year 2026-27. The tender documents/applications may be downloaded from the website www.odishaforest.in / **ganjam.nic.in**. Sample of the Chain Link Wire Mesh should be submitted along with the Tender document. The start date of submission of sealed tender is **05.06.2026 at 10:00 AM** and the last date of submission of sealed tender is **19.06.2026 up to 05.00 PM**. The Technical Bids shall be opened at **11.00 AM on 20.06.2026** in presence of the bidder(s) or their authorized representative in the office of the undersigned. The Financial bids shall be opened after evaluation of the technical bids by the Tender Selection Committee. Final selection of the bidder shall be done based on the quality and cost of the materials. The undersigned reserves the right to reject any or all tender without assigning any reasons thereof.

Divisional Forest Officer
Berhampur Division

OIPR-8001/8038/1/26-27/0002



25001/303/2627

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, SUNDARGARH**
E-Mail – rw_rourkela@yahoo.co.in
**TENDER CALL NOTICE**
**BID IDENTIFICATION NO. ONLINE-EERKL-08 OF 2026-27**

| | |
|---|---|
| 1 Name of the Work | Building Works |
| 2 Total No. of Works | 02 (Two) Nos. |
| 3 Estimated Cost | Rs. 3.36 to 5.04 Lakhs |
| 4 Class of Contractor | "D" & "C" Class |
| 5 Period of Completion | 02 (Two) Months |
| 6 Type of Tender | Single Cover |
| 7 Other Details | As below |

| Procurement Officer | Bid Identification No. | Availability of Tender Online for Bidding (From) | Availability of Tender Online for Bidding (To) | Last Date & Time of Seeking Tender Clarification | Date & Time of Opening of Tender |
|---|---|---|---|---|---|
| Executive Engineer, Rural Works Division-II, Sundargarh | Online-EERKL-08 of 2026-27 | 06.06.2026 from 10.00 AM | 16.06.2026 up to 05.00 PM | 15.06.2026 up to 5.00 PM | 17.06.2026 at 11.00 AM |

Further details can be seen from the website www.tendersorissa.gov.in and for more information please visit the office.

Executive Engineer
RW Division-II, Sundargarh

OIPR-25001/25193/1/26-27/0012



**AFFIDAVIT**

By virtue of an affidavit before the Notary Public, Phulbani, Kandhamal, on dt 22.05.2026, I, Premachanda Mallick, formerly known as Pratap Mallick, S/o-Rajapati Mallick, At- Sarukoi, Po-Tellapali, Phiringia, Kandhamal, Odisha, hereby declare that I have changed my name from Pratap Mallick to Premachanda Mallick. .Henceforth, I shall be known as **Premachanda Mallick** for all purposes.

**AFFIDAVIT**

By virtue of an affidavit I Dhaben Sunani, W/ o - Banabas Sunani of village Surapadar, Po - Ruphuda, Ps. Kesinga, Dist. Kalahandi, Odisha do hereby declare that I shall be known as Dhaben Sunani w/o - Banabas Sunani , hence forward instead of Duben Senapati, W/o - Banwas, which has been entered in, my EPF account UAN No. 100141410301, PF - THTHA/ 200266/63 and in all purposes.

**ପୂର୍ବ ତଟ ରେଳପଥ**

**ଶୁଦ୍ଧିପତ୍ର ସଂ. - 02**

ଟେଣ୍ଡର ବିଜ୍ଞପ୍ତି ସଂ. EPC-CECONIVBBS2026016 ତା. 18.04.2026 ରିଖ

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିରେ ନିମ୍ନଲିଖିତ ସଂଶୋଧନ କରାଯାଇଛି, ଯାହାକୁ ଦୟାକରି ଧ୍ୟାନ ଦେବା ଆବଶ୍ୟକ।

**ବିଷୟ :** ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :-

| ପ୍ରକାଶିତ ଅନୁଯାୟୀ | ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ |
|---|---|
| ତା.18.06.2026 ରିଖ 1200 ଘଟିକାରେ | ତା.**17.07.2026**ରିଖ 1200 ଘଟିକାରେ |

ବିସ୍ତୃତ ବିବରଣୀ ନିମନ୍ତେ ଦୟାକରି ୱେବସାଇଟ୍ : www.ireps.gov.in ଅବଲୋକନ କରନ୍ତୁ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-74/CJ/26-27

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated 01/06/2026, I **BULU NAHAK**, S/o Deba Nahak resident of At/Po- Sunathara, P.S: Purusottampur, Dist: Ganjam, Odisha, PIN: 761003, declare that I have changed my minor Son's name from **AADI ISHAAN (Old Name)** to **AADI ISHAAN NAHAK (New Name)**. Henceforth, he shall be known as **AADI ISHAAN NAHAK** for all purposes.

Sd- **BULU NAHAK**

**AFFIDAVIT**

By virtue of an affidavit sworn before the Executive Magistrate, Puri, SL NO 2, on dated 29/05/2026, I **RUPEI ROUL**, W/o Golekh Roul resident of At- Water works Road, Po - Puri, PS- Seabeach, Dist- Puri, Odisha declare that in my Aadhaar Card Vide No: 6543 4934 5620, Vide Mob. No. 9861453010 my name has been mentioned as Rupa Roul instead of Rupei Roul so, I have changed my name from **RUPA ROUL** to **RUPEI ROUL.** Henceforth, I shall be known as **RUPEI ROUL** for all future purposes.

**Sd- RUPEI ROUL**

**ଦଲିଲ ହଜିଛି**

ମୁଁ ଯୁଗଳ କିଶୋର ଦୀପ, ପି- ସ୍ୱ.ବିଶି କେଶନ ଦୀପ, ନି-ୱାର୍ଡ ୬, କେସିଙ୍ଗା, ଜି-କଳାହାଣ୍ଡି, ଗତ ତା-୨୯.୦୫.୨୦୨୬ ରିଖରେ, କେସିଙ୍ଗା ବଜାର କୁ ଯିବାବେଳେ ମୋ ପିତାଙ୍କ ନାମରେ ଥିବା ଏକ ଦଲିଲ ଯାହାର 'ନଂ.- ୮୭୭/୧୯୯୦, ଭୋ-୧୬, ପୃ-୧୨୩' ତାହା ୧୯୯୦ ମସିହାରେ ସମ୍ପାଦିତ ହୋଇଥିଲା, ତାହା ହଜିଯାଇଛି। ଯଦି କେହି ସହୃଦୟ ବ୍ୟକ୍ତି ପାଇଅଛନ୍ତି ତେବେ ଏହାକୁ ମୋତେ ଫେରସ୍ତ କରିବାକୁ ଅନୁରୋଧ। ଆମେ ଉକ୍ତ ଦଲିଲକୁ କୌଣସି ବ୍ୟାଙ୍କ କିମ୍ବା ଆର୍ଥିକ ଅନୁଷ୍ଠାନରେ ବନ୍ଧକ ରଖିନାହୁଁ। ଯୋଗାଯୋଗ-8249134125

**AFFIDAVIT**

By the virtue of an affidavit sworn before the Executive Magistrate Daringibadi, Dated - 01.06.2026 . I Srinibash Pradhan, S/o : Denga Pradhan, Vill : Brahasalaka, Po: Siangbali, Ps: Daringbadi, Dist: Kandhamal, State: Odisha-762104 declare that I have changed my minor daughter's name from NICA PRADHAN to NAISHA PRADHAN. Henceforth, She shall be known as **NAISHA PRADHAN** for all purposes.

**AFFIDAVIT**

I, Sonali Mohapatra, aged about 26 years, W/o- Mahammad Suraj Alli, resident of At: Pithapur, Bhograi, Dist: Baleswar, Pin: 756038, State: Odisha declared by this affidavit No. 1126, dtd- 03/06/2026 that now onwards I shall be known as **SONALI BEGAM** for all future purposes.

**AFFIDAVIT**

By virtue of an affidavit before the Notary Public, Phulbani, Kandhamal, on dt 04.06.2026, I, Puspa Bhoi, formerly known as Rupanjali Bhoi, D/o Luchendra Bhoi, resident of At- Lambhakheta, Po- Balandapada, Ps-Gochhapada, Dist.-Kandhamal hereby declare that I have changed my name from Rupanjali Bhoi to Puspa Bhoi. Henceforth, I shall be known as **Puspa Bhoi** for all purposes.

**AFFIDAVIT**

By virtue of an affidavit sworn before. The Executive Magistrate, Anandapur, dt- 08.01.2026 I Jagu Jena aged about 58 years S/o. Chhunchi Jena of Village - Guhalia, Po- Tukuna, Ps.- Ghasipura, Dist- Keonjhar, do hereby solemnly affirm and state as that my Name Spelling has been mentioned in my Aadhar card bearing No- **798071966719** and my voter Identity card bearing No- **OR/21/146/276193** mentioned as "Jagu Jena", but when opened this LIC Policy my calling name has been mentioned as "Jagabandhu Jena, S/o. Chhunchi Jena, Hence forth, I shall be known as **JAGU JENA** for all purposes.

Sd/- Jagu Jena

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, CF. NO - 91, dated 02/06/2026, I **DAITARI SUNDARA**, S/o Rusia Sundara resident of At- Kuhudi, Po- Kuhudi, P.S: Tangi, Nizgarhkuhudi, Dist: Khordha, Odisha, PIN: 752027, declare that I have changed my minor Daughter's name from **ROJINA SUNDARA (Old Name)** to **ROJI SUNDARA (New Name)**. Henceforth, she shall be known as **ROJI SUNDARA** for all purposes.

Sd- **DAITARI SUNDARA**

**AFFIDAVIT**

I, Sumitra Dash, aged about 55 years, W/o- Dr. Rangadhar Satapathy, resident of At: HIG- 4/2, Housing Board Colony, Chandrasekharpur, Bhubaneswar, Pin-751016, Dist- Khordha, State: Odisha declared by this affidavit No. 76, dtd-03/06/2026 that now onwards I shall be known as **SUMITRA SATAPATHY** for all future purposes.

**AFFIDAVIT**

By virtue of an affidavit sworn before Notary Public Bhawanipatna, Kalahandi, dated 27.05.2026, I Lakhunu Majhi resident At-Labanyasara, Po- Sagada, Ps-Sadar Bhawanipatna, Dist-Kalahandi, Odisha, PIN-766002, declare that I have changed the name of my Daughter from Alina Majhi to Tanuja Majhi . Henceforth, she shall be known as **TANUJA MAJHI** for all future purposes.

Lakhunu Majhi

**AFFIDAVIT**

By virtue of an affidavit before the Executive Magistrate Hindol on dt 16-03-2026, I, Bikash Kumar Lenka, aged about 37 years S/o. Sudhakar Lenka of Village- Dandiri, Po- Rasol, PS- Rasol, Dist-Dhenkanal. That in the Aadhaar Card bearing no. 9621 1489 8165 and UCO Bank Rasol Branch bearing A/c No 11550110103852 my name reflected Bikash Kumar Lenka, S/o. Sudhakar Lenka but in the LIC Policy Bond bearing Policy No. 588141037 my name reflected as Jhuna Lenka, which is my nick name instead of Bikash Kumar Lenka. That Bikash Kumar Lenka and Jhuna Lenka, S/o- Sudhakar Lenka is same and one person and there is no any other person live in that name in the same locality.

**AFFIDAVIT**

By virtue of an affidavit sworn before Executive Magistrate, Bhawanipatna, Kalahandi dated, 06.04.2026, I Lalita Behera, resident of At/Po-Dadpur, Ps- Sadar Bhawanipatna, Dist-Kalahandi, Odisha, PIN-766002, declare that I have changed my name from Maya Behera to Lalita Behera. Henceforth, I shall be known as **LALITA BEHERA** for all purposes.



**OFFICE OF THE PRINCIPAL** 11001/100/2627
**GOVT. WOMEN'S COLLEGE, BHAWANIPATNA – 766001**
**Email:** gwc.bpt@gmail.com, **Phone No.:** 0670-230723
**Website:** gwcbhawanipatna.ac.in

Notice No. 862 /GWC Dt. 04.06.2026

**Engagement of Guest Faculties in Govt. Women's Vocational Higher Secondary School, Bhawanipatna**

Engagement of Guest faculties in Govt. Women's Vocational Higher Secondary School, Bhawanipatna for the following trade will be held in the college on **17.06.2026** as per the schedule mentioned below. Retired / in-service / fresh candidates are required to come with their C.V. and necessary documents on the said date. The engagement is purely temporary and can be terminated at any time without assigning any reason thereof. The remuneration will be paid as per the govt. approved rate.

| SL. NO. | Date & Time of Document Verification | Trade Subject | Qualification |
|---|---|---|---|
| 01 | 17.06.2026, 09:00 A.M. | IT & ITeS | Bachelor of Engineering / Master of Engineering in I.T. / M.A. in I.T. |
| 02 | 17.06.2026, 09:00 A.M. | Sports, Physical Education, Fitness & Leisure (SPEFL) | P.G. in Physical Education |

Principal
Govt. Women's College, Bhawanipatna

OIPR-11001/11035/1/26-27/0002



**GOVERNMENT OF ODISHA,** 32001/323/2627
**DEPARTMENT OF WATER RESOURCES**
**Office of the Addl. Chief Engineer, Mechanical Circle, Bhubaneswar**
**Email Address:** semechcircle104@gmail.com
**e-Procurement Notice - Bid Identification No.: ACEM/MDC-07/2026-27**

1. **Name of the Work** : Mechanical Gate Works
2. **No. of Works** : 01 (One)
3. **Category of executors** : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. **Bid Identification No.** : ACEM/MDC-07/2026-27
5. **Estimated Cost** : Rs. 14,62,365/-
6. **Period of Completion** : 01 (One) calendar month.
7. **Date & time of availability of bid documents in the Portal** : From dt. 06.06.2026 (10.00 AM) to dt. 19.06.2026 (5.30 PM)
8. **Last date/time for receipt of bid in the Portal** : dt. 19.06.2026 (up to 5.30 PM)
9. **Date and Place of opening of Bid** : dt. 20.06.2026 (11.00 AM onwards in the O/O the undersigned)
10. **Name of the Officer inviting bid** : Addl. Chief Engineer, Mechanical Circle, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Addl. Chief Engineer
Mechanical Circle, Bhubaneswar

OIPR-32001/32405/1/26-27/0010



# ଭୁବନେଶ୍ୱର ସିଟି

## ନବନିର୍ମାଣ କୃଷକ ସଂଗଠନ ଉପରେ ଦମନ ଅଭିଯୋଗ

# ଗଣଆନ୍ଦୋଳନ ରୋକିବାକୁ ମିଛ କେସ୍




■ ଜୁନ୍ ୧୦ରେ ପୁଲିସ୍ ଡିଜି କାର୍ଯ୍ୟାଳୟ ସାମନାରେ ଧାରଣା

ଭୁବନେଶ୍ୱର,୪।୬(ସମିସ)

ନବନିର୍ମାଣ କୃଷକ ସଂଗଠନର ନେତୃତ୍ୱମାନଙ୍କ ଉପରେ ମିଛ ମନଗଢ଼ା ମାମଲା ଦାୟର କରି ଗଣତାନ୍ତ୍ରିକ ଆନ୍ଦୋଳନକୁ ପୁଲିସ ସହାୟତାରେ ଦବାଇ ଦେବାର ହୀନ ଚକ୍ରାନ୍ତ ହେଉଛି। ଡବଲ ଇଂଜିନ୍ ବିଜେପି ସରକାରଙ୍କ ଦ୍ୱାରା ଗଣତନ୍ତ୍ର ଓ ସମ୍ବିଧାନର ହତ୍ୟା କରାଯାଇ ଏପରି ଉଦ୍ୟମ ହେଉଛି। ମାର୍ଚ୍ଚ ୩୦ରେ କେନ୍ଦୁଝର ଘଟଗାଁରୁ ଆରମ୍ଭ ହୋଇଥିବା ପଦଯାତ୍ରା କଟକର ଫୁଲନଖରା ଠାରେ ହିଂସା ଓ ଦଙ୍ଗା କେଶ୍ ଲଗାଇ ସଂଗଠନର ପ୍ରତିଷ୍ଠାତା ଅକ୍ଷୟ କୁମାରଙ୍କ ସମେତ ୧୩ଜଣ ନେତୃତ୍ୱଙ୍କୁ ୧୪ ଦିନ ଜେଲରେ ପୁରାଇବାଠାରୁ ଆରମ୍ଭ କରି ନୟାଗଡ଼ରେ ଜାନୁୟାରୀ ୨୨ ତାରିଖରେ ଚାଷୀ ରାଲି ବେଳେ ସଂଗଠନର ପ୍ରତିଷ୍ଠାତା ଓ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର, ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଓ ନବନିର୍ମାଣ ଯୁବଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ମନୱର ଅଲ୍ଲୀଙ୍କ ଉପରେ ଆର୍ମସ୍ ଆକ୍ଟ ଲଗାଇବା ଆଦି ଘଟଣା ଏହାର ନଗ୍ନ ଉଦାହରଣ ବୋଲି ନବନିର୍ମାଣ କୃଷକ ସଂଗଠନ କହିଛି।

ଗୁରୁବାର ସଂଗଠନ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି, ସୋନପୁରରେ ମାର୍ଚ୍ଚ ୧୯ ତାରିଖରେ ନବନିର୍ମାଣ ସଂଗଠନର ଜିଲ୍ଲା ସଂଯୋଜକ ପ୍ରଦ୍ୟୁମ୍ନ ପାଢ଼ୀଙ୍କ ଉପରେ ଡକାୟତି ଓ ଆର୍ମସ୍ ଆକ୍ଟ ଲଗାଇ ୧୪ଦିନ ଜେଲରେ ରଖାଗଲା, ମେ ୧୯ ତାରିଖରେ ଜଗତସିଂହପୁରର ସଂଗଠନର ରାଜ୍ୟ ସହସଂଯୋଜକ ରଶ୍ମିରଂଜନ ସ୍ୱାଇଁଙ୍କ ଉପରେ ଜାତିଆଣ ଓ ହିଂସାର ଛିଟା ଲଗାଇବା ଅଭିଯୋଗରେ ପୁଲିସ ମନଗଢ଼ା କପୋଳକଳ୍ପିତ କାହାଣୀ, ଗଣତନ୍ତ୍ର ଓ ସମ୍ବିଧାନ ହତ୍ୟା ବୋଲି ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଛନ୍ତି। ସେଥିପାଇଁ ଗଣତାନ୍ତ୍ରିକ ଓ ସାମ୍ବିଧାନିକ ମୂଲ୍ୟକୁ ବଞ୍ଚାଇବା ଉଦ୍ଦେଶ୍ୟ ସହ ପୁଲିସର ଏଭଳି ଅମାନୁଷିକ ଅତ୍ୟାଚାରର ପ୍ରତିବାଦରେ ଆଗାମୀ ଜୁନ୍ ୧୦ ତାରିଖରେ ଦିନ କଟକସ୍ଥିତ ପୁଲିସ ଡିଜି ଅଫିସ୍ ସାମ୍ନାରେ ଗଣଧାରଣା କରାଯିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

# ରେଳବାଇରେ ଚାକିରି ଲୋଭ: ଠକେଇ କରି ୨ ଗିରଫ

ଭୁବନେଶ୍ୱର, ୪।୬(ସମିସ): ରେଳ ବିଭାଗରେ ଚାକିରି ଦେବା ପ୍ରତିଶ୍ରୁତି ଆଳରେ ଠକେଇ ଅଭିଯୋଗରେ କ୍ୟାପିଟାଲ ଥାନା ପୁଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିନୋଦାନନ୍ଦ ନନ୍ଦ ଏବଂ ବିରେନ କୁମାର ସ୍ୱାଇଁ। ଗିରଫ ଅଭିଯୁକ୍ତଙ୍କ ଠାରୁ ନକଲି ଜଏନିଂ ଲେଟର ଜବତ କରାଯାଇଛି। ଏଭଳି ଉପାୟରେ ସେମାନେ ବଜାରରୁ ଅନେକଙ୍କ ଠାରୁ ଲକ୍ଷାଧିକ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି।




ପୁଲିସ ସୂଚନା ମୁତାବକ, ଅଭିଯୋଗକାରୀ ୟୁନିଟ-୧ ମାର୍କେଟ ଅଞ୍ଚଳରେ ଏକ ଚା’ ଦୋକାନ ଚଳାନ୍ତି। ସେ ଅଭିଯୁକ୍ତ ବିନୋଦାନନ୍ଦ ପାତ୍ରଙ୍କ ଯୋଗାଯୋଗରେ ଆସିଥିଲେ। ଯିଏ ନିଜର କିଛି ସହଯୋଗୀଙ୍କ ମାଧ୍ୟମରେ ରେଲୱେ ବିଭାଗରେ ଚାକିରି କରାଇ ଦେଇପାରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବେକାର ଯୁବକ ଓ ସେମାନଙ୍କ ପରିବାରର ଆଶା ଓ ବିଶ୍ୱାସର ସୁଯୋଗ ନେଇ ଅଭିଯୁକ୍ତମାନେ ରେଳବାଇରେ ଚାକିରି କରାଇ ଦେବା ନାମରେ ବିଭିନ୍ନ ବ୍ୟକ୍ତିଙ୍କଠାରୁ ଟଙ୍କା ଆଦାୟ କରୁଥିଲେ। ବିଶ୍ୱାସ ଜନ୍ମାଇବା ପାଇଁ ସେମାନେ କିଛି ବ୍ୟକ୍ତିଙ୍କୁ ନିଜ ସହଯୋଗୀ ଭାବେ ପରିଚୟ କରାଇବା ସହ ରେଳବାଇ ବିଭାଗର ପରିଚୟପତ୍ର ଏବଂ ଅନ୍ୟାନ୍ୟ ଦସ୍ତାବିଜ ଦେଖାଉଥିଲେ। ଅଭିଯୁକ୍ତମାନଙ୍କ କଥାକୁ ସତ ବୋଲି ବିଶ୍ୱାସ କରି ଅଭିଯୋଗକାରୀ ଓ ଅନ୍ୟାନ୍ୟ ଚାକିରି ଆଶାୟୀ ବ୍ୟକ୍ତିମାନେ ସେମାନଙ୍କ ଏବଂ ସେମାନଙ୍କ ସହଯୋଗୀଙ୍କ ବ୍ୟାଙ୍କ ଖାତାକୁ ବହୁ ପରିମାଣର ଟଙ୍କା ପଠାଇଥିଲେ। ତଦନ୍ତରୁ ଜଣାପଡ଼ିଥିଲା ଯେ, ରେଳବାଇରେ ଚାକିରି କରାଇ ଦେବା ଆଳରେ ବିନୋଦାନନ୍ଦ ପାତ୍ର, ବୀରେନ କୁମାର ସ୍ୱାଇଁ, ସୁକାନ୍ତ ବିଶୋୟୀ, ଜାନକୀ ବିଶୋୟୀ ଓ ଅନ୍ୟମାନଙ୍କ ଖାତାକୁ ବହୁ ପରିମାଣର ଟଙ୍କା ଜମା କରାଯାଇଥିଲା। ଏପରିକି ଚାକିରି ପୂର୍ବ ପ୍ରଶିକ୍ଷଣ ନାମରେ ପୀଡ଼ିତମାନଙ୍କୁ ଦିଲ୍ଲୀ, ଭୁସାୱାଲ, ଉତ୍ତରପ୍ରଦେଶ, ମୁମ୍ବାଇ ଏବଂ ବେଙ୍ଗାଲୁରୁ ଭଳି ସ୍ଥାନକୁ ମଧ୍ୟ ପଠାଯାଇଥିଲା। ମାତ୍ର ଟଙ୍କା ନେବା ପରେ ମଧ୍ୟ କାହାକୁ ରେଳବାଇରେ ଚାକିରି ମିଳିନଥିଲା।“ତଦନ୍ତ ସମୟରେ ଅଭିଯୁକ୍ତ ମାନଙ୍କୁ ଗିରଫ କରାଯାଇଥିଲା ଏବଂ ବିଭିନ୍ନ ବ୍ୟାଙ୍କ କାରବାର ସମ୍ପର୍କିତ ଦସ୍ତାବିଜ, ପୂର୍ବ ମଧ୍ୟ ରେଳବାଇ ନାମରେ ପ୍ରସ୍ତୁତ ଜାଲ ନିଯୁକ୍ତିପତ୍ର ଏବଂ ତଥାକଥିତ ପ୍ରଶିକ୍ଷଣ ସମ୍ବନ୍ଧୀୟ ଦସ୍ତାବିଜ ଜବତ କରାଯାଇ ଯାଞ୍ଚ କରାଯାଇଥିଲା। ତଦନ୍ତରୁ ସ୍ପଷ୍ଟ ହୋଇଥିଲା ଯେ, ଅଭିଯୁକ୍ତମାନେ ଅନ୍ୟ ସହଯୋଗୀମାନଙ୍କ ସହ ମିଶି ଏକ ସଙ୍ଗଠିତ ଠକେଇ ନେଟୱର୍କ ଗଠନ କରି ରେଲୱେ ବିଭାଗରେ ଚାକିରି କରାଇ ଦେବା ପ୍ରଲୋଭନ ଦେଖାଇ ଲୋକଙ୍କଠାରୁ ବିପୁଳ ଅର୍ଥ ଆଦାୟ କରି ତାହାର ଆତ୍ମସାତ କରୁଥିଲେ।

# ପାତ୍ରପଡ଼ା ରଜ ମହୋତ୍ସବ ପାଇଁ ପ୍ରସ୍ତୁତି

ଯାଁଳା, ୪।୬(ସମିସ): ପାତ୍ରପଡ଼ାସ୍ଥିତ ମହାରାଜା କ୍ରିକେଟ୍ ଆସୋସିଏସନ୍ ରଜ ମଣ୍ଡପ ଠାରେ ୧୬ ତମ ବାର୍ଷିକ ପାତ୍ରପଡ଼ା ରଜ ମହୋତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଜି ସନ୍ଧ୍ୟାରେ ଆୟୋଜିତ ଏହି ବୈଠକରେ ମହାରାଜା କ୍ରିକେଟ୍ ଆସୋସିଏସନ୍ର ବରିଷ୍ଠ ସଭ୍ୟମାନଙ୍କ ସହିତ ପାତ୍ରପଡ଼ା ଭଗବାନପୁର ଯୁବ ବାହିନୀ ସଭ୍ୟ ଓ ଆରାଧ୍ୟା ବାହିନୀ ସଭ୍ୟାମାନେ ଉପସ୍ଥିତ ଥିଲେ। ଚଳିତ ମାସ ଜୁନ୍ ୧୪ ରୁ ୧୭ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ପାଳନ କରାଯିବ। ଏଥିରେ ୧୦୦ରୁ ଅଧିକ ଦୋଳି ସହିତ ରାଧାକୃଷ୍ଣ ଝୁଲିବା ପାଇଁ ଦୋଳିର ବ୍ୟବସ୍ଥା କରାଯାଇଛି। ରଜ ଉପଲକ୍ଷେ ପୋଡ଼ ପିଠା ପ୍ରତିଯୋଗିତା, ପୁଞ୍ଚି, ଦୌଡିଦିଆଁ, ମେହେନ୍ଦି, ଶଙ୍ଖ ଫୁଙ୍କା, ମ୍ୟୁଜିକ୍ ଚେୟାର ସମେତ ଚେସ, ତାସ ଓ ଭଲିବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ପହିଲି ରଜ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ପ୍ରତି ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥି ସହିତ ଚାରିଦିନ ବ୍ୟାପି ରଜ ପଡ଼ିଆରେ ମୀନ ବଜାର ସହିତ ରାମଦୋଳି, ବିଭିନ୍ନ ପ୍ରକାରର ମନୋହରୀ ଦୋକାନଠୁ ଆରମ୍ଭ କରି ସମସ୍ତ ପ୍ରକାରର ସୁସ୍ୱାଦୁ ଖାଦ୍ୟ ଷ୍ଟଲ୍ ଖୋଲାଯିବ। ଜନଗହଳି ଭିତରେ ଶାନ୍ତି ଶୃଙ୍ଖଳା ରକ୍ଷା, ଯାନବାହାନ ଗମନାଗମନର ସୁବିଧା ପାଇଁ ଯୁବାବହିନୀ ସଦସ୍ୟମାନଙ୍କ ସହିତ, ଖଣ୍ଡଗିରି ପୋଲିସ୍ର ସହଯୋଗ ଲୋଡାଯିବ। ବୈଠକରେ ସ୍ଥାନୀୟ କର୍ପୋରେଟର ରଶ୍ମି ରଞ୍ଜନ ପାଟସାଣି ଓ ମହାରାଜା କ୍ରିକେଟ୍ ଆସୋସିଏସନ୍ର ବରିଷ୍ଠ ସଭ୍ୟ, ଯୁବ ବାହିନୀର ସଭ୍ୟ ଓ ଆରାଧ୍ୟା ବାହିନୀ ସଭ୍ୟାମାନେ ଉପସ୍ଥିତ ଥିଲେ।





# ଆଦିବାସୀ ଛାତ୍ରଛାତ୍ରୀଙ୍କୁ ପ୍ରତିଯୋଗିତାମୂଳକ ଶିକ୍ଷା ପାଇଁ ଚୁକ୍ତିନାମା



ଭୁବନେଶ୍ୱର, ୪।୬(ସମିସ): ରାଜ୍ୟର ପ୍ରତିଷ୍ଠିତ ଶିକ୍ଷା ଅନୁଷ୍ଠାନ କିଟ୍ ସହ କେନ୍ଦ୍ର ସରକାରଙ୍କ ଆଇଆଇଟି ଓ ପ୍ରମୋଦ ବିଦ୍ୟା ଭବନ ସହ ଏକ ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଏହ ଦ୍ୱାରା କିଟ୍ରେ ପଢୁଥିବା ହଜାରେରୁ ଅଧିକ ଆଦିବାସୀ ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପାଠ୍ୟକ୍ରମରେ ସୁବିଧା ପାଇପାରିବେ। ଏହାଦ୍ୱାରା ଓଡ଼ିଶା ଆଦିବାସୀ ଛାତ୍ରଛାତ୍ରୀମାନେ ଉପକୃତ ହୋଇପାରିବେ।

# ଓଡ଼ିଶା ଅର୍ବାନ ଏକାଡେମୀର ଅତ୍ୟାଧୁନିକ ହଷ୍ଟେଲ ଉଦ୍‌ଘାଟିତ



ଭୁବନେଶ୍ୱର, ୪।୬(ସମିସ):ଓଡ଼ିଶାର ସହରାଞ୍ଚଳ ଶାସନ ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ଏକ ନୂତନ ମାଇଲଖୁଣ୍ଟ ସ୍ଥାପିତ ହୋଇଛି। ଭୁବନେଶ୍ୱରର ବାସୁଆଘାଇଠାରେ ଓଡ଼ିଶା ଅର୍ବାନ ଏକାଡେମୀର ଏକ ଅତ୍ୟାଧୁନିକ ହଷ୍ଟେଲକୁ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି, ସହରଗୁଡ଼ିକୁ ସୁବ୍ୟବସ୍ଥିତ, ସବୁଜ ଏବଂ ବାସୋପଯୋଗୀ କରିବା ପାଇଁ ବିଶେଷଜ୍ଞ ଏବଂ ପ୍ରଶାସନିକ ଅଧିକାରୀମାନଙ୍କୁ ଆଧୁନିକ ଜ୍ଞାନକୌଶଳ ଓ ଗ୍ଲୋବାଲ ବେଷ୍ଟ ପ୍ରାକ୍ଟିସେସ୍ ବିଷୟରେ ଉଚ୍ଚକୋଟୀର ପ୍ରଶିକ୍ଷଣ ପ୍ରଦାନ କରିବାରେ ଏହି ଅନୁଷ୍ଠାନ ପ୍ରମୁଖ ଭୂମିକା ଗ୍ରହଣ କରିବ। ପ୍ରାୟ ୯.୪୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଅତ୍ୟାଧୁନିକ ହଷ୍ଟେଲରେ ହଷ୍ଟେଲ ପ୍ରଶିକ୍ଷକ, ପ୍ରଶିକ୍ଷାର୍ଥୀ ଏବଂ ଅଂଶୀଦାରମାନଙ୍କ ପାଇଁ ସୁରକ୍ଷିତ, ଆରାମଦାୟକ ଓ ସମସ୍ତ ସୁବିଧା ସୁଯୋଗର ବ୍ୟବସ୍ଥା ରହିଛି। ଏଠାରେ ସୁବିଧାରେ ୨୮ଟି ଟ୍ୱିନ୍-ସେୟାରିଂ ରୁମ୍ରେ ୫୬ ଜଣ ବ୍ୟକ୍ତିଙ୍କ ରହିବା ପାଇଁ ବ୍ୟବସ୍ଥା ରହିଛି। ଯେଉଁଥିରେ ୨୪ଟି ସାଧାରଣ ଆବାସିକ କକ୍ଷ ସହିତ ୪ଟି ପ୍ରିମିୟମ୍ ବା ସ୍ପେଶାଲ ରୁମ୍ ଅଛି। ଏକା ସାଙ୍ଗରେ ୪୦ ଜଣ ବସିବା ଭଳି ଡାଇନିଂ ହଲ୍, ସୁସଜ୍ଜିତ ମଡ୍ୟୁଲାର୍ କିଚେନ୍, ପ୍ରଶିକ୍ଷଣ ଓ କର୍ମଶାଳା ପାଇଁ ଉଦ୍ଦିଷ୍ଟ କନଫରେନ୍ସ ହଲ୍, ଜିମ୍ନାସିୟମ୍ ଏବଂ ଇନଡୋର ମନୋରଞ୍ଜନ କକ୍ଷର ସୁବିଧା ରହିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ସମ୍ପୂର୍ଣ୍ଣ କେନ୍ଦ୍ରୀୟ ଏୟାର-କଣ୍ଡିସନ୍ଡ ସୁବିଧାରେ ଏକ ସୌର ଶକ୍ତି ପ୍ରଣାଳୀ ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି, ଓଡ଼ିଶା ଅର୍ବାନ୍ ଏକାଡେମୀ ସହରୀ ଶିକ୍ଷା, ନବସୃଜନ ଏବଂ ବିକାଶ ପାଇଁ ଏକ ପ୍ରମୁଖ ପାରଦର୍ଶିତା କେନ୍ଦ୍ର ଭାବେ ଗଢ଼ି ଉଠିଛି। ଅନ୍ୟମାନଙ୍କ ମଧ୍ୟରେ ଏକାମ୍ର ବିଧାୟକ ବାବୁ ସିଂ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ଓଡ଼ିଶା ଅର୍ବାନ୍ ଏକାଡେମୀର ବାର୍ଷିକ ପ୍ରଶିକ୍ଷଣ କ୍ୟାଲେଣ୍ଡର ଉନ୍ମୋଚିତ ହୋଇଥିଲା।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହାୟତାରେ ଫେରିଲା ମୃତଦେହ



ଭୁବନେଶ୍ୱର,୪।୬(ସମିସ): ସୋସିଆଲ ମିଡିଆ ‘ଏକ୍ସ’ରେ ଜଣେ ଅସହାୟ ଓଡ଼ିଆ ପରିବାରର ଅନୁରୋଧ ପାଇବା ମାତ୍ରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗଙ୍କ ତତ୍ପର ହସ୍ତକ୍ଷେପ ଫଳରେ ମୃତ ଦେହ ଓଡିଶା ଫେରିପାରିଛି। ବଲାଙ୍ଗିର ଜିଲ୍ଲା ସଇଁତଳା ବ୍ଲକ ଅନ୍ତର୍ଗତ ସିଲେଟପଡ଼ା ଗ୍ରାମର ୨୬ବର୍ଷୀୟ ଯୁବକ ଦେବେନ୍ଦ୍ର ସୁନା ଏକ ବେସରକାରୀ ସଂସ୍ଥାରେ କାର୍ଯ୍ୟ କରୁଥିଲେ। ଅସୁସ୍ଥତା କାରଣରୁ ବେଙ୍ଗାଲୁରୁର ଏକ ବେସରକାରୀ ହସ୍ପିଟାଲ ଭର୍ତ୍ତି କରାଯାଇଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଦେବେନ୍ଦ୍ରଙ୍କ ପରିବାରକୁ ହସ୍ପିଟାଲ କର୍ତ୍ତୃପକ୍ଷ ବକେୟା ବିଲ୍ ଜମା କରିବା ପାଇଁ କହିଥିଲେ। ଡକ୍ଟର ମୁକେଶ ମହାଲିଙ୍ଗଙ୍କ ନିର୍ଦ୍ଦେଶ ପରେ ବଲାଙ୍ଗୀର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ଦେଢ଼ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ସରକାରୀ ଅନୁଦାନ ସିଧାସଳଖ ବେଙ୍ଗାଲୁରୁ ସ୍ଥିତ ହସ୍ପିଟାଲକୁ ହସ୍ତାନ୍ତର କରାଯାଇଛି। ସରକାରଙ୍କର ଏହି ତୁରନ୍ତ ପଦକ୍ଷେପ ଯୋଗୁଁ ମୃତ ଶରୀର ଆମ୍ବୁଲାନ୍ସ ଯୋଗେ ଓଡିଶାକୁ ଫେରିଛି।

# ନୃତ୍ୟ ଉତ୍ସବ ‘ମାର୍ଗୀ’ ଉଦ୍‌ଯାପିତ

ଭୁବନେଶ୍ୱର, ୪।୬(ସମିସ): ନୃତ୍ୟଶାଳା ଦ୍ୱାରା ରବୀନ୍ଦ୍ରମଣ୍ଡପରେ ଆୟୋଜିତ ନୃତ୍ୟଉତ୍ସବ ‘ମାର୍ଗୀ’ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥିଭାବେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିଜୟ ଜେନା, ପ୍ରତିଷ୍ଠିତ ମର୍ଦ୍ଦଳବାଦକ ଗୁରୁ ସଚ୍ଚିଦାନନ୍ଦ ଦାସ, ଛଉନୃତ୍ୟ ଗୁରୁ ସଦାଶିବ ପ୍ରଧାନ, ନାଟ୍ୟଗୁରୁ ପ୍ରଦୀପ ମିଶ୍ର, ନୃତ୍ୟଶାଳା ନିର୍ଦ୍ଦେଶକ ଗୁରୁ ଅଶୋକ କୁମାର ଘୋଷାଲ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ନୃତ୍ୟଗୁରୁ ଡ. ମନୋରଞ୍ଜନ ପ୍ରଧାନ ମଙ୍ଗଳାଚରଣରେ ମଙ୍ଗଳ ପୂର୍ବକ ଈଶ୍ୱର ଆରାଧନା କରିଥିଲେ। ଏହାପରେ ନୃତ୍ୟଶିଳ୍ପୀ ସୁହାଗ ନଳିନୀ ଦାସ ରାସ ପାନଚାଲ୍ ପରିବେଷଣ କରିଥିଲେ। ମିଶ୍ର ତାଳ ଉପରେ ପର୍ଯ୍ୟବେକ୍ଷିତ ଏହି ନୃତ୍ୟକୁ ଆଦି ଗୁରୁ ପଙ୍କଜ ଚରଣ ଦାସ ନୃତ୍ୟ ସଂଯୋଜନା କରିଥିବା ବେଳେ ଗୁରୁ ରାମହରି ଦାସ ସ୍ୱର ସଂଯୋଜନା କରିଛନ୍ତି। ପରବର୍ତ୍ତୀ ପସ୍ତୁତିରେ ଦ୍ୱୈତ ନୃତ୍ୟ ପରିବେଷଣ କରିଥିଲେ ଶିଳ୍ପୀ ସସ୍ମିତା ବେହେରା ଓ ଜଗଜିତ୍ ଦାସ। ଦୁହେଁ ଅଭିନୟରେ ‘ଆହେ ନୀଳ ଶୈଳ.. ପରିବେଷଣ କରିଥିଲେ। ତାଳ-ଯତି ଉପରେ ନିବଦ୍ଧ ଏହି ନୃତ୍ୟକୁ ଗୁରୁ ନବକିଶୋର ମିଶ୍ର ଓ ଗୁରୁ ନିରଞ୍ଜନ ରାଉତ ସଂଯୋଜନା କରିଥିବା ବେଳେ ସଙ୍ଗୀତରେ ଥିଲେ ଗୁରୁ ସୁକାନ୍ତ କୁମାରେ କୁଣ୍ଡୁ। ଶେଷ ପର୍ଯ୍ୟାୟରେ ନୃତ୍ୟଶାଳା ଅନୁଷ୍ଠାନ ଦ୍ୱାରା ନୃତ୍ୟନାଟିକା ମୁଁ ପରିବେଷିତ ହୋଇଥିଲା। ଏହାକୁ ଗୁରୁ ନବ କିଶୋର ମିଶ୍ର ରଚନା କରିଥିବା ବେଳେ ସଙ୍ଗୀତ ସଂଯୋଜନା କରିଥିଲେ ହିମାଂଶୁ ଶେଖର ସ୍ୱାଇଁ ଏବଂ ତାଳ ସଂଯୋଜନା ଗୁରୁ ଧନେଶ୍ୱର ସ୍ୱାଇଁ, ଗୁରୁ ଅଜୟ ଚୌଧୁରୀ କରିଥିଲେ। ପରିକଳ୍ପନା ଓ ନୃତ୍ୟ ସଂଯୋଜନା ଗୁରୁ ଅଶୋକ କୁମାର ଘୋଷାଲ କରିଥିଲେ। କାର୍ଯ୍ୟକ୍ରମକୁ ଡ. ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ।



# ନାଟକ ‘ଶୂନ୍ୟ ମହାଶୂନ୍ୟ’ ମଞ୍ଚସ୍ଥ



ଭୁବନେଶ୍ୱର, ୪।୬(ସମିସ): ଅନିଶ୍ଚିତ ଜୀବନରେ ମଣିଷ ବଞ୍ଚିବା ପାଇଁ କିଛି ସ୍ନେହ ଆଉ ସାହାରା ଦରକାର। ଏମିତି କିଛି କଥାବସ୍ତୁକୁ ନେଇ ନାଟକ ‘ଶୂନ୍ୟ ମହାଶୂନ୍ୟ’ମଞ୍ଚସ୍ଥ ହୋଇଯାଇଛି। ସମ୍ରାଟ ସିଏ କଳାର ପୂଝାରୀ ପକ୍ଷରୁ ଗୁରୁବାର ଭଞ୍ଜକଳା ମଣ୍ଡପରେ ମଞ୍ଚସ୍ଥ ହୋଇଥିଲା। ଏହି ନାଟକର ରଚନା ଡ଼. ସମ୍ରାଟ କର କରିଥିବା ବେଳେ ନିର୍ଦ୍ଦେଶନାରେ ଶରତ ସମ୍ରାଟ ରହିଥିଲେ।

ଏହି ନାଟକ ସନ୍ଧ୍ୟାର ଅତିଥି ଭାବେ ନାଟ୍ୟକାର ପଞ୍ଚାନନ ଦାସ, ନାଟ୍ୟ ନିର୍ଦ୍ଦେଶକ ପ୍ରଦୀପ ବିଶ୍ୱାଳ, ସମାଜ ସେବି ସୁନାରାମ ସିଂ ପ୍ରମୁଖ ଉପସ୍ଥିତ ରହିଥିଲେ। ନାଟ୍ୟ ଅଭିନେତା ନିର୍ଦ୍ଦେଶକ ଭଜକୃଷ୍ଣ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସମାଜସେବୀଙ୍କୁ ପ୍ରକୃତି ଚିନ୍ତା

## ରାସ୍ତାକଡ଼ ଗଛ ବଞ୍ଚାଇବାର ଲକ୍ଷ୍ୟ

ଭୁବନେଶ୍ୱର, ୪।୬(ସମିସ): ଗ୍ରୀଷ୍ମ ତାପକୁ ଦୃଷ୍ଟିରେ ରଖି ପ୍ରକୃତି ସୁରକ୍ଷା ପାଇଁ ଆଗେଇ ଆସିଛନ୍ତି ରାଜଧାନୀର ଗଛ ମଣିଷ ବିଜୟ। ବିଜୟ ଆୟକର ବିଭାଗରେ କାଜୁଆଲ କର୍ମଚାରୀ ଭାବେ କାର୍ଯ୍ୟରତ ଥିବା ବେଳେ ସ୍ଥାନୀୟ ପଥରବନ୍ଧ ବସ୍ତିରେ ରହୁଛନ୍ତି। ସେ ଗଛ ଲଗାଇବା ଠାରୁ ଆରମ୍ଭ କରି, ନିୟମିତ ପାଣି ଦେବା, ସେଗୁଡ଼ିକର ଯତ୍ନ ନେଉଛନ୍ତି। ପ୍ରତିବର୍ଷ ବର୍ଷା ଆରମ୍ଭରୁ ବିଭିନ୍ନ ସ୍ଥାନରେ ଗଛ ଲଗାଇବା ସହ ହଜାର ହଜାର ଚାରା ମାଗଣାରେ ପ୍ରଦାନ କରିଥାନ୍ତି। ସେହିପରି ଖରାଦିନେ ପଶୁ ପକ୍ଷୀମାନେ କିଭଳି ପାଣି ପାଇଁ ଅସୁବିଧାର ସମ୍ମୁଖୀନ ନହେବେ ସେଥିପାଇଁ ପ୍ରତିବର୍ଷ ରାଜଧାନୀର ବିଭିନ୍ନ ପାର୍କରେ ଥିବା ଗଛଗୁଡ଼ିକରେ ମାଟି ପାତ୍ରରେ ପାଣି ରଖିଥାନ୍ତି। ନିକଟରେ ମୁଖାର୍ଜୀ ପାର୍କ, ଜିଏସ୍ଟି ପାର୍କ, ବିଭିନ୍ନ କଲୋନୀ ପାର୍କ ସମେତ ୧୦ରୁ ଊର୍ଦ୍ଧ୍ୱ ଛୋଟବଡ଼ ପାର୍କର ଗଛ ଡାଳରେ ପାତ୍ରରେ ରସି ସାହାଯ୍ୟରେ ବାନ୍ଧି ଥାନ୍ତି। ବୁଲି ବୁଲି ସେଥିରେ ପ୍ରତିଦିନ ପାଣି ଭର୍ତ୍ତି କରିବା ସହ ଅନ୍ୟ ପାତ୍ରରେ ଖାଦ୍ୟ ରଖିଥାନ୍ତି। ତେବେ ପୂର୍ବରୁ ସେ ସାଇକେଲ ଯୋଗେ ଏହି କାର୍ଯ୍ୟ କରୁଥିବା ବେଳେ ତାଙ୍କର ଏହି ମହତ କାର୍ଯ୍ୟ ଦେଖି ମାରୱାଡି ସେବା ଅନୁଷ୍ଠାନ ପକ୍ଷରୁ ଏକ ଇ-ରିକ୍ସା ଉପହାର ଦିଆଯାଇଛି। ଯେଉଁଥିରେ ସେ ବିଭିନ୍ନ ପରିବେଶ ସଚେତନତା ବାର୍ତ୍ତା ଲେଖିଛନ୍ତି। ପୂର୍ବରୁ ସଂଗ୍ରହ କରିଥିବା ବିଭିନ୍ନ ପ୍ଲାଷ୍ଟିକ ଡବାରେ ପାଣି ଭର୍ତ୍ତି କରି ବାଣୀବିହାର ଠାରୁ ରାଜମଲ, ଶିଶୁଭବନ ପର୍ଯ୍ୟନ୍ତ ରାସ୍ତା ମଝିରେ ବାଉଁଶ ବାଡ଼ ମଧ୍ୟରେ ରହିଥିବା ଗଛରେ ନିୟମିତ ପାଣି ଦେଉଛନ୍ତି। ଯଦିଓ ଏହି ସୌନ୍ଦର୍ଯ୍ୟକରଣ ସ୍ମାର୍ଟସିଟି ପକ୍ଷରୁ କରାଯାଇଥିଲା, କିନ୍ତୁ ଗଛ ଗୁଡ଼ିକ ଝାଉଁଳି ଯିବାରୁ ଏହାକୁ ବଞ୍ଚାଇ ରଖିବାକୁ ପ୍ରୟାସ ଆରମ୍ଭ କରିଛନ୍ତି ବିଜୟ। ତାଙ୍କ କହିବା ଅନୁସାରେ, ୨୦୦୨ ମସିହାରେ ଅଂଶୁଘାତରେ ତାଙ୍କ ଜଣେ ସମ୍ପର୍କୀୟଙ୍କ ମୃତ୍ୟୁ ହୋଇଥିଲା। ଯାହା ତାଙ୍କୁ ବହୁତ ଆଘାତ ଦେଇଥିଲା। ଦିନକୁ ଦିନ ଜଙ୍ଗଲ କ୍ଷୟ ହେବା ସାଙ୍ଗକୁ ଭୂତଳ ଜଳସ୍ତର କମିଚାଲିଥିବାରୁ ଜୀବଜଗତରେ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସାଙ୍ଗକୁ ଜଳ ସଙ୍କଟ ସୃଷ୍ଟି ହେଉଛି। ଏହାକୁ ଲକ୍ଷ୍ୟ କରି ୧୨ ବର୍ଷ ହେଲା ସେ ବୃକ୍ଷ ରୋପଣ, ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରୁଛନ୍ତି। ତାଙ୍କର ଏହି ମହାନ କାର୍ଯ୍ୟରେ ବିଜୟଙ୍କୁ ତାଙ୍କ ପତ୍ନୀ ସହଯୋଗ କରିଥାନ୍ତି।



# ପଶୁପକ୍ଷୀଙ୍କ ସେବାରେ ପ୍ରତାପ

ଭୁବନେଶ୍ୱର, ୪।୬(ସମିସ): ବର୍ତ୍ତମାନ ସାରା ଭାରତ ସମେତ ଓଡ଼ିଶାରେ ତାପମାତ୍ରା ୪୫ ଡିଗ୍ରୀରୁ ଊର୍ଦ୍ଧ୍ୱ ରହୁଥିବା ବେଳେ ଅସହ୍ୟ ଗ୍ରୀଷ୍ମପ୍ରବାହ ଯୋଗୁଁ ସମଗ୍ର ଜୀବଜଗତ ପ୍ରଭାବିତ ହେବାରେ ଲାଗିଛି। ଏପରିସ୍ଥଳେ ସମାଜସେବୀ ପ୍ରତାପ ସାହୁ ବାଇକ ପଛରେ ଜାରରେ ଥଣ୍ଡା ପାଣି ବାନ୍ଧି କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ମାହାଙ୍ଗା, ପିପିଲିର ବିଭିନ୍ନ ଅଞ୍ଚଳରେ ପଥଚାରୀମାନଙ୍କୁ ଜଳ ଯୋଗାଉଥିବା ବେଳେ ରାସ୍ତାକଡ଼ରେ ବୁଲୁଥିବା ବୁଲା ଗୋରୁଗାଈ ଓ ଷଣ୍ଢମାନଙ୍କୁ ଜଳସେବ ଯୋଗାଉଛନ୍ତି। ପକ୍ଷୀମାନଙ୍କ ପାଇଁ ମାଟିପାତ୍ରରେ ପାଣି ଭର୍ତ୍ତିକରି ଏହିସବୁ ଅଞ୍ଚଳର ବିଭିନ୍ନ ସ୍ଥାନରେ ଥିବା ବଡ଼ ବଡ଼ ଚଢି ରଶି। ସାହାଯ୍ୟରେ ଗଛର ଡାଳରେ ମାଟିପାତ୍ରକୁ ବାନ୍ଧି ପକ୍ଷୀମାନଙ୍କ ତୃଷ୍ଣା ମେଣ୍ଟାଉଛନ୍ତି। ସେହିପରି ରାଜଧାନୀର ରାଜମହଲ, ପୁରୁଣା ବସଷ୍ଟ ସଷ୍ଟାଣ୍ଡ, ରାମ ମନ୍ଦିର, ମାଷ୍ଟର କ୍ୟାଣ୍ଟିନ, ବରମୁଣ୍ଡା, ନୂଆପଲ୍ଲୀ ଶ୍ରମିକ ରହଣିସ୍ଥଳ, ଚନ୍ଦ୍ରଶେଖରପୁର ଭଳି ବିଭିନ୍ନ ରାସ୍ତାକଡ଼ରେ ବୁଲୁଥିବା ଅସହାୟ ଗରିବ ନିରୀହ ଲୋକଙ୍କୁ ଗ୍ଲୁକୋଜ, ଲେମ୍ବୁପାଣି ଏବଂ ଓଆରଏସ୍ ପାଣି ପାଣି ବଣ୍ଟନ କରି ଆସୁଛନ୍ତି। ଏହା ବ୍ୟତୀତ ରାସ୍ତାରେ ପକ୍ଷୀମାନଙ୍କୁ ଚାଉଳ, ଗହମ, ସୋରିଷ ଭଳି ବିଭିନ୍ନ ଖାଦ୍ୟ ପଦାର୍ଥ ମଧ୍ୟ ଦେଇଥାନ୍ତି। ଏ ନେଇ ଶ୍ରୀଯୁକ୍ତ ସାହୁ କହିଛନ୍ତି, ଗ୍ରୀଷ୍ମପ୍ରବାହ ଆରମ୍ଭ ହେବାଠାରୁ ଦୀର୍ଘ ଏକମାସ ହେବ ପ୍ରତିଦିନ ସକାଳ ୬ ଘଟିକାରୁ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସହର ଗସ୍ତ କରି ବୁଲା ଗୋରୁ, ଗାଈ, ଷଣ୍ଢ ଏବଂ ପକ୍ଷୀମାନଙ୍କୁ ଜଳ ଯୋଗାଇ ଆସୁଛି ୧ ଯେତେଦିନ ପର୍ଯ୍ୟନ୍ତ ଗ୍ରୀଷ୍ମପ୍ରବାହ ଜାରି ରହିବ, ସେତେଦିନ ପର୍ଯ୍ୟନ୍ତ ପଶୁପକ୍ଷୀଙ୍କ ସେବାରେ ନିଜକୁ ନିୟୋଜିତ କରୁଥିବି ବୋଲି ସୂଚନା ଦେଇଛନ୍ତି।



# ଥାଇଲାଣ୍ଡରେ ଫସିଛନ୍ତି କେନ୍ଦ୍ରାପଡ଼ାର ୪ ଶ୍ରମିକ

କେନ୍ଦ୍ରାପଡ଼ା, ୪।୬(ସମିସ): ପରିବାରର ଆର୍ଥିକ ସ୍ଥିତି ସୁଧାରିବା ଓ ଦୁଇ ପଇସା ରୋଜଗାର ଆଶାରେ ବିଦେଶକୁ ଦାଦନ ଖଟିବାକୁ ଯାଇ ଏବେ ଥାଇଲାଣ୍ଡରେ ଅସହାୟ ଅବସ୍ଥାରେ ଫସି ରହିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲାର ୪ ଓଡ଼ିଆ ଶ୍ରମିକ। ଚାରି ମାସ ହେବ ସେମାନଙ୍କୁ ଦରମା ମିଳୁ ନଥିବା ବେଳେ ଭୋକ ଉପାସରେ ଦିନ କାଟୁଛନ୍ତି। ସେମାନଙ୍କୁ ସୁରକ୍ଷିତ

**■ ଚାରିମାସ ହେଲା ମିଳୁନି ଦରମା**
**■ ଫେରାଇ ଆଣିବାକୁ ସରକାରଙ୍କୁ କଲେ ଆକୁଳ ନିବେଦନ**

ଭାବେ ଘରକୁ ଫେରାଇ ଆଣିବାକୁ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ସେମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଗୁହାରି କରିବା ପରେ ଘଟଣା ପଦାକୁ ଆସିଛି।

ସୂଚନା ମୁତାବକ, ରାଜକନିକା ବ୍ଲକ ଗୋବାଙ୍ଗ ଗ୍ରାମର କ୍ଷୀରୋଦ ଦାସ, ପୋଇଝାରିଆ ଗ୍ରାମର ମନୋଜ ମଲ୍ଲିକ, ନହୁଣୀ ଗ୍ରାମର କୈଳାସ ସେଠୀ ଓ ଆଳି ବ୍ଲକ ଅନ୍ତର୍ଗତ ମହୁରୀ ଗ୍ରାମର ନିତ୍ୟାନନ୍ଦ ମଲ୍ଲିକଙ୍କ ସମେତ ଉତ୍ତର ପ୍ରଦେଶର ଜଣେ ଶ୍ରମିକ ପ୍ରାୟ ବର୍ଷେରୁ ଅଧିକ ସମୟ ଧରି ଥାଇଲାଣ୍ଡର କବିନ ବୁରୀ ଜିଲ୍ଲାସ୍ଥ ଏକ ପ୍ଲାଇବୋର୍ଡ କମ୍ପାନୀରେ କାମ କରୁଛନ୍ତି। ସେମାନଙ୍କୁ ଟୁରିଷ୍ଟ ଭିସାରେ ଥାଇଲାଣ୍ଡ ନିଆଯାଇଥିଲା। ପ୍ରଥମ ୯ ମାସ ଯାଏଁ ନିୟମିତ ଭାବେ ଦରମା ପ୍ରଦାନ କରାଯାଉଥିଲେ ମଧ୍ୟ ଗତ ୪ ମାସ ହେଲା କୌଣସି ପାରିଶ୍ରମିକ ମିଳୁ ନଥିବା ସେମାନେ ଅଭିଯୋଗ କରିଛନ୍ତି। ପାଖରେ ପଇସା ନଥିବାରୁ ଏବେ ସେମାନେ ଓଳିଏ ଖାଇଲେ ଓଳିଏ ଉପାସରେ ରହିବାକୁ ବାଧ୍ୟ ହେଉଛନ୍ତି। ଅସୁସ୍ଥ ହୋଇପଡ଼ିଥିବା କୈଳାସଙ୍କ ହାତ ଓ ଗୋଡ଼ ଫୁଲି ଯାଇଥିଲେ ମଧ୍ୟ ତାଙ୍କୁ ଚିକିତ୍ସା ସୁବିଧା ଦିଆଯାଉ ନ ଥିବା ସେମାନେ କହିଛନ୍ତି। ଏପରିକି, ମନୋଜଙ୍କ ଜେଜେମା'ଙ୍କ ମୃତ୍ୟୁ ହୋଇଥିବାରୁ ଘରକୁ ଫେରିବାକୁ ଚାହିଁଥିଲେ ମଧ୍ୟ କମ୍ପାନୀ ପକ୍ଷରୁ ତାଙ୍କ ପାସ୍‌ପୋର୍ଟ ଓ ଭିସାର ମିଆଦ ସରିଯାଇଥିବା କୁହାଯାଇଛି। ଏଥିସହ ପୁଣି ଛାତ୍ରଭିସା କରାଇବା ପାଇଁ ଟଙ୍କା ଦାବି କରାଯାଉଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। କାମକୁ ନ ଗଲେ ପୁଲିସ ହାତରେ ଧରାଇଦେବା ସହ ହତ୍ୟା ଧମକ ଦିଆଯାଉଥିବା ମଧ୍ୟ ସେମାନେ ଭିଡିଓ ବାର୍ତ୍ତାରେ ପ୍ରକାଶ କରିଛନ୍ତି। ଅସହାୟ ଅବସ୍ଥାରେ ବିଦେଶ ମାଟିରେ ଜୀବନ ବିତାଉଥିବା ଏହି ଓଡ଼ିଆ ଶ୍ରମିକମାନେ ତୁରନ୍ତ ସରକାରୀ ହସ୍ତକ୍ଷେପ ଜରିଆରେ ସେମାନଙ୍କୁ ଉଦ୍ଧାର କରି ସୁରକ୍ଷିତ ଭାବେ ନିଜ ଘରକୁ ଫେରାଇ ଆଣିବାକୁ ଆକୁଳ ନିବେଦନ କରିଛନ୍ତି।

# ଭାଗବତ ଟୁଙ୍ଗି ପାଇଁ ମହାଭାରତ







ଯାଜପୁର, ୪।୬ (ସମିସ): ଆସୁଛି ପଞ୍ଚାୟତ ନିର୍ବାଚନ। ଏହା ପୂର୍ବରୁ ଗ୍ରାମାଞ୍ଚଳରେ ଠିକାଦାରୀକୁ କେନ୍ଦ୍ର କରି ଅଶାନ୍ତ ହେଉଛି ପରିବେଶ। ଯାଜପୁର ସଦର ଥାନା ଅନ୍ତର୍ଗତ ସିମିଳିଆ ପଞ୍ଚାୟତ ବୁଲାକିପୁର ଗ୍ରାମରେ ଏଭଳି ଏକ ଘଟଣା ଘଟିଛି। ଗାଁକୁ ଆସିଥିବା ଭାଗବତ ଟୁଙ୍ଗୀ ପ୍ରକଳ୍ପ ନିର୍ମାଣ ଏବଂ ସ୍ଥାନ ଚୟନକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦକୁ କେନ୍ଦ୍ର କରି ଗତ ରାତିରେ ବୋମାମାଡ଼ ହୋଇଛି। ଏଥିରେ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର କରାଯାଇଛି।

ବୁଲାକିପୁର ଗ୍ରାମରେ ଏକ ବିବାଦୀୟ ସ୍ଥାନରେ ସରକାରୀ ଅନୁଦାନରେ ଭାଗବତ ଟୁଙ୍ଗି ନିର୍ମାଣକୁ ନେଇ ପୂର୍ବରୁ ବିବାଦ ଲାଗିଥିଲା। ଗତକାଲି ବିଳମ୍ବିତ ରାତ୍ରିରେ ଗ୍ରାମର କିଛି ଲୋକ ଉକ୍ତ ବିବାଦୀୟ ସ୍ଥାନରେ ନିର୍ମାଣ କାର୍ଯ୍ୟ ପାଇଁ ଗାତ ଖୋଳୁଥିବା ବେଳେ ଅପରପକ୍ଷର ଲୋକମାନେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ବିରୋଧ କରିବାରୁ ପ୍ରଥମେ ବଚସା ଓ ପରେ ମାରଣାସ୍ତ୍ରରେ ପରସ୍ପରକୁ ଆକ୍ରମଣ ପ୍ରତିଆକ୍ରମଣ କରିଥିଲେ। ନିର୍ମାଣ କାର୍ଯ୍ୟକୁ ସମର୍ଥନ କରୁଥିବା ଗୋଷ୍ଠୀ ମଧ୍ୟରୁ ବିରୋଧୀ ଗୋଷ୍ଠୀଙ୍କ ଉପରକୁ ବୋମା ମାଡ଼ ମଧ କରାଯାଇଥିଲା। ଫଳରେ ବିରୋଧୀ

**■ ବୋମାମାଡ଼ରେ ୪ ଗୁରୁତର; କଟକ ସ୍ଥାନାନ୍ତର**
**■ ଠିକାଦାରୀ ଓ ପ୍ରକଳ୍ପ ସ୍ଥାନ ଚୟନକୁ ନେଇ ଗୋଷ୍ଠୀ ସଂଘର୍ଷ**

ଗୋଷ୍ଠୀର ମହେଶ୍ୱର ପ୍ରଧାନ (୬୫), ଧନେଶ୍ୱର ପ୍ରଧାନ (୬୨), ବିଷ୍ଣୁ ଚରଣ ପ୍ରଧାନ(୬୮), ବିକାଶ ପ୍ରଧାନ(୩୦), ଗୟାଧର କାଣ୍ଡି, ମୁନା ରାଉତ, ମକରଧ୍ୱଜ ବେହେରା, ବାବୁ ବେହେରା, ବିଜୟ କାଣ୍ଡି, ବବୁ କାଣ୍ଡି, ଧନେଶ୍ୱର ପ୍ରଧାନ ଆହତ ହୋଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷର ଆହତ ବ୍ୟକ୍ତିଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। ସେଥିମଧ୍ୟରୁ ମହେଶ୍ୱର ପ୍ରଧାନ ଓ ଧନେଶ୍ୱର ପ୍ରଧାନଙ୍କ ସମେତ ୪ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜନାକୁ ନିୟନ୍ତ୍ରଣ କରିବା ସହ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଘଟଣାସ୍ଥଳରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଏହି ଘଟଣାକୁ ନେଇ ସଦର ଥାନାରେ ଉଭୟ ପକ୍ଷରୁ ପୃଥକ୍ ଭାବେ ଦୁଇଟି ଏତଲା ଦିଆଯାଇଛି।

## ପିପିଲିରେ ବିଶ୍ୱପ୍ରସିଦ୍ଧ 'ଚାନ୍ଦୁଆ ହସ୍ତଶିଳ୍ପ ହବ୍'ର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

# 'ଚାନ୍ଦୁଆ ଓଡ଼ିଆ ଜାତିର ସ୍ୱାଭିମାନ ଏବଂ ଓଡ଼ିଆ ଅସ୍ମିତାର ପରିଚୟ'

ପିପିଲି, ୪।୬ (ସମିସ): ଓଡ଼ିଶାର କଳା, ଐତିହ୍ୟ ଓ ଶ୍ରୀଜଗନ୍ନାଥ ସଂସ୍କୃତିର ଅନନ୍ୟ ପ୍ରତୀକ ପିପିଲି ଚାନ୍ଦୁଆ ଶିଳ୍ପର ବିକାଶ ପାଇଁ ଗୁରୁବାର ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପିପିଲି ତହସିଲ୍ ଅନ୍ତର୍ଗତ ଜଗନ୍ନାଥପୁର ମୌଜାରେ ୫ ଏକରରୁ ଅଧିକ ଜମି ଉପରେ ଏକ ଅତ୍ୟାଧୁନିକ

**୮୦ କୋଟି ଟଙ୍କା ବିନିଯୋଗରେ ନିର୍ମାଣ ହେବ ୫ ମହଲା ବିଶିଷ୍ଟ ଅତ୍ୟାଧୁନିକ ଚାନ୍ଦୁଆ ବଜାର**




'ପିପିଲି ଚାନ୍ଦୁଆ ହସ୍ତଶିଳ୍ପ ହବ୍' ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ପ୍ରାୟ ୮୦ କୋଟି ଟଙ୍କା ବିନିଯୋଗରେ ଏହି ପ୍ରକଳ୍ପ ନିର୍ମାଣ କରାଯିବ। ଶିଳାନ୍ୟାସ ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପିପିଲି ଚାନ୍ଦୁଆ କେବଳ ଏକ ହସ୍ତଶିଳ୍ପ ନୁହେଁ, ଏହା ଓଡ଼ିଆ ଜାତିର ସ୍ୱାଭିମାନ ଓ ଓଡ଼ିଆ ଅସ୍ମିତାର ପରିଚୟ। ଏହି କଳା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବା ଓ ରଥଯାତ୍ରା ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ବୋଲି କହିଥିଲେ।

ସୂଚନାଯୋଗ୍ୟ, ପାଞ୍ଚ ମହଲା ବିଶିଷ୍ଟ ନିର୍ମାଣ ହେବାକୁ ଥିବା ଏହି ସମନ୍ୱିତ 'କ୍ରାଫ୍ଟ, କଲ୍‌ଚର ଆଣ୍ଡ ଟୁରିଜମ୍ ହବ୍'ରେ ୫୦ଟି ବ୍ୟାବସାୟିକ ଦୋକାନ, ୬ଟି ସରକାରୀ ସୋ-ରୁମ୍, ଲାଇଭ୍ ଡେମୋନ୍‌ଷ୍ଟ୍ରେସନ୍ କେନ୍ଦ୍ର, ଟ୍ରେନିଂ ସେଣ୍ଟର, ଅଡିଓ-ଭିଜୁଆଲ୍ ଗ୍ୟାଲେରୀ, ମୁକ୍ତାକାଶ ରଙ୍ଗମଞ୍ଚ, ଓଡ଼ିଆ ଫୁଡ୍ କୋର୍ଟ ଭଳି ସମସ୍ତ ଅତ୍ୟାଧୁନିକ ସୁବିଧା ରହିବ। ଏଠାରେ ଚାନ୍ଦୁଆ ସମେତ ଓଡ଼ିଶାର ସମସ୍ତ ୬୪ଟି ଅନୁମୋଦିତ ହସ୍ତଶିଳ୍ପ ଏବଂ ୬ଟି ଜିଆଇ ମାନ୍ୟତାପ୍ରାପ୍ତ କଳାର ପ୍ରଦର୍ଶନ ଓ ବିକ୍ରୟ କରାଯିବ। ଏହି ପ୍ରକଳ୍ପ ଦ୍ୱାରା ପିପିଲି ଓ ଆଖପାଖ ଅଞ୍ଚଳର ୬ହଜାରରୁ ଅଧିକ କାରିଗର ସିଧାସଳଖ ଉପକୃତ ହେବେ। କାରିଗରମାନଙ୍କୁ ସୁଲଭ ମୂଲ୍ୟରେ କଞ୍ଚାମାଲ ଯୋଗାଇବା ପାଇଁ ଏଠାରେ ଏକ 'ର ମ୍ୟାଟେରିଆଲ ବ୍ୟାଙ୍କ' ସ୍ଥାପନ କରାଯିବ। ଏହାସହ ଇ-କମର୍ସ ଯୁଗକୁ ଲକ୍ଷ୍ୟ କରି କାରିଗର, ବିଶେଷ କରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମାଆମାନଙ୍କୁ ଡିଜିଟାଲ୍ ମାର୍କେଟିଂ ଏବଂ ପ୍ୟାକେଜିଂର ପ୍ରଶିକ୍ଷଣ ଦିଆଯାଇ ସଶକ୍ତ କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଶିଷ୍ଟ ଚାନ୍ଦୁଆ ଶିଳ୍ପୀ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ସମ୍ମାନିତ କରିଥିଲେ।

ଅନ୍ୟତମ ଅତିଥି ଭାବେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଥିଲେ ଯେ ପିପିଲି ଚାନ୍ଦୁଆ ହେଉଛି ଓଡ଼ିଶାର ଗର୍ବ ଓ ଗୌରବ। ଏହା ଆମ ପାରମ୍ପରିକ ଐତିହ୍ୟର ସୌରଭ। ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର ପିପିଲିବାସୀଙ୍କର ବହୁ ଦିନର ଆଶା ପୂରଣ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିସନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ଏବଂ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ୧୭ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗର ଜବତ

କଟକ, ୪।୬ (ସମିସ): ଅବକାରୀ ଗୁଇନ୍ଦା ବିଭାଗ-୧ର ଫ୍ଲାଇଂସ୍କ୍ୱାଡ୍ ପକ୍ଷରୁ ଭୁବନେଶ୍ୱର ଏୟାରପୋର୍ଟ ନିକଟ କାରଗିଲ ବସ୍ତିରେ ବଡ଼ଧରଣର ଚଢ଼ଉ କରିଛି। ଚଢ଼ଉ ସମୟରେ ୧୭୪ ଗ୍ରାମ୍‌ର ବ୍ରାଉନସୁଗାର ଜବତ ହୋଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ୧୭ ଲକ୍ଷ ୪୦ ହଜାର ଟଙ୍କା ବୋଲି ଆକଳନ କରାଯାଉଛି। ଏହି ମାମଲାରେ ଏୟାରପୋର୍ଟ ଥାନା ପଳାସପଲ୍ଲୀର ବିଜୟ ସାହାଣୀ (୧୯)କୁ ଗିରଫ କରାଯାଇଛି।

ସୂଚନା ଅନୁଯାୟୀ, ଅବକାରୀ ଏସ୍‌ପି ସମରଜିତ ଦାସଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଡେପୁଟି ସୁପରିଟେଣ୍ଡେଣ୍ଟ ରୋଶନ ଇସୁ ହାଁସଦାଙ୍କ ନେତୃତ୍ୱରେ ଗୁରୁବାର କାରଗିଲ ବସ୍ତିରେ ଏହି ଚଢ଼ଉ ହୋଇଥିଲା। ବ୍ରାଉନସୁଗାର ମାମଲାରେ ବିଜୟକୁ ଗିରଫ କରାଯାଇଥିବା ବେଳେ ତା ନିକଟରୁ ବ୍ରାଉନସୁଗାର ସମେତ ଏକ ସ୍କୁଟି, ମୋବାଇଲ ଜବତ ହୋଇଛି। ଏହାର ମୂଲ୍ୟ ୧ଲକ୍ଷ ୩୦ହଜାର ଟଙ୍କା ବୋଲି ଆକଳନ କରାଯାଉଛି। ଏହି ଚଢ଼ଉରେ ଇନସ୍ପେକ୍ଟର୍ ହୀରା ଦଳପତି, ଏସ୍‌ଆଇ ସେକ୍ ସାକିର ଉଲ୍ଲା, ଏଏସଆଇ କର୍ଣ୍ଣ ଓରାମ, ଅଜୟ କୁମାର ସାହୁ, ମହିଳା କନଷ୍ଟେବଳ ଅନ୍ନପୂର୍ଣ୍ଣା ଗଣ୍ଡ, ଗୌରାଙ୍ଗ ନାୟକ, ଚନ୍ଦ୍ରକାନ୍ତ ସାହୁ, ରଞ୍ଜିତ ସାହୁ, ପବିତ୍ର କୁମାର ଦାସ, ସୁମିତ୍ କୁମାର ନାଏକ, ମୁନିରାମ ହାଁସଦା, ଶଙ୍କର୍ଷଣ ରାଉତ ଓ ଡ୍ରାଇଭର ପପୁ ଦାସ ପ୍ରମୁଖ ସାମିଲ ଥିଲେ।

## ଯୁବକଙ୍କୁ ଥାର୍ଡ ଡିଗ୍ରୀ ଘଟଣା

# ଅବକାରୀ ଏସ୍‌ଆଇ, ଏଏସ୍‌ଆଇଙ୍କ ସମେତ ୬ ଜଣଙ୍କ ନାଁରେ ମାମଲା

ରାଜନଗର, ୪।୬ (ସମିସ): କେନ୍ଦ୍ରପଡ଼ା ଜିଲ୍ଲା ରାଜନଗର ବ୍ଲକ୍ ବାଲିସାହିପାଟଣା ପଞ୍ଚାୟତ ବାରଦିଆ ଗାଁ ଛକରେ ବେଧଡ଼କ ଭାବେ ଚାଲିଥିବା ଚୋରା ମଦ ବିକ୍ରିକୁ ବନ୍ଦ କରିବା ପାଇଁ ମୁଖ୍ୟମନ୍ତ୍ରୀ ଓ ଅବକାରୀ ବିଭାଗକୁ ବାରମ୍ବାର ଚିଠି ଲେଖିଥିବା ଯୁବକ ବିନୋଦ କୁମାର ଦାସ ଅବକାରୀ ପୁଲିସ ଦ୍ୱାରା ଥାର୍ଡ ଡିଗ୍ରୀର ଶିକାର ହୋଇଥିଲେ। ଏହି ଘଟଣାରେ ବିଳମ୍ବରେ ହେଲେ

**ଏସ୍‌ଆଇ, ଏଏସଆଇ ଓ କନଷ୍ଟେବଲଙ୍କ ବଦଳି**

ମଧ୍ୟ ଅବକାରୀ ଏସ୍‌ଆଇ, ଏଏସ୍‌ଆଇଙ୍କ ସମେତ ୬ଜଣଙ୍କ ନାଁରେ ରାଜନଗର ଥାନାରେ ମାମଲା ରୁଜୁ ହୋଇଛି। ପଟ୍ଟାମୁଣ୍ଡାଇ ସେକ୍ସନ ଅବକାରୀ ସବ୍‌ଇନ୍ସପେକ୍ଟର୍ ଛାୟାକାନ୍ତ ନାୟକ, ଜଣେ ଏଏସ୍‌ଆଇ, ଜଣେ ପୁରୁଷ କନଷ୍ଟେବଲ ଓ ଜଣେ ମହିଳା କନଷ୍ଟେବଲଙ୍କ ସମେତ ବାରଦିଆ ଗାଁର ଚୋରମଦ ବେପାରୀ ସୌମ୍ୟରଞ୍ଜନ ପାତ୍ର ସମେତ ୬ ଜଣଙ୍କ ନାଁରେ ମାମଲା ରୁଜୁ ହୋଇଛି।

ଆଜି ପଟ୍ଟାମୁଣ୍ଡାଇ ସେକ୍ସନ ଅବକାରୀ ସବଇନ୍ସପେକ୍ଟର ଛାୟାକାନ୍ତ ନାୟକଙ୍କୁ ଜିଲ୍ଲା ହେଡକ୍ୱାର୍ଟର୍ ଓ ଏଏସ୍‌ଆଇ ପ୍ରଦୀପ କୁମାର ମଲ୍ଲିକ ଓ କନଷ୍ଟେବଳ ରାମକୃଷ୍ଣ ଜେନାଙ୍କୁ ଆଳି ସେକ୍ସନକୁ ବଦଳି କରାଯାଇଛି ବୋଲି ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳ ସୂଚନା ଦେଇଛନ୍ତି।

ରାଜନଗର ବ୍ଲକ୍ ବାଲିସାହିପାଟଣା ପଞ୍ଚାୟତ ବାରଦିଆ ଗାଁ ଛକରେ ହେଉଥିବା ଚୋରା ମଦ କାରବାରକୁ ବିନୋଦ କୁମାର ଦାସ ବିରୋଧ କରିଆସୁଥିଲେ। ଏହାକୁ ରୋକିବା ପାଇଁ ସେ ବିଭିନ୍ନ ସମୟରେ ମୁଖ୍ୟମନ୍ତ୍ରୀ, କେନ୍ଦ୍ରପଡ଼ା ଅବକାରୀ ବିଭାଗକୁ ଲିଖିତ ଭାବେ ଜଣାଇଥିଲେ। ଅବକାରୀ ବିଭାଗ ପାଇଁ ତାହା ଅଡୁଆ ସୃଷ୍ଟି କରିଥିଲା। ଗତ ୨୮ ତାରିଖ ଦିନ ବାରଦିଆ ଛକରେ ଚୋରାମଦ କାରବାର ସ୍ଥାନରେ ଅବକାରୀ ପୁଲିସ ଟିମ୍ ପହଞ୍ଚିଥିଲା ଓ ସେଠାରେ ପହଞ୍ଚି ବିନୋଦ ଏହାର ଭିଡିଓ ରେକର୍ଡିଂ କରିଥିଲେ। ଚୋରା ମଦ କାରବାରର ଭିଡିଓ ଉତ୍ତୋଳନ ଅଡୁଆ ସୃଷ୍ଟି କରିବାରୁ ବିନୋଦଙ୍କୁ ପ୍ରାୟ ୧୩ କିଲୋମିଟର ଦୂର ରାଜନଗର ଥାନାକୁ ଆଣି ପ୍ରାୟ ୧୧ଘଣ୍ଟା ଅଟକ ରଖିବା ସହ ଧମକଚମକ ଦେଇ ସାଦା କାଗଜରେ ଦସ୍ତଖତ କରାଇ ଛାଡ଼ିଥିଲେ। ରାଜନଗର ଥାନାରେ ଅବକାରୀ ଏସ୍‌ଆଇଙ୍କ ଏତଲା ଆଧାରରେ ବିନୋଦଙ୍କ ନାଁରେ ମାମଲା ରୁଜୁ କରି ମୁହଁ ବନ୍ଦ କରିବାକୁ ଚେଷ୍ଟା କରିଥିଲେ।

# ଡିଏମ୍‌ଏଫ୍ ପାଣ୍ଠି ବଣ୍ଟନ ଲାଗି ନୂଆ ନୀତି

ଭୁବନେଶ୍ୱର,୪।୬(ସମିସ): ସରକାର ଖଣି ପ୍ରଭାବିତ ଜିଲ୍ଲାଗୁଡ଼ିକ ମଧ୍ୟରେ ଜିଲ୍ଲା ଖଣିଜ ଫାଉଣ୍ଡେସନ (ଡିଏମ୍‌ଏଫ୍) ପାଣ୍ଠିର ବଣ୍ଟନ ପାଇଁ ଏକ ନୂଆ ନୀତି ଲାଗୁ କରିଛନ୍ତି। ଏହି ନୀତି ଅନୁଯାୟୀ ଖଣି ଅଞ୍ଚଳର ପ୍ରଭାବ ଆଧାରରେ ପାଣ୍ଠି ବଣ୍ଟନ କରାଯିବ ଏବଂ ଅବସ୍ଥିତି ଆଧାରରେ ନୁହେଁ ବୋଲି ସରକାର ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ନୂତନ ବ୍ୟବସ୍ଥା ଜୁନ୍ ୧ ତାରିଖରୁ କାର୍ଯ୍ୟକାରୀ ହେବ। ଏନେଇ ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ ଏକ ସଂକଳ୍ପ ଜାରି କରାଯାଇଛି।

ସରକାରୀ ପ୍ରସ୍ତାବ ଅନୁଯାୟୀ କୌଣସି ଖଣିରୁ ସଂଗୃହୀତ ଡିଏମଏଫ ପାଣ୍ଠି କେବଳ ସେହି ଖଣିର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ପ୍ରଭାବିତ ଅଞ୍ଚଳରେ ୭୦:୩୦ ଅନୁପାତରେ ବ୍ୟବହୃତ ହେବ। ଖଣି ସୀମାରୁ ୧୫ କିଲୋମିଟର ଯାଏଁ ଅଞ୍ଚଳକୁ 'ପ୍ରତ୍ୟକ୍ଷ ପ୍ରଭାବିତ ଅଞ୍ଚଳ' ଏବଂ ୧୫ରୁ ୨୫ କିଲୋମିଟର ମଧ୍ୟରେ ଥିବା ଅଞ୍ଚଳକୁ 'ପରୋକ୍ଷ ପ୍ରଭାବିତ ଅଞ୍ଚଳ' ଗଣନା କରାଯିବ। ୨୫ କିଲୋମିଟର ବାହାରେ ଥିବା ଅଞ୍ଚଳରେ ଏହି ପାଣ୍ଠି ବ୍ୟବହାର କରାଯିବ ନାହିଁ। ଯଦି କୌଣସି ଖଣିର ପ୍ରଭାବିତ ଅଞ୍ଚଳ ଏକାଧିକ ଜିଲ୍ଲାକୁ ବିସ୍ତାରିତ ହୋଇଥାଏ ତେବେ ପାଣ୍ଠି ପ୍ରଭାବିତ ଅଞ୍ଚଳର ଆୟତନ ଆଧାରରେ ଜିଲ୍ଲାଗୁଡ଼ିକ ମଧ୍ୟରେ ଆନୁପାତିକ ହାରରେ ବଣ୍ଟନ କରାଯିବ। ନିର୍ଦ୍ଦେଶକ, ଖଣି ଓ ଭୂତତ୍ତ୍ୱ ବିଭାଗ ସ୍ପେସ୍ ଆପ୍ଲିକେସନ୍ସ ସେଣ୍ଟର (ଓରସାକ୍) ସହଯୋଗରେ ଭୌଗୋଳିକ ତଥ୍ୟ ସଂଗ୍ରହ କରି ଖଣି ପ୍ରଭାବିତ ଅଞ୍ଚଳ ଚିହ୍ନଟ କରିବେ ଏବଂ ଏହା ସମ୍ବନ୍ଧିତ ତଥ୍ୟ ଜିଲ୍ଲାପାଳଙ୍କୁ ପ୍ରଦାନ କରିବେ। ଖଣି ଥିବା ଜିଲ୍ଲାର ଉପ ନିର୍ଦ୍ଦେଶକ (ଖଣି) ପାଣ୍ଠିର ଜିଲ୍ଲାୱାରୀ ବଣ୍ଟନ ହିସାବ କରି ସମ୍ବନ୍ଧିତ ଜିଲ୍ଲାପାଳଙ୍କ ଅନୁମୋଦନ ପରେ ପାର୍ଶ୍ୱବର୍ତ୍ତୀ ଜିଲ୍ଲାପାଳଙ୍କୁ ଜଣାଇବେ। ଉଦାହରଣ ସ୍ୱରୂପ ଯଦି ରାୟଗଡ଼ା ଜିଲ୍ଲାରେ ଥିବା ଏକ ଖଣିର ପ୍ରଭାବ କଳାହାଣ୍ଡି ଜିଲ୍ଲାରେ ବିସ୍ତାରିତ ହୋଇଥାଏ ଏବଂ ରାୟଗଡ଼ା ଡିଏମଏଫ ୧୦୦ କୋଟି ଟଙ୍କା ପାଏ, ତେବେ ପ୍ରତ୍ୟକ୍ଷ ପ୍ରଭାବିତ ଅଞ୍ଚଳ ପାଇଁ ୭୦ କୋଟି ଏବଂ ପରୋକ୍ଷ ପ୍ରଭାବିତ ଅଞ୍ଚଳ ପାଇଁ ୩୦ କୋଟି ରଖାଯିବ। ଏହି ଅନୁଯାୟୀ ପ୍ରତ୍ୟକ୍ଷ ପ୍ରଭାବିତ ଅଞ୍ଚଳରେ ରାୟଗଡ଼ା ୬୫ ପ୍ରତିଶତ ଏବଂ କଳାହାଣ୍ଡି ୩୫ ପ୍ରତିଶତ ଅଧିକାର କରନ୍ତି ଏବଂ ପରୋକ୍ଷ ଅଞ୍ଚଳରେ ରାୟଗଡ଼ା ୭୦ ପ୍ରତିଶତ ଏବଂ କଳାହାଣ୍ଡି ୩୦ ପ୍ରତିଶତ। ତେବେ ରାୟଗଡ଼ାକୁ ମୋଟ ୬୬.୫ କୋଟି ଏବଂ କଳାହାଣ୍ଡିକୁ ୩୩.୫ କୋଟି ମିଳିବ।

**ରାଜ୍ୟସ୍ତରୀୟ ଉପକୂଳ ସୁରକ୍ଷା ସମ୍ମିଳନୀ-୨୦୨୬' ଅନୁଷ୍ଠିତ**

# ଉପକୂଳ ସୁରକ୍ଷାକୁ ଆହୁରି କଡ଼ାକଡ଼ି କରାଯିବ: ଡିଜିପି

ଭୁବନେଶ୍ୱର, ୩।୬(ସମିସ): ଓଡ଼ିଶା ପୁଲିସର ଉପକୂଳ ସୁରକ୍ଷା ଶାଖା ପକ୍ଷରୁ ଗୁରୁବାର ପୁଲିସ ଭବନଠାରେ "ରାଜ୍ୟସ୍ତରୀୟ ଉପକୂଳ ସୁରକ୍ଷା ସମ୍ମିଳନୀ୨୦୨୬" ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଉପକୂଳ ସୁରକ୍ଷା ବ୍ୟବସ୍ଥାର ବର୍ତ୍ତମାନ ସ୍ଥିତି, ପ୍ରମୁଖ ଚ୍ୟାଲେଞ୍ଜ, ସମ୍ଭାବ୍ୟ ସମାଧାନ ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରି ଉପକୂଳ ସୁରକ୍ଷା ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥାର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି କହିଛନ୍ତି।

ଓଡ଼ିଶାର ୫୭୪.୭ କିଲୋମିଟର ଦୀର୍ଘ ଉପକୂଳ; ପାରାଦୀପ, ଧାମରା ଓ ଗୋପାଳପୁର ଭଳି ପ୍ରମୁଖ ବନ୍ଦରଗୁଡ଼ିକ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିରେ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବାରୁ ଉପକୂଳ ଅଞ୍ଚଳର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି ବୋଲି ଡ଼ିଜି ମତପ୍ରକାଶ କରିଥିଲେ। ବର୍ତ୍ତମାନ ଉପକୂଳ ଅଞ୍ଚଳରେ ଥିବା ୧୮ଟି ମେରାଇନ ପୋଲିସ ଥାନାରେ ୭୦୦ରୁ ଅଧିକ ପୁଲିସ କର୍ମଚାରୀ ନିୟୋଜିତ ଅଛନ୍ତି। ଏହାସହ ୧୫ଟି ଫାଷ୍ଟ ଇଣ୍ଟରସେପ୍ଟର ବୋଟ୍, ୫ଟି ଡ୍ରୋନ୍ ଏବଂ ୫ଟି ଭଡ଼ା ଟ୍ରଲର ମାଧ୍ୟମରେ ସାମୁଦ୍ରିକ ପାଟ୍ରୋଲିଂକୁ ସୁଦୃଢ଼ କରାଯାଇଛି। ଭୁବନେଶ୍ୱରରେ ଅବସ୍ଥାପିତ ଥିବା କମାଣ୍ଡ, କଣ୍ଟ୍ରୋଲ ଓ ଟ୍ରେନିଂ ସେଣ୍ଟର ଉପକୂଳ ସୁରକ୍ଷା କାର୍ଯ୍ୟକଳାପର ସମନ୍ୱୟ ଏବଂ ନିରୀକ୍ଷଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି। ସେହିପରି "ନାଭାମିତ୍ର" ଆପ୍ ମାଧ୍ୟମରେ ମାଛଧରା ଡଙ୍ଗାଗୁଡ଼ିକର ଗତିବିଧି ଉପରେ ନଜର ରଖାଯାଉଛି।




ଆଗାମୀ ଦିନରେ ଉପକୂଳ ସୁରକ୍ଷାକୁ ଅଧିକ ଆଧୁନିକ ଓ ପ୍ରଭାବଶାଳୀ କରିବା ନିମନ୍ତେ ୧୦ଟି ନୂତନ ଫାଷ୍ଟ ଇଣ୍ଟରସେପ୍ଟର ବୋଟ୍, ଅତିରିକ୍ତ ଟ୍ରଲର, ମିନି କଣ୍ଟ୍ରୋଲ ସେଣ୍ଟର, ମାଛଧରା ବନ୍ଦର ଏବଂ ଫିଶ୍ ଲ୍ୟାଣ୍ଡିଂ ସେଣ୍ଟରଗୁଡ଼ିକରେ ସିସିଟିଭି ନିରୀକ୍ଷଣ ବ୍ୟବସ୍ଥା, ମଡ୍ୟୁଲାର ଜେଟି ଏବଂ ଆଧୁନିକ ଆଣ୍ଟି-ଡ୍ରୋନ୍ ପ୍ରଣାଳୀ ସ୍ଥାପନ କରାଯିବ ବୋଲି ଡ଼ିଜି କହିଛନ୍ତି।

କାର୍ଯ୍ୟକ୍ରମରେ ଡିଜିପି( କାରାଗାର ଓ ସଂସ୍କାର ସେବା ) ସୁଶାନ୍ତ କୁମାର ନାଥ, ଡିଜିପି( କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ଗୁଇନ୍ଦା ନିର୍ଦ୍ଦେଶକ ଆର. ପି. କୋଚେ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିରିକ୍ତ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ (ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା ସ୍ୱାଗତ ଅଭିଭାଷଣ ପ୍ରଦାନ କରି ସମ୍ମିଳନୀର ଉଦ୍ଦେଶ୍ୟ, ସମୁଦ୍ର ଏବଂ ତଟବର୍ତ୍ତୀ ଅଞ୍ଚଳର ସୁରକ୍ଷା ସମ୍ବେଦନଶୀଳ ସ୍ଥାନଗୁଡ଼ିକର ଚିହ୍ନଟ ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଏଆଇଜି(ଉପକୂଳ ସୁରକ୍ଷା) ସତ୍ୟଜିତ ମିଶ୍ର ଧନ୍ୟବାଦ ଦେଇଥିଲେ। ଆଇବିର ଯୁଗ୍ମ ଉପ-ନିର୍ଦ୍ଦେଶକ ମନୀଷ କୁମାର ବର୍ମା ଉପକୂଳ ସୁରକ୍ଷା କ୍ଷେତ୍ରର ପ୍ରମୁଖ ଚ୍ୟାଲେଞ୍ଜ ଏବଂ ଆଗାମୀ କାର୍ଯ୍ୟପନ୍ଥା ଉପରେ ମତବ୍ୟକ୍ତ କରିଥିଲେ। ଅପରାହ୍ନ ଅଧିବେଶନରେ ଭାରତୀୟ ତଟରକ୍ଷୀ ବାହିନୀର ଚିଫ୍ ଷ୍ଟାଫ୍ ଅଫିସର ପଙ୍କଜ ବର୍ମା ଆଧୁନିକ ପ୍ରଯୁକ୍ତି ଓ ଇଲେକ୍ଟ୍ରୋନିକ୍ ନିରୀକ୍ଷଣ ପ୍ରଣାଳୀ ମାଧ୍ୟମରେ ଉପକୂଳ ସୁରକ୍ଷାକୁ କିପରି ଅଧିକ ସୁଦୃଢ଼ କରାଯାଇପାରିବ, ସେ ସମ୍ପର୍କରେ ଆଲୋଚନା କରିଥିଲେ। ସିଆଇଏସଏଫର ଉପ-କମାଣ୍ଡାଣ୍ଟ ସିଦ୍ଧାର୍ଥ ପଲ ବନ୍ଦର ଏବଂ ଏସ୍‌ପିଏମ୍ ସୁରକ୍ଷା ସମ୍ବନ୍ଧୀୟ ବିପଦ ଓ ପରିଚାଳନାଗତ ଚ୍ୟାଲେଞ୍ଜ ଉପରେ ଆଲୋକପାତ କରିଥିଲେ।

**■ 'ଆମ ସ୍କୁଲ, ଆମ ସ୍ୱାଭିମାନ' ଆଲୁମିନି ଟକ୍**

# ପୁରାତନ ଛାତ୍ରଛାତ୍ରୀ ବିଦ୍ୟାଳୟ ବିକାଶର ପ୍ରମୁଖ ସାରଥୀ

ଭୁବନେଶ୍ୱର,୪।୬(ସମିସ): ବିଦ୍ୟାଳୟର କେନ୍ଦ୍ରବିନ୍ଦୁ ହେଉଛନ୍ତି ଏହାର ପୁରାତନ ଛାତ୍ରଛାତ୍ରୀ। ସେମାନଙ୍କ ସଫଳତାରେ ବିଦ୍ୟାଳୟ ଗୌରବାନ୍ୱିତ ହୁଏ। ବିଦ୍ୟାଳୟର ବିକାଶରେ ମଧ୍ୟ ସେମାନଙ୍କର ଅବଦାନ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ। ପୁରାତନ ଛାତ୍ରଛାତ୍ରୀମାନେ ବିଦ୍ୟାଳୟର ବିକାଶର ପ୍ରମୁଖ ସାରଥୀ ହୁଅନ୍ତୁ। ନିଜ ସଫଳତାରେ ଏହାର ସର୍ବାଙ୍ଗୀନ ବିକାଶ ପାଇଁ ଆଗେଇ ଆସିବା ସହ ନୂତନ ପିଢିକୁ ଏକ ସୁନ୍ଦର ଓ ସଫଳ ଭବିଷ୍ୟତ ପ୍ରଦାନ ଦିଗରେ ନିଜର ଅବଦାନ ଦିଅନ୍ତୁ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ପ୍ରକାଶ କରିଛନ୍ତି। ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ପକ୍ଷରୁ ଆୟୋଜିତ ଭର୍ଚୁଆଲ ଆଲୁମିନି ଟକ୍ କାର୍ଯ୍ୟକ୍ରମ 'ଆମ ସ୍କୁଲ, ଆମ ସ୍ୱାଭିମାନ' କାର୍ଯ୍ୟକ୍ରମରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଯାଜପୁର ଓ ଜଗତସିଂହପୁର ଜିଲ୍ଲାର ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟମାନଙ୍କର ପ୍ରଧାନ ଶିକ୍ଷକ ଏବଂ ପୁରାତନ ଛାତ୍ରଛାତ୍ରୀ କମିଟିର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ଇଣ୍ଡିଆନ୍ ଆସୋସିଏସନ୍ ଫର୍ ଦି କଲ୍ଟିଭେସନ୍ ଅଫ୍ ସାଇନ୍ସ ର ସିନିୟର ପ୍ରଫେସର ଓ ଚେୟାର ତଥା ବାଲେଶ୍ୱର ଜିଲ୍ଲା ରଘୁନାଥଜିଉ ଉଚ୍ଚ ବିଦ୍ୟାଳୟର ଜଣେ ସକ୍ରିୟ ପୁରାତନ ଛାତ୍ରଛାତ୍ରୀ ପ୍ରଫେସର ନାରାୟଣ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେ ପୁରାତନ ଛାତ୍ରଛାତ୍ରୀଙ୍କ ସାମାଜିକ ଦାୟିତ୍ୱ ଏବଂ ଶିକ୍ଷାର ବିକାଶରେ ସେମାନଙ୍କ ଅବଦାନ ସମ୍ପର୍କରେ ମତ ରଖିଥିଲେ। ଜଗତସିଂହପୁର ଜିଲ୍ଲା ମଣ୍ଡାସାହି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ କମିଟି ସଭାପତି ତଥା ଉଦ୍ୟୋଗୀ ତାପସ କୁମାର ରାଉତ, ଅନ୍ୟମାନଙ୍କ ମଧ୍ୟରେ ପିଏସଏସଏସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜଲକ୍ଷ୍ମୀ ଦାଶ, ଯୁଗ୍ମ ନିର୍ଦ୍ଦେଶିକା ସସ୍ମିତା ମାଳି ପ୍ରମୁଖ ନିଜ ବିଦ୍ୟାଳୟରେ ପୁରାତନ ଛାତ୍ରଛାତ୍ରୀଙ୍କ ସହଯୋଗରେ ସଫଳ ଭାବେ କାର୍ଯ୍ୟକରୀ ହୋଇଥିବା ବିଭିନ୍ନ ବିକାଶମୂଳକ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ଡିଆରଏମ୍ ଦେବାଶିଷ ପ୍ରଧାନ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ପ୍ରୋଗ୍ରାମ ମ୍ୟାନେଜର ସୁବ୍ରତ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ସାମିଲ ହେଲେ ୫ଜିଲ୍ଲାର ପୁରାତନ ଛାତ୍ରଛାତ୍ରୀ ଓ ପ୍ରଧାନଶିକ୍ଷକ**

# ଏନ୍‌ସିଇଆର୍‌ଟି ସିଇଇ -୨୦୨୬ ପଞ୍ଜୀକରଣ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ବୃଦ୍ଧି

ଭୁବନେଶ୍ୱର, ୪।୬(ସମିସ): ରାଷ୍ଟ୍ରୀୟ ଶୈକ୍ଷିକ ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି) ପକ୍ଷରୁ ସାଧାରଣ ପ୍ରବେଶିକା ପରୀକ୍ଷା (ସିଇଇ) ୨୦୨୬ ପାଇଁ ଅନଲାଇନ୍ ପଞ୍ଜୀକରଣ ଏବଂ ଆବେଦନପତ୍ର ଦାଖଲର ଶେଷ ତାରିଖ ବୃଦ୍ଧି କରାଯାଇଛି। ପ୍ରାର୍ଥୀମାନେ ଚଳିତ ମାସ ୭ ତାରିଖ ରାତି ୧୧:୫୫ ପର୍ଯ୍ୟନ୍ତ ପଞ୍ଜୀକରଣ ସମ୍ପୂର୍ଣ୍ଣ କରିବା ସହିତ ନିଜ ଆବେଦନପତ୍ର ଦାଖଲ କରିପାରିବେ। ଏନ୍‌ସିଇଆର୍‌ଟିର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ଦ୍ୱାରା ପରିଚାଳିତ ବିଭିନ୍ନ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମରେ ନାମଲେଖା ପାଇଁ ଆୟୋଜିତ ପ୍ରବେଶିକା ପରୀକ୍ଷାରେ ଅଧିକ ସଂଖ୍ୟକ ପ୍ରାର୍ଥୀଙ୍କ ଅଂଶଗ୍ରହଣ ସୁନିଶ୍ଚିତ କରିବା ଏବଂ ଯେଉଁ ଆଶାୟୀ ପ୍ରାର୍ଥୀମାନେ ଏପର୍ଯ୍ୟନ୍ତ ଆବେଦନ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିନାହାନ୍ତି ସେମାନଙ୍କୁ ସୁଯୋଗ ପ୍ରଦାନ କରିବା ଉଦ୍ଦେଶ୍ୟରେ ଏହି ସମୟସୀମା ବୃଦ୍ଧି କରାଯାଇଛି। ଏନ୍‌ସିଇଆର୍‌ଟି ପକ୍ଷରୁ ଘୋଷଣା କରାଯାଇଛି ଯେ ଚଳିତ ମାସ ୮ ତାରିଖରୁ ୯ ତାରିଖ ରାତି ୧୧:୫୫ ପର୍ଯ୍ୟନ୍ତ ସଂଶୋଧନ ପାଇଁ ସୁବିଧା ଉପଲବ୍ଧ ରହିବ। ଏହି ସମୟ ମଧ୍ୟରେ ପ୍ରାର୍ଥୀମାନେ ଅନଲାଇନ୍ ଆବେଦନପତ୍ରରେ ଦାଖଲ କରିଥିବା ନିଜର ବ୍ୟକ୍ତିଗତ ସୂଚନା ଯାଞ୍ଚ ଓ ସଂଶୋଧନ କରିପାରିବେ।

## ଓଜେଏସ୍ ପରୀକ୍ଷା ପାଇଁ ୩ ବର୍ଷ ଓକିଲାତି ଅଭିଜ୍ଞତା କଟ୍-ଅଫ୍ ତାରିଖକୁ ଚ୍ୟାଲେଞ୍ଜ

# ଅନ୍ତରୀଣ ସ୍ଥଗିତାଦେଶ ପାଇଁ ହାଇକୋର୍ଟଙ୍କ ଅଗ୍ରାହ୍ୟ

କଟକ, ୪।୬(ସମିସ): ଓଡ଼ିଶା ଜୁଡ଼ିସିଆଲ ସର୍ଭିସ୍ (ଓଜେଏସ୍) ପରୀକ୍ଷା-୨୦୨୫ ପାଇଁ ଆବଶ୍ୟକ ୩ବର୍ଷର ଓକିଲାତି ଅଭିଜ୍ଞତାର କଟ୍-ଅଫ୍ ତାରିଖକୁ ଚ୍ୟାଲେଞ୍ଜ କରି ରୁଜୁ ମାମଲାରେ ଅନ୍ତରୀଣ ସ୍ଥଗିତାଦେଶ ପ୍ରଦାନ ପାଇଁ ହାଇକୋର୍ଟ ମନା କରିଦେଇଛନ୍ତି। ଜଷ୍ଟିସ୍ ମାନସ ରଞ୍ଜନ ପାଠକ ଓ ଜଷ୍ଟିସ୍ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଅମ୍ରିତା ଦାସ ଓ ଅନ୍ୟ ଜଣଙ୍କ ତରଫରୁ ରୁଜୁ ଏକ ଅନ୍ତରୀଣ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ତେବେ ମୂଳ ରିଟ୍ ପିଟିସନ୍ ଏବଂ ଏହାସହ ଜଡ଼ିତ ଅନ୍ୟ ସମସ୍ତ ମାମଲାର ଚୂଡ଼ାନ୍ତ ଶୁଣାଣି ଆସନ୍ତା ଜୁଲାଇ ୬ରେ ଅନୁଷ୍ଠିତ ହେବ ବୋଲି ଧାର୍ଯ୍ୟ କରିଛନ୍ତି ଖଣ୍ଡପୀଠ। ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇସାରିଥିବାରୁ ମଧ୍ୟଭାଗରେ ନିୟମ ପରିବର୍ତ୍ତନ କରାଯାଇପାରିବ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି।

ଏହି ପଦବୀଗୁଡ଼ିକ ୨୦୨୪-୨୫ ବର୍ଷର ଖାଲି ପଦବୀ ସହ ଜଡ଼ିତ, ଯେଉଁ ସମୟରେ ଆବେଦନକାରୀଙ୍କର ୩ ବର୍ଷର ଅଭିଜ୍ଞତା ନଥିଲା। ଆବେଦନକାରୀମାନେ ଯୁବ ଅଧିବକ୍ତା ଏବଂ ଆଗାମୀ ଦିନରେ ପରୀକ୍ଷା ଦେବା ପାଇଁ ସେମାନଙ୍କ ପାଖରେ ପ୍ରାୟ ୨୦ ବର୍ଷରୁ ଅଧିକ ସମୟ ରହିଛି। କଟ୍-ଅଫ୍ ତାରିଖ ସ୍ଥିର କରିବା କାର୍ଯ୍ୟପାଳିକା ବା ପ୍ରଶାସନର କ୍ଷମତା ପରିସରଭୁକ୍ତ। ଏହା ସମ୍ପୂର୍ଣ୍ଣ ଯୁକ୍ତିହୀନ ନ ହେଲେ, ଏଥିରେ ନ୍ୟାୟିକ ହସ୍ତକ୍ଷେପ ସୀମିତ ବୋଲି କହିଛନ୍ତି ହାଇକୋର୍ଟ।

ମାମଲାରୁ ପ୍ରକାଶ ଯେ ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ଦ୍ୱାରା ଏକ ବିଜ୍ଞପ୍ତି ମାଧ୍ୟମରେ ନିଯୁକ୍ତି ବର୍ଷ ୨୦୨୫ ପାଇଁ ୭୮ଟି ଖାଲି ସିଭିଲ୍ ଜଜ୍ (ଜୁନିୟର୍ ଡିଭିଜନ୍) ପଦବୀ ପାଇଁ ଆବେଦନ ଆହ୍ୱାନ କରାଯାଇଥିଲା। ବିଜ୍ଞପ୍ତି ଅନୁଯାୟୀ, ଆବେଦନକାରୀ ପ୍ରାର୍ଥୀଙ୍କ ୩ ବର୍ଷର ଓକିଲାତି ଅଭିଜ୍ଞତା ଗଣନା ପାଇଁ କଟ୍-ଅଫ୍ ତାରିଖ ୨୦୨୫ ଏପ୍ରିଲ ୧କୁ ଧାର୍ଯ୍ୟ କରାଯାଇଥିଲା। ଆବେଦନକାରୀଙ୍କ ଅଭିଯୋଗ ଥିଲା ଯେ ବିଜ୍ଞପ୍ତିଟି ୨୦୨୬ ଏପ୍ରିଲ ୩୦ରେ ପ୍ରକାଶ ପାଇଛି। ତଥାପି, ୨୦୨୫ ଏପ୍ରିଲ ୧ ସୁଦ୍ଧା ୩ ବର୍ଷ ଅଭିଜ୍ଞତା ଥିବା ମାପଦଣ୍ଡ ବାଧ୍ୟତାମୂଳକ କରାଯାଇଛି। ଓଡ଼ିଶା ସୁପିରିୟର ଜୁଡିସିଆଲ ସର୍ଭିସ ଏବଂ ଓଡ଼ିଶା ଜୁଡିସିଆଲ ସର୍ଭିସ ରୁଲ୍ସ-୨୦୦୭ ର ସଂଶୋଧିତ ନିୟମ ୧୮(୧)(କ) ଅନୁଯାୟୀ, ଓଜେଏସ୍ ପରୀକ୍ଷାରେ ଅବତୀର୍ଣ୍ଣ ପାଇଁ ଆବଶ୍ୟକ ୩ ବର୍ଷର ଓକିଲାତି ଅଭିଜ୍ଞତାକୁ ନିଯୁକ୍ତି ବର୍ଷର 'ଏପ୍ରିଲ ୧' ସୁଦ୍ଧା ଗଣନା କରାଯିବାର ପ୍ରାବଧାନ ରହିଛି। ଏହାକୁ ଚାଲେଞ୍ଜ କରି ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଆଜିର ରାଶିଫଳ

**ମେଷ:** ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଆଶା କରିଥିବା ଦିଗରୁ ଧନ ମିଳିପାରେ। ଜୀବନସାଥିଙ୍କ ସହ ହସ ଖୁସିର ସମୟ ବିତାଇବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ।

**ବୃଷ:** ଛାତ୍ରଛାତ୍ରୀମାନେ ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବେ। ନିଜ ଲୋକ ଶତ୍ରୁ ସାଜିପାରନ୍ତି। କୌଣସି କଥାକୁ ନେଇ ମନ ଉଦାସ ରହିପାରେ। କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ବହୁତ ଭଲ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ। ଲୋକ ସମ୍ପର୍କ ବଢ଼ିବ।

**ସିଂହ:** ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ମନ ପ୍ରସନ୍ନ ରହିବ। ବିଦ୍ୟାର୍ଥୀ ଖେଳକୁଦରେ ସମୟ ଅତିବାହିତ କରିବେ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଯାନବାହନ କିଣିବାର ସ୍ୱପ୍ନ ସାକାର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ।

**କନ୍ୟା:** ରାଜନୀତିରେ ସାମିଲ ହୋଇପାରନ୍ତି। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନ ସୁଖମୟ ହେବ। ବନ୍ଧୁଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ। ଧାର୍ମିକ କାର୍ଯ୍ୟରେ ଯୋଗ ଦେବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜରୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ସୁଖ ସମୃଦ୍ଧି ବୃଦ୍ଧି ପାଇବ।।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରସନ୍ନ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିପାରନ୍ତି। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ବନ୍ଧୁଙ୍କ ସହଯୋଗରେ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଧାର୍ମିକ କାର୍ଯ୍ୟ କରିବେ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେଇପାରେ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ସାହିତ୍ୟ ପ୍ରତି ରୁଚି ବଢ଼ିବ। ବ୍ୟବସାୟରେ କ୍ଷତି ଘଟିବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ।

**କୁମ୍ଭ:** ପୁରୁଣା ନିବେଶରୁ ଲାଭ ମିଳିପାରେ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ପାରିବାରିକ ସମ୍ପର୍କ ମଜବୁତ୍ ହେବ।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୯୧୨- ଆମେରିକା ନୌସେନା କ୍ୟୁବା ଉପରେ ତୃତୀୟ ଥର ପାଇଁ ଆକ୍ରମଣ କଲା।
- ୧୯୫୩- ଡେନମାର୍କରେ ନୂଆ ସମ୍ବିଧାନ ଲାଗୁ ହେଲା।
- ୧୯୬୭- ଇସ୍ରାଏଲ ମିଶର ଉପରେ ଆକ୍ରମଣ କରି ୪୦୦ ବିମାନ ନଷ୍ଟ କରିଦେଲା।
- ୧୯୮୯- 'ତ୍ରିଶୂଳ' ମିସାଇଲ୍‌ର ସଫଳ ପରୀକ୍ଷଣ।
- ୨୦୦୫- ତାଇୱାନ୍ ତା'ର ପ୍ରଥମ କ୍ରୁଜ୍ ମିସାଇଲ୍‌ର ସଫଳ ପରୀକ୍ଷା କଲା।

## ଫିସ୍ ବଢ଼ାଇଲେ ରଶ୍ମିକା



ସାଉଥ୍ ଠାରୁ ଆରମ୍ଭ କରି ବଲିଉଡ୍‌ରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ଅଭିନେତ୍ରୀ ରଶ୍ମିକା ମନ୍ଦାନା। ତାଙ୍କ ପାଖରେ ଏବେ ଅନେକ ବଡ଼ ବଡ଼ ବ୍ୟାନର୍‌ର ଫିଲ୍ମ ରହିଛି। ସେ ଏବେ 'କକଟେଲ୍ ୨'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ରଶ୍ମିକା ତାଙ୍କ ଲୋକପ୍ରିୟତା ବଢ଼ିବା ଦେଖି ଇତିମଧ୍ୟରେ ପାରିଶ୍ରମିକ ବଢ଼ାଇ ଦେଇଥିବା ଚର୍ଚ୍ଚା ହେଉଛି। ନିକଟରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ରଶ୍ମିକା 'ପୁଷ୍ପା: ଦ ରାଇଜ୍' ଫିଲ୍ମ ପାଇଁ ୨ କୋଟି ଟଙ୍କା ଚାର୍ଜ କରିଥିଲେ। ହେଲେ 'ଆନିମଲ' ଫିଲ୍ମରୁ ରଶ୍ମିକା ନିଜର ଫିସ୍ କ୍ରମାଗତ ଭାବେ ବଢ଼ାଇ ଚାଲିଛନ୍ତି। 'ଆନିମଲ' ଫିଲ୍ମ ପାଇଁ ତାଙ୍କୁ ପାରିଶ୍ରମିକ ବାବଦରେ ୪ କୋଟି ଟଙ୍କା ମିଳିଥିଲା। ସେହିପରି 'ପୁଷ୍ପା: ଦ ରୁଲ୍' ପାଇଁ ସେ ୧୦ କୋଟି ଟଙ୍କା ଚାର୍ଜ କରିଥିଲେ। ଏବେ ରଶ୍ମିକା ତାଙ୍କର ଫିସ୍ ବହୁତ ଅଧିକ ବଢ଼ାଇ ଦେଇଛନ୍ତି। ସେ 'କକଟେଲ୍ ୨' ପାଇଁ ୧୫ କୋଟି ଟଙ୍କା ନେଇଥିବା ଜଣାପଡ଼ିଛି। 'କକ୍‌ଟେଲ୍ ୨'ରେ ରଶ୍ମିକାଙ୍କ ସହ ଶାହିଦ୍ କପୁର, କ୍ରିତି ସାନନ୍ ଲିଡ୍ ରୋଲରେ ନଜର ଆସିବେ। ଏହା ଆସନ୍ତା ଜୁନ୍ ୧୯ରେ ରିଲିଜ୍ ହେବ।

## ବିଶ୍ୱ ପରିବେଶ ଦିବସ



ପ୍ରକୃତି ଓ ପରିବେଶର ସୁରକ୍ଷା ଦିଗରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ପ୍ରତିବର୍ଷ ଜୁନ୍ ୫ ତାରିଖରୁ ବିଶ୍ୱ ପରିବେଶ ଦିବସ ଭାବେ ପାଳନ କରାଯାଉଛି। ବିଶ୍ୱର ପ୍ରାୟ ୧୪୩ଟି ରାଷ୍ଟ୍ରରେ ଏହି ଦିବସ ପାଳନ କରାଯାଇଥାଏ। ମଣିଷ ନିଜର ଜାଣତରେ କିମ୍ବା ଅଜାଣତରେ ପରିବେଶ ପ୍ରତି ଅନେକ ଅନ୍ୟାୟ କରିଥାଏ। ନିଜର ଉନ୍ନତି ଓ ଜୀବିକା ନିର୍ବାହ ପାଇଁ ଗଛ କାଟିବାଠାରୁ ଆରମ୍ଭ କରି କଳ କାରଖାନା ପ୍ରତିଷ୍ଠା, ଯାନବାହନ ତିଆରି ଆଦି ଅନେକ ଜିନିଷ କରିଥାଏ। ଅହେତୁକ ଭାବେ ଜଙ୍ଗଲ ନଷ୍ଟ, ମାତ୍ରାଧିକ କଳକାରଖାନା, ବହୁଳ ମାତ୍ରାରେ ପ୍ଲାଷ୍ଟିକ୍‌ର ଉପଯୋଗ, ରାସାୟନିକ ସାମଗ୍ରୀର ଅତ୍ୟଧିକ ବ୍ୟବହାର ଯୋଗୁଁ ପୃଥିବୀ ଧୀରେଧୀରେ ଯେମିତି ବିନାଶ ଆଡ଼କୁ ଗତି କରୁଛି। ତେଣୁ ଏହି ଘୋର ସଙ୍କଟରୁ ବେଳହୁଁ ସାବଧାନ ହେବା ପାଇଁ ମିଳିତ ଜାତିସଂଘ ପକ୍ଷରୁ ଜୁନ୍ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ଭାବରେ ପାଳନ କରାଯାଉଛି ଯାହାର ରୂପରେଖ ପ୍ରଥମେ ୧୯୭୨ମସିହାରେ ପ୍ରସ୍ତୁତ କରାଯାଇଥିଲା। ସେହି ଦିନଠାରୁ ଜନସଚେତନତା ସୃଷ୍ଟି କରିବାପାଇଁ ପ୍ରତିବର୍ଷ ବିଶ୍ୱର ଜଣେ ଜଣେ ଦେଶ ନିଜକୁ ଆବାହକ ହିସାବରେ ପରିଗଣିତ କରି ସାରା ବିଶ୍ୱରେ ଏହାର ପ୍ରଚାର କରାଇଥାନ୍ତି। ଚଳିତବର୍ଷ ଏହି ଆନ୍ତର୍ଜାତୀୟ ଦିବସର ମୁଖ୍ୟ ଆୟୋଜନ ଆଜରବୈଜାନ ଦେଶର ବାକୁ ସହରରେ କରାଯାଉଛି। ନିଜର ସ୍ୱାର୍ଥ ହାସଲ ପାଇଁ ମାନବ ସମାଜ ପ୍ରକୃତି ଓ ପରିବେଶର ସନ୍ତୁଳନକୁ ବିଗାଡ଼ିସାରିଛି। ଫଳରେ ଜଙ୍ଗଲସମ୍ପଦ ଓ ବନ୍ୟଜନ୍ତୁଙ୍କ ଜୀବନ ଏବେ ବିପଦରେ ପଡ଼ିଛି। କେବଳ ସେତିକି ନୁହେଁ, କିଛି ବର୍ଷ ପୂର୍ବେ ମଣିଷର ପରମାୟୁ ୮୦ବର୍ଷରୁ ଊର୍ଦ୍ଧ୍ୱ ଥିବାବେଳେ ବର୍ତ୍ତମାନ ତାହା ୬୦ରୁ ୬୫ ବର୍ଷକୁ ଖସିଆସିଛି। ବର୍ଷାର ପରିମାଣ କମୁଥିବା ବେଳେ ବିଶ୍ୱ ତାପନ ଏବେ ଚିନ୍ତାର ପ୍ରସଙ୍ଗ ପାଲଟିଛି। ମଣିଷ ଯଦି ନିଜ ପରିବେଶକୁ ପରିଷ୍କାର ଓ ପରିଚ୍ଛନ୍ନ ରଖିବାକୁ ଯଥାସାଧ୍ୟ ପ୍ରଯତ୍ନ କରେ, ତେବେ ପ୍ରକୃତିରାଣୀ ହସିଉଠିବ। ଅନ୍ୟଥା ଏହା ମଣିଷର ପ୍ରତିଟି ପରିବେଶ ପ୍ରତିକୂଳ ପଦକ୍ଷେପର ହିସାବ ନେବ ଏବଂ ପ୍ରତିକ୍ରିୟା ପ୍ରକାଶ କରିବ। ଏ ପ୍ରତିକ୍ରିୟା ସାମାନ୍ୟ ନୁହେଁ, ବରଂ ଅତ୍ୟନ୍ତ ଭୟଙ୍କର ହେବ, ଯାହା ଜଳବାୟୁ ପରିବର୍ତ୍ତନକୁ ଅସ୍ୱାଭାବିକତା ଭାବେ ବିକୃତ କରିପକାଇବ। ପରିଶେଷରେ ଏହା ବନ୍ୟା, ବାତ୍ୟା, ଭୂମିକମ୍ପ, ମରୁଡ଼ି, ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଭଳି ମାନବ ବିଧ୍ୱଂସକାରୀ ଘଟଣାକୁ ବହୁଗୁଣିତ କରିଦେବ। ଚଳିତବର୍ଷ ବିଶ୍ୱ ପରିବେଶ ଦିବସର ବିଷୟବସ୍ତୁ ରହିଛି- "ପ୍ରକୃତି ଦ୍ୱାରା ଅନୁପ୍ରାଣିତ। ଜଳବାୟୁ ପାଇଁ। ଆମ ଭବିଷ୍ୟତ ପାଇଁ।"

## ଫେରିବେ ବିଲୁପ୍ତ ପକ୍ଷୀ !

ଆମେରିକାର ବାୟୋଟେକ୍ କମ୍ପାନୀ 'କୋଲୋସାଲ୍ ବାୟୋସାଇନ୍ସେସ୍' ଥ୍ରୀଡି ପ୍ରିଣ୍ଟେଡ୍ କୃତ୍ରିମ ଅଣ୍ଡାରୁ ସଫଳତାର ସହ ୨୬ଟି ସୁସ୍ଥ ଚିଆଁ ବାହାର କରି ଏକ ବୈପ୍ଳବିକ ସଫଳତା ହାସଲ କରିଛି। ଏହି ଅଭିନବ କୌଶଳ ବିଲୁପ୍ତ ପକ୍ଷୀଙ୍କୁ ପୁନର୍ଜୀବିତ କରିବା ଦିଗରେ ଏକ ବଡ଼ ପଦକ୍ଷେପ ହେବ ବୋଲି କୁହାଯାଉଛି। ଇତିହାସରେ ପ୍ରଥମଥର ପାଇଁ କୌଣସି ଜୀବନ୍ତ ପକ୍ଷୀର ସାହାଯ୍ୟ ନନେଇ ଏକ ସମ୍ପୂର୍ଣ୍ଣ କୃତ୍ରିମ ପରିବେଶରେ ଭ୍ରୁଣ ବିକଶିତ ହୋଇ ପୂର୍ଣ୍ଣାଙ୍ଗ ଛୁଆରେ ପରିଣତ ହୋଇଛି। ବୈଜ୍ଞାନିକମାନେ ଥ୍ରୀଡି ପ୍ରିଣ୍ଟେଡ୍ ଟାଇଟାନିୟମ୍ ଏବଂ ସିଲିକନ୍ ଝିଲ୍ଲି ବ୍ୟବହାର କରି ଏକ କୃତ୍ରିମ ଅଣ୍ଡା ଖୋଳପା ତିଆରି କରିଥିଲେ, ଯାହା ପ୍ରାକୃତିକ ଅଣ୍ଡା ଭଳି ଅମ୍ଳଜାନ ଭିତରକୁ ଯିବାକୁ ଦିଏ ଏବଂ ଭ୍ରୁଣକୁ ବଢ଼ିବାରେ ସାହାଯ୍ୟ କରେ। ଏହି ଟେକ୍ନିକ୍ ସାହାଯ୍ୟରେ କମ୍ପାନୀ ନିଉଜିଲ୍ୟାଣ୍ଡର ବିଶାଳକାୟ ଏବଂ ବିଲୁପ୍ତ ପକ୍ଷୀ 'ସାଉଥ୍ ଆଇଲ୍ୟାଣ୍ଡ ଜାଏଣ୍ଟ ମୋଆ'କୁ ପୁନର୍ଜୀବିତ କରିବାକୁ ଲକ୍ଷ୍ୟ ରଖିଛି। ଡାଇନୋସର୍ ଯୁଗ ପରେ ମୋଆ ପୃଥିବୀର ସବୁଠାରୁ ବଡ଼ ପକ୍ଷୀ ଥିଲା। ଏହାର ଉଚ୍ଚତା ୧୨ ଫୁଟ ଏବଂ ଓଜନ ପ୍ରାୟ ୨୫୦ କିଲୋଗ୍ରାମ ଥିଲା। ଏହା ଉଡ଼ୁପାରୁ ନ ଥିଲା ଏବଂ ମଣିଷଙ୍କ ଦ୍ୱାରା ଶିକାର ହୋଇ ବିଲୁପ୍ତ ହୋଇଯାଇଥିବା କୁହାଯାଏ। ସେହିପରି ଏହାର ଅଣ୍ଡା ଖୁବ୍ ବଡ଼ ଥିଲା। ଏହି ସଫଳତା ଦ୍ୱାରା 'ଡୋଡୋ' ଏବଂ 'ମୋଆ' ଭଳି ବିଶାଳକାୟ ବିଲୁପ୍ତ ପକ୍ଷୀଙ୍କ ପ୍ରଜନନ ଏବଂ ଇନକ୍ୟୁବେସନ୍ କରିବାର ବାଟ ସହଜ ହୋଇଯିବ ବୋଲି ବୈଜ୍ଞାନିମାନେ ଆଶାବାଦୀ ଅଛନ୍ତି। ତେବେ ପ୍ରାରମ୍ଭିକ ଅବସ୍ଥାରେ ଏହି ଟେକ୍ନିକ୍‌କୁ ଭଲ ଭାବରେ ବୁଝିବା ଲାଗି ଏହାକୁ କୁକୁଡ଼ାଙ୍କ ଉପରେ ପରୀକ୍ଷା କରାଯାଇଥିଲା। ଏହି ଅଭିନବ ବୈଷୟିକ ଜ୍ଞାନକୌଶଳ ମାଧ୍ୟମରେ ଏପର୍ଯ୍ୟନ୍ତ ୨୬ଟି ସୁସ୍ଥ କୁକୁଡ଼ା ଛୁଆ ଜନ୍ମ ହୋଇସାରିଛନ୍ତି। ଏହି ସଫଳତା ପରେ ବି ଅନେକ ବୈଜ୍ଞାନିକ ଏହାକୁ ନେଇ ଚିନ୍ତାପ୍ରକଟ କରିଛନ୍ତି। ବିଲୁପ୍ତ ପ୍ରଜାତିଗୁଡ଼ିକୁ ପୁଣି ଥରେ ଫେରାଇ ଆଣିଲେ ଏହା ପରିବେଶ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ ବୋଲି କିଛି ବୈଜ୍ଞାନିକ ଚେତାଇ ଦେଇଛନ୍ତି। ଭାରତୀୟ ବୈଜ୍ଞାନିକମାନେ ମଧ୍ୟ ଏହି ସଫଳତା ଉପରେ ନିଜର ମତ ଦେଇଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ଏହି ଟେକ୍ନୋଲୋଜି ଭାରତରେ ବିପଦାପନ୍ନ ପକ୍ଷୀ ଯଥା ସାଇବେରିଆନ୍ କ୍ରେନ୍ କିମ୍ବା ଅନ୍ୟାନ୍ୟ ବିରଳ ପ୍ରଜାତିଗୁଡ଼ିକୁ ଲୁପ୍ତ ହେବାରୁ ରକ୍ଷା କରିପାରିବ।



## ଖରାଦିନେ ଚର୍ମ ଆଲର୍ଜି




ଖରାଦିନେ ତାପମାତ୍ରା ବୃଦ୍ଧି ମନୁଷ୍ୟ ଶରୀର ସହିତ ଚର୍ମ ଉପରେ ପ୍ରଭାବ ପକାଇଥାଏ। ଏହି ଦିନେ ସିଧାସଳଖ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିଲେ ଶରୀରରୁ ଝାଳ ବାହାରିଥାଏ। ଝାଳରୁ ଚର୍ମର ତୈଳାଂଶ ବାହାରି ଯାଇଥାଏ। ଏହା କବକ ଓ ଜୀବାଣୁ ବୃଦ୍ଧି କରୁଥିବାରୁ ଚର୍ମ ଶୁଷ୍କ ହୋଇ ଆଲର୍ଜି ସୃଷ୍ଟି ହୋଇଥାଏ। ଘିମିରି ମଧ୍ୟ ଆଲର୍ଜି ସୃଷ୍ଟି କରିବାର ଆଉ ଏକ କାରଣ। ସୂର୍ଯ୍ୟଙ୍କର ଅତି ବାଇଗଣୀ ରଶ୍ମି ଚର୍ମରେ ବୟସ ପୂର୍ବରୁ କୁଞ୍ଚନ, ଦାଗ କରେ। ଏହି ଅବସ୍ଥା ଅଧିକ ଦିନ ରହି ଚର୍ମ କର୍କଟ ହେବାର ଆଶଙ୍କାକୁ ବଢ଼ାଏ। ତେଣୁ ଖରାଦିନେ ଚର୍ମର ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦିଆଯିବା ଜରୁରି।

ଆଲର୍ଜି ବିଭିନ୍ନ ପ୍ରକାର ରହିଛି। ଆଲର୍ଜି ହେଲେ ଚର୍ମ ଶୁଷ୍କ ପଡ଼ିବା ସହ ଲାଲ୍ ହୋଇଯାଏ। ଲଗାତାର କୁଣ୍ଡାଇ ହୁଏ। ଜଳା ପୋଡ଼ା ହୁଏ। ଆଲର୍ଜି ଯୋଗୁଁ ସର୍ଦ୍ଦି, ଥଣ୍ଡା, କାଶ ଆଦି ହୋଇପାରେ। ତେଣୁ ଚର୍ମକୁ ସୁରକ୍ଷିତ ରଖିବା ପାଇଁ ନିଜ ଚର୍ମ ଅନୁଯାୟୀ ଡାକ୍ତରଙ୍କ ପରାମର୍ଶ ଅନୁସାରେ ସନ୍‌ସ୍କ୍ରିନ୍ ଲଗାଇବା ଆବଶ୍ୟକ। ପ୍ରଚୁର ପାଣି ପିଇବା ସହ ସ୍ୱଚ୍ଛତାକୁ ଧ୍ୟାନ ଦେବା ଜରୁରି। ଅଧିକ ଗରମ ସମୟରେ ବାହାରକୁ ଯାଉଥିଲେ, ପତଳା ସୂତା ପୋଷାକରେ ଦେହକୁ ଆବୃତ୍ତ କରି ରଖିବା ଆବଶ୍ୟକ। ସୁଷମ ଏବଂ ଉତ୍ତମ ଖାଦ୍ୟ ସହିତ, ଆବଶ୍ୟକ ଅନୁସାରେ ସୂର୍ଯ୍ୟାଲୋକ, ପାଣି ଗ୍ରହଣ ଏବଂ ଡ଼ାକ୍ତରଙ୍କ ପରାମର୍ଶ ଅନୁସାରେ କ୍ରିମ ବ୍ୟବହାର କଲେ, ଚର୍ମ ସୁସ୍ଥ, ସତେଜ ଏବଂ ସୁରକ୍ଷିତ ରହିପାରିବ। ଆୟୁର୍ବେଦ ଉପାୟରେ କଞ୍ଚା ହଳଦୀ, ନିମପତ୍ରବଟା ଗାଧୋଇବାର ଅଧଘଣ୍ଟା ପୂର୍ବରୁ ଶରୀରରେ ଲଗାଇ ଗାଧୋଇବା ଆବଶ୍ୟକ। ସେହିପରି ଲେମ୍ବୁ, ମହୁ, ମସୁରଡାଲିର ଗୁଣ୍ଡ, ଗୋଲାପଜଳ ଏହାର ଲେପ ଗାଧୋଇବାର ଅଧଘଣ୍ଟା ପୂର୍ବରୁ ସମ୍ପୂର୍ଣ୍ଣ ଶରୀରରେ ଲଗାଇ ଗାଧୋଇବା ଦ୍ୱାରା ତ୍ୱଚା ଚିକ୍କଣ ହୁଏ।




## 'ସକାଳ'ର ସ୍ୱାସ୍ଥ୍ୟ: ଇବୋଲା ସଂକ୍ରମଣ



ଇବୋଲା (Ebola) ଏକ ଭୟଙ୍କର ଜଟିଳ ଭୂତାଣୁ। ଏହାର ସଂକ୍ରମଣ ପ୍ରାଣଘାତୀ ମଧ୍ୟ ହୋଇପାରେ। ଏହା ପ୍ରଥମେ ୧୯୭୬ ମସିହାରେ ଆଫ୍ରିକାର କଙ୍ଗୋ ଅଞ୍ଚଳରେ ଚିହ୍ନଟ ହୋଇଥିଲା। ଏହା ମନୁଷ୍ୟ ଓ କିଛି ପ୍ରାଣୀଙ୍କ ଶରୀରକୁ ଆକ୍ରମଣ କରି ଗୁରୁତର ରକ୍ତସ୍ରାବ, ଅଙ୍ଗ ଗୁଡିକ ବିକଳାଙ୍ଗ କରି ଶେଷରେ ମୃତ୍ୟୁ ଆଶଙ୍କା ରହିଥାଏ। ଅତୀତରେ ଦେଖାଦେଇଥିବା ସଂକ୍ରମଣ ସମୟରେ ୨୫% ରୁ ୯୦% ପର୍ଯ୍ୟନ୍ତ ମୃତ୍ୟୁହାର ରହିଥିବା ରେକର୍ଡ ରହିଛି। ତେବେ ବର୍ତ୍ତମାନ ପୁଣିଥରେ କଙ୍ଗୋ ଓ ଉଗାଣ୍ଡାରେ ଇବୋଲା ଭୂତାଣୁର ଆତଙ୍କ ଦେଖିବାକୁ ମିଳିଛି। ଶତାଧିକ ସନ୍ଦିଗ୍ଧ ଚିହ୍ନଟ ପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଜରୁରି ଘୋଷଣା କରିଥିବାରୁ ଏଥିପାଇଁ ଭାରତ ମଧ୍ୟ ସତର୍କତା ଅବଲମ୍ବନ କରିବା ଜରୁରି ମନେ କରାଯାଉଛି।

ଇବୋଲା ରୋଗ Orthoebolavirus ନାମକ ଭାଇରସ୍ ଗୋଷ୍ଠୀ ଦ୍ୱାରା ସୃଷ୍ଟି ହୁଏ। ବୈଜ୍ଞାନିକମାନଙ୍କ ମତାନୁସାରେ ଫଳ ଖାଉଥିବା (fruit bats) ଏହାର ପ୍ରାକୃତିକ ବାହକ ହୋଇପାରନ୍ତି। ଭାଇରସ ପ୍ରଥମେ ପଶୁରୁ ମନୁଷ୍ୟକୁ ଏବଂ ପରେ ମନୁଷ୍ୟରୁ ମନୁଷ୍ୟକୁ ସଂକ୍ରମିତ ହୋଇଥାଏ। ଆକ୍ରାନ୍ତ ବ୍ୟକ୍ତିଙ୍କଠାରେ ରକ୍ତ ପଡିବା, ବାନ୍ତି, ଲାଳ, ଝାଳ ବାହାରିବା ଭଳି ଲକ୍ଷଣ ଦେଖା ଦେଇଥାଏ। ଆକ୍ରାନ୍ତ ବ୍ୟକ୍ତିଙ୍କ ବସ୍ତ୍ର, ବେଡ଼ସିଟ୍, ଚିକିତ୍ସା ସାମଗ୍ରୀ ଇତ୍ୟାଦି ସ୍ପର୍ଶ କରିବା ବା ସଂକ୍ରମିତ ପଶୁ କିମ୍ବା ପ୍ରାଣୀର ଶରୀର ସଂସ୍ପର୍ଶରେ ଆସିଲେ ଏହା ବ୍ୟାପିଥାଏ। ସଂକ୍ରମଣ ପରେ ସାଧାରଣତଃ ୨ ରୁ ୨୧ ଦିନ ମଧ୍ୟରେ ଲକ୍ଷଣ ଦେଖାଯାଇପାରେ। ଯାହାର ପ୍ରାରମ୍ଭିକ ଲକ୍ଷଣ ତୀବ୍ର ଜ୍ୱର, ଭୟଙ୍କର ମୁଣ୍ଡବିନ୍ଧା, ଶରୀର ଓ ମାଂସପେଶୀ ଯନ୍ତ୍ରଣା, ଅତ୍ୟଧିକ ଦୁର୍ବଳତା, ଗଳା ଯନ୍ତ୍ରଣା ହୋଇ ପରବର୍ତ୍ତୀ ସମୟରେ ବାନ୍ତି ଓ ଡ଼ାଇରିଆ, ପେଟ ଯନ୍ତ୍ରଣା, ଚର୍ମରେ ଦାଗ, ଆଖି ଲାଲ ହେବା, ନାକ କିମ୍ବା ଶରୀରର ଭିତର/ବାହାର ରକ୍ତସ୍ରାବ (କେତେକ ମାମଲାରେ) ଭଳି ଲକ୍ଷଣ ଦେଖାଦେଇଥାଏ।

ଏଭଳି ପରିସ୍ଥିତିରେ ପ୍ରତିକାର ଓ ଚିକିତ୍ସା ଜରୁରି ହୋଇପଡ଼େ। ବର୍ତ୍ତମାନ ଇବୋଲା ପାଇଁ ଶୀଘ୍ର ସହାୟକ ଚିକିତ୍ସା ଯଥା- ଶରୀରରେ ପାଣି ଓ ଲବଣର ସମତୁଳନ ରଖିବା, ଲକ୍ଷଣ ଅନୁଯାୟୀ ଚିକିତ୍ସା ଜୀବନରକ୍ଷାରେ ଗୁରୁତ୍ୱପୂର୍ଣ୍ଣ। ଏହାର ପ୍ରତିରୋଧ ପାଇଁ ଆକ୍ରାନ୍ତ ବ୍ୟକ୍ତିଙ୍କଠାରୁ ଦୂରରେ ରହିବା, ହାତ ସାବୁନ/ସାନିଟାଇଜରରେ ଧୋଇବା, ରକ୍ତ କିମ୍ବା ଶରୀରର ତରଳ ସହ ସିଧା ସଂସ୍ପର୍ଶ ଏଡ଼ାଇବା, ସ୍ୱାସ୍ଥ୍ୟକର୍ମୀମାନେ ସୁରକ୍ଷା ସାମଗ୍ରୀ (PPE) ବ୍ୟବହାର କରିବା, ଆକ୍ରାନ୍ତ ଅଞ୍ଚଳକୁ ଯିବାବେଳେ ସ୍ୱାସ୍ଥ୍ୟ ନିର୍ଦ୍ଦେଶ ମାନିବା ଭଳି ବହୁ ଗୁରୁତ୍ୱ ପୂର୍ଣ୍ଣ ବିଷୟ ପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି।

- ଡାକ୍ତର ରାଜାରାମ ଷଡ଼ଙ୍ଗୀ
ସମ୍ବଲପୁର



## ସ୍ତନ କର୍କଟର ମାରାତ୍ମକତା ଜଣାଇବ ପରୀକ୍ଷା

ସ୍ତନ କର୍କଟ ଏକ ମାରାତ୍ମକ ବ୍ୟାଧି। ଏହାର ଚିକିତ୍ସା ପାଇଁ ଅସ୍ତ୍ରୋପଚାର, କେମୋଥେରାପି, ହରମୋନ୍ ଥେରାପି ଆଦି ପ୍ରୟୋଗ କରାଯାଇଥାଏ। କର୍କଟ ଚିକିତ୍ସାରେ କେମୋଥେରାପିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲେ ବି ପୀଡ଼ିତାଙ୍କ କ୍ଷେତ୍ରରେ ଏହାର କିଛି ପାର୍ଶ୍ୱପ୍ରତିକ୍ରିୟା ଦେଖାଯାଏ। ହେଲେ ଏବେ ଗୋଟିଏ ପରୀକ୍ଷାରୁ ସ୍ତନ କର୍କଟର ମାରାତ୍ମକତା ବିଷୟରେ ଜଣାପଡ଼ିବ। ସ୍ତନ ଟାଣ ଲାଗିଲେ, ସ୍ତନର ଆକାର କିମ୍ବା ଚର୍ମରେ ପରିବର୍ତ୍ତନ ଆଦି ହେଲେ କର୍କଟ ବିଶେଷଜ୍ଞଙ୍କ ପରାମର୍ଶରେ 'ପ୍ରୋସିଗ୍ନା' ବା ଜେନୋମିକ୍ ପରୀକ୍ଷା କରାଯାଇପାରିବ। ଏହି ପରୀକ୍ଷା ମୁଖ୍ୟତଃ ସ୍ତନ କର୍କଟର ପ୍ରାରମ୍ଭିକ ପର୍ଯ୍ୟାୟ, ହର୍ମୋନ୍ ରିସେପ୍ଟର ପଜିଟିଭ, HER2 ନେଗେଟିଭ୍ ପାଇଁ ବିଶେଷ ଫଳପ୍ରଦ। ଏହି ପରୀକ୍ଷା ପାଇଁ ବାୟୋପ୍ସି ଏବଂ ସର୍ଜରୀ ଦ୍ୱାରା ସ୍ତନରୁ କୋଷ ନେଇ ଲ୍ୟାବକୁ ପଠାଯାଏ। ଏହା ସ୍ତନରେ ଥିବା ୫୦ଟି ଜିନ୍‌ର ଗତିବିଧିକୁ ବିଶ୍ଳେଷଣ କରି କର୍କଟ କେତେ ମାରାତ୍ମକ ହୋଇଛି ତାହା ଜଣାଇଥାଏ। ଏହାଦ୍ୱାରା କର୍କଟ ବିଶେଷଜ୍ଞ ପୀଡ଼ିତାଙ୍କୁ କେମୋଥେରାପି ନେବାର ଆବଶ୍ୟକତା ଅଛି କି ନାହିଁ ତାହା ନିର୍ଦ୍ଧାରଣ କରି ପାରନ୍ତି। ଦୀର୍ଘ ୧୦ ବର୍ଷର ଅନ୍ତରାଷ୍ଟ୍ରୀୟ ପରୀକ୍ଷଣ 'ଅପ୍ଟିମା'ରୁ ଏହା ମଧ୍ୟ ପ୍ରମାଣିତ ହୋଇଛି ଯେ, ପ୍ରୋସିଗ୍ନା ପରୀକ୍ଷାରେ ବିପଦର ଆଶଙ୍କା ଯଦି କମ୍ ଥାଏ ତେବେ କେମୋଥେରାପି ଏବଂ କେମୋଥେରାପି ଜନିତ ପାର୍ଶ୍ୱପ୍ରତିକ୍ରିୟାକୁ ଏଡ଼ାଇ ଦେଇ ହେବ। ପୀଡ଼ିତାଙ୍କୁ କେମୋଥେରାପି ବଦଳରେ କେବଳ ହରମୋନ୍ ଥେରାପି/ ରେଡିଓଥେରାପି ଦିଆଯାଇ ସୁରକ୍ଷିତ ଭାବେ ଚିକିତ୍ସା କରାଯାଇପାରିବ। ଏହାଦ୍ୱାରା ପୀଡ଼ିତା କେମୋଥେରାପିର ପାର୍ଶ୍ୱ ପ୍ରତିକ୍ରିୟାରୁ ବଞ୍ଚିତ ରହିପାରନ୍ତି।

## ଘର ବଇଦ: ହିକ୍‌କାର ଉପଚାର

ମୟୂର ଚନ୍ଦ୍ରିକାକୁ ଅନ୍ତର୍ଧୂମରେ ଭସ୍ମ କରି ସେହି ଭସ୍ମରେ ପିପ୍‌ପଳୀ ଚୂର୍ଣ୍ଣ ଓ ମହୁ ମିଶାଇ ରଖିବେ। ପ୍ରତି ୫ ମିନିଟ୍‌ରେ ସେଥିରୁ ଟିକିଏ ଲେଖାଏଁ ଚାଟି ଖାଇଲେ ହିକ୍କା ବନ୍ଦ ହୁଏ।

- କଞ୍ଚା କଇଥର ରସ, ମହୁ ଓ ପିପ୍‌ପଳୀ ଚୂର୍ଣ୍ଣ ସହିତ ଖାଇବେ।
- ବିରି ଚୂନାକୁ ଚିଲମରେ ପୂରାଇ ବା ସିଗାରେଟ ପରି କରି ନିଆଁ ଲଗାଇ ତାର ଧୂଆଁ ପିଇଲେ ହିକ୍କା ବନ୍ଦ ହୁଏ।
- ଶୁଖିଲା ହଳଦୀପତ୍ରକୁ ସିଗାରେଟ୍ ପରି କରି ଧୂଆଁ ପାନ କଲେ ଅତି ଦୁସ୍ତର ହିକ୍କା ବନ୍ଦ ହୁଏ।
- ଗୋଟିଏ କାଗେଜିଲେମ୍ବୁ ଭିତରେ ସାମାନ୍ୟ ସୈନ୍ଧବ ଲବଣ ପୁରାଇ ନିଆଁରେ ତତାଇ ଚିପୁଡ଼ି ଅଳ୍ପ ପାଣି ମିଶାଇ ପିଇଲେ ତତ୍କ୍ଷଣାତ୍ ହିକ୍କା ରୋଗ ଭଲ ହୁଏ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

## ହୃଦ୍‌ଘାତର ପ୍ରାଥମିକ ନିଦାନ

ବିଶୃଙ୍ଖଳିତ ଜୀବନଶୈଳୀ, ଅନିୟନ୍ତ୍ରିତ ଉଚ୍ଚରକ୍ତଚାପ ଓ ରକ୍ତ ଶର୍କରା ଆଦି ହୃଦ୍‌ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଛି। ଏହାଦ୍ୱାରା ଅଧିକାଂଶଙ୍କଠାରେ ହୃଦ୍‌ରୋଗ ଦେଖାଯାଏ। ତେଣୁ ହୃଦ୍‌ଘାତ ସମସ୍ୟାକୁ ଏଡ଼ାଇବା ପାଇଁ ପ୍ରାଥମିକ ପରୀକ୍ଷା ବିଷୟରେ ସମସ୍ତେ ସଚେତନ ହେବା ନିହାତି ଆବଶ୍ୟକ। କୌଣସି ବ୍ୟକ୍ତିଙ୍କର ଛାତିରେ ଯନ୍ତ୍ରଣା ହେବା, ଧଇଁ ସଇଁ ଲାଗିବା, ଅସ୍ୱାଭାବିକ ଭାବେ ହାଲିଆ ଲାଗିବା କିମ୍ବା ଛାତି ଧଡ଼ଧଡ଼ ହେବା ଆଦି ଲକ୍ଷଣ ଦେଖାଗଲେ କେତେଗୁଡ଼ିଏ ପ୍ରାଥମିକ ପରୀକ୍ଷା କରାଇବା ନିହାତି ଜରୁରି। ତନ୍ମଧ୍ୟରେ ରକ୍ତରେ କିଛି ପରୀକ୍ଷା ରହିଛି। ଯେପରିକି ସିବିସି, ରକ୍ତ ଶର୍କରା, ୟୁରିଆ କ୍ରିଏଟିନିନ୍, ଲିପିଡ଼ ପ୍ରୋଫାଇଲ ଏବଂ ଲିଭର ଫଙ୍କସନ୍ ଟେଷ୍ଟ ପ୍ରାଥମିକ ଭାବେ ପରୀକ୍ଷା କରାଇନେବା ଜରୁରି। ଏହା ପରେ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ହେଉଛି ଇସିଜି। ଅଳ୍ପ ଖର୍ଚ୍ଚରେ ଅନେକ ସ୍ଥାନରେ ସହଜରେ ଏହି ପରୀକ୍ଷା ହୋଇପାରେ। ଏହି ପରୀକ୍ଷାରୁ ହୃତ୍‌ପିଣ୍ଡ ସମ୍ବନ୍ଧୀୟ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳି ପାରିଥାଏ। ସେହିପରି ସ୍ୱତନ୍ତ୍ର ଭାବେ ହୃଦ୍‌ଘାତ ବିଷୟରେ ଜାଣିବା ପାଇଁ ରକ୍ତରେ ଗୋଟିଏ ନିର୍ଦ୍ଦିଷ୍ଟ ପରୀକ୍ଷା କରାଯାଇଥାଏ। ଏହି ପରୀକ୍ଷାକୁ ଟ୍ରୋପୋନିନ୍ (Troponin Test) କୁହାଯାଏ। ଏହା ମୁଖ୍ୟତଃ ଦୁଇ ପ୍ରକାରର ହୋଇଥାଏ। ଟ୍ରପ୍-ଟି ଏବଂ ଟ୍ରପ୍-ଆଇ। ଏହାପରେ କାର୍ଡିଓଲୋଜିଷ୍ଟ ରୋଗୀର ଇକୋ ପରୀକ୍ଷା କରି ହୃଦଯନ୍ତ୍ରର କାର୍ଯ୍ୟଦକ୍ଷତା ବିଷୟରେ ଅତ୍ୟାବଶ୍ୟକ ତଥ୍ୟ ହାସଲ କରିଥାନ୍ତି।

## କସମେଟିକ୍ ସର୍ଜରୀ ପରେ ତ୍ୱଚାର ଯତ୍ନ

ଆଧୁନା ଶରୀରର ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ କସମେଟିକ୍ ସର୍ଜରୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କସ୍‌ମେଟିକ୍ ସର୍ଜରୀ ପରେ ତ୍ୱଚାର ଯତ୍ନ ନେବା ଏକାନ୍ତ ଆବଶ୍ୟକ। ଆମ ରାଜ୍ୟର ଜଳବାୟୁ ଅଧିକ ଧୂଳିକଣା, ତାପମାତ୍ରା ଓ ଆର୍ଦ୍ରତାପୂର୍ଣ୍ଣ। ତେଣୁ ଚର୍ମ ସିଧାସଳଖ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିଲେ, ଅସ୍ତ୍ରୋପଚାର ସ୍ଥାନଟି କ୍ଷତି ହୋଇପାରେ। ଖରାଦିନେ ଘା' ଶୁଖିବାକୁ ସମୟ ଲାଗେ। ତେଣୁ ସର୍ଜରୀ ପରେ ୫ରୁ ୧୦ଦିନ ଖରାକୁ ବାହାରିବା ଅନୁଚିତ। ଏସି କିମ୍ବା ଫଙ୍ଖା ତଳେ ରହିବା ଆବଶ୍ୟକ। ରାସାୟନିକଯୁକ୍ତ ଉତ୍ପାଦ ବ୍ୟବହାର ନ କରି ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସନ୍‌ସ୍କ୍ରିନ୍ ବ୍ୟବହାର କରିବା ଫଳପ୍ରଦ। ସର୍ଜରୀ ପରେ ଅଧିକ ଝାଳ ଚର୍ମ ପାଇଁ କ୍ଷତିକାରକ। ଝାଳ ଅସ୍ତ୍ରୋପଚାର ସ୍ଥାନକୁ ଓଦାଳିଆ ରଖେ। ଏଠାରେ ଜୀବାଣୁ ବୃଦ୍ଧି ପାଇ ସଂକ୍ରମଣ ହୁଏ। ଏଥିପ୍ରତି ଧ୍ୟାନ ଦେବା ଜରୁରି। ସର୍ଜରୀ ପରେ ଅଧିକ ପରିଶ୍ରମ କରିବା ଅନୁଚିତ। ସର୍ଜରୀର ପାଞ୍ଚଦିନ ପରେ ଗାଧୋଇ ପାରିବେ। ଦିନକୁ ପ୍ରଚୁର ମାତ୍ରାର ପାଣି ପିଇବା ଆବଶ୍ୟକ। ସର୍ଜରୀ ପରେ ଡାକ୍ତରଙ୍କ ପରାମର୍ଶ ମାନିବା ନିହାତି ଆବଶ୍ୟକ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୫.୨୭ • ପାଉଣ୍ଡ ୧୨୮.୪୨
- ୟୁରୋ ୧୧୧.୦୬ • ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୪୩,୧୦୦ (ଭୁବନେଶ୍ୱର)
- ରୁପା : ୨,୮୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୪,୩୬୦.୦୦
- ନିଫ୍ଟି ୨୩,୪୧୬.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



## କେନ୍ଦ୍ରକୁ ଘାରିଲାଣି ତୈଳ ଦର ବୃଦ୍ଧି ଚିନ୍ତା

# ମାରାଥନ୍ ବୈଠକ; ଏବେ ଖର୍ଚ୍ଚ କାଟ୍

ନୂଆଦିଲ୍ଲୀ,୪।୬(ଏଜେନ୍ସି): ମଧ୍ୟପ୍ରାଚ୍ୟ ସଂଘର୍ଷ ବଢ଼ିବା ସହିତ କେନ୍ଦ୍ର ସରକାରଙ୍କ ପାଇଁ ବଢ଼ୁଥିବା ଆର୍ଥିକ କ୍ଷେତ୍ରରେ ଆହ୍ୱାନ ବଢ଼ିବାରେ ଲାଗିଛି। ଯୁଦ୍ଧ ଯୋଗୁ ତୈଳ ଆମଦାନୀ ବିଲ୍ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଗୋଟିଏ ପଟେ ଶକ୍ତି ସଙ୍କଟ ଆଉ ଗୋଟିଏ ପଟେ ଭାରତୀୟ ମୁଦ୍ରା 'ଟଙ୍କା' ରେକର୍ଡ ସର୍ବନିମ୍ନ ସ୍ତରକୁ ହ୍ରାସ। ମଧ୍ୟ ପ୍ରାଚ୍ୟ ସଙ୍କଟରେ ଅଶୋଧିତ ତୈଳ ମୂଲ୍ୟରେ ବୃଦ୍ଧି ସବ୍‌ସିଡି ବିଲ୍‌ରେ ଯଥେଷ୍ଟ ବୃଦ୍ଧି ଘଟାଇଲାଣି। ଏହି ସବ୍‌ସିଡି ବିଲ୍ ସରକାରଙ୍କ ଆର୍ଥିକ ଏକୀକରଣ ଯୋଜନାକୁ ପଥଚ୍ୟୁତ କରିବା ଆଶଙ୍କା ବଢ଼ାଇଛି। କେନ୍ଦ୍ରକୁ ତୈଳ ଦର ବୃଦ୍ଧି ଚିନ୍ତାଘାରିଥିବାବେଳେ ଖର୍ଚ୍ଚ କାଟ୍ ଏବେ ସରକାରଙ୍କ ପାଖରେ ଏକ ମାତ୍ର ବିକଳ୍ପ। କେମିତି ହେବ ଖର୍ଚ୍ଚ କାଟ୍ ସେଥିପାଇଁ ଚାଲିଛି ବୈଠକ ପରେ ବୈଠକ। ଏହାର ପ୍ରଥମ ପଦକ୍ଷେପ ସ୍ୱରୂପ ସରକାର ବଜେଟରେ ପ୍ରସ୍ତାବିତ ଖର୍ଚ୍ଚ ହ୍ରାସ କରିବେ। ଏହାକୁ ଦୃଷ୍ଟିରେ ରଖି ସରକାର ବଜେଟର କିଛି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଖର୍ଚ୍ଚ ହ୍ରାସ କରିବା ବିଷୟରେ ବିଚାର କରୁଛନ୍ତି। ସୂଚନାନୁଯାୟୀ, ଗତ ମାସରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଅନେକ ବୈଠକ କରି ଖର୍ଚ୍ଚ କାଟ୍‌ର କେତେକ ବିକଳ୍ପଗୁଡ଼ିକ ଉପରେ ସମୀକ୍ଷା କରାଯାଇଛି। ତଥାପି, ଏ ସମ୍ପର୍କରେ ଏ ଯାଏ କୌଣସି ନିଷ୍ପତ୍ତି ନିଆଯାଇନାହିଁ।

ଖର୍ଚ୍ଚ କାଟ୍ ପଦକ୍ଷେପରେ ପୁଞ୍ଜି ବ୍ୟୟ କିମ୍ବା ପ୍ରତିରକ୍ଷା ବଜେଟ୍ ହ୍ରାସ କରିବା ନେଇ ସରକାରଙ୍କର କମ୍ ଆଗ୍ରହ ରହିଛି। ଏହାବଦଳରେ, ଅଧିକାରୀମାନେ ଅନ୍ୟ କ୍ଷେତ୍ରଗୁଡ଼ିକର ସମୀକ୍ଷା କରୁଛନ୍ତି, ଯେଉଁଠାରେ ଖର୍ଚ୍ଚ ହ୍ରାସ କରାଯାଇପାରିବ। ଉଦାହରଣ ସ୍ୱରୂପ, ଜଳସମ୍ପଦ ପାଇଁ ଆବଣ୍ଟନ ଏବଂ ରାଜ୍ୟଗୁଡ଼ିକୁ ଋଣ। ପ୍ରାପ୍ତ ସୂଚନାନୁଯାୟୀ, ଆଲୋଚନା ଏ ପର୍ଯ୍ୟନ୍ତ ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଛି।




**ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବ**

**ହ୍ରାସ ହେବ ବଜେଟ୍ ଖର୍ଚ୍ଚ, ରାଜ୍ୟଙ୍କୁ ପାଣ୍ଠି ଯୋଗାଣ**

**ବଢ଼ୁଛି ସବ୍‌ସିଡି ବିଲ୍**

ବର୍ଷର ଦ୍ୱିତୀୟାର୍ଦ୍ଧରେ ଅଧିକାରୀମାନେ ପରିସ୍ଥିତିର ପୁନଃମୂଲ୍ୟାୟନ କରିବେ ବୋଲି ଆଶା କରାଯାଉଛି। ଯଦିଓ ଖର୍ଚ୍ଚ ହ୍ରାସ ଶେଷରେ କାର୍ଯ୍ୟକାରୀ ହୁଏ, ତେବେ ତାହା ନିଅଣ୍ଟକୁ ନିୟନ୍ତ୍ରଣ କରିବା ପାଇଁ ଯଥେଷ୍ଟ ନୁହେଁ, ବିଶେଷକରି ଯଦି ତୈଳ ମୂଲ୍ୟ ବର୍ତ୍ତମାନର ସ୍ତରରେ ରହେ। ସରକାର ପୂର୍ବରୁ ବିଦେଶୀ ପୁଞ୍ଜି ପ୍ରବାହକୁ ରୋକିବା, ଟଙ୍କାକୁ ସମର୍ଥନ କରିବା ଏବଂ ବିଦେଶୀ ନିବେଶକୁ ଆକର୍ଷିତ କରିବା ପାଇଁ ଅନେକ ପଦକ୍ଷେପ ଘୋଷଣା କରିସାରିଛନ୍ତି। ଏହି ସମୟରେ, ଭାରତୀୟ ରିଜର୍ଭ ବ୍ୟାଙ୍କ ନିରନ୍ତର ବଜାର ଅସ୍ଥିରତା ମଧ୍ୟରେ ଏହାର ବୈଦେଶିକ ମୁଦ୍ରା ଭଣ୍ଡାରକୁ ଆହୁରି ମଜବୁତ କରିବାକୁ ଚେଷ୍ଟା କରିଛି। ଏହାବାଦ୍ ଭାରତ ଚଳିତ ଆର୍ଥିକବର୍ଷ ପାଇଁ ସାର ସବ୍‌ସିଡି ୧.୭୧ ଟ୍ରିଲିୟନ ଟଙ୍କାର ବଜେଟ୍ କରିଛି। ତଥାପି, ଅଧିକାରୀମାନେ ଆକଳନ କରୁଛନ୍ତି ଯେ ଯଦି ବିଶ୍ୱ ବଜାରରେ ଶକ୍ତି ମୂଲ୍ୟ ଉଚ୍ଚ ରହେ ତେବେ ଏହି ବିଲ୍ ପ୍ରାୟ ଦ୍ୱିଗୁଣିତ ହୋଇପାରେ। ଏହାଛଡା ବ୍ୟୟ ହ୍ରାସ କରିବାର ଯେକୌଣସି ନିଷ୍ପତ୍ତି ପ୍ରଧାନମନ୍ତ୍ରୀ ମୋଦିଙ୍କ ପାଇଁ ରାଜନୈତିକ ଭାବରେ କଷ୍ଟକର ପ୍ରମାଣିତ ହୋଇପାରେ। ଏହା ଗ୍ରାମାଞ୍ଚଳ ପାଇଁ ସରକାରଙ୍କ ପ୍ରମୁଖ କଲ୍ୟାଣକାରୀ ଯୋଜନାଗୁଡ଼ିକୁ ପ୍ରତିକୂଳ ଭାବେ ପ୍ରଭାବିତ କରିବାର ଆଶଙ୍କା ସୃଷ୍ଟି କରିଥିଲା। ରାଜ୍ୟଗୁଡ଼ିକୁ ପାଣ୍ଠି ହ୍ରାସ କରିବା ମଧ୍ୟ ଏକ ରାଜନୈତିକ ବିବାଦୀୟ ପ୍ରସଙ୍ଗ ହୋଇପାରେ। ଅପରପକ୍ଷେ କେନ୍ଦ୍ର ସରକାରଙ୍କ ଟିକସ ରାଜସ୍ୱ ବଣ୍ଟନ ସେମାନଙ୍କ ପାଇଁ ନ୍ୟାୟସଙ୍ଗତ ନୁହେଁ, ଦର୍ଶାଇ ଦକ୍ଷିଣ ଭାରତର ଅନେକ ବିରୋଧୀ ଶାସିତ ରାଜ୍ୟ ପୂର୍ବରୁ ଚିନ୍ତା ପ୍ରକାଶ କରିସାରିଛନ୍ତି।

ଅପରପକ୍ଷେ, ତେଲ ଦାଡିରେ ବର୍ତ୍ତମାନ ମୁଦ୍ରାସ୍ଫୀତି କେନ୍ଦ୍ରୀୟ ବ୍ୟାଙ୍କର ୪% ଲକ୍ଷ୍ୟ ସ୍ତର ଅତିକ୍ରମ କରିବା ଆଶଙ୍କା ସୃଷ୍ଟି ହେଲାଣି। ଅର୍ଥନୀତିଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ, ଉଚ୍ଚ ତୈଳ ମୂଲ୍ୟ ୨୦୨୭ ମାର୍ଚ୍ଚରେ ଶେଷ ହେଉଥିବା ବର୍ଷରେ ମୋଟ ଘରୋଇ ଉତ୍ପାଦ (ଜିଡିପି) ର ୪.୩%ରେ ଆର୍ଥିକ ନିଅଣ୍ଟ ସୀମିତ ରଖିବା ପାଇଁ ସରକାରଙ୍କ ଲକ୍ଷ୍ୟକୁ ବିପଦରେ ପକାଇପାରେ। ତେବେ ଏହା ମହାମାରୀ ପରେ ପ୍ରଥମ ଥର ପାଇଁ ଆର୍ଥିକ ହ୍ରାସର କାରଣ ହୋଇପାରେ। ଗତ ସପ୍ତାହରେ ପ୍ରକାଶିତ ତଥ୍ୟ ଦର୍ଶାଉଛି ଯେ ଆର୍ଥିକ ବର୍ଷର ପ୍ରଥମ ମାସ ଏପ୍ରିଲରେ ଆର୍ଥିକ ନିଅଣ୍ଟ ପୂର୍ବ ବର୍ଷ ତୁଳନାରେ ପ୍ରାୟ ଦୁଇଗୁଣ ହୋଇ ୩.୬ ଟ୍ରିଲିୟନ ଟଙ୍କା ୩୭.୮ ବିଲିୟନ ଡଲାର)ରେ ପହଞ୍ଚିଛି। ଏହା ଘଟିଛି କାରଣ ସରକାରୀ ଖର୍ଚ୍ଚ ରାଜସ୍ୱ ପ୍ରାପ୍ତିଠାରୁ ବହୁତ ଅଧିକ ହେଲାଣି। ବର୍ଦ୍ଧିତ ବଜେଟ୍ ନିଅଣ୍ଟ ପୂରଣ କରିବା ପାଇଁ ସରକାରଙ୍କୁ ଅନ୍ୟତ୍ର ରାଜସ୍ୱ ସଂଗ୍ରହ କରିବାକୁ ପଡିବ କିମ୍ବା ଅଧିକ ଋଣ କରିବାକୁ ପଡିବ। ଏହି ବିଷୟ ସହିତ ପରିଚିତ ଅଧିକାରୀମାନେ କହିଛନ୍ତି ଯେ ସରକାର ବଜେଟ୍ ସୀମାଠାରୁ ଅଧିକ ଋଣ ନେବା ବିଷୟରେ ସତର୍କ ଅଛନ୍ତି। କାରଣ ଅତିରିକ୍ତ ଋଣ ପ୍ରଦାନ କରିବା ଦ୍ୱାରା ବଣ୍ଡ ଇଲ୍ଡ ବୃଦ୍ଧି ପାଇପାରେ।

**ଓଡ଼ିଶା ଦେଶର ସୌର ଶକ୍ତି ବିକାଶର ବିଜେତା**

## ଟାଟା ପାୱାରକୁ ପିଏମ୍ ସୂର୍ଯ୍ୟ ଘର ଏକ୍ସିଲେନ୍ସ ଆୱାର୍ଡ





ଭୁବନେଶ୍ୱର, ୪।୬(ସିମସ): ପିଏମ୍ ସୂର୍ଯ୍ୟ ଘର: ମୁଫ୍‌ତ ବିଜିଳି ଯୋଜନାର ସଫଳ ରୂପାୟନରେ ଓଡ଼ିଶା ଭାରତର ଅନ୍ୟତମ ଅଗ୍ରଣୀ ରାଜ୍ୟ ଭାବେ ମାନ୍ୟତା ପାଇଛି। ପ୍ରତିଷ୍ଠିତ ପିଏମ୍ ସୂର୍ଯ୍ୟ ଘର ଏକ୍ସିଲେନ୍ସ ଆୱାର୍ଡରେ ମଧ୍ୟମ ଧରଣର ଉପଭୋକ୍ତା ସଂଖ୍ୟା ଥିବା ଶ୍ରେଣୀରେ ଓଡ଼ିଶା, ରାଜ୍ୟଗୁଡ଼ିକ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। ୨୦୨୬ ମେ' ମାସରେ ସାରା ଦେଶରେ ଚାଲିଥିବା "ମନ୍‌ଥ ଅଫ୍ ସୋଲାର' ଅଭିଯାନ ସମୟରେ ଓଡ଼ିଶାର ଉଲ୍ଲେଖନୀୟ ପ୍ରଦର୍ଶନ ଯୋଗୁଁ ଏହି ସ୍ୱୀକୃତି ମିଳିଛି। ଓଡ଼ିଶା ସରକାର ଏବଂ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମ୍ ଗୁଡ଼ିକର ମିଳିତ ପ୍ରୟାସ ଯୋଗୁଁ ଏହି ସଫଳତା ସମ୍ଭବ ହୋଇଛି। ରାଜ୍ୟ ସରକାରଙ୍କ ସହ ମିଳିତ ଉଦ୍ୟୋଗ ଭାବେ କାର୍ଯ୍ୟ କରୁଥିବା ଏହି ଡିସକମ୍ ଗୁଡ଼ିକ ସାରା ଓଡ଼ିଶାରେ ରୁଫ୍‌ଟପ୍ ସୋଲାର କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ନୋଡାଲ ଏଜେନ୍ସି ହିସାବରେ କାର୍ଯ୍ୟ କରୁଛନ୍ତି। ଏହି ଯୋଜନା ଅଧୀନରେ ଓଡ଼ିଶା ପିଏମ୍ ସୂର୍ଯ୍ୟ ଘର କାର୍ଯ୍ୟକ୍ରମରେ ସର୍ବାଧିକ ସଂଖ୍ୟକ ଉପଭୋକ୍ତା ଆବେଦନ ପାଇଁ ପ୍ରଥମ ସ୍ଥାନ, ସର୍ବାଧିକ ରୁଫ୍‌ଟପ୍ ସୋଲାର ସ୍ଥାପନ କାର୍ଯ୍ୟକ୍ଷମ କରିବାରେ ପ୍ରଥମ ସ୍ଥାନ, ଡିସକମ୍ ଗୁଡ଼ିକ ଦ୍ୱାରା ସର୍ବାଧିକ ସଂଖ୍ୟକ ଟେକ୍ନିକାଲ ଇନ୍ସପେକ୍ସନ କ୍ଷେତ୍ରରେ ପ୍ରଥମ ସ୍ଥାନ ଏବଂ ରାଜ୍ୟର ସୌର ଶକ୍ତି ବ୍ୟବସ୍ଥାକୁ ଅଧିକ ଦୃଢ଼ କରି ସର୍ବାଧିକ ଭେଣ୍ଡର ପଞ୍ଜୀକରଣ କ୍ଷେତ୍ରରେ ତୃତୀୟ ସ୍ଥାନ ହାସଲ କରିଛି। ୨୦୨୬ ଜୁନ୍ ସୁଦ୍ଧା, ଓଡ଼ିଶା ପିଏମ୍ ସୂର୍ଯ୍ୟ ଘର ଅଭିଯାନ ଅଧୀନରେ ଏକ ଅସାଧାରଣ ପ୍ରଗତି ହାସଲ କରିଛି।

**ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବ**

# ଭାଙ୍ଗୁଛି ଘର ତିଆରି ସ୍ୱପ୍ନ

ନୂଆଦିଲ୍ଲୀ,୪।୬(ଏଜେନ୍ସି): ଭାରତ ହେଉଛି ବିଶ୍ୱର ଦ୍ୱିତୀୟ ସର୍ବବୃହତ ସିମେଣ୍ଟ ଉତ୍ପାଦନକାରୀ। ହେଲେ ଏହା ସତ୍ତ୍ୱେ ଦେଶରେ ସିମେଣ୍ଟ ମହଙ୍ଗା। ବ୍ରୋକରେଜ୍ ଫାର୍ମ ନୋମୁରା ଅନୁଯାୟୀ, ଜୁନ୍ ମାସରେ ସିମେଣ୍ଟ କମ୍ପାନୀଗୁଡ଼ିକ ପୁଣି ଥରେ ମୂଲ୍ୟ ବୃଦ୍ଧି କରିପାରନ୍ତି। ଏହାର ମୁଖ୍ୟ କାରଣ ହେଉଛି ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବୃଦ୍ଧି ଯୋଗୁଁ ଇନ୍ଧନ, ପରିବହନ ଏବଂ ଉତ୍ପାଦନ ଖର୍ଚ୍ଚରେ ବୃଦ୍ଧି। ପଶ୍ଚିମ ଏସିଆରେ ଉତ୍ତେଜନା ଯୋଗୁଁ ଅଶୋଧିତ ତେଲ ଦର ଯଥେଷ୍ଟ ବୃଦ୍ଧି ପାଇଛି। ସିମେଣ୍ଟ କମ୍ପାନୀଗୁଡ଼ିକ ଜୁନ୍ ମାସରେ ପ୍ରତି ବ୍ୟାଗ ସିମେଣ୍ଟ ମୂଲ୍ୟ ୫ ରୁ ୧୫ ଟଙ୍କା ବୃଦ୍ଧି କରିପାରନ୍ତି। ଯଦି ଏହା ହୁଏ, ତେବେ ଘର ତିଆରି ମହଙ୍ଗା ହୋଇଯିବ।

ବିଶ୍ୱର ଦ୍ୱିତୀୟ ସର୍ବବୃହତ ସିମେଣ୍ଟ ଉତ୍ପାଦକ ଭାରତ ଭାବେ ୨୦୨୪ରେ ଭାରତ ପ୍ରାୟ ୪୫୦ ନିୟୁତ ଟନ୍ ସିମେଣ୍ଟ ଉତ୍ପାଦନ କରିଥିଲା। ରାଜସ୍ଥାନ ଦେଶର ପ୍ରମୁଖ ସିମେଣ୍ଟ ଉତ୍ପାଦନକାରୀ ରାଜ୍ୟ। ସିମେଣ୍ଟ କମ୍ପାନୀଗୁଡ଼ିକ ଉତ୍ପାଦନ ଖର୍ଚ୍ଚ ପୂରଣ କରିବା ଏବଂ ଲାଭ ବଜାୟ ରଖିବା ପାଇଁ ଜୁନ୍ ମାସରେ ମୂଲ୍ୟ ବୃଦ୍ଧି କରିପାରନ୍ତି। ଏହା ବ୍ୟତୀତ, ଦକ୍ଷିଣ-ପୂର୍ବ ଏସୀୟ ବଜାରରେ ଚାହିଦା ମନ୍ଥର ରହିଛି। ୨୦୨୫ ସେପ୍ଟେମ୍ବର ଜିଏସ୍‌ଟି ପରିଷଦର ୫୬ତମ ବୈଠକରେ ସରକାର ସିମେଣ୍ଟ ଉପରେ ଜିଏସ୍‌ଟି ହାରରେ ୨୮% ରୁ ୧୮% ହ୍ରାସ କରିଥିଲେ। ନିର୍ମାଣ ଖର୍ଚ୍ଚ ହ୍ରାସ କରିବା ପାଇଁ ସରକାର ସେପ୍ଟେମ୍ବର ୨୨ଠାରୁ ସିମେଣ୍ଟ ଉପରେ ୧୮% ଜିଏସ୍‌ଟି ହାର ଲାଗୁ କରିଥିଲେ। ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଉତ୍ତେଜନା ଭାରତର ଅନେକ କ୍ଷେତ୍ରକୁ କ୍ଷତି ପହଞ୍ଚାଉଛି। ଏହି ଉତ୍ତେଜନା ଆମଦାନୀ ଏବଂ ରପ୍ତାନିକୁ ପ୍ରଭାବିତ କରିଛି। ତେଣୁ, ମୁଦ୍ରାସ୍ଫୀତି ହେବାର ଆଶଙ୍କା ରହିଛି। ଯଦି ମଧ୍ୟପ୍ରାଚ୍ୟ ଉତ୍ତେଜନା ଶୀଘ୍ର କମି ନ ଯାଏ, ତେବେ ଅନେକ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇପାରେ।




**ମହଙ୍ଗା ହେବ ସିମେଣ୍ଟ**

**ବ୍ୟାଗ୍ ପିଛା ଦର ୧୫ ଟଙ୍କା ବଢ଼ିପାରେ**

**ଭାରତ ବିଶ୍ୱର ଦ୍ୱିତୀୟ ବୃହତ ସିମେଣ୍ଟ ଉତ୍ପାଦନକାରୀ**

**ନୋମ୍ୟୁରା ରିପୋର୍ଟ**

# ରାଜେଶ ଏକ୍ସପୋର୍ଟ୍ସରେ ୧୫ ଲକ୍ଷ କୋଟିର ସ୍କାମ୍

ନୂଆଦିଲ୍ଲୀ, ୪।୬ (ଏଜେନ୍ସି): ଦେଶରେ ଆଉ ଏକ ବଡ଼ ଜାଲିଆତି ଘଟଣାର ହୋଇଛି ପର୍ଦ୍ଦାଫାଶ। ଭାରତୀୟ ପ୍ରତିଭୂମି ବିନିମୟ ବୋର୍ଡ (ସେବି) ଜୁଏଲାରୀ କମ୍ପାନୀ ରାଜେଶ ଏକ୍ସପୋର୍ଟ୍ସରେ ୧୫ ଲକ୍ଷ କୋଟି ଟଙ୍କାର ସ୍କାମ୍ ର ଖୁଲାସା କରିଛି। ସେବି ଅଭିଯୋଗ ଅନୁଯାୟୀ, ରାଜେଶ ଏକ୍ସପୋର୍ଟ୍ସ ଜାଲିଆତି କରି ୧୫.୧୫ ଲକ୍ଷ କୋଟି ଟଙ୍କାର ରାଜସ୍ୱ ଦର୍ଶାଇଛି। ଏହାପରେ ସେବି ରାଜେଶ ଏକ୍ସପୋର୍ଟସର ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷ ବେଙ୍ଗାଲୁରୁର ବାସିନ୍ଦା ୬୦ ବର୍ଷୀୟ ରାଜେଶ ଜେ.ମେହେଟ୍ଟାଙ୍କୁ କମ୍ପାନୀର ସେୟାରରେ ଟ୍ରେଡିଂ ଉପରେ ପରେ ସମ୍ପୂର୍ଣ୍ଣ ରୋକ୍ ଲଗାଇଛି। ବଜାର ନିୟାମକ ଏ ନେଇ ଏକ ଅନ୍ତରୀଣ ଆଦେଶ ମଧ୍ୟ ଜାରି କରିଛି। ସେବିର ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ, ରାଜେଶ ଏକ୍ସପୋର୍ଟସ ନିଜର ମୋଟ ରୋଜଗାରର ପ୍ରାୟ ୯୭%ରୁ ୯୯% ଅଂଶ ଜାଲ୍ କିମ୍ବା ବଢ଼େଇ ଚଢ଼େଇ ଦେଖାଇଛି। ସେବି ତା'ର ୧୦୯ ପୃଷ୍ଠାର ଅନ୍ତରୀଣ ଆଦେଶରେ ଏହି ଅନିୟମିତତାକୁ ଇତିହାସର ସବୁଠାରୁ ଗମ୍ଭୀର ଆର୍ଥିକ ଅନିୟମିତତା ମଧ୍ୟରୁ ଅନ୍ୟତମ ବୋଲି କହିଛି। ଏହି ବଡ଼ କାର୍ଯ୍ୟାନୁଷ୍ଠାନ ପରେ କେବଳ କମ୍ପାନୀର ସେୟାର ମୂଲ୍ୟରେ ହ୍ରାସ ପାଇନାହିଁ, ବରଂ ଦେଶର ସବୁଠାରୁ ବଡ଼ ସରକାରୀ ବୀମା କମ୍ପାନୀ ଏଲଆଇସିକୁ ମଧ୍ୟ ବଡ଼ ଝଟକା ଲାଗିଛି।

୧୯୮୯ରେ ରାଜେଶ ଜେ.ମେହେଟ୍ଟା ରାଜେଶ ଏକ୍ସପୋର୍ଟ୍ସ କମ୍ପାନୀ ଆରମ୍ଭ କରିଥିଲେ। ରାଜେଶ ଅତି କମ୍ ବୟସରେ ମୂଲ୍ୟବାନ ଧାତୁ ବ୍ୟବସାୟରେ ପାଦ ଦେଇଥିଲେ। ସେ ନିଜର କଲେଜ ପାଠପଢ଼ା ମଝିରୁ ଛାଡି ଦେଇଥିଲେ ଏବଂ ଆରମ୍ଭରେ ରୁପା ବ୍ୟବସାୟ କରିବା ଆରମ୍ଭ କରିଥିଲେ। ପରେ ସେ ଧୀରେ ଧୀରେ ସୁନା ଏବଂ ଅଳଙ୍କାରର ବଡ଼ ବ୍ୟବସାୟରେ ପ୍ରବେଶ କରିଥିଲେ। ଏକ ସମୟରେ ରାଜେଶ ଏକ୍ସପୋର୍ଟସର ବିଜନେସ୍ ମଡେଲ ବେଶ ଶକ୍ତିଶାଳୀ ବୋଲି ବିବେଚନା କରାଯାଉଥିଲା। ଏହି କମ୍ପାନୀ ଅଶୋଧିତ ସୁନା କିଣି ତାକୁ ବିଶୁଦ୍ଧ ସୁନାରେ ରିଫାଇନ୍ କରି ଅଳଙ୍କାର ତିଆରି କରେ ଏବଂ ପରେ ବଜାରରେ ବିକ୍ରି କରେ। ରାଜେଶଙ୍କ କ୍ୟାରିୟର ଏବଂ କମ୍ପାନିର ଇତିହାସରେ ସବୁଠାରୁ ବଡ଼ ମୋଡ଼ ୨୦୧୫ ରେ ଆସିଥିଲା। ସେହି ବର୍ଷ ରାଜେଶ ଏକ୍ସପୋର୍ଟସ୍ ସ୍ୱିଜରଲ୍ୟାଣ୍ଡର ପ୍ରସିଦ୍ଧ ରିଫାଇନେରୀ 'ଭାଲକାମ୍ବି' ଅଧିଗ୍ରହଣ କରିଥିଲା। ଭାଲକାମ୍ବିକୁ ବିଶ୍ୱର ସବୁଠାରୁ ବଡ଼ ଗୋଲ୍ଡ ରିଫାଇନିଂ ଫ୍ୟାସିଲିଟି ମଧ୍ୟରୁ ଗୋଟିଏ ବୋଲି କୁହାଯାଏ। ଏହି ଡିଲ୍ ପରେ ରାଜେଶ ମେହେଟ୍ଟାଙ୍କ ନାମ ବିଶ୍ୱ ବଜାରରେ ଚମକି ଉଠିଥିଲା। ସେଥିପାଇଁ ତାଙ୍କୁ 'ଗୋଲ୍ଡ କିଙ୍ଗ୍' କୁହାଯାଉଛି।





**ସେବି ପଞ୍ଝାରେ 'ଗୋଲ୍ଡ କିଙ୍ଗ୍' ରାଜେଶ ମହେଟ୍ଟା**

**୯୯% ରାଜସ୍ୱ ତଥ୍ୟ ଜାଲ୍**

**ଏଲ୍‌ଆଇସିକୁ ବଡ଼ ଝଟ୍‌କା**

ସେବି ତଥ୍ୟ ଅନୁଯାୟୀ, ରାଜେଶ ଏକ୍ସପୋର୍ଟସର ବାର୍ଷିକ ରାଜସ୍ୱ ପ୍ରାୟ ୩.୭୫ ଲକ୍ଷ କୋଟି ଟଙ୍କା ଏବଂ ପ୍ରାୟ ୧,୪୬୫ କୋଟି ଟଙ୍କାର ଶୁଦ୍ଧ ଲାଭ ଦର୍ଶାଉଛି। ସେୟାର ବଜାରରେ ଏହି କମ୍ପାନୀର ମୂଲ୍ୟ ପ୍ରାୟ ୯,୮୨୯ କୋଟି ଟଙ୍କା । କିନ୍ତୁ ସେବି କହିଛି ଯେ କମ୍ପାନୀ ନିଜର ମୋଟ ବିକ୍ରିକୁ ବଢ଼େଇ ଚଢ଼େଇ ଉପସ୍ଥାପନ କରିଛି। କମ୍ପାନୀର ପ୍ରାୟ ୯୭%ରୁ ୯୯% ରାଜସ୍ୱ ଜାଲ୍ ହେବା ଏକ ଆଶ୍ଚର୍ଯ୍ୟଜନକ ଘଟଣା ଯାହା ପୂର୍ବରୁ କେବେ ଶୁଣାଯାଇ ନ ଥିଲା । ରାଜେଶ ମେହେଟ୍ଟାଙ୍କ ଉପରେ ସେବିର ଏହି କାର୍ଯ୍ୟାନୁଷ୍ଠାନର ସିଧାସଳଖ ପ୍ରଭାବ ବୀମା କମ୍ପାନୀ ଏଲ୍‌ଆଇସି ଉପରେ ପଡିଛି। ଉଲ୍ଲେଖଯୋଗ୍ୟ ଯେ ରାଜେଶ ଏକ୍ସପୋର୍ଟସରେ ଏଲଆଇସିର ୧୦.୮ ପ୍ରତିଶତ ଅଂଶଧନ ରହିଛି । ସେବିର ଅନ୍ତରୀଣ ଆଦେଶ ଆସିବା ମାତ୍ରେ ଏଲଆଇସିର ସେୟାର ମୂଲ୍ୟରେ ୧ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ଦେଖାଯାଇଥିଲା। ବଜାର ବିଶେଷଜ୍ଞଙ୍କ ମତରେ ୧୫.୧୫ ଲକ୍ଷ କୋଟି ଟଙ୍କାର ରାଜସ୍ୱରେ ଏହି ବଡ଼ ଧରଣର ଅନିୟମିତତା ଅଭିଯୋଗ ଯୋଗୁଁ ରାଜେଶ ଏକ୍ସପୋର୍ଟସର ସେୟାର ମୂଲ୍ୟ ଦୀର୍ଘ ସମୟ ଧରି ତଳେ ରହିବ।

## ବେଦାନ୍ତ ଆଲୁମିନିୟମ ଝାରସୁଗୁଡା ପକ୍ଷରୁ ଗୌରବର ମାସର ଶୁଭାରମ୍ଭ




ଭୁବନେଶ୍ୱର,୪।୬(ସମିସ): ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହାର ଝାରସୁଗୁଡା ପ୍ଲାଣ୍ଟ କାର୍ଯ୍ୟରେ ଏକ ବିବିଧ ଏବଂ ଅନ୍ତର୍ଭୁକ୍ତୀମୂଳକ କର୍ମକ୍ଷେତ୍ର ନିର୍ମାଣ ପାଇଁ ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ଗୌରବର ମାସ ୨୦୨୬ ଥିମ୍ ଆମ ସମସ୍ତଙ୍କ ପାଇଁ' ସହିତ ସଂଯୁକ୍ତ, ଯାହା ବ୍ୟକ୍ତିମାନେ ଯେଉଁଠାରେ ରହିପାରିବେ ଏବଂ ମର୍ଯ୍ୟାଦା ଏବଂ ସତ୍ୟତା ସହିତ କାମ କରିପାରିବେ ସେଠାରେ ସ୍ଥାନ ସୃଷ୍ଟି କରିବାର ଗୁରୁତ୍ୱକୁ ଆଲୋକିତ କରିଛି, କମ୍ପାନୀ ଏହାର କାର୍ଯ୍ୟରେ ଅନ୍ତର୍ଭୁକ୍ତିମୂଳକ ନିଯୁକ୍ତି, ସମାନ ଅଭ୍ୟାସ ଏବଂ ସମ୍ମାନର ସଂସ୍କୃତି ମାଧ୍ୟମରେ ଦଳ ବିବିଧତାକୁ ସୁଦୃଢ଼ କରୁଛି। ଝାରସୁଗୁଡାରେ ଏହାର ମେଗା ଆଲୁମିନିୟମ ପ୍ଲାଣ୍ଟରେ, ଏହି ପ୍ରତିବଦ୍ଧତା ଏହାର ଦଳଗୁଡ଼ିକର ବିବିଧ ଗଠନରେ ପ୍ରତିଫଳିତ ହୋଇଛି। ପ୍ଲାଣ୍ଟର କର୍ମଚାରୀଙ୍କ ମଧ୍ୟରୁ ୨୧% ମହିଳା, ପଟ୍ଲାଇନ୍ ପରିଚାଳନା, ରକ୍ଷଣାବେକ୍ଷଣ, ଇଞ୍ଜିନିୟରିଂ ଏବଂ ବିଦ୍ୟୁତ୍ ପରିଚାଳନା ଏବଂ ନେତୃତ୍ୱ ଭୂମିକା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ କରିବ। ଏହି ପ୍ରୟାସ ଉପରେ ମତ ଦେଇ ବେଦାନ୍ତ ଆଲୁମିନିୟମ, ଝାରସୁଗୁଡାର ସିଇଓ ସି. ଚନ୍ଦ୍ରୁ କହିଛନ୍ତି, ଏକ ବିବିଧ କର୍ମଶକ୍ତି ବ୍ୟାପକ ଦୃଷ୍ଟିକୋଣ ଆଣିଥାଏ ଏବଂ ନିଷ୍ପତ୍ତି ଗ୍ରହଣକୁ ସୁଦୃଢ଼ କରିଥାଏ। ଅନ୍ତର୍ଭୁକ୍ତିକରଣ ଏକ ମୁଖ୍ୟ ବ୍ୟବସାୟିକ ପ୍ରାଥମିକତା ଯାହା ଆଧୁନିକ ସଂଗଠନଗୁଡ଼ିକୁ ସ୍ଥିର ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ହେବାକୁ ସକ୍ଷମ କରିଥାଏ।

## ବର୍ଦ୍ଧିତ ଶକ୍ତି ଖର୍ଚ୍ଚ, ଆକାଶମାର୍ଗ ସମ୍ବନ୍ଧୀୟ ପ୍ରତିବନ୍ଧକ

# ଜୁଲାଇ ୩ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ବହୁ ରୁଟ୍‌ରେ ଉଡ଼ିବନି ଇଣ୍ଡିଗୋ ବିମାନ

ନୂଆଦିଲ୍ଲୀ,୪।୬(ଏଜେନ୍ସି): ମଧ୍ୟ ପ୍ରାଚ୍ୟ ଅସ୍ଥିରତାରେ ବର୍ତ୍ତମାନର ବଜାର ଚାହିଦା, ବିମାନ ଚଳାଚଳ କ୍ଷେତ୍ରରେ ବଢ଼ୁଥିବା ଖର୍ଚ୍ଚ ଏବଂ ଆକାଶମାର୍ଗ ସମ୍ବନ୍ଧୀୟ କେତେକ ପ୍ରତିବନ୍ଧକକୁ ଦୃଷ୍ଟିରେ ରଖି ବିମାନ ସେବା ପ୍ରଦାନକାରୀ ଇଣ୍ଡିଗୋ କେତେକ ଅନ୍ତର୍ଜାତୀୟ ରୁଟ୍‌ରେ ବିମାନ ଚଳାଚଳ ବନ୍ଦ ରଖିବାକୁ

ନିଷ୍ପତ୍ତି ନେଇଛି। ଏୟାରଲାଇନ୍ସ ପକ୍ଷରୁ କେତେକ ନିର୍ଦ୍ଦିଷ୍ଟ ବିଦେଶ ରୁଟରେ ନିଜର ବିମାନ ସେବାକୁ ଅସ୍ଥାୟୀ ଭାବେ ବନ୍ଦ କିମ୍ବା ହ୍ରାସ କରିବାକୁ ଘୋଷଣା କରାଯାଇଛି। କେତେକ ଅନ୍ତର୍ଜାତୀୟ ରୁଟରେ ଜୁଲାଇ ୧ ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ବିମାନ ସଂଖ୍ୟା ହ୍ରାସ କରାଯିବ। ସେହିଭଳି କେତେକ ନିର୍ଦ୍ଦିଷ୍ଟ ରୁଟରେ ଜୁଲାଇ ୩ ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ବିମାନ ସେବା ସମ୍ପୂର୍ଣ୍ଣ ରୂପେ ବନ୍ଦ ରହିବ। ଏହି ଅନୁଯାୟୀ, ଜୁଲାଇ ୩ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଲଙ୍ଗକାଓ୍ୱି (ମାଲେସିଆ), କ୍ରାବି (ଥାଇଲ୍ୟାଣ୍ଡ), ହୋ ଚି ମିନ୍ ସିଟି (ଭିଏତ୍‌ନାମ), ହଂକଂ ସାଂଘାଇ (ଚୀନ୍) ଏବଂ ସିଏମ୍ ରିପ୍ (କାମ୍ବୋଡିଆ) ଭଳି ପ୍ରମୁଖ ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ ବିମାନ ସେବା ସମ୍ପୂର୍ଣ୍ଣ ରୂପେ ସ୍ଥଗିତ ରହିବ। କମ୍ପାନୀ ସ୍ପଷ୍ଟ କରିଛି ଯେ, ଏହି ସବୁ ରୁଟ୍ ପାଇଁ ଆସନ୍ତା ଅକ୍ଟୋବର ପହିଲାରୁ ପୁଣିଥରେ ବୁକିଂ ଆରମ୍ଭ କରାଯିବ। ତେବେ ଯଦି ବଜାରର ସ୍ଥିତି ଏବଂ ଯାତ୍ରୀଙ୍କ ଚାହିଦାରେ ସୁଧାର ଆସେ, ତେବେ କମ୍ପାନୀ ନିର୍ଦ୍ଧାରିତ ସମୟ ପୂର୍ବରୁ ମଧ୍ୟ ବିମାନ ସେବା ପୁନର୍ବାର ଚାଲୁ କରିପାରେ। ଏହି ଅସ୍ଥାୟୀ ପରିବର୍ତ୍ତନ ସତ୍ତ୍ୱେ ଇଣ୍ଡିଗୋର ସାପ୍ତାହିକ ୧,୮୦୦ ରୁ ଅଧିକ ପ୍ରମୁଖ ଅନ୍ତର୍ଜାତୀୟ ବିମାନ ସେବା ପୂର୍ବଭଳି ଜାରି ରହିବ।





**ଝାଙ୍ଗ୍ ୟିମିଂ ଏସିଆର ଦ୍ୱିତୀୟ ବଡ଼ ଧନୀ**

# ମୁକେଶ ଅମ୍ବାନୀଙ୍କୁ ପଛରେ ପକାଇଲେ ଟିକ୍‌ଟକ୍ ସଂସ୍ଥାପକ


ନୂଆଦିଲ୍ଲୀ,୪।୬(ଏଜେନ୍ସି): ଚୀନ୍ କମ୍ପାନୀ ବାଇଟଡାନ୍ସର ସହ- ସଂସ୍ଥାପକ ଝାଙ୍ଗ୍ ୟିମିଂ ହୋଇଛନ୍ତି ଏସିଆର ଦ୍ୱିତୀୟ ସବୁଠୁ ଧନୀ। ସେ ମୁକେଶ ଅମ୍ବାନୀଙ୍କୁ ପଛରେ ପକାଇଛନ୍ତି। ହେଲେ ଏସିଆର ଧନୀ ତାଲିକାରେ ପ୍ରଥମ ସ୍ଥାନରେ ଏବେ ବି ଗୌତମ ଆଦାନୀ ହିଁ ରହିଛନ୍ତି। ତେବେ ଝାଙ୍ଗଙ୍କ ସମ୍ପତ୍ତିରେ ଏହି ବୃଦ୍ଧି, ବାଇଟଡାନ୍ସ ଲିମିଟେଡର ମୂଲ୍ୟାୟନ ବଢ଼ିବା ଏବଂ ଚୀନ କମ୍ପାନୀର ଏଆଇ ମହତ୍ୱାକାଂକ୍ଷାରେ ଅଧିକ ପ୍ରଗତି ଯୋଗୁ ହୋଇଛି। ବ୍ଲୁମବର୍ଗ ବିଲେନିୟର୍ସ ଇଣ୍ଡେକ୍ସ ଅନୁସାରେ, ଝାଙ୍ଗଙ୍କ ସମୁଦାୟ ସମ୍ପତ୍ତି ବଢ଼ି ୯୨.୮ ବିଲିୟନ ଡଲାର ହୋଇଛି। ଏହାଦ୍ୱାରା ଚୀନର ସବୁଠୁ ଧନୀ ବ୍ୟକ୍ତି ଭାବରେ ତାଙ୍କ ସ୍ଥିତି ଆହୁରି ମଜଭୁତ ହୋଇଛି। ଏହା ପୂର୍ବରୁ ୨୦୧୯ରେ ବ୍ଲୁମବର୍ଗ ରିପୋର୍ଟ ଅନୁସାରେ, ଝାଙ୍ଗଙ୍କ ସମ୍ପତ୍ତି ୧୩ ବିଲିୟନ ଡଲାର ଥିଲା। ଅର୍ଥାତ ଏବେ ଝାଙ୍ଗଙ୍କ ସମ୍ପତ୍ତିରେ ପ୍ରାୟ ୭ ଗୁଣ ବୃଦ୍ଧି ହୋଇଛି।

ସୂଚନାଥାଉକି, ଏହି ବୃଦ୍ଧି ବାଇଟଡାନ୍ସର ଭିଡିଓ ଆପ୍ ଟିକଟକ୍ ଏବଂ ଏଆଇ ଚାଟବଟ୍ ଡୋବାଓର ସଫଳତା ମଧ୍ୟରେ ଆସିଛି। ଏହି ଆପ୍‌ର ମାସିକ ୟୁଜର ୩୦ କୋଟି ରହିଥିବା ବେଳେ, ଏହା ଚୀନର ସବୁଠୁ ଲୋକପ୍ରିୟ ଚାଟବଟ୍ ହୋଇଛି। ବାଇଟଡାନ୍ସ ଚଳିତ ବର୍ଷ ଆରମ୍ଭରେ ଆମେରିକାରେ ଏହାର ବ୍ୟବସାୟର କିଛି ଅଂଶକୁ ଆମେରିକୀୟ ନିବେଶକଙ୍କୁ ହସ୍ତାନ୍ତର କରିଥିଲା। ସାଂଘାଇ ସ୍ଥିତ କ୍ୟାପିଟାଲ ସିକ୍ୟୁରିଟିଜର ବିଶ୍ଳେଷକ ଏମି ଲିନ କହିଛନ୍ତି 'ମୂଲ୍ୟାୟନରେ ବୃଦ୍ଧି କମ୍ପାନିର ମଜଭୁତ ଭିତ୍ତିଭୂମି ଏବଂ ଚୀନରେ ଡୋବାଓ ଭଳି ଆପର ସଫଳତାକୁ ଦର୍ଶାଉଛି। ଆମେରିକାରେ ଘଟୁଥିବା ଘଟଣାର ଏହା ଉପରେ କୌଣସି ବଡ଼ ନକାରାତ୍ମକ ପ୍ରଭାବ ପଡ଼ିବାର ସମ୍ଭାବନା ନାହିଁ। ଝାଙ୍ଗ ପ୍ରଥମ ଥର ୨୦୨୫ରେ ଚୀନର ସବୁଠୁ ଧନୀ ବ୍ୟକ୍ତି ହୋଇଥିଲେ। ଅବଶ୍ୟ ସେ ପରେ ପୁଣି ପଛରେ ପଡ଼ିଯାଇଥିଲେ। ମାତ୍ର ଚଳିତ ବର୍ଷର ଆରମ୍ଭରେ ଏହି ପଦ ପୁଣି ହାସଲ କରିଛନ୍ତି ଝାଙ୍ଗ।



ଫିଫା ବିଶ୍ୱକପ୍
ଆଉ ୬ ଦିନ

# ଏଥର ଷ୍ଟାଡିୟମକୁ ପାଣି ବୋତଲ ମନା



ୱାସିଂଟନ,୪।୬(ଏଜେନ୍ସି): ଫୁଟବଲ୍‌ର ମହାକୁମ୍ଭ ଫିଫା ବିଶ୍ୱକପ୍‌ର ୨୩ତମ ସଂସ୍କରଣ ଜୁନ ୧୧ରୁ ଆରମ୍ଭ ହେବାକୁ ଯାଉଛି। ବିଶ୍ୱକପ୍ ଆରମ୍ଭ ହେବାକୁ ମାତ୍ର କିଛି ଦିନ ବାକି ଥିବାବେଳେ ଫୁଟବଲର ସର୍ବୋଚ୍ଚ ସଂସ୍ଥା 'ଫିଫା' ନିଜର ନିୟମାବଳୀରେ ଏକ ବଡ଼ ପରିବର୍ତ୍ତନ କରିଛି। ନୂତନ ନିୟମ ଅନୁଯାୟୀ, ମ୍ୟାଚ୍ ଦେଖିବାକୁ ଆସୁଥିବା ଦର୍ଶକମାନେ ଷ୍ଟାଡିୟମ ମଧ୍ୟକୁ କୌଣସି ପ୍ରକାରର ପୁନଃବ୍ୟବହାର ଯୋଗ୍ୟ (ରିୟୁଜେବଲ୍) ପାଣି ବୋତଲ ଆଣିପାରିବେ ନାହିଁ। ପୂର୍ବ ନିୟମରେ ବିଶ୍ୱକପ୍ ସମୟରେ ୧ ଲିଟର ପର୍ଯ୍ୟନ୍ତ ସ୍ୱଚ୍ଛ ପ୍ଲାଷ୍ଟିକ୍ ବୋତଲ ନେବାକୁ ଅନୁମତି ଥିଲା। ଜୁନ୍ ୨ ତାରିଖର ସଂଶୋଧିତ ନିୟମାବଳୀରେ ଏହାକୁ ସମ୍ପୂର୍ଣ୍ଣ ରୂପେ ନିଷେଧ କରାଯାଇଛି। ସୁରକ୍ଷା ଦୃଷ୍ଟିକୋଣରୁ ଏବଂ ଷ୍ଟାଡିୟମ ମଧ୍ୟରେ କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ଏହି କଟକଣା ଲଗାଯାଇଛି। ତେବେ ଫିଫାର ଏହି ନିଷ୍ପତ୍ତିକୁ ନେଇ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କାରଣ ଦର୍ଶକମାନେ ଏବେ ବାହାରୁ ବୋତଲ ଆଣି ଷ୍ଟାଡିୟମ ଭିତରେ ଥିବା ଜଳଛତ୍ରରୁ ପାଣି ଭରିପାରିବେ ନାହିଁ। ସେମାନଙ୍କୁ କେବଳ ଭିତରେ ବିକ୍ରି ହେଉଥିବା ପାଣି ବୋତଲ ଉପରେ ନିର୍ଭର କରିବାକୁ ପଡ଼ିବ। ସୂଚନାଯୋଗ୍ୟ ଯେ, ଏଥର ବିଶ୍ୱକପ୍‌ରେ ମୋଟ ୪୮ଟି ଦେଶରୁ ୧,୨୪୮ ଜଣ ଫୁଟବଲର ଭାଗ ନେଉଛନ୍ତି।

'ପ୍ରିନ୍‌ସେସ୍ ଅଫ୍ ଆଷ୍ଟୁରିଆସ୍' ପୁରସ୍କାର

## ମେସି ବିଶ୍ୱର ପ୍ରଥମ ଫୁଟବଲର୍

ନୂଆଦିଲ୍ଲୀ,୪।୬(ଏଜେନ୍ସି): କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କିମ୍ବଦନ୍ତୀ ଫୁଟ୍‌ବଲ ଖେଳାଳି ଲିଓନେଲ ମେସିଙ୍କୁ 'ପ୍ରିନ୍‌ସେସ୍ ଅଫ୍ ଆଷ୍ଟୁରିଆସ୍' ପୁରସ୍କାରରେ ସମ୍ମାନିତ କରାଯାଇଛି। କ୍ରୀଡ଼ା ଜଗତର ଏହି ସମ୍ମାନଜନକ ପୁରସ୍କାର ପାଇବାରେ ମେସି ବିଶ୍ୱର ପ୍ରଥମ ଫୁଟବଲ୍ ଖେଳାଳି ହେବାର ଗୌରବ ହାସଲ କରିଛନ୍ତି। କଳା, ସାହିତ୍ୟ, ବିଜ୍ଞାନ, ସାମାଜିକ ଗବେଷଣା ଏବଂ କ୍ରୀଡ଼ା କ୍ଷେତ୍ରରେ ଅସାଧାରଣ ସଫଳତା ପାଇଁ ଏହି ଆନ୍ତର୍ଜାତୀୟ ପୁରସ୍କାର ପ୍ରଦାନ କରାଯାଇଥାଏ। ଏହି ବିଶେଷ ସମ୍ମାନ ମିଳିବା ପରେ ମେସି ଖୁସି ବ୍ୟକ୍ତ କରିଛନ୍ତି। ମେସି କହିଛନ୍ତି ଯେ କେବଳ ପଡ଼ିଆ ଭିତରେ ନୁହେଁ ବରଂ ପଡ଼ିଆ ବାହାରେ ମଧ୍ୟ ତାଙ୍କର କାର୍ଯ୍ୟକୁ ସ୍ୱୀକୃତି ମିଳିଥିବାରୁ ସେ ଅତ୍ୟନ୍ତ ଗର୍ବିତ ଓ କୃତଜ୍ଞ। ମେସି ନିଜର ଉଜ୍ଜ୍ୱଳମୟ କ୍ୟାରିୟରରେ ଆର୍ଜେଣ୍ଟିନା ପାଇଁ ୨୦୨୨ ବିଶ୍ୱକପ୍, ଦୁଇଟି କୋପା ଆମେରିକା ଏବଂ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। କ୍ଲବ୍ ସ୍ତରରେ ବାର୍ସିଲୋନା ଏବଂ ଇଣ୍ଟର ମିଆମି ପାଇଁ ଅନେକ ପ୍ରମୁଖ ଚାମ୍ପିଅନସିପ୍ ଜିତିବା ସହ ସେ ବ୍ୟକ୍ତିଗତ ଭାବେ ରେକର୍ଡ ୮ ଥର 'ବାଲନ୍ ଡି ଅର୍' ପୁରସ୍କାର ମଧ୍ୟ ହାସଲ କରିଛନ୍ତି। ପୂର୍ବରୁ ରାଫେଲ୍ ନାଦାଲ, ମାଇକେଲ୍ ସୁମାକର ଏବଂ ସେରେନା ୱିଲିୟମ୍ସଙ୍କ ଭଳି କିମ୍ବଦନ୍ତୀ ଖେଳାଳିମାନେ ଏହି ପୁରସ୍କାର ପାଇଥିଲେ। ଏବେ ଏହି ତାଲିକାରେ ବିଶ୍ୱର ପ୍ରଥମ ଫୁଟବଲର୍ ଭାବେ ମେସିଙ୍କ ନାମ ସାମିଲ ହୋଇଛି।




## ମେସିଙ୍କୁ ଦେଖିବାକୁ ପ୍ରବଳ ଭିଡ଼

କାନସାସ୍ ସିଟି,୪।୬(ଏଜେନ୍ସି): ଆସନ୍ତା ସପ୍ତାହରୁ ଆରମ୍ଭ ହେବାକୁ ଥିବା ଫିଫା ବିଶ୍ୱକପ୍ ପୂର୍ବରୁ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ଦଳ ଆମେରିକାର କାନସାସ୍ ସିଟିରେ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଦେଇଛି। ଆର୍ଜେଣ୍ଟିନାର ପ୍ରଥମ ଓପନ୍ ଟ୍ରେନିଂ ସେସନ୍‌କୁ ଦେଖିବା ପାଇଁ ଶତାଧିକ ସାମ୍ବାଦିକ ଓ ପ୍ରଶଂସକଙ୍କ ଭିଡ଼ ଜମିଥିଲା। ଆସନ୍ତା ଜୁନ୍ ୧୬ରେ ଆଲଜେରିଆ ବିପକ୍ଷ ମ୍ୟାଚ୍‌ରୁ ଆର୍ଜେଣ୍ଟିନା ନିଜର ଟାଇଟଲ୍ ରକ୍ଷା ଅଭିଯାନ ଆରମ୍ଭ କରିବ। ଷ୍ଟାର୍ ଖେଳାଳି ଲିଓନେଲ୍ ମେସି ମାଂସପେଶୀ ଜନିତ ଆଘାତ ସମସ୍ୟା ଯୋଗୁଁ ଅଲଗା ଭାବେ ହାଲୁକା ୱାର୍ମଅପ୍ କରୁଛନ୍ତି। ଆଘାତ ଯୋଗୁଁ ମେସି ହୋଣ୍ଡୁରାସ୍ ଏବଂ ଆଇସଲ୍ୟାଣ୍ଡ ବିପକ୍ଷ ଆଗାମୀ ଦୁଇଟି ଅଭ୍ୟାସ ମ୍ୟାଚ୍‌ରେ ଖେଳିବା ଆଶା କମ୍ ରହିଛି। କୋଚ୍ ଲିଓନେଲ୍ ସ୍କାଲୋନିଙ୍କ ୨୬ ଜଣିଆ ଦଳରେ ୧୭ ଜଣ ଏଭଳି ଖେଳାଳି ଅଛନ୍ତି, ଯେଉଁମାନେ ୨୦୨୨ କାତାର ବିଶ୍ୱକପ୍ ବିଜେତା ଦଳର ସଦସ୍ୟ ଥିଲେ। ଆର୍ଜେଣ୍ଟିନା ଦଳ ବୁଏନସ୍ ଆଇରିସ୍‌ରୁ ଏକ ସ୍ୱତନ୍ତ୍ର ଚାର୍ଟାର୍ଡ ବିମାନ ଯୋଗେ ଆମେରିକା ପହଞ୍ଚିଛି। ଏହି ବିମାନର ନମ୍ବର '୧୯୭୮' ରଖାଯାଇଥିଲା, ଯାହା ଆର୍ଜେଣ୍ଟିନାର ପ୍ରଥମ ବିଶ୍ୱକପ୍ ବିଜୟ ବର୍ଷକୁ ସୂଚାଉଛି। ବିମାନର ପଛ ଭାଗରେ ମେସିଙ୍କ ୧୦ ନମ୍ବର ଜର୍ସିର ରଙ୍ଗ ଦିଆଯାଇଛି।



## ୩୨ ବର୍ଷ ବୟସରେ ଅବସର ନେଲେ ଭରତ

ବିଶାଖାପାଟନମ, ୪।୬ (ଏଜେନ୍ସି): ଦୁଇବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଜାତୀୟ ଦଳରୁ ଅଣଦେଖା ହେବାପରେ କେଏସ୍ ଭରତ ଅଚାନକ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ଘୋଷଣା କରିଛନ୍ତି। ୩୨ ବର୍ଷୀୟ ଏହି ଆନ୍ଧ୍ର ୱିକେଟକିପର ବ୍ୟାଟର୍ ଭାରତ ପକ୍ଷରୁ ୭ଟି ଟେଷ୍ଟ ମ୍ୟାଚ୍ ଖେଳିବାର ସୌଭାଗ୍ୟ ଲାଭ କରିଥିଲେ। ୨୦୨୩ରେ ବର୍ଡର-ଗାଭାସ୍କର ସିରିଜରେ ନାଗପୁରରେ ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ମ୍ୟାଚ୍ ଖେଳି ଭରତ ଭାରତ ପାଇଁ ଟେଷ୍ଟ ପଦାର୍ପଣ କରିଥିଲେ। ସେ ତାଙ୍କର ଶେଷ ଟେଷ୍ଟ ୨୦୨୪ରେ ବିଶାଖାପାଟନମରେ ଇଂଲଣ୍ଡ ବିପକ୍ଷରେ ଖେଳିଥିଲେ। ୭ଟି ଟେଷ୍ଟ ସୁଯୋଗ ପାଇଥିବା ଭରତଙ୍କ ପ୍ରଦର୍ଶନ ବେଶ୍ ନୈରାଶ୍ୟଜନକ ରହିଥିଲା। ସେ ୨୦.୦୯ ଆଭରେରେ ମାତ୍ର ୨୨୧ ରନ ସଂଗ୍ରହ କରିଥିଲେ। ୪୪ ରନ ତାଙ୍କର ଶ୍ରେଷ୍ଠ ପାଳି ଥିଲା। ସେହିଭଳି ଆଇପିଏଲ୍‌ରେ ସେ ଆରସିବି ଓ ଦିଲ୍ଲୀ ପାଇଁ ୧୦ଟି ମ୍ୟାଚ୍ ଖେଳି ମୋଟ୍ ୧୯୯ ରନ ସଂଗ୍ରହ କରିଥିଲେ।



## ୟଙ୍ଗ୍‌ଙ୍କ ବିପକ୍ଷରେ ସିନ୍ଧୁଙ୍କ କ୍ରମାଗତ ୧୦ମ ପରାଜୟ

ଜାକର୍ତ୍ତା,୪।୬(ଏଜେନ୍ସି): ଦୁଇ ଥରର ଅଲିମ୍ପିକ୍ ପଦକ ବିଜୟିନୀ ପିଭି ସିନ୍ଧୁଙ୍କ ଇଣ୍ଡୋନେସିଆ ଓପନ୍‌ରେ ଅଭିଯାନ ଶେଷ ହୋଇଛି। ଗୁରୁବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ପ୍ରି-କ୍ୱାର୍ଟରଫାଇନାଲ୍ ମ୍ୟାଚ୍‌ରେ ସିନ୍ଧୁ ୧୭-୨୧, ୧୪-୨୧ ସିଧାସଳଖ ଗେମ୍‌ରେ ବିଶ୍ୱର ଏକ ନମ୍ବର ଖେଳାଳି ଆନ୍ ସେ ୟଙ୍ଗ୍‌ଙ୍କଠାରୁ ପରାସ୍ତ ହୋଇଛନ୍ତି। ଏହାକୁ ମିଶାଇ ୟଙ୍ଗ୍‌ଙ୍କ ବିପକ୍ଷରେ ସିନ୍ଧୁଙ୍କର ଏହା ଲଗାତର ୧୦ମ ପରାଜୟ। ଗତ ସପ୍ତାହରେ ସିଙ୍ଗାପୁର ଓପନ୍ କ୍ୱାର୍ଟରଫାଇନାଲ୍‌ରେ ମଧ୍ୟ ସିନ୍ଧୁ ଏହି ଦକ୍ଷିଣ କୋରିଆ ଖେଳାଳିଙ୍କଠାରୁ ହାରିଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ସିନ୍ଧୁ କ୍ୟାରିୟରରେ ଥରେ ହେଲେ ମଧ୍ୟ ୟଙ୍ଗ୍‌ଙ୍କୁ ପରାସ୍ତ କରିବାରେ ସଫଳ ହୋଇନାହାନ୍ତି। ସେହିପରି ପୁରୁଷ ସିଙ୍ଗଲ୍ସରେ ଭାରତର ଆୟୂଷ ସେଟ୍ଟୀ ପରାସ୍ତ ହୋଇ ବିଦାୟ ନେଇଛନ୍ତି।



■ କୁସ୍ତି ମହାସଂଘକୁ 'ସୁପ୍ରିମ' ଝଟ୍‌କା

## ବିନେଶ ଫୋଗତଙ୍କ ବିରୋଧୀ ଆବେଦନ ଖାରଜ

ନୂଆଦିଲ୍ଲୀ,୪।୬(ଏଜେନ୍ସି): ଭାରତୀୟ କୁସ୍ତି ମହାସଂଘ ଏବଂ କୁସ୍ତିଯୋଦ୍ଧା ବିନେଶ ଫୋଗତଙ୍କ ମଧ୍ୟରେ ଚାଲିଥିବା ବିବାଦରେ ସୁପ୍ରିମକୋର୍ଟ ଏକ ବଡ଼ ନିଷ୍ପତ୍ତି ଶୁଣାଇଛନ୍ତି। ଦିଲ୍ଲୀ ହାଇକୋର୍ଟଙ୍କ ନିଷ୍ପତ୍ତି ବିରୋଧରେ କୁସ୍ତି ମହାସଂଘ ଦାୟର କରିଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ପୂର୍ବରୁ ହାଇକୋର୍ଟ ବିନେଶଙ୍କୁ ଜାତୀୟ ଚୟନ ପ୍ରତିଯୋଗିତାରେ ଭାଗ ନେବାକୁ ଅନୁମତି ଦେଇଥିଲେ। ମାତୃତ୍ୱ କାରଣରୁ ମହିଳା ଆଥଲେଟ୍‌ଙ୍କୁ ଦଳରୁ ବାଦ୍ ଦିଆଯାଇପାରିବ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଥିଲେ। ଏଥିସହ ଫୋଗତଙ୍କ ବିରୋଧରେ କୁସ୍ତି ମହାସଂଘର କାର୍ଯ୍ୟାନୁଷ୍ଠାନକୁ କୋର୍ଟ କଡ଼ା ସମାଲୋଚନା କରିଥିଲେ। ଏବେ ସୁପ୍ରିମକୋର୍ଟ ଏହି ମାମଲାରେ ପରବର୍ତ୍ତୀ ଘଟଣାବଳୀକୁ ଦୃଷ୍ଟିରେ ରଖି ମହାସଂଘର ଆବେଦନର କୌଣସି ଆବଶ୍ୟକତା ନାହିଁ ବୋଲି କହି ଏହାକୁ ଖାରଜ କରିଛନ୍ତି। ଯାହା ବିନେଶଙ୍କ ପାଇଁ ଏକ ବଡ଼ ଆଇନଗତ ବିଜୟ ସଦୃଶ ହୋଇଛି।



ଆଫଗାନିସ୍ତାନ ବିପକ୍ଷ ଦିନିକିଆ ସିରିଜ୍

## ଆହତ ସମସ୍ୟା ଲାଗି ବାଦ୍ ପଡ଼ିଲେ କୋହଲି

ନୂଆଦିଲ୍ଲୀ, ୪।୬ (ଏଜେନ୍ସି): ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ଆଫଗାନିସ୍ତାନ ବିପକ୍ଷ ଆଗାମୀ ଦିନିକିଆ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ସଦ୍ୟ ସମାପ୍ତ ଆଇପିଏଲ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)କୁ କ୍ରମାଗତ ଦ୍ୱିତୀୟଥର ଚାମ୍ପିଅନ୍ କରାଇବାରେ କୋହଲି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତେବେ ଗୁଜରାଟ ଟାଇଟାନ୍ସ ବିପକ୍ଷ ଫାଇନାଲ ମ୍ୟାଚ୍ ସମୟରେ କୋହଲିଙ୍କ ମାଂସପେଶୀ ଟାଣି ହୋଇଯାଇଥିଲା। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ସୂଚନା ଅନୁଯାୟୀ, ଏହି ଆଘାତ ଯୋଗୁଁ ସେ ଆଫଗାନିସ୍ତାନ ସହ ଦିନିକିଆ ସିରିଜ୍ ଖେଳିପାରିବେ ନାହିଁ। ବିରାଟଙ୍କ ଅନୁପସ୍ଥିତିରେ ଚେନ୍ନଇ ସୁପର କିଙ୍ଗସ (ସିଏସ୍‌କେ)ର ଅଧିନାୟକ ଋତୁରାଜ ଗାଇକୱାଡ଼ଙ୍କୁ ଦଳରେ ସାମିଲ କରାଯିବାର ସମ୍ଭାବନା ରହିଛି। ଅପରପକ୍ଷରେ, ନିୟମିତ ଅଧିନାୟକ ରୋହିତ ଶର୍ମାଙ୍କ ଖେଳିବା ନେଇ ମଧ୍ୟ ଅନିଶ୍ଚିତତା ଲାଗି ରହିଛି, କାରଣ ସେ ଏପର୍ଯ୍ୟନ୍ତ ନିଜର ଶାରୀରିକ ଯୋଗ୍ୟତା ପରୀକ୍ଷା ପାଇଁ ରିପୋର୍ଟ କରିନାହାନ୍ତି। ଯଦି ରୋହିତ ବାଦ୍ ପଡ଼ନ୍ତି, ତେବେ ଦଳରେ ଯୁବ ଖେଳାଳିମାନଙ୍କୁ ଅଧିକ ସୁଯୋଗ ମିଳିବ। ଗତ ବର୍ଷ ଦିନିକିଆ କ୍ରିକେଟରେ ୪ଟି ଶତକ ସହ ୬୫୧ ରନ୍ ସଂଗ୍ରହ କରି ଶୀର୍ଷ ମାନ୍ୟତା ହାସଲ କରିଥିବା ବିରାଟଙ୍କ ଭଳି ଜଣେ ଅଭିଜ୍ଞ ଖେଳାଳି ବାଦ୍ ପଡ଼ିବା ଦ୍ୱାରା ଏହି ସିରିଜର ଆକର୍ଷଣ କମିଯିବ ବୋଲି ଆଶଙ୍କା କରାଯାଉଛି।



## ବିସିସିଆଇର ସ୍ୱତନ୍ତ୍ର ଅବସର ନୀତି

ଆପେକ୍ସ କାଉନସିଲ୍ ନେବ ନିଷ୍ପତ୍ତି

ନୂଆଦିଲ୍ଲୀ,୪।୬(ଏଜେନ୍ସି): ବିସିସିଆଇ ନିଜର ଖେଳାଳିଙ୍କ ପାଇଁ ଏକ ସ୍ୱତନ୍ତ୍ର ଅବସର ନୀତି ପ୍ରସ୍ତୁତ କରିବାକୁ ଯାଉଛି। ବହୁ ଭାରତୀୟ ଖେଳାଳି ବିଦେଶୀ ଲିଗ୍‌ଗୁଡ଼ିକରେ ଖେଳିବା ପାଇଁ କ୍ରିକେଟରୁ ଶୀଘ୍ର ଅବସର ନେଉଥିବାରୁ ଏହି ପ୍ରସଙ୍ଗ ସାମ୍ନାକୁ ଆସିଛି। ନିକଟରେ ବିଜୟ ଶଙ୍କର ଭାରତୀୟ କ୍ରିକେଟରୁ ଅବସର ନେଇ ଲଙ୍କା ପ୍ରିମିୟର ଲିଗ୍ (ଏଲ୍‌ପିଏଲ୍)ର କାଣ୍ଡି ରୟାଲ୍ସ ଦଳରେ ସାମିଲ ହେବା ଏହାର ସଦ୍ୟତମ ଉଦାହରଣ। ପୂର୍ବରୁ ଦିନେଶ କାର୍ତ୍ତିକ, ଯୁବରାଜ ସିଂହ ଏବଂ ଇର୍ଫାନ ପଠାନଙ୍କ ଭଳି ଖେଳାଳିମାନେ ମଧ୍ୟ ଏହି ପନ୍ଥା ଆପଣାଇଛନ୍ତି। ବର୍ତ୍ତମାନର ନିୟମ ଅନୁଯାୟୀ କୌଣସି ସକ୍ରିୟ ଭାରତୀୟ ଖେଳାଳି ବିଦେଶୀ ଲିଗ୍‌ରେ ଖେଳିପାରିବେ ନାହିଁ। ତେଣୁ ଏହି ନୀତିରେ କିପରି ପରିବର୍ତ୍ତନ କରାଯିବ ସେ ନେଇ ଆପେକ୍ସ କାଉନସିଲ୍ ବୈଠକରେ ହିଁ ଆଲୋଚନା ହେବ।

## ନିଶାଙ୍କ-ମେଣ୍ଡିସ ଶ୍ରୀଲଙ୍କାକୁ ଜିତାଇଲେ

ପ୍ରଥମ ଦିନିକିଆ

ଜାମାଇକା, ୪।୬ (ଏଜେନ୍ସି): ୱେଷ୍ଟଇଣ୍ଡିଜ ଗସ୍ତରେ ଯାଇଥିବା ଶ୍ରୀଲଙ୍କା କ୍ରିକେଟ୍ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ ସାବିନା ପାର୍କରେ ଅନୁଷ୍ଠିତ ଦିନିକିଆ ସିରିଜର ପ୍ରଥମ ମ୍ୟାଚରେ ଶ୍ରୀଲଙ୍କା ୪୧ ରନରେ ଘରୋଇ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ଓପନର୍ ପାଥୁମ ନିଶାଙ୍କ (୭୯ ରନ) ଓ ଅଧିନାୟକ କୁଶଳ ମେଣ୍ଡିସ (୭୨ ରନ)ଙ୍କ ଦମ୍‌ଦାର ଅର୍ଦ୍ଧଶତକ ବଳରେ ଭ୍ରମଣକାରୀ ଦଳ ୫୦ ଓଭରରେ ୭ ୱିକେଟ୍ ହରାଇ ୩୦୩ ରନ କରିଥିଲା। ୱେଷ୍ଟଇଣ୍ଡିଜର ଜେଡେନ ସେଲ୍ସ, ରୋଷ୍ଟନ ଚେଜ୍ ଓ ମାଥ୍ୟୁ ଫୋର୍ଡ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ଇଣ୍ଡିଜ ଦଳ ୪୯.୨ ଓଭରରେ ୨୬୨ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅଧିନାୟକ ସାଇ ହୋପ ୫୬, ଜଷ୍ଟିନ ଗ୍ରେଭ୍‌ସ ୪୫, ଚେଜ୍ ୩୩ ରନ କରିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ସଫଳ ବୋଲର ଭାବେ ଶ୍ରୀଲଙ୍କାର ଦୁଷ୍ମନ୍ତ ଚାମିରାଙ୍କୁ ୪ଟି ୱିକେଟ୍ ମିଳିଥିଲା। ଏହି ବିଜୟ ସହ ନୂଆ କୋଚ୍ ଗାରୀ କିର୍ଷ୍ଟେନ ଓ ଅଧିନାୟକ ମେଣ୍ଡିସଙ୍କ ନେତୃତ୍ୱରେ ଶ୍ରୀଲଙ୍କାର ନୂତନ ଯୁଗ ଆରମ୍ଭ ହୋଇଥିବା କୁହାଯାଉଛି। ତିନି ମ୍ୟାଚ୍‌ବିଶିଷ୍ଟ ସିରିଜର ପରବର୍ତ୍ତୀ ମୁକାବିଲା ଜୁନ ୬ରେ ଏଠାରେ ଖେଳାଯିବ।

## ଲର୍ଡ୍ସ ଟେଷ୍ଟ: ପ୍ରଥମ ଦିନରେ ବୋଲରଙ୍କ ଆଧିପତ୍ୟ

ଲଣ୍ଡନ, ୪।୬ (ଏଜେନ୍ସି): ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଗୁରୁବାରଠାରୁ ଘରୋଇ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ଆରମ୍ଭ ହୋଇଛି। ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୩୯.୪ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୧୪୦ ରନ କରିଛି। କେବଳ ହ୍ୟାରୀ ବ୍ରୁକ(୫୬ ରନ)ଙ୍କୁ ଛାଡ଼ିଦେଲେ ଅନ୍ୟକୌଣସି ଇଂଲିଶ ବ୍ୟାଟର ନ୍ୟୁଜିଲାଣ୍ଡ ବୋଲରଙ୍କୁ ସାମ୍ନା କରିବାରେ ସଫଳ ହୋଇ ନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବେନ ଡକେଟ ୧୯, ଅଧିନାୟକ ବେନ୍ ଷ୍ଟୋକ୍ସ ୧୨ ରନ କରିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ପକ୍ଷରୁ କାଏଲ ଜେମିସନ ସଫଳ ବୋଲର ଭାବେ ୫ଟି ୱିକେଟ୍ ନେଇଥିଲେ। ଜବାବରେ ନ୍ୟୁଜିଲାଣ୍ଡ ୩୬ ରନ୍‌ରେ ୬ ୱିକେଟ ହରାଇ ସଙ୍କଟରେ ପଡିଛି।

### ୧୦୦ ଟେଷ୍ଟ ପରିଚାଳନା କଲେ ଟକର

ଅଷ୍ଟ୍ରେଲିଆ ଅମ୍ପାୟାର ରୋଡ ଟକର ଏହି ମ୍ୟାଚ୍ ସହ ଟେଷ୍ଟରେ ୧୦୦ତମ ମ୍ୟାଚ୍ ପରିଚାଳନା କରିବାର ସୌଭାଗ୍ୟ ଲାଭ କରିଛନ୍ତି। ୧୦୦ ଟେଷ୍ଟ ପରିଚାଳନା କରିବାରେ ଟକର ବିଶ୍ୱର ୪ର୍ଥ ଅମ୍ପାୟାର ହୋଇଛନ୍ତି। ତାଙ୍କ ପୂର୍ବରୁ ଅଲିମ ଦାର (୧୪୫), ଷ୍ଟିଭ ବକନର (୧୨୮) ଓ ରୁଡି କର୍ଜନ (୧୦୮) ଏହି ମାଇଲଖୁଣ୍ଟ ହାସଲ କରିଥିଲେ।



ସିଏମ୍ ଟ୍ରଫି ଆନ୍ତଃଜିଲ୍ଲା ଭଲିବଲ୍ ଚାମ୍ପିଅନସିପ୍

## କିଟ୍‌ରେ ଜୋନାଲ୍ ପର୍ଯ୍ୟାୟ ଆରମ୍ଭ

ଭୁବନେଶ୍ୱର, ୪।୬ (ସମିସ): ପ୍ରଥମଥର ପାଇଁ ଆୟୋଜିତ ହୋଇଥିବା ମୁଖ୍ୟମନ୍ତ୍ରୀ (ସିଏମ୍) ଟ୍ରଫି ୧୪ ବର୍ଷରୁ କମ୍ ଭଲିବଲ୍ ଚାମ୍ପିଅନସିପ୍‌ର ଜୋନାଲ ପର୍ଯ୍ୟାୟ ଗୁରୁବାରଠାରୁ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଛି। ଓଡ଼ିଶା ଭଲିବଲ୍ ସଂଘ (ଓଭା) ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତା ୪ଟି ଜୋନ୍ ଭୁବନେଶ୍ୱର, ସମ୍ବଲପୁର, ବୌଦ୍ଧ ଓ ଭଦ୍ରକରେ ଖେଳାଯିବ। ସେଥିମଧ୍ୟରୁ ଭୁବନେଶ୍ୱର ଓ ସମ୍ବଲପୁର ଜୋନ ଖେଳ ଗୁରୁବାରଠାରୁ ଆରମ୍ଭ ହୋଇଛି। ସେହିଭଳି ଶୁକ୍ରବାରଠାରୁ ବୌଦ୍ଧ ଏବଂ ଶନିବାରଠାରୁ ଭଦ୍ରକ ଜୋନର ଖେଳ ଆରମ୍ଭ ହେବ। ଭୁବନେଶ୍ୱର ଜୋନ୍‌ର ଉଦ୍‌ଘାଟନୀ ଉତ୍ସବରେ କ୍ରୀଡ଼ା ବିଭାଗର ଓଏସଡି ସୋନାଲି ଚାନ୍ଦ, ଯୁଗ୍ମ ସଚିବ ଗୀତା ଦାସ, କିଟ୍ ଓ କିଟ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ, ଓଭା'ର କୋଷାଧ୍ୟକ୍ଷ ସୁଧାଂଶୁ ଭୂଷଣ ମିଶ୍ର ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହିଥିଲେ। ଏହି ଅବସରରେ ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ଅଂଶଗ୍ରହଣକାରୀ ଦଳର ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଭୁବନେଶ୍ୱର ଜୋନ୍‌ରେ ଗଞ୍ଜାମ, ପୁରୀ, ନୟାଗଡ଼, ଖୋର୍ଦ୍ଧା, ଜଗତସିଂହପୁର, ଢେଙ୍କାନାଳ ଓ କଟକ ଦଳ ଅଂଶଗ୍ରହଣ କରିଛନ୍ତି।



ଫ୍ରେଞ୍ଚ ଓପନ

# ପ୍ରଥମ ଗ୍ରାଣ୍ଡସ୍ଲାମ୍ ଫାଇନାଲରେ ମାରିଆ



ପ୍ୟାରିସ, ୪।୬ (ଏଜେନ୍ସି): ରୁଷିଆର ଯୁବ ଖେଳାଳି ମାରିଆ ଆନ୍ଦ୍ରିଭା ଏଠାରେ ଚାଲିଥିବା ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫ୍ରେଞ୍ଚ ଓପନ୍ ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ସେମିଫାଇନାଲ ମୁକାବିଲାରେ ମାରିଆ ୬-୧, ୬-୩ ସିଧାସଳଖ ସେଟରେ ୟୁକ୍ରେନ ଲଳନା ମାର୍ତା କୋସ୍ତ୍ୟୁକଙ୍କୁ ହରାଇଛନ୍ତି। ଏହି ମ୍ୟାଚ୍ ଜିତିବାକୁ ମାରିଆଙ୍କୁ ମାତ୍ର ଏକ ଘଣ୍ଟା ୧୬ ମିନିଟ୍ ସମୟ ଲାଗିଥିଲା। ୧୯ ବର୍ଷୀୟା ମାରିଆଙ୍କ କ୍ୟାରିୟରର ଏହା ପ୍ରଥମ ଗ୍ରାଣ୍ଡସ୍ଲାମ ଫାଇନାଲ। ବିଜୟ ସହ ମାରିଆ ଫ୍ରେଞ୍ଚ ଓପନ୍ ଫାଇନାଲ ଖେଳିବାରେ ଚତୁର୍ଥ ସର୍ବକନିଷ୍ଠା ମହିଳା ଖେଳାଳି ହୋଇଛନ୍ତି। ତାଙ୍କ ପୂର୍ବରୁ ଗତ ୩୦ ବର୍ଷ ମଧ୍ୟରେ ମାର୍ଟିନା ହିଙ୍ଗିସ, କିମ୍ କ୍ଲିଜଷ୍ଟର ଓ କୋକୋ ଗଫ୍ ସର୍ବକନିଷ୍ଠା ଖେଳାଳି ଭାବେ ଏଠାରେ ଫାଇନାଲ ଖେଳିଥିଲେ। ଶନିବାର ଖେଳାଯିବାକୁ ଥିବା ଫାଇନାଲରେ ଆନ୍ଦ୍ରିଭାଙ୍କ ମୁକାବିଲା ଡାଏନା ସ୍ନାଇଡର କିମ୍ବା ପୋଲାଣ୍ଡର ମାଜା ଚୱାଲିସ୍କଙ୍କ ସହ ହେବ। ଡାଏନା ଓ ମାଜାଙ୍କ ମଧ୍ୟରେ ମହିଳା ସିଙ୍ଗଲ୍ସର ଦ୍ୱିତୀୟ ସେମିଫାଇନାଲ ଖେଳାଯିବାର କାର୍ଯ୍ୟସୂଚୀ ରହିଛି।

## ଟାଇଟଲ୍ ବଜାୟ ରଖିଲେ ସାରା-ଆନ୍ଦ୍ରିଆ ଯୋଡ଼ି

ଇଟାଲୀର ତାରକା ଟେନିସ୍ ଯୋଡ଼ି ସାରା ଇରାନୀ ଏବଂ ଆନ୍ଦ୍ରିଆ ଭାଭାସୋରି ଚଳିତ ଫ୍ରେଞ୍ଚ ଓପନରେ ମିକ୍ସଡ ଡବଲ୍ସ ଟାଇଟଲ ହାସଲ କରିଛନ୍ତି। ଗୁରୁବାର ଚମତ୍କାର ପ୍ରଦର୍ଶନ ଜାରି ରଖି ଏହି ଯୋଡ଼ି ଫ୍ରେଞ୍ଚ ଓପନ ଟାଇଟଲ୍‌କୁ ବଜାୟ ରଖିବାରେ ସଫଳ ହୋଇଛନ୍ତି। ଫାଇନାଲ୍ ମ୍ୟାଚ୍‌ରେ ଟପ୍ ସିଡ୍ ସାରା ଓ ଆନ୍ଦ୍ରିଆ ଯୋଡ଼ି ୪-୬, ୬-୩, ୧୦-୪ ସେଟ୍‌ରେ ଆମେରିକା-କାନାଡା ଯୋଡ଼ି ଇଭାନ୍ କିଙ୍ଗ୍ ଓ ଗାବ୍ରିଏଲା ଡାବ୍‌ରୋସ୍କିଙ୍କୁ ପରାସ୍ତ କରିଥିଲେ। ପ୍ରଥମ ସେଟ୍‌ରେ ପରାଜୟ ସତ୍ତ୍ୱେ ଇରାନୀ ଓ ଭାଭାସୋରି ଦ୍ୱିତୀୟ ସେଟ୍‌ରେ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରିଥିଲେ। କ୍ରୋଏସିଆର ଇଭାନ୍ ଡୋଡିଗ୍ ଏବଂ ତାଇୱାନର ଲତିଶା ଚାନ ଯୋଡ଼ି (୨୦୧୮ ଏବଂ ୨୦୧୯)ଙ୍କ ପରେ ଫ୍ରେଞ୍ଚ ଓପନ୍ ମିକ୍ସଡ ଡବଲ୍ସ ଟାଇଟଲ୍‌କୁ ବଜାୟ ରଖିବାରେ ସାରା ଓ ଆନ୍ଦ୍ରିଆ ବିଶ୍ୱର ପ୍ରଥମ ଯୋଡ଼ି ହେବାର ସୌଭାଗ୍ୟ ଲାଭ କରିଛନ୍ତି। ଏହି ବିଜୟ ସହ ଏହି ଯୋଡ଼ି ବିଗତ ୭ଟି ଗ୍ରାଣ୍ଡସ୍ଲାମ୍ ମଧ୍ୟରୁ ୪ଟିରେ ମିଶ୍ରିତ ଯୁଗଳ ଟ୍ରଫି ଜିତି ସାରିଲେଣି। ଏଥିରେ ୨୦୨୪ ଏବଂ ୨୦୨୫ ମସିହାରେ କ୍ରମାଗତ ଦୁଇଟି ୟୁଏସ୍ ଓପନ୍ ଟାଇଟଲ୍ ମଧ୍ୟ ସାମିଲ ରହିଛି।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS